# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୬/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, September 6/2024 | Page 18 | ₹ 7.00

୫୦ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 283 | ମୂଲ୍ୟ ₹୭/-




**ବର୍ଷକୁ ୨ ଦିନ ଜନ୍ମଦିନ ପାଳନ୍ତି ପଙ୍କଜ**

ବର୍ଷକୁ ୨ ଥର ଜନ୍ମଦିନ ପାଳୁଥିବା ନେଇ ଅଭିନେତା ପଙ୍କଜ ତ୍ରିପାଠୀ ଗୁରୁବାର ଏକ ସାକ୍ଷାତ୍କାରରେ କହିଛନ୍ତି।

୧୪

୧୬

**ମୁଶିର ଖାନ୍‌ଙ୍କ ଅପରାଜିତ ଶତକ**

ଭାରତ 'ଏ' ବିପକ୍ଷ ଦୁଲାପ ଟ୍ରଫି ମ୍ୟାଚରେ ୧୦୫ ରନ କରି ଅପରାଜିତ ଅଛନ୍ତି ଭାରତ 'ବି' ବ୍ୟାଟର ମୁଶିର ଖାନ୍।



# ବଜ୍ରପାତ ମୃତ୍ୟୁ: ଓଡ଼ିଶା ଆଗରେ

ଭୁବନେଶ୍ୱର,୫।୯(ଅନିଲ ଦାସ)



ବଜ୍ରପାତ ମୃତ୍ୟୁରେ ଓଡ଼ିଶା ଦେଶର ସବୁଠୁ ଆଗରେ ରହିଛି। ଗତ ୫ ବର୍ଷରେ ବ୍ରଜପାତ ଯୋଗୁ୧୬୨୫ ଜୀବନ ଗଲାଣି। ମୟୂରଭଞ୍ଜ ଜିଲାରେ ଗତ ୫ ବର୍ଷରେ ସର୍ବାଧିକ ୧୫୧ ଜଣଙ୍କର ଜୀବନ ଯାଇଥିବା ବେଳେ ଗଞ୍ଜାମରେ ୧୧୪, କେନ୍ଦୁଝରରେ ୧୧୧, ବାଲେଶ୍ୱରରେ ୧୧୧, କୋରାପୁଟରେ ୭୮, ଢେଙ୍କାନାଳରେ ୭୪, ନବରଙ୍ଗପୁରରେ ୭୭, ଅନୁଗୋଳରେ ୬୪, ରାୟଗଡ଼ାରେ ୬୩ ଏବଂ ଯାଜପୁର ଜିଲାରେ ୫୦ ଜଣଙ୍କର ଜୀବନ ଯାଇଛି। ରାଜ୍ୟର ଅନ୍ୟାନ୍ୟ ଜିଲାରେ ମଧ ବଜ୍ରପାତଜନିତ ମୃତ୍ୟୁ ହେଉଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟରେ ବଜ୍ରପାତଜନିତ

## ୫ ବର୍ଷରେ ଯାଇଛି ୧୬୨୫ ଜୀବନ

ମୃତ୍ୟୁ ବଢ଼ିଚାଲିଛି। ୨୦୧୯-୨୦ରେ ବଜ୍ରପାତ ଯୋଗୁ ରାଜ୍ୟରେ ୩୭୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୦-୨୧ରେ ୩୩୮, ୨୦୨୧-୨୨ରେ ୨୯୪, ୨୦୨୨-୨୩ରେ ୩୩୪ ଏବଂ ୨୦୨୩-୨୪ରେ ୨୮୭ ଜଣଙ୍କର ମୃତ୍ୟୁ ହୋଇଛି। ବଜ୍ରପାତ ମୃତ୍ୟୁକୁ ନେଇ ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ପ୍ରଶ୍ନ ନମ୍ବର ୫୭୨ରେ ପଚାରିଥିଲେ ଯେ ରାଜ୍ୟରେ ଗତ ୫ ବର୍ଷରେ କେତେଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ବଜ୍ରପାତ ପାଇଁ କେତେ ଟଙ୍କାର ସହାୟତା ମିଳୁଛି। ବଜ୍ରପାତ ସଂକ୍ରାନ୍ତରେ ଆଗୁଆ ସୂଚନା ଦେବା ପାଇଁ ସରକାରଙ୍କ ପକ୍ଷରୁ କି ବ୍ୟବସ୍ଥା କରାଯାଇଛି। ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ☞ ପୃଷ୍ଠା-୪

## ପ୍ରେମ ବ୍ୟାପାରରୁ ଛାତ୍ରଙ୍କୁ ହତ୍ୟା

ଧର୍ମଶାଳା/କାଏମା,୫।୯
(ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳରେ ପ୍ରେମ ବ୍ୟାପାରକୁ ନେଇ ଜଣେ କଲେଜ ଛାତ୍ରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ଛାତ୍ର ହେଲେ ସ୍ଥାନୀୟ ଅଭୟପୁର ଗ୍ରାମର ନରହରି ବେହେରାଙ୍କ ଏକମାତ୍ର ପୁଅ ରୁଦ୍ରପ୍ରସାଦ ବେହେରା(୧୭)। ଏହି ଘଟଣାରେ ☞ ପୃଷ୍ଠା-୪



ରୁଦ୍ରପ୍ରସାଦ ବେହେରା

## ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ମିଳିବ ୫ ହଜାର

ଭୁବନେଶ୍ୱର,୫।୯(ଅନିଲ ଦାସ)

**ମାଧୋ ସିଂ ହାତଖର୍ଚ୍ଚ ଯୋଜନା**

ଦାରିଦ୍ର୍ୟ କାରଣରୁ ଅନେକ ସମୟରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ମାଧୋ ସିଂ ହାତଖର୍ଚ୍ଚ' ନାଁରେ ନୂଆ ଯୋଜନା ଆରମ୍ଭ କରିଛନ୍ତି। ୨୦୨୪-୨୫ ଆର୍ଥିକବର୍ଷରେ ଏଥିପାଇଁ ୧୫୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅନୁସୂଚିତ ଜନଜାତି ବର୍ଗର ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ଏବଂ ନବମ ଓ ଏକାଦଶରେ ନାମ ଲେଖାଉଥିବା ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଅନୁସୂଚିତ ଜାତି/ଜନଜାତି ଉନ୍ନୟନ ବିଭାଗ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଫ୍ରିମ୍ୟାଣ୍ଟଲରେ ଜଳବାୟୁ ପ୍ରତିବାଦ







## ସଂକ୍ଷେପରେ

### ମିଶେଲ ବାର୍ନିୟର ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ



ପ୍ୟାରିସ୍,୫।୯

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାଁକର ଗୁରୁବାର ୟୁରୋପୀୟ ସଂଘର ପୂର୍ବତନ ବ୍ରେକ୍‌ଜିଟ୍ ମଧ୍ୟସ୍ଥ ମିଶେଲ ବାର୍ନିୟରଙ୍କୁ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ୟୁରୋପିଆନ୍ ୟୁନିୟନରୁ ବ୍ରିଟେନ୍ ବାହାରିଯିବା ପାଇଁ ଚାହିଁବାରୁ ସଂଘ ତରଫରୁ ୭୩ ବର୍ଷୀୟ ମିଶେଲ ୨୦୧୬ରୁ ୨୦୨୧ ବ୍ରିଟେନ୍ ନେତୃବୃନ୍ଦଙ୍କ ସହ ଆଲୋଚନାର ନେତୃତ୍ୱ ନେଇଥିଲେ। ଏହା ପୂର୍ବରୁ ଏହି ନେତା ଜଣକ ଫ୍ରାନ୍ସ ସରକାରରେ ବିଭିନ୍ନ ପଦବୀରେ ରହିବା ସହ ୟୁରୋପୀୟ ସଂଘର କମିଶନର ମଧ୍ୟ ରହିଥିଲେ। ଫ୍ରାନ୍ସ ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଝୁଲା ପାର୍ଲାମେଣ୍ଟ ଗଠନ ହୋଇଥିଲା। ନୂଆ ପ୍ରଧାନମନ୍ତ୍ରୀ ଭାବେ ମାଁକର ବିଭିନ୍ନ ନେତାଙ୍କ ନାଁ ବିଚାରକୁ ନେଇଥିଲେ ମଧ୍ୟ ସ୍ଥାୟୀ ସରକାରର ଗ୍ୟାରେଣ୍ଟି ନିମନ୍ତେ କାହାକୁ ପର୍ଯ୍ୟାପ୍ତ ସମର୍ଥନ ମିଳି ନ ଥିଲା। ଝୁଲା ପାର୍ଲାମେଣ୍ଟରେ ଗୃହୀତ ସଂସ୍କାରଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମିଶେଲଙ୍କ ସରକାର କେତେ ସଫଳ ହେବ ତାହା ଉପରେ ମଧ୍ୟ କୌଣସି ଗ୍ୟାରେଣ୍ଟି ନାହିଁ। ତେବେ ଏହି ସରକାର ଯଦି କେତେକ ସର୍ତ୍ତକୁ ପୂରଣ କରନ୍ତି, ତେବେ ଏହାକୁ ହଟାଯିବ ନାହିଁ ବୋଲି ପାର୍ଲାମେଣ୍ଟର ବୃହତ୍ ଦଳ ଫାର୍ ରାଇଟ୍ ନ୍ୟାଶନାଲ ରାଲି ପକ୍ଷରୁ ସୂଚନା ଦିଆଯାଇଥିଲା।

### ଖାଇକୁ ଖସିଲା ସେନା ଟ୍ରକ୍, ୪ ଯବାନ ମୃତ

ଗ୍ୟାଙ୍ଗଟକ୍, ୫।୯

ଭାରତ-ଚାଇନା ବର୍ଡର ନିକଟସ୍ଥ ସିକ୍କିମର ପାକ୍ୟୋଙ୍ଗ୍ ସହରର ରେନକ ରୋଙ୍ଗଲୀ ରାଜ୍ୟ ରାଜପଥରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ୪ ଜଣ ଯବାନଙ୍କର ମୃତ୍ୟୁ ହୋଇଯାଇଛି। ଗୋଟିଏ ସେନା ଟ୍ରକ୍ ଉକ୍ତ ରାଜପଥରୁ ଖସି ୭୦୦ ଫୁଟରୁ ୮୦୦ ଫୁଟ ଗଭୀରର ଏକ ଖାଇରେ ପଡ଼ିଯାଇଛି। ଟ୍ରକ୍‌ଟି ପଶ୍ଚିମବଙ୍ଗର ପେଡଙ୍ଗ୍‌ଠାରୁ ସଡ଼କ ପଥରେ ସିକ୍କିମର ପାକ୍ୟୋଙ୍ଗ୍ ଦେଇ ଜୁଲୁକ୍ ଅଭିମୁଖେ ଯାଉଥିଲା। ଦୁର୍ଘଟଣା ଘଟିବା ପରେ ସେନା ଅଧିକାରୀ ଏବଂ ପୋଲିସର ଏକ ଟିମ୍ ଆସି ୪ ମୃତଦେହକୁ ଉଦ୍ଧାର କରିଛନ୍ତି। ତେବେ ଦୁର୍ଘଟଣା ଘଟିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ମୃତ ୪ ଯବାନ ପଶ୍ଚିମବଙ୍ଗର ବିନାଗୁରୀସ୍ଥିତ ଆର୍ମି ୟୁନିଟରେ ନିୟୋଜିତ ଥିଲେ। ଉକ୍ତ ୪ ଯବାନ ମଧ୍ୟପ୍ରଦେଶ, ମଣିପୁର, ହରିୟାଣା ଏବଂ ତାମିଲନାଡୁରୁ ହୋଇଥିବା ଜଣାପଡ଼ିଛି।

### ୨ ଆସନରୁ ନାମାଙ୍କନ ଭରିଲେ ଓମାର

ଶ୍ରୀନଗର,୫।୯

ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଗୁରୁବାର ବଡଗାମ୍ ଆସନରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଦଳର ବରିଷ୍ଠ ନେତା ଆଗା ରୁହୁଲ୍ଲା ମେହଦି, ଆଗା ମେହମୁଦ୍ ପ୍ରମୁଖ ଯାଇଥିଲେ। ୫୪ ବର୍ଷୀୟ ଓମାର ବୁଧବାର ନିଜ ପାରିବାରିକ ଆସନ ଗଣ୍ଡେରବଲ୍‌ରୁ ନାମାଙ୍କନପତ୍ର ଦାଖଲ କରିଥିଲେ।

# ରଫାଦଫା ପାଇଁ ଟଙ୍କା ଯାଚିଥିଲା ପୋଲିସ

## ଆର୍.ଜି. କର ହସ୍ପିଟାଲ ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଲେ

କୋଲକାତା,୫।୯

ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ପିଜି ଛାତ୍ରୀଙ୍କ ବାପା କୋଲକାତା ପୋଲିସ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ୩୧ ବର୍ଷୀୟା ମହିଳା ଡାକ୍ତରଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ପରିବାର ଲୋକେ ଅଧିକ ତଦନ୍ତ ପାଇଁ ରଖିବାକୁ ଚାହୁଁଥିଲେ। କିନ୍ତୁ ସେମାନଙ୍କୁ ଶବ ସତ୍କାର କରିବାକୁ ବାଧ୍ୟ କରାଯାଇଥିଲା। ସାମ୍ନାରେ ଝିଅର ମୃତଦେହ ପଡ଼ିଥିବାବେଳେ ଜଣେ ବରିଷ୍ଠ ପୋଲିସ ଅଧିକାରୀ ମାମଲା ରଫାଦଫା କରିବା ପାଇଁ ସେମାନଙ୍କୁ ଟଙ୍କା ଯାଚିଥିଲେ ବୋଲି ସେ କହିଛନ୍ତି।

କୋଲକାତାସ୍ଥିତ ଏହି ସରକାରୀ ହସ୍ପିଟାଲ ସମ୍ମୁଖରେ ବୁଧବାର ରାତିରେ ସ୍ଥାନୀୟ ଲୋକଙ୍କ ବିକ୍ଷୋଭରେ ସାମିଲ ହୋଇ ପୀଡ଼ିତାଙ୍କ ମା'ବାପା ଓ ସମ୍ପର୍କୀୟମାନେ ସିଟି ପୋଲିସ ବିରୋଧରେ ଅନେକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପୀଡ଼ିତାଙ୍କ ବାପା ଗଣମାଧ୍ୟମକୁ କହିଛନ୍ତି, ଝିଅର ମୃତଦେହ ସଂରକ୍ଷିତ ରଖିବାକୁ ଆମେ ଚାହୁଁଥିଲୁ। କିନ୍ତୁ ପ୍ରାୟ ୩୦୦ରୁ ୪୦୦ ପୋଲିସ କର୍ମଚାରୀ ଆମକୁ ଘେରି ରହିଥିଲେ। ଘରକୁ ଫେରି ଦେଖିଲୁ ଯେ, ୩୦୦ ପୋଲିସ ବାହାରେ ଛିଡ଼ା ହୋଇଛନ୍ତି। ସେମାନେ ଏପରି ସ୍ଥିତି ସୃଷ୍ଟି କରିଥିଲେ ଯେ, ଆମେ ମୃତଦେହ ସତ୍କାର କରିବାକୁ ବାଧ୍ୟ ହୋଇଥିଲୁ ବୋଲି କହିଛନ୍ତି। ସେଠାରେ କେତେଜଣ ପୋଲିସ ଅଫିସର ସାଦା କାଗଜରେ ପୀଡ଼ିତାଙ୍କ ବାପାଙ୍କ ସ୍ୱାକ୍ଷର ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ସେହି କାଗଜଗୁଡ଼ିକୁ ଚିରି ଫୋପାଡ଼ି ଦେଇଥିଲେ। ଆର୍.ଜି. କର ହସ୍ପିଟାଲରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ପୂର୍ଣ୍ଣ ସମର୍ଥନ କରି ପୀଡ଼ିତାଙ୍କ ମା' କହିଛନ୍ତି, ମୁଁ ଶୋଇପାରୁ ନାହିଁ। ତେଣୁ ଅପରାଧୀମାନଙ୍କ ନିଦ ହଜାଇଦେବାକୁ ଚାହୁଁଛି। ଝିଅକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବା ଉଚିତ।




ପ୍ରକାଶ ଯେ, ଅଗଷ୍ଟ ୮ ରାତିରେ ଉକ୍ତ ହସ୍ପିଟାଲରେ ପିଜି ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ଏହାର ଦିନକ ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ସେବେଠୁ ଏହି ପ୍ରସଙ୍ଗରେ ରାଜନୀତି ଜୋର୍ ଧରିଛି। ବିରୋଧୀ ଭାଜପା ଶାସକ ଟିଏମ୍‌ସି ବିରୋଧରେ ଅଭିଯୁକ୍ତମାନଙ୍କୁ ସୁରକ୍ଷା ପ୍ରଦାନର ଅଭିଯୋଗ ଆଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଘେରିବାରେ ଲାଗିଛି। ଏନେଇ ଟିଏମ୍‌ସି କହିଛି, ପୀଡ଼ିତାଙ୍କ ମା'ବାପା ନ୍ୟାୟ ଚାହାଁନ୍ତି। ସେମାନଙ୍କୁ ନ୍ୟାୟ ମିଳୁ। କିନ୍ତୁ ଏହାକୁ ନେଇ ରାଜନୀତି କରାଯିବା ଅନୁଚିତ। ବିରୋଧୀ ଏକ ଭିଡିଓ ଭାଇରାଲ କରି ମିଛକୁ ସତ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ମମତାଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ଶଶୀ ପଞ୍ଜା କହିଛନ୍ତି।

# ଭାରତରେ ୱିକିପେଡିଆକୁ ବନ୍ଦ କରିଦେବୁ: ହାଇକୋର୍ଟ

ନୂଆଦିଲ୍ଲୀ,୫।୯

ୱିକିପେଡିଆରେ ଅନେକ ଭୁଲ୍ ତଥ୍ୟ ପ୍ରକାଶ ପାଉଥିବା ନେଇ ଅଭିଯୋଗ ହେଉଥିବାବେଳେ ଭାରତରେ ଏହାର ବ୍ୟବସାୟ ବନ୍ଦ କରି ଦିଆଯିବ ବୋଲି ବୁଧବାର ଦିଲ୍ଲୀ ହାଇକୋର୍ଟ ଚେତାବନୀ ଦେଇଛନ୍ତି। ଏସିଆନ୍ ନ୍ୟୁଜ୍ ଇଣ୍ଟରନ୍ୟାଶନାଲ (ଏଏନ୍‌ଆଇ)ର ୱିକିପେଡିଆ ପେଜ୍‌ରେ କେତେଜଣ ସବ୍‌ସ୍କ୍ରାଇବର ଅପମାନଜନକ ଏଡିଟ୍ କରିଥିଲେ। ଏହି ସମ୍ପାଦନା କରିଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ୱିକିପେଡିଆ ଏହାର ଅନୁପାଳନ କରି ନ ଥିବାରୁ ନ୍ୟୁଜ୍ ଏଜେନ୍ସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏଏନ୍‌ଆଇ ସମ୍ପୃକ୍ତ ଆପତ୍ତିଜନକ କଣ୍ଟେଣ୍ଟ ହଟାଇବା ପାଇଁ ନିର୍ଦ୍ଦେଶ ସହ ଆର୍ଥିକ କ୍ଷତିପୂରଣ ଦାବି କରିଛି।

ହାଇକୋର୍ଟ ବିଚାରପତି ନବୀନ ଚାୱ୍‌ଲା ଏହାର ଶୁଣାଣି ବେଳେ ୱିକିପେଡିଆକୁ ଭର୍ତ୍ସନା କରି କହିଛନ୍ତି, ଆମେ ତୁମକୁ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ କରିବୁ। ଭାରତରେ ତୁମ ବ୍ୟବସାୟିକ କାରବାର ବନ୍ଦ କରିଦେବୁ। ୱିକିପେଡିଆକୁ ବନ୍ଦ କରିବା ପାଇଁ ସରକାରଙ୍କୁ କହିବୁ।




ୱିକିପେଡିଆ ପକ୍ଷରୁ ଆଇନଜୀବୀ ଟିନା ଆବ୍ରାହମ୍ କୋର୍ଟଙ୍କୁ କହିଥିଲେ ଯେ, ଅଦାଲତଙ୍କ ନିର୍ଦ୍ଦେଶ ଉପରେ କେତେକ ତଥ୍ୟ ଉପସ୍ଥାପନ କରିବାକୁ ଥିବାରୁ ହାଜର ହେବାରେ ସମୟ ଲାଗିଲା। କାରଣ ୱିକିପେଡିଆର ଅଫିସ ଭାରତରେ ନାହିଁ। ଜଷ୍ଟିସ୍ ଚାୱ୍‌ଲା ବିରକ୍ତିଭାବ ପ୍ରକାଶ କରି କହିଥିଲେ, ୱିକିପେଡିଆ ପୂର୍ବରୁ ମଧ୍ୟ ଏଭଳି ଯୁକ୍ତି ବାଢ଼ିଥିଲା। ତୁମେ ଯଦି ଭାରତକୁ ପସନ୍ଦ କରୁନ, ଦୟାକରି ଏଠାରେ କାର୍ଯ୍ୟ କରନାହିଁ। ଅକ୍ଟୋବର ୨୫ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସେହିଦିନ ୱିକିପେଡିଆର ଅଧିକୃତ ପ୍ରତିନିଧି ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ଜଷ୍ଟିସ୍ ଚାୱ୍‌ଲା ନିର୍ଦ୍ଦେଶ ଦେଇଛନ୍ତି।

# ୨ ପୁଅଙ୍କ ମୃତଦେହ ୧୫ କି.ମି. ବୋହିଲେ ମା'ବାପା

## ମିଳିଲାନି ଆମ୍ବୁଲାନ୍ସ

ନାଗପୁର, ୫।୯

ମହାରାଷ୍ଟ୍ରର ଗଡ଼ଚିରୌଲୀ ଜିଲା ଅହେରି ତହସିଲ ପତ୍ତିଗାଁ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ଓ ଯାତାୟାତ ସୁବିଧା ଠିକ୍ ନ ଥିବାରୁ ୨ ଶିଶୁଙ୍କର ଠିକ ସମୟରେ ଚିକିତ୍ସା ହୋଇ ନ ପାରିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପତ୍ତିଗାଁ ଗ୍ରାମ ନିବାସୀ ରମେଶ ବିଲାଦୀଙ୍କ ୨ ପୁଅ ବାଜିରାଓ(୬) ଏବଂ ଦୀନେଶଙ୍କୁ ବୁଧବାର ପ୍ରବଳ ଜ୍ୱର ହୋଇଥିଲା। ତେବେ ଜ୍ୱରର ପାରମ୍ପରିକ ଉପଚାର ପାଇଁ ପ୍ରଥମେ ରମେଶ ଓ ତାଙ୍କ ସ୍ତ୍ରୀ ଉଭୟ ପିଲାଙ୍କୁ ସ୍ଥାନୀୟ ପୁରୋହିତଙ୍କୁ ଦେଖାଇଥିଲେ। ପୁରୋହିତ ଦେଇଥିବା ଔଷଧରେ ୨ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିଥିଲା। ତେଣୁ ରମେଶ ଓ ତାଙ୍କ ସ୍ତ୍ରୀ ୨ ପିଲାଙ୍କୁ ୧୫ କି.ମି ଦୂରରେ ଥିବା ଜିମଲଗଟ୍ଟା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ହସ୍ପିଟାଲକୁ ନେବା ପାଇଁ ରମେଶଙ୍କୁ ଆମ୍ବୁଲାନ୍ସ ମିଳି ନ ଥିଲା। ସେହିପରି ଯାତାୟାତ ସୁବିଧା ନ ଥିବାରୁ ରମେଶ ଓ ତାଙ୍କ ସ୍ତ୍ରୀ ୨ ପିଲାଙ୍କୁ ଧରି



କାଦୁଅ ରାସ୍ତାରେ ଚାଲିଚାଲି ଜିମଲଗଟ୍ଟା ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ଠିକ୍ ସମୟରେ ଚିକିତ୍ସା ସେବା ପାଇ ପାରି ନ ଥିବାରୁ ଉଭୟ ବାଜିରାଓ ଓ ଦୀନେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ପରେ ମଧ୍ୟ ରମେଶ ଓ ତାଙ୍କ ସ୍ତ୍ରୀଙ୍କୁ ନିଜ ୨ ପିଲାଙ୍କ ମୃତଦେହ ପତ୍ତିଗାଁ ଗ୍ରାମକୁ ନେବା ପାଇଁ ଆମ୍ବୁଲାନ୍ସ ମିଳି ନ ଥିଲା। ତେଣୁ ଏହି ଦମ୍ପତି ବାଧ୍ୟ ହୋଇ ଉଭୟ ପିଲାଙ୍କର ମୃତଦେହକୁ କାନ୍ଧେଇ ୧୫ କି.ମି. ଚାଲି ଚାଲି ଗ୍ରାମରେ ପହଞ୍ଚିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯାହାକୁ ନେଇ ମହାରାଷ୍ଟ୍ର ସରକାରଙ୍କ ଉପରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିଶ ଗଡ଼ଚିରୌଲୀ ଜିଲାକୁ ପୋଷ୍ୟ ଜିଲା ଭାବେ ଗ୍ରହଣ କରିଥିବାବେଳେ ଏପରି ଅବ୍ୟବସ୍ଥା କିପରି ଘଟିଲା ସେନେଇ ରାଜ୍ୟରେ ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ପ୍ରଶ୍ନ କରିଛି।

# ହାରିସ୍‌ଙ୍କୁ ପୁଟିନ୍‌ଙ୍କ ସମର୍ଥନ

ମସ୍କୋ,୫।୯

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଡେମୋକ୍ରାଟିକ୍ ପ୍ରାର୍ଥିତ୍ୱକୁ ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସମର୍ଥନ କରିଛନ୍ତି। ଆମେରିକାର ଆର୍ଟର୍ନି ଜେନେରାଲ ମେରିକ୍ ଗାର୍ଲାଣ୍ଡ ବୁଧବାର କହିଥିଲେ, 'ଆମ ଦେଶର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ପାଇଁ ରୁଷୀୟ ସରକାର କ୍ୟାମ୍ପେନ୍‌ରେ ହସ୍ତକ୍ଷେପ କରୁଛନ୍ତି।' ଏହାର ଦିନକ ପରେ ବାଇଡେନ୍ ପ୍ରଶାସନ ରାଷ୍ଟ୍ରପତି ନିର୍ବାଚନରେ ରୁଷିଆ ହସ୍ତକ୍ଷେପ କରୁଥିବା ଅଭିଯୋଗ ଆଣିଛି। ଏହି ପରିପ୍ରେକ୍ଷୀରେ ପୁଟିନ୍ କହିଛନ୍ତି, ରାଷ୍ଟ୍ରପତି ଜୋ ବାଇଡେନ୍ ଜୁଲାଇରେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ପରେ ବର୍ତ୍ତମାନ ଆମେରିକାର ମଙ୍ଗ ଡେମୋକ୍ରାଟିକ୍ ପ୍ରାର୍ଥୀ ହାରିସ୍‌ଙ୍କ ହାତକୁ ଚାଲିଯାଇଛି। ନୂଆ ପ୍ରାର୍ଥୀଙ୍କୁ ରୁଷିଆ ସମର୍ଥନ କରୁଛି।

# ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତ: ପୁଟିନ୍

## ଭାରତ, ଚାଇନା, ବ୍ରାଜିଲ ମଧ୍ୟସ୍ଥତା କରିପାରିବେ



ଭ୍ଲାଡିଭୋଷ୍ଟୋକ୍,୫।୯

୨୦୨୨ରେ ଇସ୍ତାନବୁଲରେ ମସ୍କୋ ଓ କିଭ୍ ମଧ୍ୟସ୍ଥମାନେ ଚଳାଇଥିବା ଶାନ୍ତି ଚୁକ୍ତି ପାଇଁ ସହମତି ପ୍ରକାଶ ପାଇ ନ ଥିଲା। ତେବେ ବର୍ତ୍ତମାନ ୟୁକ୍ରେନ୍ ସହ ରୁଷିଆର ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତ ଏବଂ ଏଥିରେ ଭାରତ, ଚାଇନା ଓ ବ୍ରାଜିଲ ମଧ୍ୟସ୍ଥତା କରିପାରିବେ ବୋଲି ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି।

ଭ୍ଲାଡିଭୋଷ୍ଟୋକ୍‌ରେ ଆୟୋଜିତ ରୁଷିଆର ଇଷ୍ଟର୍ନ ଇକୋନୋମିକ୍ ଫୋରମ୍‌ରେ ଏକ ପ୍ରଶ୍ନର ଉତ୍ତରରେ ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, ମସ୍କୋ ଓ କିଭ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଶେଷ ମୁହୂର୍ତ୍ତରେ ବିଫଳ ହୋଇଥିବା ଡିଲ୍‌କୁ ସାର୍ବଜନୀନ କରାଯାଇ ନାହିଁ। ଆମେ ସେମାନଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। କିନ୍ତୁ ସେହି ବିଫଳ ଡିଲ୍‌କୁ ନେଇ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ପୁଟିନ୍ ସ୍ପଷ୍ଟ କରିଛନ୍ତି।

# ଭାରତ-ସିଙ୍ଗାପୁର ସମ୍ପର୍କ ସୁଦୃଢ଼ ହେବ



ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ ଶନମୁଗରତ୍ନମ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିପାକ୍ଷିକ ଆଲୋଚନା କରୁଛନ୍ତି।

ସିଙ୍ଗାପୁର,୫।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ ଶନମୁଗରତ୍ନମ୍‌ଙ୍କୁ ସାକ୍ଷାତ୍‌କରି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ, ଅର୍ଥନୀତି, ପରିବେଶ ଓ ସାମାଜିକ ବିକାଶ, ପ୍ରଯୁକ୍ତି, ଇନୋଭେଶନ ଏବଂ ଯୋଗାଯୋଗ କ୍ଷେତ୍ରରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ କଥାବାର୍ତ୍ତା ହୋଇଥିଲା। ମୋଦି ବୁଧବାରଠାରୁ ୨ ଦିନିଆ ସିଙ୍ଗାପୁର ଗସ୍ତରେ ଅଛନ୍ତି। ଥର୍ମାନ ଭାରତୀୟ ବଂଶୋଦ୍ଭବ ଅର୍ଥନୀତିଜ୍ଞ ଏବଂ ସିଙ୍ଗାପୁରର ନବମ ରାଷ୍ଟ୍ରପତି। ପୂର୍ବରୁ ମୋଦି ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍‌ଙ୍କ ସହ ଆଲୋଚନା କରିଥିଲେ। ସିଙ୍ଗାପୁର ପ୍ରତ୍ୟେକ ବିକାଶଶୀଳ ରାଷ୍ଟ୍ର ପାଇଁ ଏକ ପ୍ରେରଣା ଭାବେ କାର୍ଯ୍ୟ କରୁଛି। ଭାରତ ନିଜର ଅନେକ ସିଙ୍ଗାପୁର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବା ମୋଦି କହିଥିଲେ।

# ଆମ୍ବୁଲାନ୍ସରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ

## ଅକ୍ସିଜେନ୍ କାଢ଼ିଦେବାରୁ ସ୍ୱାମୀଙ୍କ ମୃତ୍ୟୁ

ଲକ୍ଷ୍ନୌ, ୫।୯

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରୁ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ଏକ ଚଳନ୍ତା ଆମ୍ବୁଲାନ୍ସରେ ଅସୁସ୍ଥ ସ୍ୱାମୀଙ୍କ ସମ୍ମୁଖରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଛି। ଆମ୍ବୁଲାନ୍ସରେ ମହିଳା ଜଣକ ଅସୁସ୍ଥ ସ୍ୱାମୀଙ୍କୁ ନେଇ ଲକ୍ଷ୍ନୌରୁ ସିଦ୍ଧାର୍ଥନଗର ଜିଲାସ୍ଥିତ ନିଜ ଗ୍ରାମକୁ ଫେରୁଥିଲେ। ସ୍ୱାମୀ ସ୍ନାୟୁଗତ ସମସ୍ୟାରେ ପୀଡ଼ିତ ଥିଲେ। ଚିକିତ୍ସା ଖର୍ଚ୍ଚ ବହନ କରି ନ ପାରି ତାଙ୍କୁ ଡିସ୍‌ଚାର୍ଜ କରିବାକୁ ମହିଳା ଜଣକ ଡାକ୍ତରଙ୍କୁ କହିଥିଲେ। ପରେ ହସ୍ପିଟାଲର ଆମ୍ବୁଲାନ୍ସରେ ସ୍ୱାମୀଙ୍କୁ ଧରି ସେ ଗ୍ରାମକୁ ଫେରୁଥିଲେ। ଆମ୍ବୁଲାନ୍ସରେ ଡ୍ରାଇଭର ଓ ତାଙ୍କ ସହକର୍ମୀ ମହିଳାଙ୍କୁ ଅସଦାଚରଣ କରିବା ସହ ଯୌନ ନିର୍ଯାତନା ଦେଇଥିଲେ। ଅସୁସ୍ଥ ସ୍ୱାମୀ ବିରୋଧ କରିବାରୁ ଡ୍ରାଇଭର ଥାବ୍‌ନୀ ଥାନାର ମୁଖ୍ୟ ସଡ଼କରେ ଆମ୍ବୁଲାନ୍ସକୁ ରଖିଥିଲେ। ତାଙ୍କ ସହଯୋଗୀ ମହିଳାଙ୍କ ସ୍ୱାମୀଙ୍କ ଅକ୍ସିଜେନ ମାସ୍କ ବାହାର କରି ଫିଙ୍ଗି ଦେଇଥିଲେ। ଏହାପରେ ସେ ତାଙ୍କୁ ଆମ୍ବୁଲାନ୍ସ ମଧ୍ୟରୁ ବାହାର କରିଦେଇଥିବା ନେଇ ମହିଳା ଅଭିଯୋଗ କରିଛନ୍ତି। ଡ୍ରାଇଭର ଓ ତାଙ୍କ ସହକର୍ମୀ ମହିଳାଙ୍କଠାରୁ ପର୍ସ, ଆଧାର କାର୍ଡ, ମଙ୍ଗଳସୂତ୍ର ଓ ୧୦ ହଜାର ଟଙ୍କା ଲୁଟିବା ସହ ତାଙ୍କୁ ମଧ୍ୟ କିଛି ସମୟ ପରେ ଆମ୍ବୁଲାନ୍ସରୁ ବାହାର କରି ଫେରାର ହୋଇଯାଇଥିଲେ। ଦୀର୍ଘ ସମୟ ଧରି ଅକ୍ସିଜେନ ମାସ୍କ ପିନ୍ଧି ନ ଥିବା କାରଣରୁ ମହିଳାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା।

# କର୍ନାଟକରେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା

ବେଙ୍ଗାଲୁରୁ,୫।୯

କର୍ନାଟକର ବିଦାର ସହରରେ ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପୋଲିସ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ମୃତା ମହିଳାଙ୍କୁ ନ୍ୟାୟ ଦାବିରେ ସହରରେ ବିକ୍ଷୋଭ ଜୋର୍‌ଦାର ହୋଇଛି।

ଯୁବତୀ ଜଣକ ଅଗଷ୍ଟ ୨୯ରେ ନିଖୋଜ ହୋଇଯାଇଥିଲେ। ସେପ୍ଟେମ୍ବର ୧ରେ ତାଙ୍କ ମୃତଦେହ ଗୁନାତୀର୍ଥୱାଡ଼ିର ଏକ ସ୍କୁଲ ନିକଟ ବୁଦାରୁ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହେବା ପରେ ପୋଲିସ ବଳାତ୍କାର ଓ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୁଖ୍ୟ ଅଭିଯୁକ୍ତ ଯୁବତୀଙ୍କ ସମ୍ପର୍କୀୟ ବୋଲି ପୋଲିସ କହିଛି।

# ଚାଷୀଙ୍କ ପାଇଁ ଆଧାର ଭଳି ଡିଜିଟାଲ ଆଇଡି

## ୩ ବର୍ଷରେ ଜାରି ହେବ ୧୧ କୋଟି

ନୂଆଦିଲ୍ଲୀ,୫।୯

ଦେଶର ଚାଷୀଙ୍କୁ ସଶକ୍ତ କରିବା ପାଇଁ କେନ୍ଦ୍ର ସରକାର ଆଧାର ଭଳି ଏକ ଡିଜିଟାଲ ଆଇଡି ଆଣିବାକୁ ଯାଉଛନ୍ତି। ଆଗାମୀ ୩ଟି ଆର୍ଥିକବର୍ଷରେ ୧୧ କୋଟି କୃଷକଙ୍କୁ ଏଥିରେ ସାମିଲ କରାଯିବ। ଏହା ହେଉଛି 'ଆଗ୍ରିଷ୍ଟାକ୍' ଅଭିଯାନର ଏକ ଅଂଶ, ଯାହାକୁ କୃଷକ କୈନ୍ଦ୍ରିକ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ) ରୂପେ ଡିଜାଇନ୍ କରାଯାଇଛି। ଏହା ଜରିଆରେ ଚାଷୀ ବିଭିନ୍ନ ସେବା ଓ ଯୋଜନାର ସୁଫଳ ପାଇବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଆଧାର କାର୍ଡ ସଦୃଶ ଏକ ବିଶ୍ୱସ୍ତ ଫାର୍ମର ଆଇଡି ବା କୃଷକ ପରିଚୟପତ୍ର ଆଣିବା ହେଉଛି ଆଗ୍ରିଷ୍ଟାକ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ। ଏହା ଜରିଆରେ ୨୦୨୪-୨୫ ଆର୍ଥିକବର୍ଷରେ ୬ କୋଟି, ୨୦୨୪-୨୫ରେ ୩ କୋଟି ଏବଂ ୨୦୨୫-୨୬ ଆର୍ଥିକବର୍ଷରେ ୨ କୋଟି ଚାଷୀଙ୍କ ପାଇଁ ଡିଜିଟାଲ ଆଇଡି ଜାରି କରାଯିବ ବୋଲି ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ତଥା ପରିଚାଳିତ ଏହି ଆଇଡିଗୁଡ଼ିକୁ ଜମି ରେକର୍ଡ, ପ୍ରାଣୀଙ୍କ ସ୍ୱତ୍ୱାଧିକାର, ଫସଲ, ଅମଳ ଭଳି ବିଭିନ୍ନ କୃଷକ ସମ୍ପର୍କିତ ଡେଟାରେ ଯୋଡ଼ାଯିବ। ସରକାର ୨ ବର୍ଷ ମଧ୍ୟରେ ଦେଶବ୍ୟାପୀ 'ଡିଜିଟାଲ କର୍ପ ସର୍ଭେ' ଆରମ୍ଭ କରିବାକୁ ଯାଉଛନ୍ତି। ୨୦୨୪-୨୫ରେ ୪୦୦ ଜିଲା ଏବଂ ୨୦୨୫-୨୬ ଆର୍ଥିକବର୍ଷରେ ସବୁ ଜିଲାକୁ ଏଥିରେ ସାମିଲ କରାଯିବ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ରହସ୍ୟମୟ ଆଲାସ୍କା ଟ୍ରାଙ୍ଗଲ୍

## ଉଭାନ ହେଲେଣି ୨୦ ହଜାର ଲୋକ

ନୂଆଦିଲ୍ଲୀ,୫।୯

ରହସ୍ୟମୟ ବରମୁଡ଼ା ଟ୍ରାଙ୍ଗଲ୍ ସମ୍ପର୍କରେ ପ୍ରାୟ ସମସ୍ତେ ଜାଣନ୍ତି। ଉକ୍ତ ଅଞ୍ଚଳ ଅତିକ୍ରମ କରୁଥିବା ଲୋକେ ଅତ୍ୟନ୍ତ ରହସ୍ୟମୟ ଭାବେ ଅନ୍ତର୍ଦ୍ଧାନ ହୋଇଯାଇଥାନ୍ତି। ସେହିଭଳି ଆଉ ଏକ ରହସ୍ୟମୟ ଅଞ୍ଚଳ ରହିଛି, ଯାହା 'ଆଲାସ୍କା ଟ୍ରାଙ୍ଗଲ' ଭାବେ ପରିଚିତ। ୭୦ ଦଶନ୍ଧିରୁ ଅଦ୍ୟାବଧି ସେଠାରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉଭାନ ହୋଇଗଲେଣି।

ଆଲାସ୍କା ଟ୍ରାଙ୍ଗଲ୍‌ର ଦକ୍ଷିଣରେ ଆଙ୍କୋରେଜ ଏବଂ ଜୁନୋ ଥିବାବେଳେ ଉତ୍ତରରେ ଉତ୍କିଆଗଭିକ୍ ଉପକୂଳ ସହର ରହିଛି। ଆଇଏଫ୍‌ଏଲ୍ ବିଜ୍ଞାନ ଅନୁଯାୟୀ ୧୯୭୨ ଅକ୍ଟୋବରରେ ଏହି ଅଞ୍ଚଳ ଖବରର ଶିରୋନାମା ମଣ୍ଡନ




କରିଥିଲା। ସେତେବେଳେ ଆମେରିକା ହାଉସ୍‌ର ସଂଖ୍ୟାଗରିଷ୍ଠ ନେତା ଥୋମାସ ହାଲେ ବୋଗ୍‌ସ ସିନିୟର ଏବଂ ଆଲାସ୍କା କଂଗ୍ରେସ ସଦସ୍ୟ ନିକ୍ ବେଗିଚ୍‌ଙ୍କୁ ନେଇ ଯାଉଥିବା ବିମାନ ଉକ୍ତ ଅଞ୍ଚଳ ଦେଇ ଯିବାବେଳେ ଉଭାନ ହୋଇଯାଇଥିଲା। ବିମାନଟି ଆଙ୍କୋରେଜ୍‌ରୁ ଜୁନୋ ଯାଉଥିଲା। ବିମାନରେ ବେଗିଚ୍‌ଙ୍କ ସହଯୋଗୀ ରୁସେଲ ବ୍ରାଉନ୍ ଏବଂ ପାଇଲଟ ଡନ୍ ଜୋଞ୍ଜ ଥିଲେ। ୪ ଜଣଙ୍କୁ ଖୋଜି ପାଇବା ପାଇଁ ବ୍ୟାପକ ସର୍ଚ୍ଚ ଅପରେଶନ କରାଯାଇଥିଲା। ତେବେ ନା ବିମାନ ନା ଉକ୍ତ ଲୋକଙ୍କର କୌଣସି ପତ୍ତା ମିଳି ନ ଥିଲା। ଏହା କେବଳ ଗୋଟିଏ ଘଟଣା ନୁହେଁ। ୭୦ ଦଶକ ମଧ୍ୟଭାଗରେ ନ୍ୟୁୟର୍କର ୨୫ ବର୍ଷୀୟ ଗାରି ଫ୍ରାଙ୍କ୍ ସୋଥେରଡେନ୍ ଆଲାସ୍କାର ଜଙ୍ଗଲ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଯାଇ ଆଉ ଫେରି ନ ଥିଲେ। ୧୯୯୭ରେ ତାଙ୍କ ଖପୁରି ପୋର୍କୁପାଇନ୍ ନଦୀକୂଳରୁ ମିଳିଥିଲା। ତାଙ୍କୁ ଭାଲୁ ମାରିଦେଇଥିବା ସନ୍ଦେହ କରାଯାଏ।

ପ୍ରତିବର୍ଷ ଏହି ଅଞ୍ଚଳରେ ହାରାହାରି ୨,୨୫୦ ଲୋକ ନିଖୋଜ ହୋଇଯାଉଛନ୍ତି, ଯାହା ଆମେରିକାର ଜାତୀୟ ନିଖୋଜ ମାମଲା ହାରଠାରୁ ଦୁଇଗୁଣ। ଆଲାସ୍କା ଟ୍ରାଙ୍ଗଲ୍‌ରେ କେତେକ ଅସାଧାରଣ ଚୁମ୍ବକୀୟ କ୍ରିୟା ହେଉଥିବା ଅନେକେ ବିଶ୍ୱାସ କରନ୍ତି। ଅନ୍ୟ କେତେକଙ୍କର ବିଶ୍ୱାସ ହେଲା, ଉକ୍ତ ରହସ୍ୟମୟ ସ୍ଥାନ ପଛରେ ଏଲିଏନ୍‌ମାନେ ରହିଛନ୍ତି। ଆଲାସ୍କା ଟ୍ରାଙ୍ଗଲ ହେଉଛି ଜଙ୍ଗଲ ଏବଂ ପ୍ରାକୃତିକ ବିପଦ ଭରା ଏକ ବିସ୍ତୀର୍ଣ୍ଣ ଅଞ୍ଚଳ। ଲୋକେ ନିଖୋଜ ହୋଇଯିବା ଓ ଆଉ ନ ଫେରିବା ପଛର ଏହା ମୁଖ୍ୟ କାରଣ ବୋଲି ମଧ୍ୟ କେତେକ କହିଥାନ୍ତି। ବରମୁଡ଼ା ଟ୍ରାଙ୍ଗଲ ଭଳି ଆଲାସ୍କା ଟ୍ରାଙ୍ଗଲ ରହସ୍ୟର କୌଣସି ସମାଧାନ ନାହିଁ।




# ସମଲେଇ ମନ୍ଦିରରେ ନୂଆ ଖାଇବେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୫।୯ (ଭବାନୀ ଶଙ୍କର ଭୋଇ)**

- **ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ନୂଆଖାଇରେ ସାମିଲ ହେବେ**
- **ମୁଖ୍ୟମନ୍ତ୍ରୀ କିଷାନ ଯୋଜନାର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**
- **ନୂଆଖାଇ ଭେଟଘାଟରେ ଯୋଗଦେବେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୮ ତାରିଖ ସମ୍ବଲପୁର ଗସ୍ତରେ ଆସି ନୂଆଖାଇ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ୮ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ବିମାନ ଯୋଗେ ବାହାରି ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚିବେ। ଅପରାହ୍ନ ୧ଟା୧୦ରେ ସମଲେଇ ମନ୍ଦିରରେ ପହଞ୍ଚି ମା’ ସମଲେଇଙ୍କୁ ଦର୍ଶନ କରିବା ସହ ନବାନ୍ନ ଭକ୍ଷଣ କରିବା କାର୍ଯ୍ୟକ୍ରମ ରହିଛି। ୩ଟା ୩୫ରେ ମାରୱାଡି ଯୁବାମଞ୍ଚ ଦ୍ୱାରା ରିଭର ଇନ୍‌ଠାରେ ଆୟୋଜିତ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ସାମିଲ ହେବେ। ଅପରାହ୍ନ ୪ଟା୧୫ରେ ମୁଖ୍ୟମନ୍ତ୍ରୀ ତପସ୍ୱିନୀ ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କିଷାନ ଯୋଜନାର ଉଦ୍‌ଘାଟନ କରିବେ। ସନ୍ଧ୍ୟା ୬ଟା୧୦ରେ ଝାଡୁଆପଡା ଆରଣ୍ୟକ ମଞ୍ଚରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ହେବାକୁ ଥିବା ନୂଆଖାଇ ଭେଟ୍‌ଘାଟରେ ସାମିଲ ହେବେ। ଏହାପରେ ସମଲେଇ ମନ୍ଦିରରେ ସମଲେଶ୍ୱରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ ମୁଖ୍ୟମନ୍ତ୍ରୀ ସାମିଲ ହେବେ। ସେଠାରୁ ସନ୍ଧ୍ୟା ୭ଟା୫୫ରେ ନନ୍ଦପଡା ଚିତ୍ରୋତ୍ପଳା ଯୁବକ ସଂଘ ପକ୍ଷରୁ ଭୁବନେଶ୍ୱରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ସାମିଲ ହେବେ। କାର୍ଯ୍ୟକ୍ରମ ସମାପ୍ତ ପରେ ରାତି ୯ ଟାରେ ବୁର୍ଲା ଅଶୋକ ନିବାସରେ ରାତ୍ରି ଯାପନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଆଖିଆଗରେ ରଖି ସମ୍ବଲପୁରରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ତେବେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ସମଲେଇ ମନ୍ଦିରରେ ନୂଆଖାଇ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାରୁ ସଂସ୍କୃତିପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି ।

# ଅକ୍ଟୋବର ୫ରେ ଖୋଲା ରହିବ ହାଇକୋର୍ଟ

**କଟକ,୫।୯ (କାର୍ତ୍ତିକ ସାହୁ)**

ଆସନ୍ତା ଅକ୍ଟୋବର ୫ ତାରିଖକୁ କାର୍ଯ୍ୟ ଦିବସ ଭାବେ ହାଇକୋର୍ଟ ଘୋଷଣା କରିଛନ୍ତି। ଶନିବାର ଛୁଟି ଦିବସ ହୋଇଥିବାବେଳେ ତାହାକୁ କାର୍ଯ୍ୟ ଦିବସରେ ପରିଣତ କରିବା ପାଇଁ ହାଇକୋର୍ଟ ଘୋଷଣା କରିଛନ୍ତି। ଫଳରେ ସବୁଦିନିଆ କାର୍ଯ୍ୟ ଦିବସ ଭଳି ଉକ୍ତ ଦିନ ହାଇକୋର୍ଟର କାର୍ଯ୍ୟ ଚାଲୁରହିବ। ନୂଆଖାଇ ପର୍ବ ପାଇଁ ଆସନ୍ତା ୯ରେ ହାଇକୋର୍ଟ ଛୁଟି ରହୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

# ବଜ୍ରପାତ ସହ ବର୍ଷା: ୧୦ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୫।୯ (ଅନୁରାଧା ମହାରଣା)**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କେନ୍ଦ୍ରୀଭୂତ ହୋଇଛି। ଦୁଇଦିନ ଧରି ଉତ୍ତର ଦିଗରେ ଗତି କରିବ। ଏହାର ପ୍ରଭାବରେ ଗୁରୁବାରଠାରୁ ବର୍ଷା ପରିମାଣ ବଢିଛି। ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ ଏବଂ ନବରଙ୍ଗପୁର ଆଦି ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ଘଡ଼ଘଡ଼ି, ବିଜୁଳି ସହ ପ୍ରବଳ ବର୍ଷା ନେଇ ୧୦ ଜିଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର ଏବଂ ନବରଙ୍ଗପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ବଜ୍ରପାତ ଓ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ମୟୂରଭଞ୍ଜକୁ ୟେଲୋ ୱାର୍ନିଂ ଦିଆଯାଇଛି। ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁରକୁ ସତର୍କତା ଜାରି ହୋଇଛି। ଏହିସବୁ ଜିଲାରେ ୭୦ ରୁ ୨୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଘଡ଼ଘଡ଼ି ବିଜୁଳି ସହ ବର୍ଷା ନେଇ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଏବଂ ଜଗତ୍‌ସିଂହପୁରକୁ ସତର୍କ କରାଯାଇଛି।

# ପ୍ରତି ପଞ୍ଚାୟତରେ ହେବ ଆଦର୍ଶ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ


ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର,୫।୯(ଅନିଲ ଦାସ)**

**ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ**

- **ଆରମ୍ଭ ହେଲା ‘ନିପୁଣ ଓଡ଼ିଶା’ ଓ ‘ଡିପ୍’ କାର୍ଯ୍ୟକ୍ରମ**
- **୩୦ ଜିଲାର ୪୪,୭୨୮ଜଣ ବିଦ୍ୟାର୍ଥୀ ପୁରସ୍କୃତ**

ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର ‘ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ’ ଯୋଜନା କାର୍ଯ୍ୟକାରୀ କରିବେ। ଏଥିରେ ପ୍ରତି ପଞ୍ଚାୟତର ଗୋଟିଏ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯିବ। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର ‘ମାଧୋ ସିଂ ହାତଖର୍ଚ୍ଚ’ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହାଦ୍ୱାରା ୩ ଲକ୍ଷ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହେବେ ଓ ଡ୍ରପ ଆଉଟ୍ ହାର ହ୍ରାସ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରଠାରେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କର ଭବିଷ୍ୟତ ନିର୍ମାଣ କରନ୍ତି ନାହିଁ, ପୂରା ସମାଜର ଭବିଷ୍ୟତ ନିର୍ମାଣ କରନ୍ତି। ଗୁରୁମାନଙ୍କ ହାତରେ ହିଁ ଭବିଷ୍ୟତର ସୁରକ୍ଷା ଦାୟିତ୍ୱ। ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି–୨୦୨୦ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି।

ନିଜର ଶିକ୍ଷକତା ଜୀବନକୁ ମନେପକାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପିଲାମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷକମାନେ ଯେଉଁ ତ୍ୟାଗ କରନ୍ତି ତାହା ଅମୂଲ୍ୟ। ସେଥିପାଇଁ ସମସ୍ତେ ଗୁରୁମାନଙ୍କୁ ସମ୍ମାନ ଜଣାଇବା ଆବଶ୍ୟକ। ବିଦେଶୀ ଶାସନ ସମୟରେ ଆମର ସଂସ୍କୃତିଭିତ୍ତିକ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇଥିଲା। ବର୍ତ୍ତମାନ ଧୀରେ ଧୀରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ଏବଂ ନୂତନ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତିଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶା ଶିକ୍ଷାକ୍ଷେତ୍ର କିପରି ଅଗ୍ରାଧିକାର ପାଇବ ସେଥିପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି।

ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ଆଜି ସମ୍ବର୍ଦ୍ଧିତ ହେଉଥିବା ବିଦ୍ୟାର୍ଥୀମାନେ ମନେରଖିବା ଉଚିତ ଯେ ଏହା ସେମାନଙ୍କ ସମ୍ବର୍ଦ୍ଧନା ନୁହେଁ ବରଂ ଏକ ସଂକଳ୍ପ। ଏହି ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି।

‘ପ୍ରାଥମିକ ବିଦ୍ୟାଳୟରେ ସାର୍ବଜନୀନ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିବା ଉଦ୍ଦେଶ୍ୟରେ ନିପୁଣ ଓଡ଼ିଶା’ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସେହିପରି ବିଦ୍ୟାର୍ଥୀଙ୍କୁ ଡିଜିଟାଲ ସାକ୍ଷରତା ଏବଂ କୋଡିଂ ଶିକ୍ଷା ଦେବା ପାଇଁ ‘ଡିଜିଟାଲ ଏଜୁକେଶନ ଏମ୍‌ପାୱାରମେଣ୍ଟ କାର୍ଯ୍ୟକ୍ରମ’ (ଡିପ୍)ର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ବିଦ୍ୟାର୍ଥୀମାନେ ଆଗାମୀ ଦିନରେ କମ୍ପ୍ୟୁଟର ଶିକ୍ଷା ଓ କୋଡିଂରେ ସଫଳତା ପାଇବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପୋର୍ଟାଲ ଶିକ୍ଷା ଜ୍ୟୋତି ଶୁଭାରମ୍ଭ କରାଯାଇଛି। ଏହି ପୋର୍ଟାଲ ମାଧ୍ୟମରେ ଛାତ୍ରୀଛାତ୍ର ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ସୂଚନା, ଏକାଡେମିକ୍ କ୍ୟାଲେଣ୍ଡର, ପରୀକ୍ଷା କାର୍ଯ୍ୟସୂଚୀ, ଫଳାଫଳ ଏବଂ ବିଜ୍ଞପ୍ତି ସହଜରେ ପାଇପାରିବେ।

କ୍ୟାରିୟର ଗାଇଡାନ୍ସ ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ଏହି ପୋର୍ଟାଲ ମାଧ୍ୟମରେ ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରକାର କ୍ୟାରିୟର ବିଷୟରେ ସୂଚନା ପାଇପାରିବେ। ଏହା ମାଧ୍ୟମରେ ପ୍ରାୟ ୧୬ ଲକ୍ଷ ବିଦ୍ୟାର୍ଥୀ ଉପକୃତ ହେବେ। ସେହିପରି ରାଜ୍ୟରେ ଥିବା ସମସ୍ତ ଘରୋଇ ବିଦ୍ୟାଳୟର ପରିଚାଳନା ପ୍ରକ୍ରିୟାକୁ ସରଳ କରିବା ପାଇଁ ଘରୋଇ ବିଦ୍ୟାଳୟ ପରିଚାଳନା ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’, ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଏବଂ ଦ୍ୱାଦଶ ବୋର୍ଡର ଶ୍ରେଷ୍ଠ ବିଦ୍ୟାର୍ଥୀ ଏବଂ ଉଚ୍ଚ ମାଧ୍ୟମିକ ବୋର୍ଡର ୩୯୧ଜଣ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାବ୍ୟତୀତ ଆଭାସୀ ମାଧ୍ୟମରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୩୦ଟି ଜିଲାର ୪୪,୭୨୮ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟସ୍ତରରେ ୨୮୭, ଜିଲାସ୍ତରରେ ୩୧୨୮, ବ୍ଲକସ୍ତରରେ ୩୨,୨୦୮ ଏବଂ ମହାନଗରନିଗମ ସ୍ତରରେ ୧୯୦୩ ବିଦ୍ୟାର୍ଥୀଙ୍କୁ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ରାଜ୍ୟର ସର୍ବମୋଟ୍ ୭୧୬୦ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ଦ୍ୱାଦଶ ବୋର୍ଡର ଶ୍ରେଷ୍ଠ ୪୨ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଆକାଂକ୍ଷୀ ପାଠ୍ୟକ୍ରମ, ଜୈବ ବିବିଧତା, ସଫଳତାର ଶୀର୍ଷରେ ଆମ ପ୍ରତିଭା ପୁସ୍ତିକା ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।



STORE LOCATOR
APPARELS | EYEWEAR | INNERWEAR | ACCESSORIES | PERSONAL CARE
AVAILABLE AT KILLER EXCLUSIVE STORE | LOUNGE | TRENDS | SHOPPERS STOP | lifestyle | CENTRO | FASHION FACTORY | AND ALL LEADING RETAILERS IN YOUR CITY.
FOR TRADE & EBO ENQUIRIES: GRC GARMENTS: 93375 11696/ 98301 38010
FOR FRANCHISEE & INSTITUTIONAL ENQUIRIES: 8657939718 / 022 26914400
E-MAIL: FRANCHISEE@KEWALKIRAN.COM
AVAILABLE AT: Flipkart • WOMENSWEAR • KIDSWEAR • FOOTWEAR • TRAVEL GEAR
FOLLOW US ON:
SCAN TO REGISTER KILLER SIGNATURE CLUB

**ଆଜିର ମନ୍ତବ୍ୟ**

ମହିଳାମାନଙ୍କ ପ୍ରତି ସମ୍ମାନ କେବଳ ଶବ୍ଦରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ ପରିଲକ୍ଷିତ ହେବା ଉଚିତ। ମହିଳାଙ୍କ ସମ୍ମାନ ବଜାୟ ରଖିବା ପାଇଁ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଶିକ୍ଷକ ଓ ଅଭିଭାବକମାନଙ୍କ କର୍ତ୍ତବ୍ୟ।
–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦି ବିଗେଷ୍ଟ ସେଲିବ୍ରେଶନ ଅଫ୍ ଗୁଡ୍ ସିନେମା, ସ୍ଥାନ: ଡିଏଭି ଚନ୍ଦ୍ରଶେଖରପୁର, କ୍ୟାମ୍ପସ–୧, ସମୟ: ସକାଳ ୯ଟା ୩୦।
- ନୂଆଖାଇ ପର୍ବ ପାଳନ, ସ୍ଥାନ: ମହିମା ଧର୍ମ ଗବେଷଣା ପରିଷଦ ଚାରିଟେବଲ୍ ଟ୍ରଷ୍ଟ, କଳାରାହାଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ବିତର୍କ ପରିପ୍ରେକ୍ଷୀରେ ରାଉଣ୍ଡ ଟେବୁଲ ବୈଠକ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କ୍ରାଫ୍ଟ 'ଓଡେଶୀ' ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସମବାୟ ସମିତି/ଲ୍ୟାମ୍ପସ୍ କର୍ମଚାରୀ ମହାମଞ୍ଚ ପକ୍ଷରୁ ରାଲି, ସ୍ଥାନ: ବିଧାନସଭା ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଓୟୁଡବ୍ଲୁଜେ ପକ୍ଷରୁ ରାଜ୍ୟସ୍ତରୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଏଆଇସିସିଟିୟୁ ପକ୍ଷରୁ ପ୍ରତିବାଦ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଫିଲ୍ମ 'ଅପରାହ୍ନର ସୂର୍ଯ୍ୟ'ର ପ୍ରିମିୟର, ସ୍ଥାନ: ସ୍ମୃତି ସିନେମା ହଲ୍, ସମୟ: ଅପରାହ୍ନ ୨ଟା ୫୦।
- ଆଦର୍ଶ ଓଡ଼ିଶା ସାମାଜିକ ଅନୁଷ୍ଠାନ ଏବଂ ପଞ୍ଚସଖା ଖବରକାଗଜର ତୃତୀୟ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସୁରେଖା ମହାପାତ୍ରଙ୍କ 'ଅନୁରାଗରୁ ଅସ୍ତରାଗ' କବିତା ସଂକଳନ ଉନ୍ମୋଚନ, ସ୍ଥାନ: ଜିକେସିଏମ୍ ପରିସର, ସମୟ: ସନ୍ଧ୍ୟା ୬ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଟାଙ୍ଗୀ–ଚୌଦ୍ୱାର ଓଷ୍ଟା ତରଫରୁ ସମ୍ବିଧାନିକ ସମ୍ମିଳନୀ, ସ୍ଥାନ: ଟାଙ୍ଗୀ ଗୋବିନ୍ଦପୁର ସ୍ଥିତ ସିଦ୍ଧଗିରି ନୋଡାଲ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ଶ୍ରୀମନ୍ଦିରରେ ଅନ୍ଧ ହାତୀ ପ୍ରସ୍ତାବ ନୀତି, ସ୍ଥାନ: ସିଂହଦ୍ୱାର, ସମୟ: ସନ୍ଧ୍ୟା ୬ଟା।
- ରୋଲେକ୍ସ ସର୍କସର ଉଦ୍‌ଘାଟନୀ, ସ୍ଥାନ: ତାଳବଣିଆ ପଡ଼ିଆ, ପୁରୀ,ସମୟ: ସନ୍ଧ୍ୟା ୬ଟା ୪୫।

## ଖୋର୍ଦ୍ଧା

- ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ଅପରାହ୍ନ ୧ଟା ୩୦।

## ବାଲେଶ୍ୱର

- ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ପକ୍ଷରୁ ଆଭାସୀ ଆଲୋଚନାଚକ୍ର, ସ୍ଥାନ: ମିତ୍ରପୁର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସଚେତନତା ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦୁଝର

- ଶିବ ମନ୍ଦିରରେ ମା' ଗୌରୀ ବ୍ରତଧାରୀଙ୍କ ମାନସିକ ପୂଜା, ସ୍ଥାନ:ହାବଳେଶ୍ୱର, ଶାଳନିଆଁ, ହାଟଡିହୀ, ସମୟ: ସକାଳ ୬ଟା।
- ମା ସନ୍ତୋଷୀଙ୍କ ମନ୍ଦିରରେ ମହିଳା ବ୍ରତଧାରୀଙ୍କ ପୂଜା, ସ୍ଥାନ:ଗଳି ଗୋପାଳପୁର, ହାଟଡିହୀ, ସମୟ:ସକାଳ ୮ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ:କଳିଙ୍ଗା, ହାଟଡିହୀ, ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବାମନଘାଟୀ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କଚେରି ପଡ଼ିଆ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ:ବହଳଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ସୁଭଦ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- କରମ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସୁରେଇଡ଼ିହି ଗ୍ରାମ, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଶୁଣାଣି ଶିବିର, ସ୍ଥାନ:ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- କପିଳାସ ଇତିହାସ ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ:ରିଡିଙ୍ଗ୍ ରୁମ୍, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ଅପରାହ୍ନ ୩ଟା।

## ଅନୁଗୋଳ

- ତାଳଚେର ପ୍ରଜାମଣ୍ଡଳର ୮୭ ତମ ଜନ୍ମଜୟନ୍ତୀ ଉତ୍ସବ, ସ୍ଥାନ: କଣିହାଁ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର

- ଆଦର୍ଶପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ତାଳ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବେଳାଭୂମି ରାସ୍ତା, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଏରସମା ବିପ୍ଳବ ଦିବସ ସମାରୋହ, ସ୍ଥାନ: ଏରସମା ଗାନ୍ଧୀ ସ୍ମୃତି ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- 'ସଙ୍କଳ୍ପ' ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଏରସମା ଜଗନ୍ନାଥ ମନ୍ଦିରରୁ ଗାନ୍ଧୀ ସ୍ମୃତି ପୀଠ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ, ସ୍ଥାନ: ପାଣ୍ଡିରି, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସୁଭଦ୍ରା ଯୋଜନା ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୫ଟା।
- ବାଲି ତୃତୀୟା ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ସେବକ ସାହି, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ତେନ୍ତୁଳି ପ୍ରସ୍ତୁତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ନବରଙ୍ଗପୁର ବିଧାୟକଙ୍କ ନିୟନ୍ତ୍ରିତ ବଜାର କମିଟି ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୫ଟା।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାଓ୍ୱା ମଇଦାନ, ସମୟ : ସକାଳ ୭ଟା।
- ଭୀମ ଆର୍ମିର ବୈଠକ, ସ୍ଥାନ : ସାମ୍ବାଦିକ ମବନ, ସମୟ : ପୂର୍ବାହ୍ନ ୧୧ଟା।
- ହୀରାଖଣ୍ଡ ନାଗରିକ ପରିଷଦ ବୈଠକ, ସ୍ଥାନ: ସାମ୍ବାଦିକ ଭବନ. ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଇଣ୍ଡଷ୍ଟ୍ରିଆଲ ଏରିଆ ଫେଜ୍ ୨ ଅଞ୍ଚଳ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

## ସୁବର୍ଣ୍ଣପୁର

- ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: ଗୌଡ଼ଗାଡ ସରକାରୀ ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର, ସମୟ: ସକାଳ ୭ଟା।
- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥନ: ମଙ୍ଗଳବଜାର ଓ ହଟଲିପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି, ସ୍ଥାନ: ସହରସ୍ଥିତ ଝଣ୍ଡାଛକ ଓ ମଙ୍ଗଳବଜାର ଛକ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ୟୁଜିଆଇର ପ୍ରତିଷ୍ଠା ଦିବସ, ସ୍ଥାନ: ୟୁଜିଆଇ, ଜେଲ୍ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୃହସ୍ଥୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନନ୍ଦଗାଁ, ସେକ୍ଟର–୧୪, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ଚାଷ, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରସିଦ୍ଧ ସାର୍ବଜନୀନ ଗଣେଶ ମେଳା ପାଇଁ କଳସ ଯାତ୍ରା, ସ୍ଥାନ: ପ୍ରଧାନପାଟ ଜଳପ୍ରପାତରୁ ମଣ୍ଡପ ପର୍ଯ୍ୟନ୍ତ, ଦେବଗଡ ସହର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ, କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୯ଟା।

## ନୂଆପଡ଼ା

- ଗ୍ରାମ ଇଷ୍ଟଦେବୀଙ୍କୁ ନୂତନ ଧାନ ଭୋଗ ଅର୍ପଣ (ବାଲିସରା ଯାତ୍ରା), ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ସକାଳ ୭ଟା।
- ଆନ୍ତଃ ଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ସୁଭଦ୍ରା ଯୋଜନା ଅଗ୍ରଗତି ନେଇ ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାଧିପ ବକ୍ରି ଶନିଙ୍କ ପ୍ରଭାବରେ କାର୍ଯ୍ୟବ୍ୟସ୍ତତା କାରଣରୁ ଅଧିକାଂଶ ସମୟ ମନ ଅସ୍ଥିର ରହିବ। ସଭାସମିତି, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପିଲାଙ୍କ ସମସ୍ୟାକୁ ନେଇ ମାନସିକ ସ୍ଥିତି ବିପନ୍ନ ରହିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ଯୋଜନା ଚିନ୍ତା କରିପାରନ୍ତି।

**ବୃଷ** ବୃହସ୍ପତି ନିଜ ରାଶିରେ ଅବସ୍ଥାନ କରିଥିବାରୁ ଆଶା କରିଥିବା ଦିଗରୁ ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ଘଟିବ। ଅପ୍ରିୟ ସତ୍ୟ ଭାଷଣରୁ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। କଚେରି ମାମଲା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ବନ୍ଧୁଙ୍କ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶା ପୂରଣ ହୋଇଯିବ।

**ମିଥୁନ** ରୋହିଣୀ ନକ୍ଷତ୍ର ଆଜି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସ୍ୱାର୍ଥସାଧନ ମାନସରେ ମିତ୍ରମାନେ ପ୍ରଶଂସା ସୂଚକ ବାକ୍ୟାଳାପ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ଓ ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କେତେକ କଥା ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ** ପାପଗ୍ରହ ଯୁକ୍ତ ଚନ୍ଦ୍ର ହେତୁ ଅତୀତକଥାକୁ ଚିନ୍ତା କରି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଅଫସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ। ସାହିତ୍ୟ, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବୁଧାଦିତ୍ୟ ଯୋଗଜନିତ କାମଗୁଡ଼ିକ ଶୃଙ୍ଖଳିତ ହେବା ସହ ପ୍ରଶଂସାର ପାତ୍ର ହେବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବାରୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ଘର କଥା ମନକୁ ବେଶି ଆନ୍ଦୋଳିତ କରିବା ସାଙ୍ଗକୁ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ପଡ଼ୋଶୀଙ୍କ ସହୃଦୟତାରୁ କାମ ହାସଲ ପୂର୍ବକ ଉପକୃତ ହେବେ।

**କନ୍ୟା** ଏକାଧିକ ଗ୍ରହ ରାଶିସ୍ଥ କାରଣରୁ ପାରିବାରିକ ପରିସ୍ଥିତି ଗମ୍ଭୀର ରହିବା ସହ ମାନସିକ ଅସ୍ଥିରତାଯୁକ୍ତ ହେବେ। ଆତ୍ମୀୟଙ୍କ ସହ ସଦ୍ଭାବ ଅକ୍ଷୁଣ୍ଣ ରହିବା ହେତୁ ମାନସିକ ଶାନ୍ତିଲାଭ କରିପାରନ୍ତି। କର୍ମାରମ୍ଭରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ଠିକ୍ ହୋଇଯିବ। ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ କିନ୍ତୁ ବ୍ୟବସାୟରେ କ୍ଷତି ଘଟିପାରେ।

**ତୁଳା** ନୀଚାରୋହୀ ଶୁକ୍ର ପ୍ରଭାବରେ ଶରୀରଚର୍ଚ୍ଚାର ଅଭାବ ଓ ଅବହେଳାଜନିତ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ବିବାଦୀୟ ବ୍ୟକ୍ତିଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ଅଶାନ୍ତି ବୃଦ୍ଧିପାଇବ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଖବର ପାଇ ବିସ୍ମିତ ହେବେ।

**ବିଛା** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଅନ୍ୟମାନଙ୍କ ଦ୍ୱାରା ପ୍ରତାରିତ ହୋଇ କଷ୍ଟ ଅନୁଭବ କରିପାରନ୍ତି। କୌଣସି ଆନୁଷ୍ଠାନିକ ଅଥବା ସାମାଜିକ କାର୍ଯ୍ୟରେ ଯୋଗଦେବାର ସୁଯୋଗ ଜୁଟିପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରାଜନୀତି ପାଇଁ ଦିନଟି ଭଲ। ଦିନଭରି ପରିଶ୍ରମ କରିବେ ସତ, ପ୍ରାପ୍ତି ସନ୍ତୋଷଜନକ ହେବନାହିଁ।

**ଧନୁ** ରାଶ୍ୟାଧିପତିଙ୍କ ଦୃଷ୍ଟିରୁ ପ୍ରତ୍ୟେକ ପରିସ୍ଥିତିରେ ମନବଳ ଟାଣ ରହିବ। ମନରେ ବସା ବାନ୍ଧିଥିବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ଅଧିକାଂଶ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର** ଶନି ଓ ରବିଙ୍କ ଷଡ଼ାଷ୍ଟକ ସ୍ଥିତି ପାରିବାରିକ ସମସ୍ୟାକୁ ବୃଦ୍ଧି କରିପାରେ। ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନା ସକାଶେ ମନ ବଳାଇ କାର୍ଯ୍ୟାରମ୍ଭ କରିପାରନ୍ତି। ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କଥା କହି କାମ ହାସଲରେ ସମର୍ଥ ହେବେ।

**କୁମ୍ଭ** ଚନ୍ଦ୍ରଙ୍କ ପାପପ୍ରଭାବ ହେତୁ ଆଲୋଚନା ପରିସରରେ ବିବାଦୀୟ ମନ୍ତବ୍ୟ ଦେଇ ଶତ୍ରୁତା ଅର୍ଜନ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନବଳ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ହାସଲ କରିବେ। ଦୈନନ୍ଦିନ ଜୀବବନଯାତ୍ରାରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ କ୍ଷତିରେ ପଡ଼ିବେ।

**ମୀନ** ଭାଗ୍ୟସ୍ଥାନକୁ ଗୁରୁଦୃଷ୍ଟିଜନିତ ଆଜି ଆପଣ ପରିବାର ସକାଶେ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବା କଷ୍ଟକର ହୋଇପଡ଼ିବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ବନ୍ଧୁମାନଙ୍କ ସହାୟତାରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ କିନ୍ତୁ ଯାଇ ପାରିବେ ନାହିଁ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ସେପ୍ଟେମ୍ବର ୬ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ବାଲିତୃତୀୟା ଯୁକ୍ତ ହରିତାଳିକା ଚତୁର୍ଥୀ ଶୁକ୍ରବାର, ଗୌରୀବ୍ରତ, ଶ୍ରୀମନ୍ଦିରରେ ଅନ୍ଧଲୀଳା। ରାଶିନକ୍ଷତ୍ର–ଦିବା ଘ.୦୯.୨୫ମି. ଗତେ ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ସକାଳ ଘ.୦୫.୩୫ମି. ଗତେ ଘ. ୦୬.୨୫ମି.ମଧ୍ୟେ, ଘ.୦୭.୧୪ମି. ଗତେ ଘ.୦୮.୪୦ମି ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୨ମି. ଗତେ ଘ.୧୧.୪୪ମି. ମଧ୍ୟେ ରାହୁକାଳ।

# ଡିସେମ୍ବର ସୁଦ୍ଧା ପୂରଣ ହେବ ୨ ହଜାର ଖାଲି ପଦବୀ

## ଜଙ୍ଗଲ, ପରିବେଶ ବିଭାଗର ସମୀକ୍ଷା

**ଭୁବନେଶ୍ୱର,୫।୯(ଅନିଲ ଦାସ)**

ବର୍ତ୍ତମାନ ସୁଦ୍ଧା ୧୬୭୭ ବନରକ୍ଷୀ ଓ ୩୧୬ ବନପାଳ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଡିସେମ୍ବର ସୁଦ୍ଧା ମୋଟ ପଦବୀ ପୂରଣ କରାଯିବ। ବାକିଥିବା ପଦବୀଗୁଡ଼ିକ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ଗୁରୁବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ଜଙ୍ଗଲ ଅଞ୍ଚଳରେ ଅବୈଧ ଗଛକଟା ବନ୍ଦ କରିବା ଏବଂ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଶ୍ରମଭିତ୍ତିକ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

୨୦୧୯–୨୦ ବର୍ଷଠାରୁ ଏ ପର୍ଯ୍ୟନ୍ତ ବିଭିନ୍ନ କାରଣ ଯୋଗୁ ୪୪୪ ହାତୀ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ ୭୨୯ ଜଣ ବ୍ୟକ୍ତି ମଧ୍ୟ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମଣିଷ–ବନ୍ୟଜନ୍ତୁ ସଂଘର୍ଷ କମାଇବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚଳିତବର୍ଷ ବଜ୍ରପାତକୁ ରୋକିବା ପାଇଁ ୧୯ ଲକ୍ଷ ତାଳଗଛ ଜଙ୍ଗଲ ପରିସୀମା ଅଞ୍ଚଳରେ ରୋପଣ କରାଯାଉଛି। ସେହିପରି ପ୍ଲାଷ୍ଟିକମୁକ୍ତ ବନୀକରଣ, ବନାଗ୍ନି ନିର୍ବାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଏବଂ ପିସିସିଏଫ୍ (ୱାଇଲ୍ଡ ଲାଇଫ) ସୁଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା ଫର୍ମ ପାଇଁ ଟଙ୍କା ମାଗିବାରୁ କାର୍ଯ୍ୟାନୁଷ୍ଠାନ

**କେନ୍ଦ୍ରାପଡ଼ା, ୫।୯ (ଜଗନ୍ନାଥ ଧଳ)**

ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ସୁଭଦ୍ରା ଯୋଜନା କାର୍ଯ୍ୟକାରିତାରେ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ବାଧା ସୃଷ୍ଟି ହୋଇଛି। ଏପରି ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ସହ ୩ ଜଣଙ୍କ ଉପରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଡେରାବିଶ ବ୍ଲକ ବେଲାରପୁରର ୨ ଜନସେବା କେନ୍ଦ୍ର ଉପରେ ଚଢ଼ାଉ ହୋଇଥିଲା। ଏହି ଜନସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ଫର୍ମ ଅନ୍‌ଲାଇନରେ ସଂଯୋଗ ସମୟରେ ଟଙ୍କା ନେଉଥିବା ସମ୍ଭାବ୍ୟ ହିତାଧିକାରୀ ଅଭିଯୋଗ କରିଥିଲେ। ତଦନ୍ତ ପରେ ବେଲାରପୁରର ସପନ କୁମାର ପଣ୍ଡା ଓ ଶ୍ରୀକାନ୍ତ କୁମାର ନାୟକଙ୍କ ଜନସେବା କେନ୍ଦ୍ରକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି। ସେହିପରି ବଡ଼ ସରଦେଇପୁର ଅଙ୍ଗନୱାଡି କର୍ମୀ ପୁଷ୍ପଲତା ପଣ୍ଡା ଏହି କେନ୍ଦ୍ର ଅଧୀନ ମହିଳାଙ୍କୁ ସୁଭଦ୍ରା ଫର୍ମ ଦିଆଯିବ ନାହିଁ କହିବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଅଭିଯୋଗ ପରେ ଅଙ୍ଗନୱାଡି କର୍ମୀ ପଣ୍ଡାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ମଦ ଗାଡ଼ି ଜାଳିଦେଲେ



୧୬ନଂ ଜାତୀୟ ରାଜପଥରେ ଜଳୁଥିବା ସ୍କର୍ପିଓ।

## ୨ ଯୁବକ ଥାନାରେ ଅଟକ

**ସିମୁଳିଆ, ୫।୯(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୨କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଭଗିଆ ଗାଁ ନିକଟରେ ମଦ ବୋଝେଇ ସ୍କର୍ପିଓ(ଓଆର୍ ୦୨ ବିଟି ୦୧୦୦)ରେ ଲୋକମାନେ ନିଆଁ ଲଗାଇଦେଇଛନ୍ତି। ଏହି ଗାଡ଼ିକୁ ଗୋଡାଉଥିବା ଭଦ୍ରକ ପୋଲିସ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଅପରପକ୍ଷେ ସିମୁଳିଆ ପୋଲିସ ଏହି ଗାଡ଼ିରେ ଥିବା ରମେଶ ପ୍ରଧାନ(୨୮) ଓ ତାପସ ବେହେରା(୩୫)ଙ୍କୁ ଥାନାରେ ଅଟକ ରଖିଛି।

ଗୁରୁବାର ରାତି ୯ଟାରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏହି ଗାଡ଼ିକୁ ଅବକାରୀ କର୍ମଚାରୀ ଓ ପୋଲିସ ପିଛା କରିଥିଲା। ମଦ ବୋଝେଇ ହୋଇଥିବା ଏହି ଗାଡ଼ିରେ ପିଲା ଚୋରି କରି ନିଆଯାଉଥିବା ଖବର ପ୍ରଚାରିତ ହେବା ପରେ ଲୋକେ ଏହି ଗାଡ଼ିକୁ ଘେରିଥିଲେ। ଫେରାର ହେବାକୁ ଉଦ୍ୟମ କରୁଥିବା ଗାଡ଼ି ସିମୁଳିଆ ବ୍ଲକର ମାର୍କୋଣା ଓଭରବ୍ରିଜ ଦେଇ ପୁଣି ଭଦ୍ରକ ଅଭିମୁଖେ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଭଗିଆ ଗାଁ ନିକଟରେ ଧରାପଡ଼ିଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ବଜ୍ରପାତ ମୃତ୍ୟୁ...

ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପରୋକ୍ତ ତଥ୍ୟ ବିଧାନସଭାରେ ଉପସ୍ଥାପନା କରିଛନ୍ତି। କିନ୍ତୁ ସେ ବିଧାନସଭାରେ କହିଥିଲେ ଯେ, ଗତ ୫ ବର୍ଷରେ ରାଜ୍ୟରେ ୧୧୦୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ଉତ୍ତରପ୍ରଦେଶ ଓଡ଼ିଶାଠାରୁ ୪ ଗୁଣା ବଡ଼ ରାଜ୍ୟ ହୋଇ ବି ସେଠାରେ ବଜ୍ରପାତଜନିତ ମୃତ୍ୟୁ ଗତ ୫ ବର୍ଷରେ ମାତ୍ର ୫୪୨। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରରେ ବଜ୍ରପାତ ମୃତ୍ୟୁ ଅନ୍ୟ ଜିଲାଠାରୁ ଅଧିକ ରହିଛି। ଗବେଷଣା ଅନୁଯାୟୀ ଓଡ଼ିଶାରେ ଖଣିଜ ପଦାର୍ଥ ଭରପୂର ଥିବାରୁ ବଜ୍ରପାତ ଅଧିକ ହେଉଛି। ଏହାର କାରଣ ହେଉଛି ଖଣିଜ ପଦାର୍ଥ ବିଦ୍ୟୁତ୍ ସୁପରିବାହୀ। ଆଜି ଯାଏ କୌଣସି ଜ୍ଞାନକୌଶଳ ଆସିନାହିଁ ଯେ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ବଜ୍ରପାତ ହେବ ତାହା ଆକଳନ କରିହେବ। ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ। ଯେପର୍ଯ୍ୟନ୍ତ ବୈଜ୍ଞାନିକମାନେ ବଜ୍ରପାତ ସମ୍ପର୍କରେ ଆଗୁଆ ସୂଚନା ଜ୍ଞାନକୌଶଳର ଉଦ୍‌ଘାଟନ ନ କରିଛନ୍ତି ସେ ପର୍ଯ୍ୟନ୍ତ କେଉଁଠି ବଜ୍ରପାତ ହେବ ତାହା କହିହେବ ନାହିଁ। ତେବେ ବଜ୍ରପାତ ବିପତ୍ତି ହ୍ରାସ କରିବାକୁ ସମଗ୍ର ରାଜ୍ୟରେ ବ୍ୟାପକ ପରିମାଣରେ ତାଳଗଛ ଲଗାଯାଉଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗକୁ ୭ କୋଟି ଟଙ୍କା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଗତ ୫ ବର୍ଷରେ ଝାରସୁଗୁଡ଼ାରେ ୭୨ ଓ ବଲାଙ୍ଗୀରରେ ୫୫ ଜଣଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ବଜ୍ରପାତଜନିତ ମୃତ୍ୟୁ ପାଇଁ ରାଜ୍ୟ ସରକାର ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପାଇଁ ରାଜସ୍ୱ ବିଭାଗ ପାଖରେ ୨୨ଶହରୁ ୨୩ ଶହ କୋଟି ଟଙ୍କା ରହିଛି। ସେଥିରୁ ୨୦୦ କୋଟି ଟଙ୍କା କ୍ଷତି ପୂରଣ ପାଇଁ ରଖାଯାଇଛି। ରାଜ୍ୟ ବାହାରେ ବଜ୍ରପାତରେ ଓଡ଼ିଆଙ୍କ ମୃତ୍ୟୁ ହେଲେ ସେମାନଙ୍କୁ କ୍ଷତିପୂରଣ ଦେବାକୁ ସରକାର ବିଚାର ବିମର୍ଶ କରିବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର ଡପଲାର ରାଡାର ବଜ୍ରପାତ ବିଷୟରେ ଆଗୁଆ ସୂଚନା ଦେଇପାରିବ କି। ଅନ୍ୟ ରାଜ୍ୟରେ ବଜ୍ରପାତରେ ମରୁଥିବା ଲୋକଙ୍କୁ ସହାୟତା ଦେବେ କି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ତାଳଗଛ କେଉଁଠି ଲାଗିଛି। କିଏ ତଦାରଖ କରୁଛନ୍ତି। ବଜ୍ରପାତ ମୃତ୍ୟୁଜନିତ ସହାୟତା ରାଶି ୪ ଲକ୍ଷରୁ ବଢ଼ାଇ ୧୦ ଲକ୍ଷ କରିବେ କି। ମନ୍ତ୍ରୀ କହିଥିଲେ, ବାଲେଶ୍ୱର ଓ ସମ୍ବଲପୁରରେ ଡପଲାର ରାଡାର ଲାଗିବ। ଏଥିରେ କେବଳ ବର୍ଷା ଓ ବାତ୍ୟା ସମ୍ପର୍କରେ ସୂଚନା ମିଳିପାରିବ। ବଜ୍ରପାତ ସମୟରେ ୩ ହଜାର ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ସୃଷ୍ଟି ହେଉଛି। ଏହାକୁ ରଖାଯାଇ ପାରିଲେ ସମଗ୍ର ବିଶ୍ୱକୁ ବିଦ୍ୟୁତ୍ ଶକ୍ତି ମିଳିପାରିବ। ସହାୟତା ରାଶି ବୃଦ୍ଧି ସମ୍ପର୍କରେ ସରକାର ବିଚାର କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ବଜ୍ରପାତ ବୃଦ୍ଧି ସମ୍ପର୍କରେ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁ ବଢୁଥିବାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ପୃଥିବୀର ତାପମାତ୍ରା ବଢ଼ିଚାଲିଥିବାରୁ ଜଳବାୟୁରେ ପ୍ରଭୂତ ପରିବର୍ତ୍ତନ ହେଉଛି। ବୈଜ୍ଞାନିକ ଗବେଷଣା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଫଳରେ ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟ ବଢୁଛି। ଏଥିମଧ୍ୟରେ ବଜ୍ରପାତ ଘଟଣା ମଧ୍ୟ ଅନ୍ତର୍ଭୁକ୍ତ। ଓଡ଼ିଶାର ଅଧିକାଂଶ ଖଣିଖାଦାନକୁ ଉତ୍ତୋଳନ କରିବା ପରେ ଖୋଲା ଛାଡ଼ି ଦିଆଯାଉଛି। ଫଳରେ ଖାଦାନ ଆଖପାଖରେ ପଡ଼ି ରହୁଥିବା ଧାତବପଦାର୍ଥଗୁଡ଼ିକ ବିଜୁଳି ବା ବଜ୍ରପାତକୁ ଆକର୍ଷିତ କରୁଛି। ସେହିପରି ତାଳଗଛ ଡେଙ୍ଗା ହୋଇଥିବାରୁ ସେ ବଜ୍ରଘାତରୁ ଆସୁଥିବା ବିଦ୍ୟୁତ୍‌ଶକ୍ତିକୁ ଟାଣେ। ତାଳଗଛ ମଧ୍ୟଦେଇ ବିଦ୍ୟୁତ୍‌ଶକ୍ତି ଭୂମିକୁ ପ୍ରବାହିତ ହୋଇଥାଏ। ଆମ ପୂର୍ବପୁରୁଷମାନେ ଆଗରୁ ଚାଷ କ୍ଷେତ, ଗହୀରଗୁଡ଼ିକରେ ବହୁ ପରିମାଣରେ ତାଳଗଛ ଲଗାଉଥିଲେ। ମାତ୍ର ଏବେ ଗହୀରରେ ତାଳଗଛ ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ ହୋଇଯାଇଛି। ସରକାର ୧୯ଲକ୍ଷ ତାଳଗଛ ଲଗାଇବା ପାଇଁ ଯୋଜନା କରିଛନ୍ତି, ମାତ୍ର ତାଳଗଛ ସୃଷ୍ଟି ହେବା ପାଇଁ ଅତି କମ୍‌ରେ ୧୦ବର୍ଷ ଦରକାର।

## ପ୍ରେମ ବ୍ୟାପାରରୁ...

ପୋଲିସ ୫ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ରୁଦ୍ରପ୍ରସାଦ କୋତପୁରସ୍ଥିତ ବଜ୍ରଗିରି କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ଥିଲେ। ସେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଶଙ୍ଖାରଡ଼ିହଠାରେ ଥିବା ତାଙ୍କ ପାନ ଦୋକାନକୁ ଆସି ଆଉ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ଘରଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତାଙ୍କ ମୋବାଇଲକୁ ଯୋଗାଯୋଗ କରିବାରୁ ତାହା ସୁଇଚଅଫ ଦେଖାଇଥିଲା। ଏହାପରେ ରୁଦ୍ରପ୍ରସାଦ ନିଖୋଜ ଥିବା ନେଇ ତାଙ୍କ ବାପା ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୬୭୦/୨୪ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଗୁରୁବାର ସକାଳେ ରଥିଆ ନିକଟ ଶଗଡ଼ିଆ ନାଳରେ ଏକ ମୃତଦେହ ଭାସୁଥିବା ଖବର ମିଳିଥିଲା। ଏହାପରେ ରୁଦ୍ରପ୍ରସାଦଙ୍କ ପରିବାର ଲୋକଙ୍କୁ ପୋଲିସ ଡକାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଭାସୁଥିବା ମୃତଦେହ ରୁଦ୍ରପ୍ରସାଦଙ୍କର ବୋଲି ତାଙ୍କ ପରିବାର ଲୋକ ଚିହ୍ନଟ କରିଥିଲେ।

ତେବେ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ପୁଅକୁ ହତ୍ୟା କରାଯାଇଛି ବୋଲି ନରହରି କହିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ। ପୋଲିସ ରୁଜୁ କରିଥିବା ନିଖୋଜ ମାମଲାକୁ ହତ୍ୟା ମାମଲା କରି ତଦନ୍ତ ଆରମ୍ଭ କରିଥିଲା। ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଯାଜପୁର ଏସ୍‌ପି ଭିନୀତ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ପୋଲିସ ସନ୍ଦେହରେ ସେଠାରେ ଥିବା ଗୋଟିଏ ପରିବାରର ୨ ମହିଳାଙ୍କ ସମେତ ୪ଜଣ ଓ ସ୍ଥାନୀୟ ଉତ୍ତରଶାସନ ଗ୍ରାମର ଜଣଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଜଣେ ଛାତ୍ରଙ୍କୁ ଏଭଳି ହତ୍ୟାପରେ ଅଭୟପୁର ଗ୍ରାମବାସୀ ସ୍ତବ୍ଧ ହୋଇପଡ଼ିଛନ୍ତି। ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ କ'ଣ ପାଇଁ ଜଣେ କଲେଜ ଛାତ୍ରଙ୍କୁ ହତ୍ୟାକରି ଫିଙ୍ଗିଦିଆଗଲା ତାହା ଜାଣିବାକୁ ସମସ୍ତେ ଅପେକ୍ଷା କରିଛନ୍ତି। ପୋଲିସ ଶୁକ୍ରବାର ସବୁକିଛି ସ୍ପଷ୍ଟ କରିବ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଆଦିବାସୀ ଛାତ୍ରୀଛାତ୍ରଙ୍କୁ...

ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉକ୍ତ ପ୍ରସ୍ତାବ ସହିତ ମୋଟ ୩ଟି ପ୍ରସ୍ତାବ ଉପରେ ମୋହର ଲାଗିଛି।

କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଶିକ୍ଷା ଏବଂ ସେମାନଙ୍କର ବିକାଶ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା ଡ୍ରପଆଉଟ ହାର ହ୍ରାସ କରିବା ପାଇଁ ରାଜ୍ୟ ସରକାର ଶହୀଦ 'ମାଧୋ ସିଂ ହାତଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି; ଯେଉଁଥିରେ ଛାତ୍ରୀଛାତ୍ରମାନେ ଅଷ୍ଟମରୁ ଉତ୍ତୀର୍ଣ୍ଣ ହୋଇ ନବମ ଏବଂ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଉକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଯୋଜନାରେ ଚଳିତବର୍ଷ ପ୍ରାୟ ୩ ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ଉପକୃତ ହେବେ।

# ଓ୍ୱ ନା ହୋଗା ତୋ କ୍ୟା କମି ହୋଗି...

## ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଆରମ୍ଭ



୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବରେ ଚନ୍ଦନ ଦାସଙ୍କ ଗଜଲ ପରିବେଷଣ ।

## ଚନ୍ଦନ ଦାସଙ୍କ ଗଜଲରେ ବାନ୍ଧିହେଲେ ଶ୍ରୋତା

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ ଅନୁଷ୍ଠାନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜ୍ ପ୍ରତାପ, ପୂର୍ବତନ ରାଜସ୍ୱ ପର୍ଷଦ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଓ୍ୱ ନା ହୋଗା ତୋ କ୍ୟା କମି ହୋଗି..., ପିୟା ନେହିଁ ଜବ୍ ଗାଓଁ ମେଁ..ଆଗ୍ ଲଗେ ସଭି ଗାଓଁ ମେଁ..., ଖୁଦ୍‌କା ଜିକର କରେ ୱ ତୁମାରି ବାତ୍ କରେଁ...ଭଳି ମନଛୁଆଁ ଗଜଲରେ କଣ୍ଠଶିଳ୍ପୀ ଚନ୍ଦନ ଦାସ ମଞ୍ଚରେ ଅନନ୍ୟ ବାତାବରଣ ଖେଳାଇ ଦେଇଥିଲେ। ଶାନ୍ତ, ମନୋରମ ପରିବେଶରେ ତାଙ୍କ ଗଜଲ ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ବେଗମ ଅଖତର ସମ୍ମାନ ବିଜେତା କିମ୍ବଦନ୍ତୀ ମେହଦୀ ହାସନଙ୍କ ଅନନ୍ୟ ଶୃଙ୍ଖଳାର ଗଭୀର ପ୍ରଭାବ ତାଙ୍କ ଗଜଲ ଗାୟନ ଶୈଳୀରୁ ବେଶ୍ ବାରିହେଉଥିଲା। ଭାରତର ସମୃଦ୍ଧ ଗଜଲ ପରମ୍ପରାକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସମ୍ମାନ ଉତ୍ସବର ସନ୍ଧ୍ୟାରେ ତାଙ୍କର ଗଜଲ ପରିବେଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରତି ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଥିଲା। ତାଙ୍କୁ ତବଲାରେ ଅରସଦ ଖାଁ, ବଂଶୀରେ ଅଭିରାମ ନନ୍ଦ, କି'ବୋର୍ଡରେ ଆରିଫ ଲତିଫ ଏବଂ ଗିଟାରରେ ଭବତୋଷ ମହାନ୍ତି ସହଯୋଗ କରିଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସଂକଳ୍ପିତ ତଥା ପରିକଳ୍ପିତ ଏହି ଉତ୍ସବକୁ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଥିଲେ। ସେହିଭଳି ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ମିଡିଆ ପାର୍ଟନର ରହିଛନ୍ତି। ଚଳିତ ବର୍ଷ ଏହି ସମ୍ମାନ ଉତ୍ସବ ୭ଦିନ ଧରି ଅନୁଷ୍ଠିତ ହେବ।



କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜ୍ ପ୍ରତାପ। ନିକଟରେ ଅଛନ୍ତି ପୂର୍ବତନ ରାଜସ୍ୱ ପର୍ଷଦ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର।



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଜଲ ଗାୟକ ଚନ୍ଦନ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କଲେ ଓଡ଼ିଶାର ୨ ଶିକ୍ଷକ





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି ଓଡ଼ିଶାର ଦ୍ୱିତୀଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କର।

ଭୁବନେଶ୍ୱର, ୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁଦିବସ ଅବସରରେ ଗୁରୁବାର ଶିକ୍ଷକ ପୁରସ୍କାର ଗ୍ରହଣ କରିଛନ୍ତି ଓଡ଼ିଶାର ୨ ଜଣ ଶିକ୍ଷକ। ସେମାନେ ହେଲେ କଳାହାଣ୍ଡି ଜିଲାର ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ସର୍ଗୀକୃତ ନର୍ଲାସ୍ଥିତ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର କର ଓ ରାୟଗଡ଼ା ଜିଲାର ଜନଜାତି ପିଲାଙ୍କ ଶିକ୍ଷାର ବିକାଶ ପାଇଁ ସମର୍ପିତ ବିଲେଷ୍ଣୁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ। ଏନେଇ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅର୍ଥରାଶି, ରୌପ୍ୟ ପଦକ ଓ ମାନପତ୍ର ପ୍ରଦାନ କରାଯାଇଛି। ଏଥିସହ ରାଷ୍ଟ୍ରପତି ବିଭିନ୍ନ ରାଜ୍ୟରୁ ୫୦ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ବିଜ୍ଞାନ ପାଠକୁ ସହଜ କରିବା ସହ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ସନ୍ତୋଷ ନିଜ ଉଦ୍ୟମରେ ତିଆରି କରିଛନ୍ତି ନୂଆ ଉଦ୍ଭାବନ। ଖେଳନା ମାଧ୍ୟମରେ ବିଜ୍ଞାନ ଶିକ୍ଷା ଆଧାରିତ କାର୍ଯ୍ୟକ୍ରମ ସହ ସମାଜରେ ବିଜ୍ଞାନର ପ୍ରଚାରପ୍ରସାର ସାଙ୍ଗକୁ କୁସଂସ୍କାର ଦୂରୀକରଣରେ ତାଙ୍କର ସ୍ୱତନ୍ତ୍ର ଯୋଗଦାନ ରହିଛି। ପୂର୍ବରୁ ସେ ରାଜ୍ୟ ଶିକ୍ଷା ପୁରସ୍କାର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଜାତୀୟ ସ୍ତରରେ ପର୍ଯ୍ୟାବରଣ ମିତ୍ର ପୁରସ୍କାର ପାଇଛନ୍ତି। ନର୍ଲା ବ୍ଲକ୍ ତୁଲାଗାଁର ସ୍ୱର୍ଗତ ଗଙ୍ଗାଧର କର ଓ ସ୍ନେହଲତା କରଙ୍କ ପୁଅ ସନ୍ତୋଷ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିଭଳି ରାୟଗଡ଼ାର ପଦ୍ମପୁରର ଏକ ଗରିବ ପରିବାରରେ ଜନ୍ମିତ ଦ୍ୱିତୀଚନ୍ଦ୍ର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଖବରକାଗଜ ବିକ୍ରେତାରୁ ଶିକ୍ଷକ ହୋଇଥିଲେ। ନିଜର ସୃଜନ ଶକ୍ତି ଓ ପ୍ରୟୋଗାତ୍ମକ ଚିନ୍ତନ ଜରିଆରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଶିକ୍ଷଣ ପ୍ରକ୍ରିୟାରେ ନିରନ୍ତର ନୂଆ ପ୍ରୟୋଗ କରୁଥିଲେ। ଜନଜାତି ଚିତ୍ରକଳାକୁ ଶିକ୍ଷଣ ପ୍ରକ୍ରିୟାରେ ସାମିଲ, ବିନା ବିଦ୍ୟୁତ୍ ଓ ଇଣ୍ଟରନେଟ୍‌ରେ ଆଇସିଟି ସାମଗ୍ରୀର ବ୍ୟବହାର, ଅଭିନବ ଶିକ୍ଷଣ ପେଡି ସହ ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମମାନ ଜରିଆରେ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ଏହା ସହ ଶିକ୍ଷା ଓ ସାହିତ୍ୟ ପାଇଁ ସେ ପୂର୍ବରୁ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି।

# ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣକାରୀ ଶିକ୍ଷକଙ୍କୁ ଶ୍ରେଷ୍ଠ ସମ୍ମାନ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)

ଗୁରୁଦିବସରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ୫୦ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର- ୨୦୨୪' ପ୍ରଦାନ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ୍ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ମାର୍ଗଦର୍ଶନ ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ମାନିତ ଶିକ୍ଷକଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଜାତୀୟ ଶିକ୍ଷକ ପୁରସ୍କାର ତ୍ୟାଗ, ତପସ୍ୟା ଏବଂ



ଅଦ୍ୱିତୀୟ ଯୋଗଦାନର ଅନନ୍ୟ ଉତ୍ସବ। ରାଷ୍ଟ୍ରପତି ଗୁରୁଦିବସରେ ସୁଦୃଢ଼ ସମାଜ ଏବଂ ସଶକ୍ତ ରାଷ୍ଟ୍ରର ଆଧାରଶିଳା ରଖୁଥିବା ଶିକ୍ଷକଙ୍କୁ ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଯୁବବର୍ଗଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରୁଥିବା ଶିକ୍ଷକମାନଙ୍କୁ ଏହା ଉପଯୁକ୍ତ ସମ୍ମାନ। ଏହି ସମ୍ମାନ ଭବିଷ୍ୟତ ଗଠନ ପାଇଁ ସେମାନଙ୍କର ଅତୁଟ ସମର୍ପଣର ସ୍ୱୀକୃତି। ଜାତୀୟ ଶିକ୍ଷାନୀତିର ଭାବନାକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା ସେ କରିଛନ୍ତି। ଦକ୍ଷତା ପ୍ରଶିକ୍ଷଣ ଏବଂ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ଉନ୍ନତି ଦିଗରେ ଶିକ୍ଷକ ଏବଂ ସେମାନଙ୍କ ଅତୁଳନୀୟ ଅବଦାନକୁ ପାଳନକରିବା ଏକ ବଡ଼ ସମ୍ମାନ ବୋଲି ସେ କହିଛନ୍ତି। ୫୦ ଜଣଙ୍କ ମଧ୍ୟରୁ ଓଡ଼ିଶାର ଦ୍ୱିତୀଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କର ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

## ଗୁଳି ବିନିମୟ: ୬ ମାଓବାଦୀ ମୃତ, ୨ ଯବାନ ଆହତ

ମାଲକାନଗିରି, ୫।୯(ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନାର ଭଦ୍ରାଦ୍ରି କୋତାଗୁଡେମ ଜିଲା କରକାଗୁଦାମ ଏବଂ ମୁଲଗୁ ଜିଲାର ପିନପାକା ବ୍ଲକ ଅନ୍ତର୍ଗତ ଜଦାଗୁଟା ଜଙ୍ଗଲରେ ଗ୍ରେହାଉଣ୍ଡ ଫୋର୍ସ ଏବଂ ମାଓବାଦୀ ମଧ୍ୟରେ ଗୁରୁବାର ଗୁଳିବିନିମୟ ହୋଇଛି। ଏଥିରେ ୬ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ମୃତ ମାଓବାଦୀମାନେ ହେଲେ କୁଞ୍ଜା ବିରେୟା ଓରଫ ଲଛନା, ତୁଲସୀ, ଶୁକ୍ରା, ଚାଲୋ, ଦୁର୍ଗେସ ଓ ବୋଲି। ଏମାନେ ଛତିଶଗଡର ଲକ୍ଷ୍ମଣ ଦଲମ୍‌ର ସଦସ୍ୟ ହୋଇଥିବାବେଳେ ଛତିଶଗଡରୁ ତେଲଙ୍ଗାନା ଯାଉଥିଲେ। ଖବର ପାଇ ପୋଲିସ ଓ ଗ୍ରେହାଉଣ୍ଡ ଫୋର୍ସ ମାଓବାଦୀଙ୍କୁ ଘେରି ଯିବାପରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ତେଲଙ୍ଗାନା ପୋଲିସର ୨ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଭଦ୍ରାଚଳମ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଧିକ ମାଓବାଦୀଙ୍କ ମୃତ୍ୟୁ କିମ୍ବା ଆହତ ହୋଇଥିବା ଆଶଙ୍କା କରାଯାଉଥିବା ଏସ୍‌ପି ପଙ୍କଜ ପରିତୋଷ କହିଛନ୍ତି ।

# ବଜ୍ରପାତରେ ୨ ମୃତ, ଜଣେ ଗୁରୁତର

ଉମରକୋଟ/ ଛେଣ୍ଡିପଦା, ୫।୯ (ସନ୍ତୋଷ ଶତପଥୀ/ଅଜିତ ଧଳ)

ବଜ୍ରପାତ ଘଟି ଗୁରୁବାର ୨ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼ବାସିନୀ ଗ୍ରାମରେ ବଜ୍ରପାତ ଘଟି ବୋହୂଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଶାଶୁ ଗୁରୁତର ଅଛନ୍ତି। ମୃତକ ହେଲେ ଗାଁର କୁନ୍ତୀ ହରିଜନ। ତାଙ୍କ ଶାଶୁ ମତି ହରିଜନ ଗୁରୁତର ହୋଇ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଗୁରୁବାର ସକାଳୁ ଘାସ ବାଛିବାକୁ ଶାଶୁ, ବୋହୂ ଘରୁ ବାହାରି ଜମିକୁ ଯାଇଥିଲେ। ଜମିରେ କାମ କରିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ କୁନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ପାଖରେ ଥିବା ଅନ୍ୟମାନେ ମତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବରପାଇ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

ସେହିପରି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ପଞ୍ଚାୟତ ସୁନ୍ଦରପାଳ ଗ୍ରାମର ବିଧବା ବୃଦ୍ଧା ଶୁକେଶୀ ବେହେରା(୭୦)ଙ୍କ ଗୁରୁବାର ବଜ୍ରପାତରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଶୁକେଶୀ ଅପରାହ୍ନରେ ଗୁହାଳରେ ଗୋରୁଙ୍କୁ ଖାଇବାକୁ ଦେଉଥିବାବେଳେ ବଜ୍ରପାତ ଯୋଗୁ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତ ଶୁକେଶୀଙ୍କ ପୁଅ ଚୌଧୁରୀ ବେହେରା ରେଙ୍ଗାଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ଶବାଗାରରେ ରଖିଛି।

## କଣ୍ଠଶିଳ୍ପୀ ଲିଟିଲ କରଙ୍କ ପରଲୋକ



ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବ କଣ୍ଠଶିଳ୍ପୀ ଲିଟିଲ କରଙ୍କ ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ମାତ୍ର ୨୬ ବର୍ଷ ବୟସ ହୋଇଥିଲା। ସେ ଥାଲାସେମିଆ ରୋଗରେ ପୀଡ଼ିତ ଥିଲେ। କିଛିଦିନ ହେବ ତାଙ୍କର ଚିକିତ୍ସା ଚାଲିଥିଲା। ତାଙ୍କ ମୃତ୍ୟୁରେ କଳାଜଗତରେ ଶୋକର ଛାୟା ଖେଳିଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରି ଲୋକପ୍ରିୟ ହୋଇଥିଲେ ଲିଟିଲ। ସେ ହେଉଛନ୍ତି ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ତଥା ଗୀତିକାର ଚନ୍ଦ୍ରଭାନୁ କରଙ୍କ କନ୍ୟା।

**କ୍ୟାବିନେଟ୍ ନିଷ୍ପତ୍ତି**

# ସହଜ ହେବ ଟିକସ ପଇଠ

## ଓଡ଼ିଶା ଜିଏସ୍‌ଟି ଅଧିନିୟମ ସଂଶୋଧିତ

ଭୁବନେଶ୍ୱର, ୫।୯(ଅନିଲ ଦାସ)

ଓଡ଼ିଶା ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଅଧିନିୟମରେ ଥିବା ବ୍ୟବସ୍ଥାଗୁଡ଼ିକୁ ସରଳ କରିବା ଏବଂ କରଦାତାମାନଙ୍କୁ ଅଧିକ ସୁବିଧା ଦେବା ଲାଗି ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ,୨୦୧୭ରେ ସଂଶୋଧନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ତୃତୀୟ ପକ୍ଷଠାରୁ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ନିଜର ଉପଯୋଗ କିମ୍ବା ଶାଖା ଅଫିସରେ ଉପଯୋଗ ଲାଗି କ୍ରୟ କରାଯାଇଥିବା ସେବା ହେତୁ ଉପଲବ୍ଧ ଇନପୁଟ୍ କର ଜମାର ବଣ୍ଟନ ପାଇଁ ଅଧିନିୟମର ଧାରା ୨୦ରେ ଧାର୍ଯ୍ୟ କରାଯାଇଥିବା ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ପ୍ରକ୍ରିୟାକୁ ବାଧ୍ୟତାମୂଳକ କରାଯିବ। ଧାରା (୨)ର ଉପ-ଧାରା (୬୧)କୁ ପ୍ରତିସ୍ଥାପିତ କରିବା ମାଧ୍ୟମରେ ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟରମାନେ ବାଧ୍ୟତାମୂଳକ ଭାବେ ଇନପୁଟ୍ କର ଜମାର ବଣ୍ଟନକାରୀ ଭାବେ ପରିଗଣିତ ହେବେ। ସେମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସେବା ଉପରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, ୨୦୧୭ ଧାରା ୯(୩) ଏବଂ ୯(୪) ଅନୁଯାୟୀ ବିପରୀତ ଚାର୍ଜ ବ୍ୟବସ୍ଥା ଅଧୀନରେ କର ପ୍ରଦାନ କରିବେ । ଯଦି ଏକ ମୁଖ୍ୟ କାର୍ଯ୍ୟାଳୟ ନିଜର ଉପଯୋଗ ତଥା ଶାଖା କାର୍ଯ୍ୟାଳୟଗୁଡ଼ିକ ଉପଯୋଗ ଲାଗି ସାଧାରଣ ଇନପୁଟ୍ ସେବା କ୍ରୟ କରୁଥିବେ ଏବଂ ଭିନ୍ନ ଭିନ୍ନ ପଞ୍ଜୀକୃତ ବ୍ୟକ୍ତିଙ୍କୁ ଇନପୁଟ୍ କର ଜମା ବଣ୍ଟନ କରୁଥିବେ ତେବେ ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର (ଆଇଏସ୍‌ଡି) ଭାବରେ ସେମାନଙ୍କର ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ପୂର୍ବରୁ ଏକ ସର୍କୁଲାର ଜରିଆରେ ସ୍ପଷ୍ଟ କରାଯାଇଥିଲା ଯେ ମୁଖ୍ୟ କାର୍ଯ୍ୟାଳୟ ପାଖରେ ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ବ୍ୟବସ୍ଥା କିମ୍ବା କ୍ରସ ଚାର୍ଜ ପଥ ଅନୁସରଣ କରି ଏଭଳି ସାଧାରଣ ଇନପୁଟ୍ ସେବାରୁ ଉପଲବ୍ଧ ଇନପୁଟ୍ କର ଜମାକୁ ବଣ୍ଟନ କରିବାର ବିକଳ୍ପ ଅଛି। ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ମାର୍ଗ ସେମାନଙ୍କ ଲାଗି ବାଧ୍ୟତାମୂଳକ ନ ଥିଲା। ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ବ୍ୟବସ୍ଥା ଦ୍ୱାରା ମିଳିଥିବା ସେବା ଉପରେ ଆଦାୟ କରାଯାଉଥିବା କେନ୍ଦ୍ରୀୟ କର ବା ସମନ୍ୱିତ କର ଜମା ବଣ୍ଟନ କରିବା ପାଇଁ ଏବେ କଟକଣା ଓ ସର୍ତ୍ତାବଳୀ ସହିତ ଏକ ନୂତନ ପଦ୍ଧତି ପ୍ରଚଳନ କରାଯିବ । ସରକାରଙ୍କ ଦ୍ୱାରା ବିଜ୍ଞାପିତ ସ୍ୱତନ୍ତ୍ର ପ୍ରକ୍ରିୟା ଅନୁଯାୟୀ ପାନ ମସଲା, ତମାଖୁ ଇତ୍ୟାଦି ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ କେତେକ ମେଶିନ ପଞ୍ଜୀକରଣ କରିବାରେ ବିଫଳ ହେଲେ ଜରିମାନା ବ୍ୟବସ୍ଥା କରିବା ପାଇଁ ଏକ ନୂତନ ଧାରା ୧୨୨କ' ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, ୨୦୧୭ର ଧାରା ୩(କ)ର ସଂଶୋଧନ ମାଧ୍ୟମରେ ଆୟୁକ୍ତ, ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କରଙ୍କ ପଦବୀର ନାମକୁ ପରିବର୍ତ୍ତିତ କରି ସେ ଯଦି ପ୍ରମୁଖ ଶାସନ ସଚିବ ପାହ୍ୟାର ହୋଇଥିବେ ତେବେ ତାଙ୍କୁ ମୁଖ୍ୟ ଆୟୁକ୍ତ, ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଭାବେ ନାମିତ କରାଯିବ।

## ହୀରାକୁଦ ଡ୍ୟାମ୍ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ ଯୋଜନା ପାଇଁ ୮୫୫ କୋଟି

ହୀରାକୁଦ ସେଚାଞ୍ଚଳରେ କେନାଲର ଜଳସେଚନ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହିତ ବଣ୍ଟନ ବ୍ୟବସ୍ଥାରେ ଜଳର କ୍ଷତିକୁ ହ୍ରାସ କରି ତଳ ମୁଣ୍ଡରେ ଜଳର ଉପଲବ୍ଧତା ବୃଦ୍ଧି ଦ୍ୱାରା ସୃଷ୍ଟି ହୋଇଥିବା ସେଚ ସାମର୍ଥ୍ୟ ଏବଂ ବ୍ୟବହାର ହେଉଥିବା ସେଚ ସାମର୍ଥ୍ୟ ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା 'ହୀରାକୁଦ ଡ୍ୟାମ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ' ଯୋଜନା କାର୍ଯ୍ୟକାରୀ ହେବ। ଆସନ୍ତା ୪ବର୍ଷ ଅର୍ଥାତ୍ ୨୦୨୪-୨୫ରୁ ୨୦୨୭-୨୮ ମଧ୍ୟରେ ୮୫୫ କୋଟି ଟଙ୍କା ବ୍ୟୟବରାଦରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଜଳପଥଗୁଡ଼ିକୁ ମାଇନର, ସବ୍‌ମାଇନର ଭାବେ ପୁନଃ ନାମିତ କରାଯିବା ସହିତ ମାଟିରେ ନିର୍ମିତ ହୋଇଥିବା ଜଳପଥଗୁଡ଼ିକରେ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟ କରାଯିବ। ଏହାଛଡ଼ା ଉକ୍ତ ଯୋଜନା ମାଧ୍ୟମରେ ଦକ୍ଷିଣ ଏବଂ ବାମ ସିଲୱେ ଫାଉଣ୍ଡେଶନ ଗ୍ୟାଲେରିର ନବୀକରଣ, ଦକ୍ଷିଣ ଆବ୍ୟୁଟମେଣ୍ଟ ଓ ଏହାର ସଂଲଗ୍ନ ହୀରାକୁଦ ଡ୍ୟାମ୍‌ର ଛୋଟ କୁଦର ପୁନଃ ସଂଯୋଜନ, ବରଗଡ଼ ମୁଖ୍ୟ କେନାଲ, ଶାସନ ମୁଖ୍ୟ କେନାଲ ଏବଂ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରିଗୁଡ଼ିକରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଆଉଟଲେଟ ଇତ୍ୟାଦିର ନବୀକରଣ ଏବଂ ଭିଆରବି, ସିଆର, ସାଇଫନ, ଆକ୍ୟୁଡକ୍ଟ ଇତ୍ୟାଦିର ସ୍ଥିରୀକରଣ କରାଯିବ।




# ୱିମ୍ବେଲଡନରେ ଜଳବାୟୁ ପ୍ରତିବାଦ



ପିଟର ସିଙ୍ଗର
ଏମିରିଟସ୍ ପ୍ରଫେସର,ବାୟୋଏଥିକ୍ସ, ପ୍ରିନ୍ସଟନ ୟୁନିଭର୍ସିଟି



ମାର୍ଟିନ୍ ସ୍କାଲାଡାନି
ପ୍ରଫେସର ଅଫ୍ ଲ, ପେନ୍ ଷ୍ଟେଟ୍ ୟୁନିଭର୍ସିଟି

ଜଳବାୟୁ ପ୍ରଦର୍ଶନକାରୀମାନେ ୱିମ୍ବେଲଡନ ଟେନିସ୍ ପ୍ରତିଯୋଗିତାରେ ବାଧା ସୃଷ୍ଟି କରିଥିଲେ। ସେମାନେ ପ୍ରସିଦ୍ଧ ଚିତ୍ରକଳାକୁ ସୁରକ୍ଷା ଦେଉଥିବା ଗ୍ଲାସ୍ ଉପରକୁ ଟମାଟୋ ସସ୍ ପକାଇଥିଲେ। ଏହାସହ ପୁରାତନ ଶିଳା ସ୍ମାରକ ଉପରେ କମଳା ପାଉଡର ସ୍ପ୍ରେ କରିବା ସହ ରାସ୍ତା ଅବରୋଧ କରିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ, ୟୁରୋପୀୟ ସରକାରମାନେ ପରିବେଶ ବିକ୍ଷୋଭକାରୀଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣକରି ସେମାନଙ୍କୁ ଅଟକ ରଖିବା ସହ ଜରିମାନା ଆଦାୟ କରୁଛନ୍ତି। ଏପରିକି ଏକ ଫୋନ୍, ଅଡିଓ ତଥା ଭିଡିଓ ଯୋଗାଯୋଗ ପ୍ଲାଟ୍‌ଫର୍ମରେ ଆଇନ ଅମାନ୍ୟ ଯୋଗୁ ଗୋଟିଏ ମାମଲାରେ ୫ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

ଏକ ନୈତିକ ପ୍ରତିବାଦ ଓ ଆଇନଗତ ପ୍ରତିବାଦ ଭିନ୍ନ ବିଷୟ। ଇଂଲଣ୍ଡର ବ୍ରିମିଙ୍ଗ୍‌ହାମ୍‌ର ଏକ ଜେଲରୁ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର ଦେଇଥିବା ତାଙ୍କ ଚିଠିରେ ଯୁକ୍ତି ଦର୍ଶାଇଥିଲେ ଯେ, ଆଇନ ଅମାନ୍ୟରେ ଜଡ଼ିତ ପ୍ରତିବାଦକାରୀମାନେ ଅହିଂସାତ୍ମକ ଆଚରଣ ପ୍ରଦର୍ଶନ କଲେ ମଧ୍ୟ ସେମାନଙ୍କର ଆଇନ ପ୍ରତି ସମ୍ମାନ ଥାଏ ଏବଂ ଆଇନର ଦଣ୍ଡାଦେଶକୁ ଗ୍ରହଣ କରିଥାନ୍ତି। ଏହା ଗ୍ରହଣୀୟ ଯେ, ଏକ ନୈତିକ ପ୍ରତିବାଦରେ ଅହିଂସା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେଉଁମାନେ ଗଣତନ୍ତ୍ରରେ ରହୁଛନ୍ତି ସେମାନେ ଅହିଂସାତ୍ମକ ରାଜନୈତିକ କାର୍ଯ୍ୟକଳାପ ପାଇଁ ଥିବା ଅତ୍ୟଧିକ ଦଣ୍ଡରୁ ସୁରକ୍ଷା ସକାଶେ ଆଇନଗତ ଦଣ୍ଡକୁ ଗ୍ରହଣ କରିବାକୁ ଇଚ୍ଛୁକ ହେବା ଉଚିତ। କିନ୍ତୁ ଅତ୍ୟଧିକ ଦଣ୍ଡ କହିଲେ, ସମସ୍ୟା ସୃଷ୍ଟି କରୁଥିବା ପ୍ରତିବାଦକରୀମାନେ ଜନସାଧାରଣଙ୍କୁ କେତେ ଅସୁବିଧାରେ ପକାଇପାରନ୍ତି ତାହା ଉପରେ ନିର୍ଭରକରେ। ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଯୁଦ୍ଧରେ ପ୍ରିନ୍ସିପୁଲ ଅଫ୍ ପ୍ରପର୍ସନାଲିଟି ବା ଆନୁପାତିକତାର ନୀତି (ଅର୍ଥାତ୍ ଯୁଦ୍ଧରେ ସମ୍ଭାବ୍ୟ ଲାଭ ପାଇଁ ଅଧିକ ନାଗରିକଙ୍କ ମୃତ୍ୟୁ ବା କ୍ଷତି କରୁଥିବା ଆକ୍ରମଣକୁ ନିଷେଧ କରୁଥିବା ନୀତି)କୁ ଗ୍ରହଣ କରିବାକୁ ଆମେ ପରାମର୍ଶ ଦେଉ। ସାମରିକ ସୁବିଧା ହାସଲ ସାଧାରଣ ନାଗରିକଙ୍କ ଅତ୍ୟଧିକ କ୍ଷତି କରୁଥିଲେ ଏହି ନୀତି ସାମରିକ କାର୍ଯ୍ୟକୁ ପ୍ରତିରୋଧକରେ। ଶତ୍ରୁ ପକ୍ଷର ଜଣେ କମାଣ୍ଡରଙ୍କୁ ଆକ୍ରମଣ କରିବାବେଳେ ଅନେକ ଶହ ନିରୀହ ନାଗରିକଙ୍କ ମୃତ୍ୟୁର ସମ୍ଭାବନା ଥିଲେ ତାହା କରିବା ଭୁଲ୍।

ଉଦାରବାଦୀ ଗଣତନ୍ତ୍ରଗୁଡ଼ିକରେ ଅହିଂସାତ୍ମକ ପ୍ରତିବାଦ କ୍ଷେତ୍ରରେ ଏହି ଦୃଷ୍ଟିକୋଣ ପ୍ରୟୋଗ କରିବାର ୪ଟି ଦିଗ ରହିଛି।




ପ୍ରଥମରେ, ଏକ ପ୍ରତିବାଦ ଆନୁପାତିକତା ନୀତି (ଅର୍ଥାତ୍ ପ୍ରତିବାଦରେ ଲାଭ ପାଇଁ ସେହି ଅନୁପାତରେ ଅଧିକ ନାଗରିକଙ୍କ କାର୍ଯ୍ୟରେ ବାଧା କ୍ଷତି କରୁଥିବା ପଦକ୍ଷେପକୁ ନିଷେଧ କରୁଥିବା ନୀତି) ବିରୋଧ ପ୍ରଦର୍ଶନ କରୁଥିବା ନାଗରିକଙ୍କ ସଂଖ୍ୟା ଓ ଅନ୍ୟମାନଙ୍କ ଅସନ୍ତୋଷ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଚେଷ୍ଟା କରିବା ଦରକାର। ଯଦି ୧୦ଲକ୍ଷ ଲୋକ ଏକ ବିକ୍ଷୋଭ ପଦଯାତ୍ରାରେ ଯୋଗ ଦିଅନ୍ତି, ତେବେ ଏହା ଅନିବାର୍ଯ୍ୟ ଯେ, ସେମାନେ ରାସ୍ତାରେ ଭିଡ଼ କରିବା ସହ ଟ୍ରାଫିକ୍ ଜାମ୍ କରିଦେବେ।

ପ୍ରିନ୍ସଟନ୍ ୟୁନିଭର୍ସିଟିର ପ୍ରଫେସର ଜିନେପ୍ ଟୁଫେକି କହନ୍ତି ଯେ, ସମସାମୟିକ ଗଣପ୍ରତିବାଦ ଗମ୍ଭୀରତା ହରାଇଛି, କାରଣ ସୋସିଆଲ ମିଡିଆ ସେମାନଙ୍କୁ ସଙ୍ଗଠିତ କରିବାରେ ବହୁ ସହଜ କରିଦେଇଛି। କମ୍ ସମୟରେ ସମାନ ଚିନ୍ତାଧାରାର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇପାରୁଛି ଏବଂ ତା' ପରେ ଏକ ଜାତୀୟ ସ୍ତରର ପ୍ରତିବାଦକୁ ଅନ୍ତିମ ସ୍ତରରେ ପହଞ୍ଚାଇବା ପାଇଁ ଏଭଳି ତୃଣମୂଳ ପଦକ୍ଷେପଗୁଡ଼ିକୁ ଉପଯୋଗ କରାଯାଇ ଲାଭ ଉଠାଯାଉଛି। ଏଥିପାଇଁ ଆୟୋଜକମାନେ ସମୟ ଏବଂ ସ୍ଥାନ ସମ୍ପର୍କରେ କେବଳ ଏକ ଟୁଇଟ୍ ପଠାଇପାରିବେ। ତଥାପି ଯୋଗାଯୋଗର ଏହି ସହଜ ଧାରା ୫ ଜଣ ଏବଂ ୫,୦୦,୦୦୦ ପ୍ରଦର୍ଶନକାରୀ ମଧ୍ୟରେ ଥିବା ପାର୍ଥକ୍ୟକୁ ଅସ୍ୱୀକାର କରେ ନାହିଁ। ତଥାପି ଲୋକେ ସମୟ ଦେଇ ପ୍ରତିବାଦକୁ ସଫଳ କରିବାକୁ ପ୍ରସ୍ତୁତ ହେବାକୁ ପଡୁଛି।

ପ୍ରତିବାଦ ଆନୁପାତିକତା ନୀତିର ଦ୍ୱିତୀୟ ଭାଗ ହେଉଛି ଅସୁବିଧା ସମ୍ବନ୍ଧିତ ପ୍ରସଙ୍ଗର ଗୁରୁତ୍ୱ। ପ୍ରତିବାଦକାରୀଙ୍କ ସଂଖ୍ୟା କମ୍ ଥିବାରୁ ସେମାନଙ୍କ କାର୍ଯ୍ୟ ଭୁଲ୍ ହେବାର ଆଶଙ୍କା ନାହିଁ। କଳାସ୍ଥାପତ୍ୟ ଉପରେ ଆକମଣ କରୁଥିବା ପ୍ରତିବାଦକାରୀମାନେ ଅନେକ ଲକ୍ଷ ଲୋକଙ୍କ କ୍ଷତି କରୁଥିବା ଏକ ସଙ୍କଟ ବିରୋଧରେ ପଦକ୍ଷେପ ନେବାକୁ ଆମକୁ ପ୍ରେରିତ କରୁଛନ୍ତି, ଯାହା ଉପରେ ପଦକ୍ଷେପ ନ ନେଲେ ଆମ ପୃଥିବୀର ଜଳବାୟୁକୁ ପୂରା ପରିବର୍ତ୍ତନ କରିଦେବ ଓ ଅନେକ କୋଟି ଲୋକଙ୍କର କ୍ଷତି ଘଟାଇବ। ବିକ୍ଷୋଭକାରୀମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କ ଲକ୍ଷ୍ୟ ଗୁରୁତ୍ୱପୂର୍ଣ୍ଣ।

ତୃତୀୟ ବିଚାର ହେଉଛି, କାର୍ଯ୍ୟକର୍ତ୍ତାମାନେ ଅତ୍ୟଧିକ ଅସୁବିଧା ସୃଷ୍ଟି କରିବାକୁ ଚାହୁଁଛନ୍ତି ନା ବାଧା ହ୍ରାସ କରିବା ଚାହୁଁଛନ୍ତି? ବିକ୍ଷୋଭକାରୀମାନେ ଅନୁଭବ କରନ୍ତି ଯେ ସେମାନେ କାର୍ଯ୍ୟକର୍ତ୍ତାଙ୍କ ଦ୍ୱନ୍ଦ୍ୱରେ ଫସି ରହିଛନ୍ତି। ପ୍ରଚାର କରିବାର ସହଜ ଉପାୟ ହେଉଛି ଏକ ବିଭ୍ରାନ୍ତିକର ଢଙ୍ଗରେ ବିରୋଧ କରିବା, ଯାହାକି ସେମାନଙ୍କ ବିଚାର ବିରୋଧରେ ଜନମତକୁ ବଦଳାଇପାରେ। ସେମାନେ ବିଶ୍ୱସ କରନ୍ତି ଯେ, ଗଣମାଧ୍ୟମକୁ ଜାଗ୍ରତ କରିବା ପାଇଁ ଲୋକଙ୍କ ଲାଗି ଅସୁବିଧା ସୃଷ୍ଟି କରିବା ଦରକାର। ତେବେ ଲୋକଙ୍କ ଜୀବନରେ ଅସୁବିଧା ନ ଆଣି ଅନ୍ୟାୟ ସମ୍ପର୍କରେ ସେମାନଙ୍କୁ ଜଣାଇବା ପାଇଁ ସୃଜନଶୀଳ ପଥ ସୃଷ୍ଟି ବିଷୟ ଚିନ୍ତା କରିବା କଷ୍ଟସାଧ ହୋଇପାରେ, କିନ୍ତୁ ଏହା କରାଯାଇପାରିବ। ପିଲାମାନଙ୍କୁ ଆଲୋକ ଦେଉଥିବା ଖ୍ରୀଷ୍ଟମାସ ଟ୍ରିକୁ ବାଧାଦେବା ପରିବର୍ତ୍ତେ ବିକ୍ଷୋଭକାରୀମାନେ ଏକ ସର୍ବସାଧାରଣ ପାର୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରିପାରନ୍ତି। ଏହିପରି ବିରୋଧର ବାସ୍ତବତା ଭାଇରାଲ ହୋଇପାରେ। ଚତୁର୍ଥ ବିଷୟ ହେଉଛି, ଜାଣିଶୁଣି ସୃଷ୍ଟି କରାଯାଉଥିବା ଅସୁବିଧାକୁ ଅନ୍ୟ ପ୍ରତିବାଦର ଆନୁପାତିକ କାରକଗୁଡ଼ିକ ସହିତ ମୂଲ୍ୟାୟନ କରାଯିବା ଆବଶ୍ୟକ, ଏପରିକି ଏଥିରେ କିଏ ଅସୁବିଧା ଭୋଗୁଛନ୍ତି ତାହା ଦେଖିବା ଦରକାର। ଗ୍ରୀନ୍‌ହାଉସ-ଗ୍ୟାସ୍ ନିର୍ଗମନ ହ୍ରାସ କରିବାର କ୍ଷମତା ଥିବା ଲୋକଙ୍କ ନିତିଦିନିଆ କାର୍ଯ୍ୟରେ ବାଧା ନ ଦେଇ ନିଜ ପିଲାମାନଙ୍କୁ ସ୍କୁଲକୁ ନେଇଯାଉଥିବା କିମ୍ବା କାମକୁ ଯାଉଥିବା ହଜାର ହଜାର ଲୋକଙ୍କ ପଥରେ କେତେକ ଜଳବାୟୁ ପ୍ରଦର୍ଶନକାରୀ ବାଧା ସୃଷ୍ଟି କରିବା ନୈତିକତା ଦୃଷ୍ଟିରୁ ଅଧିକ ଚିନ୍ତାଜନକ।

ଜନସାଧାରଣଙ୍କ ଅପେକ୍ଷା ରାଜନୈତିକ ତଥା ଅମଲାତାନ୍ତ୍ରିକ କାର୍ଯ୍ୟରେ ଅସୁବିଧା ସୃଷ୍ଟି କରିବା ଅଧିକ ଯୁକ୍ତିଯୁକ୍ତ। ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକୁ କାର୍ଯ୍ୟ କରିବା ପାଇଁ ସରକାରୀ କର୍ମଚାରୀମାନେ ନାଗରିକଙ୍କ ଦୃଷ୍ଟିକୋଣ ଜାଣିବା ଜରୁରୀ। ତଥାପି ବିକ୍ଷୋଭକାରୀମାନେ ବାଧା ଉପୁଜାଉଥିବା ସେବାଗୁଡ଼ିକର ଗୁରୁତ୍ୱ ଉପରେ ବିଚାରକରିବା ଆବଶ୍ୟକ। ସାଧାରଣ ସେବା ପ୍ରଦାନରେ ବାଧା ଆଣିବା ତୁଳନାରେ କର୍ପୋରେଟ ଲବିଷ୍ଟ ତଥା ରାଜନେତାଙ୍କ ବୈଠକରେ ବାଧା ସୃଷ୍ଟିକରିବା ଅଧିକ ଯଥାର୍ଥ। ଆମେ ଅନ୍ତର୍ଜାତୀୟ ସଂଘର୍ଷ କିମ୍ବା ହିଂସାତ୍ମକ ପ୍ରତିବାଦର ମୂଲ୍ୟାଙ୍କନ କରୁନାହୁଁ। ତେଣୁ ପ୍ରିନ୍ସିପୁଲ ଅଫ୍ ପ୍ରପର୍ସନାଲିଟିର ଗୁରୁତ୍ୱ ରହିବ ନାହିଁ। ତଥାପି ନୈତିକ ବିଚାର ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି। ଅନୈତିକ କାର୍ଯ୍ୟକଳାପ, ଏପରିକି ଅହିଂସାତ୍ମକ ହେଲେ ମଧ୍ୟ ସହଜରେ ପ୍ରତିବାଦକୁ ପ୍ରୋତ୍ସାହନ ଦେଇପାରେ ଯାହା ହିଂସାରେ ପରିଣତ ହୁଏ। ପ୍ରିନ୍ସିପୁଲ ଅଫ୍ ପ୍ରପର୍ସନାଲିଟି ଅନେକ ବିଷୟରେ ଏକ ଉପଯୋଗୀ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରିପାରିବ ଯାହା ଉପରେ ପ୍ରତିବାଦକାରୀମାନେ ବିଚାର କରିବା ଉଚିତ। ଏହା ମଧ୍ୟ ପ୍ରତିରୋଧ ଅଧିକାର ରକ୍ଷା କରିବାରେ ଆମକୁ ସକ୍ଷମ କରାଇବା ସହ ପ୍ରତିବାଦକରୀଙ୍କ ନୈତିକ ଦାୟିତ୍ୱ ମଧ୍ୟ ନିର୍ଦ୍ଦିଷ୍ଟ କରିବ।

## ଏଇ ଭାରତରେ

ଡ୍ରାଗନ ଫ୍ରୁଟ୍ସ ଚାଷକରି ମାସକୁ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି କେରଳର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରେମାଭାଇ ଏସ୍। ସେ ରହୁଛନ୍ତି କୋଲ୍ଲାମରେ। ଏହି ଚାଷ ତାଙ୍କ ଅଗଣାରେ କରୁଛନ୍ତି। ପ୍ରତି ମାସରେ ୫୦୦ କେ.ଜି. ଡ୍ରାଗନ ଫ୍ରୁଟ୍ସ ଉତ୍ପାଦନ କରୁଛନ୍ତି। ଏହାକୁ କେଜି ପ୍ରତି ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ରେମାଭାଇ ୩୬ ବର୍ଷ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିବା ପରେ ୨୦୨୨ରେ ଅବସର ନେଇ ଏହି ଚାଷ ଆରମ୍ଭ କରିଥିଲେ। ସ୍ୱାମୀ ଓ ପୁଅକୁ ନେଇ ତାଙ୍କ ପରିବାର। ପୁଅ ଦିଲ୍ଲୀରେ ରହୁଥିବାରୁ ତାଙ୍କୁ ଏହି ଚାଷ ପାଇଁ ଅଧିକ ସମୟ ମିଳୁଛି ଓ ଉତ୍ପାଦନ ବଢ଼ାଇବାକୁ ସକ୍ଷମ ହେଉଛନ୍ତି। ଏବେ ସେ ଅଗଣାରେ ଲାଲ ଓ ହଳଦିଆ କିସମର ୧୦୦ଟି ଡ୍ରାଗନ ଗଛ ଲଗାଇଛନ୍ତି। ସେ ୫୦ଟି ବଡ଼ ପ୍ଲାଷ୍ଟିକ ବ୍ୟାରେଲରେ କେବଳ ଖତରେ ଗଛ ବଢ଼ାଇଛନ୍ତି, ଏଥିରେ ସେ କିଛି ବି ମାଟି ରଖିନାହାନ୍ତି। କେବଳ ଏତିକି ନୁହେଁ, ରେମାଭାଇ 'ଜେସିସ୍ ୱାର୍ଲ୍ଡ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଳାଉଛନ୍ତି। ଏଥିରେ ସେ ତାଙ୍କ ଚାଷ ପଦ୍ଧତି ସମ୍ପର୍କରେ ଅନ୍ୟମାନଙ୍କୁ ଅବଗତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୬ ସେପ୍ଟେମ୍ବର ୧୯୭୫**

- ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଅଧ୍ୟକ୍ଷ ଡାକ୍ତର ସୁକୁମାର ଦାସ ସ୍ୱାସ୍ଥ୍ୟ ବିଭାଗ ଡାକ୍ତରୀ ଶିକ୍ଷା ଡିରେକ୍ଟର ନିଯୁକ୍ତ।
- ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକ ନୂତନ ବାଣିଜ୍ୟ ଓ ଅର୍ଥ ଦେଣନେଣ ରାଜିନାମା ସ୍ୱାକ୍ଷରିତ।
- ବାଂଲାଦେଶର ବହିର୍ବ୍ୟାପାର ମନ୍ତ୍ରୀ ଭାବରେ ଅବୁ ସୟଦ ଚୌଧୁରୀଙ୍କ କାର୍ଯ୍ୟଭାର ଗ୍ରହଣ।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 2 | | | | | |
| | | | | | | 5 | | 7 |
| | | | | | 8 | | 1 | 4 |
| 3 | | | 6 | | | | 7 | |
| 2 | | 4 | | | | | 3 | 1 |
| | 6 | | | | | | | |
| 4 | | | | 9 | | | | 6 |
| | 8 | 1 | | | | | | |
| | 5 | | | | 2 | 9 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 1 | 9 | 2 | 5 | 8 | 6 |
| 1 | 6 | 8 | 7 | 5 | 4 | 9 | 2 | 3 |
| 5 | 2 | 9 | 8 | 3 | 6 | 7 | 4 | 1 |
| 9 | 7 | 4 | 5 | 6 | 1 | 2 | 3 | 8 |
| 6 | 5 | 3 | 2 | 7 | 8 | 4 | 1 | 9 |
| 8 | 1 | 2 | 3 | 4 | 9 | 6 | 5 | 7 |
| 7 | 8 | 5 | 6 | 2 | 3 | 1 | 9 | 4 |
| 3 | 9 | 6 | 4 | 1 | 5 | 8 | 7 | 2 |
| 2 | 4 | 1 | 9 | 8 | 7 | 3 | 6 | 5 |

ଗତକାଲିର ଉତ୍ତର

# ଗୃହ ବିଦ୍ୟାଳୟ



ରାଜୀବ କୁମାର ନାୟକ

ଆଜି ସବୁଠି ଅଭିଯୋଗ ଯେ ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲା ନିଜ ନାଁ ବି ଠିକ୍ ସେ ଲେଖି ପାରୁନି ଏବଂ ହାଇସ୍କୁଲରେ ପାଠ ପଢୁଥିବା ଅନେକ ପିଲା ଯୋଗ, ବିୟୋଗ, ଗୁଣନ, ହରଣ ନିର୍ଭୁଲ ଭାବରେ କରିପାରୁ ନାହାନ୍ତି। ଆଜି ଶିକ୍ଷା ଏତେ ତଳକୁ ଯାଇଛି କାହିଁକି ଏବଂ ଏହାର ସମାଧାନ ତା' ହେଲେ କ'ଣ ଏହି ପ୍ରଶ୍ନ ଦୁଇଟି ବାରମ୍ବାର ମନକୁ ଅସ୍ଥିର କରୁଛି। ଶିକ୍ଷକମାନଙ୍କ ସହିତ ଏହି ସମ୍ବନ୍ଧରେ ଆଲୋଚନା କଲେ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ କୁହନ୍ତି, ସରକାର ତାଙ୍କୁ ବର୍ଷସାରା ତାଲିମ, ମଧ୍ୟାହ୍ନଭୋଜନ ଭଳି ପାଠଭିନ୍ନ ଅନ୍ୟ କାମରେ ନିୟୋଜିତ କରିବା ତଥା ଆବଶ୍ୟକ ସଂଖ୍ୟକ ଶିକ୍ଷକର ଅଭାବ ଯୋଗୁଁ ସେମାନେ ସର୍ବନିମ୍ନ ଜିନିଷ ବି ପିଲାଙ୍କୁ ଶିଖାଇବାରେ ବିଫଳ ହେଉଛନ୍ତି ବୋଲି କହୁଥିବାବେଳେ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କହିବା କଥା ହେଲା ସେମାନେ ପ୍ରାଥମିକ ସ୍ତରରୁ ଦୁର୍ବଳ ହୋଇ ଆସୁଥିବାରୁ ସେମାନେ କିଛି କରି ପାରୁ ନାହାନ୍ତି ଏବଂ ଏଦିଗରେ ସରକାର ଉତ୍ଥାନ, ଉତ୍କର୍ଷ ଭଳି କାର୍ଯ୍ୟକ୍ରମର ବ୍ୟବସ୍ଥା ମାଧ୍ୟମରେ ପଛୁଆ ରହିଥିବା ପିଲାଙ୍କ ସକାଶେ ଅତିରିକ୍ତ ପାଠପଢାର ବ୍ୟବସ୍ଥା କରିବା ଦ୍ୱାରା ସିଲାବସରେ ଉଦ୍ଦିଷ୍ଟ ଥିବା ବିଷୟସବୁ ସୂଚାରୁ ରୂପେ ସଂପୂର୍ଣ୍ଣ ହୋଇ ନ ପାରି ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ଠିକ୍ ସେହିପରି ଆଗରୁ ଥିବା ଟିଉଟୋରିଆଲ୍ କ୍ଲାସର ବ୍ୟବସ୍ଥା ପ୍ରାୟତଃ ଆଉ ନାହିଁ କହିଲେ ଚଳେ।

ଏହି ଅସୁବିଧାକୁ ଅନେକ ମାତ୍ରାରେ ଲାଘବ କରିବା ନିମିତ୍ତ ବିକଳ୍ପ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇପାରେ। ସରକାରଙ୍କ କହିବା ପ୍ରକାରେ ପ୍ରାଥମିକ ଶିକ୍ଷା ସମସ୍ତ ବାଳକ ବାଳିକା ନିହାତି ପକ୍ଷେ ସଂପୂର୍ଣ୍ଣ କରିବେ ବୋଲି ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମରେ ପ୍ରାବଧାନତା ରହିଛି ଯେ ଜଣେ ୬ରୁ ୧୪ ବର୍ଷ ମଧ୍ୟରେ ବର୍ଷର ଯେକୌଣସି ସମୟରେ ନିଜ ବୟସକୁ ଦେଖି ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇ ପାରିବ। ଏଥି ସକାଶେ ତାକୁ କୌଣସି କାଗଜପତ୍ରର ଅଭାବ ଦର୍ଶାଇ ନାମଲେଖାରୁ ବଞ୍ଚିତ କରାଯାଇ ପାରିବ ନାହିଁ। ତେଣୁ ଏଠି ପ୍ରକାରାନ୍ତରେ ଶିଶୁଟି ଘରେ ରହି ସର୍ବନିମ୍ନ ପାଠ ଅକ୍ତିଆର କଲାପରେ ବିଦ୍ୟାଳୟରେ ମଧ୍ୟ ନାମ ଲେଖାଇପାରିବ ବୋଲି କୁହାଯାଇଅଛି। ସେହି ଦୃଷ୍ଟିରୁ ମାଆବାପା ଯେଉଠି କିଛି ମାତ୍ରାରେ ଶିକ୍ଷିତ ଅଛନ୍ତି ସେମାନେ ନିଜ ସନ୍ତାନ ସନ୍ତତିଙ୍କୁ ଘରେ ଯେତେ ସମୟ ରହୁଛନ୍ତି ନିଜ ନଜରରେ ରଖିବା ସହିତ କର୍ମସ୍ଥଳକୁ ମଧ୍ୟ ତାଙ୍କୁ ଧରି ଯାଇପାରିବେ। ଆଜିକାଲି ଆମେ ଦେଖୁଛୁ ବହୁତ କମ୍ ବୟସର ଶିଶୁ ଟେଲିଭିଜନ ବା ୟୁଟ୍ୟୁବରେ ବହୁତ କଠିନ ଶ୍ଳୋକ ଭଳି ଜିନିଷ ମୁଖସ୍ତ କରି ଶୁଣାଉଛନ୍ତି। ଏଥିରୁ ଜଣାପଡୁଛି ଯେ ମାଆବାପା ନିଶ୍ଚିତ ରୂପେ ଶିଶୁକୁ ତାହା ଅକ୍ତିଆର କରିବାରେ ସାହାଯ୍ୟ କରିଥିବେ। ତା' ହେଲେ ମାଆବାପା ଯଦି ଚାହିଁବେ ଶିଶୁଟିଏ ଅକ୍ଷର ଶିଖିବା, ବହି ପଢ଼ି ଜାଣିବା, ଯୋଗ, ବିୟୋଗ ଇତ୍ୟାଦି କାହିଁକି ଜାଣିବନି? ଅବଶ୍ୟ ଏଠାରେ କେହି କେହି କହିପାରନ୍ତି ସମସ୍ତଙ୍କର ମାଆବାପା ସେତେ ମାତ୍ରାରେ ଶିକ୍ଷିତ ନୁହନ୍ତି ବା ତାଙ୍କ ପାଖରେ ସେତେଟା



ସମୟ ନାହିଁ ଏକଥା ସତ କିନ୍ତୁ ମାଆଟିଏ ପିଲାଟିକୁ ତ ରନ୍ଧାବଢ଼ା କଲା ସମୟରେ ପାଖରେ ବସାଇ ପାରିବ ଏବଂ କହିପାରିବ ପିଲାଟି ଯାହା ଜାଣିଛି ବଡ଼ ପାଟିରେ ପଢୁ। ତା' ଛଡ଼ା ପାଠ କେବଳ ବହିରେ ନ ଥାଏ। ମାଆବାପା ଚାହିଁଲେ ଶିଶୁକୁ ଅନେକ ଜିନିଷ ବିଷୟରେ ପରିଚିତ କରାଇ ପାରିବେ, ଯେମିତି କି ରୋଷେଇ ଘରେ ବ୍ୟବହୃତ ହେଉଥିବା ବିଭିନ୍ନ ଜିନିଷ, କେଉଁଟି ରୋଷେଇ ଘର, କେଉଁଟି ଗାଧୁଆ ଘର, କେଉଁଟି ଶୋଇବା ଘର, କେଉଁଟି କି ଡାଲି, କି ପରିବା, କାହାକୁ ମାନ୍ୟରେ କ'ଣ କହିବ, କେଉଁଟି କି ପକ୍ଷୀ, କି ଗଛ, କି ପତ୍ର, କି ପଶୁ ଇତ୍ୟାଦି। ଏସବୁ ଜିନିଷ ଖାଇବା ବେଳେ ବା ଯେକୌଣସି ଖାଲି ସମୟରେ ଶିଶୁ ସହିତ ଆଲୋଚନା ମାଧ୍ୟମରେ ପରିଚିତ କରାଯାଇପାରେ। ସଂଖ୍ୟା ଗଣିବା ପାଇଁ ମାଟିରେ ଗୋଲି ବା ବାଉଁଶର କାଠି ତିଆରି କରିବା, ମାଟି, କାଗଜ ଇତ୍ୟାଦି ବ୍ୟବହାର କରି ବିଭିନ୍ନ ଜିନିଷ ତିଆରି କରିବା, ନିଜ ମନ ମୁତାବକ ଚିତ୍ରାଙ୍କନ କରିବାକୁ ଉତ୍ସାହିତ କରିବା, ପ୍ରାର୍ଥନା, ଭଜନ ଇତ୍ୟାଦି ମନେ ରଖିବା ତଥା ବୋଲିବାକୁ ଉତ୍ସାହିତ କରିବା, ହସ୍ତାକ୍ଷର ଲେଖିବା, ନିଜେ ଯାଉଥିବା ସ୍ଥାନ ସବୁକୁ ସାଙ୍ଗରେ ନେଇକି ଯିବା ଏବଂ ଯା'ଆସ ସମୟରେ ଶିଶୁ ଭିନ୍ନ ଭିନ୍ନ ଜିନିଷ ଦେଖି ଯେତେ ପ୍ରଶ୍ନ ପଚାରୁଛି ବିରକ୍ତ ନ ହୋଇ ତାକୁ ମନ ଦେଇ ଶୁଣି ସହଜ ଭାବରେ ବୁଝାଇ ଦେବା ଇତ୍ୟାଦି କରିବା ଆବଶ୍ୟକ। ଆଜିକାଲି ପ୍ରାୟ ଶିଶୁ ମୋବାଇଲ ଫୋନ ନ ଦେଖି ରହି ପାରୁ ନାହାନ୍ତି। ତେଣୁ ତହିଁରୁ ଶିକ୍ଷଣୀୟ ଜିନିଷ ସବୁ ବାହାର କରି ଶିଶୁକୁ ଦେଖାଇବା ଉଚିତ; ଯଦ୍ୱାରା ଶିଶୁଟି କମ ସମୟରେ ଅନେକ ଜିନିଷ ମନେ ରଖିପାରିବ। ଏଥିରେ ଛୋଟ ଛୋଟ ସିନେମା ବି ରହିବ। ଏହା ଭିନ୍ନ ଶିଶୁକୁ ବିଭିନ୍ନ ଖେଳ ସହ ମଧ୍ୟ ପରିଚିତ କରାଇବା ଆବଶ୍ୟକ। ପରିବାରକୁ କେହି ବୁଲି ଆସିଲେ ଶିଶୁକୁ ତାଙ୍କ ଆଗରେ ଜାଣିଥିବା ପ୍ରାର୍ଥନା,ଗପ ଇତ୍ୟାଦି ବୋଲିବା/କହିବାକୁ କହିବା ବା ଆଙ୍କିଥିବା ଚିତ୍ରାଙ୍କନ ବା ତିଆରି କରିଥିବା ଜିନିଷ ଦେଖାଇବାକୁ ଉତ୍ସାହିତ କରିବା ଆବଶ୍ୟକ; ଯଦ୍ୱାରା ଶିଶୁକୁ ଏଭଳି ଜିନିଷ ଆହୁରି କରିବାକୁ ଇଚ୍ଛା ଲାଗିବ। ଆଗରୁ ଅଜାଆଈ ଯେମିତି ନାତିନାତୁଣୀମାନଙ୍କୁ ଅନେକ ଗପ/କାହାଣୀ ଶୁଣାଉଥିଲେ ସେସବୁ ଯଦିଓ ପ୍ରାୟତଃ ନାହିଁ ତେଣୁ ବାପାମାଆ ଚାହିଁଲେ ପିଲାଙ୍କୁ ଅବସର ସମୟରେ ପାଖରେ ବସାଇ ନୀତିଶିକ୍ଷା ସମ୍ବଳିତ କାହାଣୀ ଶୁଣାଇ ପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ହେଲା ଶିଶୁଟି ଖେଳିବା,ବୁଲିବା ଭିତରେ ଅନେକ କଥା ଜାଣିଯାଉଛି ଏବଂ ପାଠ ପଢିବାକୁ ସେ ବୋଝ ବୋଲି ଆଦୌ ଭାବୁନାହିଁ। ଏହା ବାଦ୍ ବିଦ୍ୟାଳୟରେ କେଉଁଠି ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହିଁ ବୋଲି ନ ପଢ଼ାଇବା ବା ଅନ୍ୟାନ୍ୟ କାମ ବୋଝ ଯୋଗୁ ନ ପଢ଼ାଇବା ଭଳି ବିଷୟ ଆସିବ ନାହିଁ। ଆହୁରି ମଧ୍ୟ ଗୋଟିଏ ଶିକ୍ଷକ ଏକା ଥରକୁ ଚାଳିଶ/ପଚାଶ ପିଲାଙ୍କୁ ପଢ଼ାଇବା ଏବଂ ବାପାମାଆ ଗୋଟିଏ ପିଲାକୁ ପଢ଼ାଇବା ଭିତରେ ଅନେକ ଫରକ୍ ରହିବ। କଥାରେ ଅଛି 'ଘରନିଅଁ ଯେତେଦିନ ପର୍ଯ୍ୟନ୍ତ ମଜଭୁତ ଅଛି ଉପରେ ଯେତେ ଝଡଝା ଆସିଲେ ଯା'ଆସ ନାହିଁ। ତେଣୁ ପ୍ରାଥମିକ ଶିକ୍ଷା ଠିକ୍ ଭାବରେ ଜଣେ ଶିଶୁ ସମ୍ପୂର୍ଣ୍ଣ କରିଥିଲେ ସେ ନିଜକୁ ଠିକ୍ ରୂପେ ଗଢ଼ି ତୋଳିବାରେ ଅସୁବିଧା ନାହିଁ। ତେଣୁ ଘରକୁ ବିଦ୍ୟାଳୟ ମଣି ପ୍ରତ୍ୟେକ ମାଆବାପା ଯଦି ପିଲାଙ୍କ ପ୍ରତି ଥିବା ନିଜ ଦାୟିତ୍ୱ ହୃଦ୍‌ବୋଧ କରି ନିଜ ବ୍ୟସ୍ତ ବହୁଳ ସମୟରୁ କିଛି କାଢ଼ି ପିଲାଙ୍କ ସକାଶେ ଦେବାର ଦାୟିତ୍ୱ ସଂପାଦନ କରନ୍ତି, ପିଲା ଉପର ଶ୍ରେଣୀକୁ ଯିବାପରେ ତଳ ଶ୍ରେଣୀର ପାଠ ନ ଜାଣିବା ଯେଉଁ ଅଭିଯୋଗ ରହୁଛି ତାହା ଅନେକ ମାତ୍ରାରେ ନିଶ୍ଚିତ ରୂପେ ହ୍ରାସ ପାଇବ।

ମୋ: ୯୪୩୭୫୬୭୧୮୩୧

# କଠୋର ଦଣ୍ଡବିଧାନ ଲୋଡ଼ା



ଡ. ମାନସ ରଞ୍ଜନ ଶତପଥୀ

ନାରୀଶକ୍ତିର ଦୁରବସ୍ଥା ଆଜି ଖବରକାଗଜ, ଟେଲିଭିଜନ ଖୋଲିଲେ ଜଣାପଡ଼େ। ୨୦୧୨ମସିହାରେ ନୂଆ ଦିଲ୍ଲୀ ରାଜରାସ୍ତାର ଚଳନ୍ତା ବସ୍‌ରେ ଘଟିଥିବା ନାରକୀୟ କାଣ୍ଡ ସମଗ୍ର ସଭ୍ୟସମାଜରେ ହଇଚଇ ସୃଷ୍ଟି କରିଥିଲା। ସାଧାରଣ ଜନତା ଏପରି ଅମାନବୀୟ କାଣ୍ଡକୁ ଦୃଢ଼ ବିରୋଧ କରିବା ସହିତ ଦୋଷୀକୁ କଠୋର ଦଣ୍ଡବିଧାନ ପାଇଁ ରାଜରାସ୍ତାରେ ଦାବି ଉଠାଇଥିଲେ। ଠିକ୍ ୧୨ ବର୍ଷ ଅନ୍ତରରେ ପୁଣି କୋଲକାତାର ଏକ ଡାକ୍ତରଖାନାରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପଶ୍ଚିମବଙ୍ଗରେ ଘଟିଥିବା ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଆଲୋଡ଼ନ ସୃଷ୍ଟିକାରୀ ବିଷୟ ହେଲା ରାଜ୍ୟରେ ନିରଙ୍କୁଶ ସରକାର ଥାଇ ମଧ୍ୟ ଏପରି ଘଟଣାର ଉଚିତ ଅନୁସନ୍ଧାନ ପାଇଁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ ହେଲା। ଭାରତର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କ୍ଷୋଭ ପ୍ରକାଶକରି କହିଛନ୍ତି, ସମ୍ବିଧାନ ନାଗରିକଙ୍କୁ ସମାନତା ପ୍ରଦାନ କରୁଥିବା ବେଳେ ଯଦି ମହିଳା ନାଗରିକ ନିଜ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ନୁହନ୍ତି ତେବେ ସେପରି ସମାନତା ମୂଲ୍ୟହୀନ। ମନେପଡ଼େ, ଲାଲ ବାହାଦୁର ଶାସ୍ତ୍ରୀ ସାମାନ୍ୟ ରେଳ ଦୁର୍ଘଟଣା ଯୋଗୁ ନିଜ ପଦରୁ ତ୍ୟାଗପତ୍ର ଦେଇଥିବା ବେଳେ ଆଜି ସେପରି ଉଦାହରଣୀୟ ପଦକ୍ଷେପ ରାଜନେତା ଭୁଲିଯାଇଥିବା ଲକ୍ଷ୍ୟ ହୁଏ।

ସାମଗ୍ରିକ ଭାବେ ଦେଖିବାକୁ ଗଲେ ଭାରତରେ ନାରୀ ଆଜି ଅତ୍ୟନ୍ତ ଅସୁରକ୍ଷିତ ଏବଂ ଧର୍ମକୁ ଆଖିଠାର ଦେଇ ଓ ମହିଳାମାନଙ୍କୁ ଭଣ୍ଡେଇବା ଉଦ୍ଦେଶ୍ୟରେ ବିଭିନ୍ନ ଓଜନିଆ ଶବ୍ଦ ଯଥା ନାରୀ ସଶକ୍ତୀକରଣ, ନାରୀ ଶକ୍ତିବନ୍ଦନ, ମିଶନଶକ୍ତି ଇତ୍ୟାଦି ବ୍ୟବହୃତ ହୋଇଥାଏ। ଭାରତରେ ନାରୀ ପ୍ରତି ଯୌନହିଂସା ବଢୁଛି। ଜାତୀୟ ପୋଲିସ କ୍ରାଇମ ବ୍ୟୁରୋ ରେକର୍ଡରୁ ଜଣାଯାଏ ୨୦୨୨ରେ ଭାରତରେ ୩୧,୫୧୬ଟି ବଳାତ୍କାର ଘଟଣା ଘଟିଥିଲା; ଯାହା ୨୦୨୧ଠାରୁ ପ୍ରାୟ ୨୦ ପ୍ରତିଶତ ଅଧିକ। ସମସ୍ତେ ଜାଣନ୍ତି, ଭାରତୀୟ ପରିସ୍ଥିତିରେ ପଞ୍ଜୀକୃତ ସଂଖ୍ୟାଠାରୁ ଏପରି ଘଟଣା ବହୁ ଅଧିକ ହୋଇଥାଏ। ଦେଖିବାକୁ ଗଲେ ନାରୀ ସୁରକ୍ଷା ପାଇଁ ବିଭିନ୍ନ ସଂଗଠନ ଦିବାରାତ୍ର ସଂଘର୍ଷ କରୁଥିବାବେଳେ ଆଜି ମହିଳା ପୋଲିସ ବାହିନୀ ଗଠନ ହୋଇଛି; ଯେଉଁଥିରେ କନଷ୍ଟେବଲଠାରୁ ଆରମ୍ଭ କରି ଉଚ୍ଚ ପଦବୀରେ ଭାରତୀୟ ପୋଲିସ ସେବା ମହିଳା ଅଧିକାରୀ ମଧ୍ୟ ଅବସ୍ଥିତ। ହେଲେ ଏମାନେ ମଧ୍ୟ ଆଜି ଅସୁରକ୍ଷିତ। ଏପରି ଅବସ୍ଥାରେ ଭାରତରେ ମହିଳାଙ୍କ ନ୍ୟାଯ୍ୟ କଥା ପଚାରେ କିଏ। ସ୍ଲୋଗାନରୁ ବାହାରକୁ ଆସିଲେ ଜଣାପଡ଼େ ନାରୀ ଏଠି ସବଳ ନୁହେଁ ବରଂ ନିରନ୍ତର ଦୁର୍ବଳ। ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ବଳାତ୍କାର ସଂଖ୍ୟା କିଛି କମ୍ ନୁହେଁ। କିନ୍ତୁ ଭାରତୀୟ ସଂସ୍କୃତି ନିଜର ପରମ୍ପରା ଓ ସାମାଜିକ ରକ୍ଷଣଶୀଳତା ତଥା ଚଳଣି ପାଇଁ ସମଗ୍ର ବିଶ୍ୱରେ ଉଦାହରଣ; ଯେଉଁଥିରେ ଏପରି ଯୌନଉତ୍ପୀଡ଼ନ କିମ୍ବା ବଳାତ୍କାରକୁ ଜଘନ୍ୟତା ଆଖ୍ୟା ଦିଆଯାଇଥାଏ।

ସୁପ୍ରିମକୋର୍ଟ, ୟୁ.ଜି.ସି. ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଉଦ୍ୟମରେ କଲେଜ ଓ ସ୍କୁଲସ୍ତରରେ ନୀତିଶାସ୍ତ୍ର ଓ ନୈତିକ ମୂଲ୍ୟବୋଧ ଶିକ୍ଷାକୁ ବେଶ୍ କିଛିବର୍ଷ ହେବ ବାଧ୍ୟତାମୂଳକ କରାଯାଇଥିଲେ ସୁଦ୍ଧା ଆଶାନୁରୂପ ମାନସିକ ପରିବର୍ତ୍ତନ ସମାଜରେ ପରିଲକ୍ଷିତ ହେଉନାହିଁ। କାର୍ଯ୍ୟସ୍ଥଳ, ବଜାରଘାଟ, ପ୍ରେକ୍ଷାଳୟ, ଶିକ୍ଷାନୁଷ୍ଠାନ, ମନ୍ଦିର, ପାର୍କ ଅଥବା ତୀର୍ଥ ବା ଭ୍ରମଣସ୍ଥଳ ଆଦି ମହିଳାମାନଙ୍କ ପାଇଁ ଅସୁରକ୍ଷିତ। ମହିଳା ବାରମ୍ବାର ଏପରି ସ୍ଥାନରେ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହୋଇ ମୁଣ୍ଡପାତି ସହ୍ୟ କରିବାକୁ ବାଧ ହେଉଛି। ତେଣୁ ଏହି ସମସ୍ୟାର ଏକମାତ୍ର ସମାଧାନ ହେଲା କଠୋର ଦଣ୍ଡବିଧାନ। ଯୌନ ନିର୍ଯାତନା ମାମଲାଗୁଡ଼ିକ ମଧ୍ୟ ତ୍ୱରିତ୍ ଫଇସଲା ହେବା ନିତାନ୍ତ ଆବଶ୍ୟକ; ଫଳରେ ଦୋଷୀକୁ ଶାସ୍ତି ତୁରନ୍ତ ମିଳିବା ସଂଗେ ସଂଗେ ଅନ୍ୟମାନଙ୍କ ପାଇଁ ଏହା ଉଦାହରଣ ହୋଇପାରନ୍ତା। ବୀତିହୋତ୍ର ମହାନ୍ତି ମାମଲାରେ ଯେପରି ଘଟଣାର ଦଶଦିନ ମଧ୍ୟରେ ରାଜସ୍ଥାନ ଅଦାଲତ ତ୍ୱରିତ୍ ଫଇସଲା ଶୁଣାଇଥିଲେ ସେଭଳି ଦଶଦିନ ମଧ୍ୟରେ ଦଣ୍ଡବିଧାନ ହେବା ସମୟୋପଯୋଗୀ। ଏପରି ହେଲେ ସାରା ଭାରତବର୍ଷରେ ନିର୍ଭୟା ବା ମହିଳା ଡାକ୍ତରଙ୍କ ଭଳି ନାରୀମାନେ ଦୁଃସ୍ଥିତିରେ ସମ୍ମୁଖୀନ ହେବେ ନାହିଁ କିମ୍ବା କୌଣସି ପୁରୁଷ ନିର୍ଯାତନା ଦେବା ପାଇଁ ସାହସ କରିପାରିବ ନାହିଁ। ଅବଶ୍ୟ ଏସବୁର ଠିକ୍ ରୂପାୟନ ନିମନ୍ତେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ:୯୪୩୭୪୭୯୦୪୫

## ଚିରନ୍ତନୀ

ଗାଇଲ ଗୀତ
ଥରାଇ ତନୁ
ଗାଇଲ ଗୁଣୁ ଗୁଣୁ!
ଆମ୍ବବନେ ନୂପୁର ରୁଣୁଝୁଣୁ!
–(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁଠି ପରଚର୍ଚ୍ଚା

ମହାଶୟ,

ଦୁର୍ଭାଗ୍ୟବଶତଃ ଯଦି କେବେ କର୍ମମୟ ଜୀବନରୁ ଟିକେ ଫୁରୁସତ୍ ମିଳିଯାଏ ତେବେ ଆରମ୍ଭ ହୋଇଯାଏ ପରଚର୍ଚ୍ଚା। ଆଜିର ଏ ବିଜ୍ଞ ସମାଜ ପରଚର୍ଚ୍ଚା ତଥା ପରନିନ୍ଦାରୁ ନିବୃତ୍ତ ରହିବା ପରିବର୍ତ୍ତେ ସାମାଜିକ ଗଣମାଧ୍ୟମ, ଇଣ୍ଟରନେଟ୍, ମୋବାଇଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ପରନିନ୍ଦା ଗତିର ବେଗ, ରୂପରେଖକୁ ଶୀର୍ଷରେ ପହଞ୍ଚାଇ ସାରିଲାଣି; ଯାହାକୁ ଆମ ଭଳି ନିର୍ବୋଧ ମଣିଷ ବିଶ୍ୱାସ କରୁଛି। ସରଳକୁ ଧୂର୍ତ୍ତ, ଧୂର୍ତ୍ତକୁ ସରଳ, ସାଧୁକୁ ଅସାଧୁ, ଅସାଧୁକୁ ସାଧୁ, ମିଥ୍ୟାବାଦୀକୁ ସତ୍ୟବାଦୀ, ସତ୍ୟବାଦୀକୁ ମିଥ୍ୟାବାଦୀ, ବିଶ୍ୱସ୍ତକୁ ପ୍ରତାରକ, ପ୍ରତାରକକୁ ବିଶ୍ୱସ୍ତ ବୋଲି ଧରିନେବାର ଦୃଷ୍ଟାନ୍ତ ଆମ ପାଇଁ ଆଦୌ ବିରଳ ନୁହେଁ। ଆମେ କେବଳ ଅଣନିଃଶ୍ୱାସୀ ହୋଇ ଦୌଡୁଛେ ସିନା ଆମର କିଛି ଲକ୍ଷ୍ୟ ସ୍ଥଳ ଅଛି କି । ମଣିଷର ବଞ୍ଚିବାରେ ଯେତେ ଅଧିକ ଜାଗା ଆବଶ୍ୟକ ହୋଇଥାଉ ମୃତ୍ୟୁବେଳକୁ ତାହା ଛଅ ଫୁଟରେ ସୀମିତ ରୁହେ। ତଥାପି କ୍ଷଣିକ ଜୀବନରେ ପରଚର୍ଚ୍ଚା କରିବାକୁ ଆମେ ପଛାଉ ନାହୁଁ, ବିଶେଷକରି ସାମାଜିକ ଗଣମାଧ୍ୟମରେ । ଏଥିରୁ ନିବୃତ୍ତ ରହିବା ଦରକାର।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିଲାମ ହୁଏ ୫୧ କେଜି ଲଡୁ ଭୋଗ

**ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପୂଜା କମିଟି**

- ୮ ଫୁଟ୍‌ର ଗଣେଶ ଶୋଭାପାଇବେ
- ଭସାଣିରେ ଘୂର୍ଣ୍ଣୟମାନ ମେଢ଼ ମୁଖ୍ୟ ଆକର୍ଷଣ




ଜଟଣୀ,୫।୯(ରବୀନ୍ଦ୍ରନାଥ ମହାକୁଡ଼)

ଆଉ ଦିନକ ପରେ ଅର୍ଥାତ୍ ଶନିବାର ଧରାପୃଷ୍ଠରେ ଅବତରଣ କରିବେ ଶ୍ରୀଗଣେଶ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ଏଥର ମଣ୍ଡପକୁ ଆକର୍ଷଣୀୟ କରିବା ପାଇଁ ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ କମିଟି ପକ୍ଷରୁ ଆକଳନ କରାଯାଇଛି। ମଣ୍ଡପରେ ୮ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ସହିତ ମା'ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଇବେ। ଗଣେଶ ପୂଜା ଆରମ୍ଭ ଏବଂ ଭସାଣି ଦିନ କମିଟି ପକ୍ଷରୁ ଠାକୁରଙ୍କ ନିକଟରେ ବିଭିନ୍ନ ଫଳ ଏବଂ ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥାଏ। ପ୍ରତିଦିନ ପାଳି ମୁତାବକ ସ୍ଥାନୀୟ ବ୍ୟବସାୟୀ ବିଭିନ୍ନ ଭୋଗ ଲାଗି କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦେଶୀ ଘିଅରେ ପ୍ରସ୍ତୁତ ୫୧କେଜି ଓଜନର ଲଡୁ ଠାକୁରଙ୍କ ନିକଟରେ ଲାଗି ହେବ। ପୂଜା ସମୟରେ ଏକ କାର୍ଯ୍ୟକ୍ରମରେ ଉକ୍ତ ଲଡୁକୁ ନିଲାମ କରାଯିବ। ଭସାଣି ଦିନ ଠାକୁରଙ୍କ ନିକଟରେ ଖେଚୁଡ଼ି ଭୋଗ କରାଯାଇଥାଏ। ଯାହାକୁ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ। ଭସାଣି ଶୋଭାଯାତ୍ରାରେ ବ୍ୟବସାୟୀ ସଂଘ ପକ୍ଷରୁ ସୁସଜ୍ଜିତ ଘୂର୍ଣ୍ଣୟମାନ ମେଢ଼ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ୫୦ଫୁଟର କପଡ଼ା ତୋରଣ ସହିତ ୫୫ ଫୁଟ ଉଚ୍ଚର ଡିଜିଟାଲ ଲାଇଟ୍ ଗେଟ୍ ଦର୍ଶକଙ୍କୁ ଆକୃଷ୍ଟ କରିବ। ପୂଜା ସମୟରେ ୧୦ଦିନ ବ୍ୟାପୀ ଭଜନ ସମାରୋହ, ଓଡ଼ିଶୀ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ପୂଜା ସମୟରେ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ପରିଚାଳନା ପାଇଁ କମିଶନରେଟ ପୋଲିସ ସହିତ କେତେଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

**ଏମାନେ ଯାହା କୁହନ୍ତି...**



"୪୦ବର୍ଷ ପୂର୍ବେ କେତେଜଣ ବ୍ୟବସାୟୀଙ୍କ ଦ୍ୱାରା ପୂଜା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଶହେରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଭାଇମାନଙ୍କ ସହଯୋଗରେ ପୂଜା ହେଉଛି। ପ୍ରଥମେ ମଣ୍ଡପରେ କେବଳ ଶ୍ରୀଗଣେଶ ପୂଜା ପାଉଥିଲେ। ଗତ ୨୦ବର୍ଷ ହେବ ମଣ୍ଡପରେ ତ୍ରିମୂର୍ତ୍ତି ପୂଜା ପାଇଆସୁଛନ୍ତି। ଗଣେଶ ପୂଜାରେ ବର୍ତ୍ତମାନ ପ୍ରତିଯୋଗିତା ହେଉଥିବାରୁ ଖର୍ଚ୍ଚ ମଧ ବଢ଼ିଛି। ଏଥର ମଣ୍ଡପ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।
**- ସୁରେନ୍ଦ୍ର କୁମାର ସାହୁ, ସଭାପତି, ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପୂଜା କମିଟି**



"ଏହି ମଣ୍ଡପରେ ଗଣେଶ ପୂଜା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। ଏଠାରେ ପ୍ରଥମେ ସବୁଠାରୁ ବଡ଼ଲଡୁ ଠାକୁରଙ୍କ ନିକଟରେ ଲାଗି ହେବା ଏବଂ ପରବର୍ତ୍ତୀ ସମୟରେ ଏହାର ନିଲାମ ହୋଇଥାଏ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟ ହେବାକୁ ଥିବା ବେଳେ ଶେଷଦିନ ସମସ୍ତଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରାଯିବ। ଭିଡ଼ ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।
**- ବିଷ୍ଣୁପ୍ରସାଦ ରାଉତ, ସମ୍ପାଦକ, ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପୂଜା କମିଟି**

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

- କର୍କଟରେ ଆକ୍ରାନ୍ତ ଏନ୍. ହରିବାବୁ
- ସରକାରୀ ସହାୟତା ପାଇଁ ନିବେଦନ



ଜଟଣୀ,୫।୯(ରବୀନ୍ଦ୍ରନାଥ ମହାକୁଡ଼)

ଗରିବ ଲୋକଙ୍କ ଚିକିତ୍ସା ସୁବିଧା ନିମନ୍ତେ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏବେ ବି ଲୋକେ ସରକାରୀ ଯୋଜନାରୁ ବଞ୍ଚିତ ରହିଥିବା ବେଳେ ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନାହାନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ଅଞ୍ଚଳର ଏନ୍. ହରିବାବୁଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ବୟସ ପାଖାପାଖି ୩୫ବର୍ଷ। ସେ ବର୍ଷେ ହେବ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ କିଛିଦିନ ହେବ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ଅର୍ଥାଭାବରୁ ଠିକ୍ ଭାବେ ଚିକିତ୍ସିତ ହୋଇପାରୁ ନାହାନ୍ତି।

ସୂଚନା ମୁତାବକ, ହରିବାବୁ ପ୍ରତିଦିନ ଭୋରୁ ଭୁବନେଶ୍ୱର ଯାଇ କାମ କରି ଯାହା ଅର୍ଥ ରୋଜଗାର କରିଥାନ୍ତି ସେଥିରେ ତାଙ୍କର ପରିବାର ଚଳିଥାଏ। ତେବେ ବର୍ଷେ ହେବ ସେ କର୍କଟ ରୋଗରେ ଆକ୍ରାନ୍ତ ହେବାରୁ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ସାନଭାଇ ଏନ୍.ଲିଙ୍ଗା କିଛିଦିନ ପୂର୍ବେ ହରିବାବୁଙ୍କୁ କଟକ ମେଡିକାଲକୁ ଚିକିତ୍ସା କରାଇବା ପାଇଁ ନେଇଥିଲେ। ଚିକିତ୍ସା ଏବଂ ସେଠାରେ ରହିବା ଖାଇବା ଏବଂ ଆନୁଷଙ୍ଗିକ ମେଡିକାଲ ଖର୍ଚ୍ଚରେ ଅର୍ଥ ବାଧକ ହେବାରୁ ଭାଇଙ୍କ ଚିକିତ୍ସା କରିପାରିଲେ ନାହିଁ। ଚିକିତ୍ସା ଏବଂ ଉପଯୁକ୍ତ ଖାଦ୍ୟାଭାବରୁ ଗତ କିଛିଦିନ ହେବ ହରିବାବୁ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। କେବଳ ତାଙ୍କ ମା'ଙ୍କ ନାମରେ ରାଶନ କାର୍ଡ ରହିଥିବା ୫କେଜି ଚାଉଳ ଏବଂ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ଅନ୍ୟପଟେ ହରିବାବୁଙ୍କ ଆଧାରକାର୍ଡ ହୋଇପାରି ନ ଥିବାରୁ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ସରକାରୀ, ବେସରକାରୀ କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗ କଲେ ହରିବାବୁ ଭଲ ହୋଇଯିବେ ବୋଲି ପରିବାର ଲୋକେ ଆଶା କରିଛନ୍ତି। କୌଣସି ବଦାନ୍ୟ ବ୍ୟକ୍ତି ସାନଭାଇ ଏନ୍.ଲିଙ୍ଗାଙ୍କ ୯୫୫୬୯୭୯୬୩୨ ନମ୍ବରରେ ଯୋଗାଯୋଗ କରି ସହାୟତା କରିପାରିବେ ବୋଲି ପରିବାର ଲୋକେ କହିଛନ୍ତି।

## ଅବକାରୀ ଚଢ଼ାଉ, ୨ ଗିରଫ

ବେଗୁନିଆ,୫।୯(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ବେଗୁନିଆ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୩ହଜାର ୮ଶହ ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ୩୩୫ ଲିଟର ଦେଶୀ ମଦ ସହ ସାମଗ୍ରୀ ଜବତ କରାଯାଇ ଶ୍ରୀଧର ପଣ୍ଡା ଏବଂ ମନୋଜ ଦାସଙ୍କୁ ଗିରଫ କରାଯାଇ କୋର୍ଟଚାଲଣ କରାଯାଇଛି।

## ଟ୍ରେନ୍ ଧକ୍କାରେ ଜଣେ ମୃତ

ବାଲୁଗାଁ,୫।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲୱେ ଷ୍ଟେଶନଠାରେ ଟ୍ରେନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କର ପରିଚୟ ମିଳିପାରି ନାହିଁ। ସନ୍ଧ୍ୟା ୭ଟା ୩୦ରେ ହାୱଡ଼ା – ବାଙ୍ଗାଲୋର ଟ୍ରେନ ବାଲୁଗାଁ ଷ୍ଟେଶନରେ ରହଣି ନ ଥିବା ବେଳେ ଦ୍ରୁତ ବେଗରେ ଅତିକ୍ରମ କରୁଥିଲା। ଏହି ସମୟରେ ଜଣେ ବ୍ୟକ୍ତି ରେଳଧାରଣା ଅତିକ୍ରମ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ବିକ୍ଷିପ୍ତ ଭାବେ ପଡିରହିଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ଖବରପାଇ ଜିଆର୍‌ପି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସାମାଜିକ କର୍ମୀ ଗଣେଶ୍ୱର ସାହୁଙ୍କ ସ୍ମୃତିଚାରଣ

ଟାଙ୍ଗୀ,୫।୯(ରଘୁନାଥ ସାହୁ)

ଚାନ୍ଦପୁର ଅଞ୍ଚଳର ସାମାଜିକ କର୍ମୀ ଗଣେଶ୍ୱର ସାହୁଙ୍କ ଦ୍ୱାଦଶାହ ଦିବସ ଅବସରରେ ଆଞ୍ଚଳିକ ପୂଜ୍ୟପୂଜା ପରିଷଦ ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଖାଉଟି ଅଦାଲତର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାମାଜିକକର୍ମୀ ସୁକାନ୍ତ ସେନାପତି, ଜନତା କଲେଜର ପୂର୍ବତନ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ଶିବ ପ୍ରସାଦ ସାହୁ, ଗୋପାଳ ଚନ୍ଦ୍ର ନାୟକ, ପୂର୍ଣ୍ଣାନନ୍ଦ ବେହେରା, ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ବିଜୟ କୁମାର ରାଉତ, ଦୁଃଶାସନ ମଳିକ, ଗୋଦାବରୀ ସାହୁ, ଅଭୟ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପୂଜ୍ୟପୂଜା ପରିଷଦ ସମ୍ପାଦକ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁଅ ତାପସ ସାହୁ, ଝିଅ ରାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୁଅ



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୫।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ଏକ ବର୍ଷ ପୂରଣ ହୋଇଛି। ଗୁରୁବାର ଗୁରୁଦିବସ ଅବସରରେ ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ସ୍ଥଳ ପରିସରରେ ପ୍ରଥମ ପ୍ରତିଷ୍ଠା ଦିବସ ଉତ୍ସବ ପାଳିତ ହୋଇଯାଇଛି। ସଂସଦ ସଭାପତି ଡ. ହରିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ରାମଧୁନ ଗାନ ସହ ସ୍ମୃତିସ୍ଥଳ ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ପଣ୍ଡିତ ବିଷ୍ଣୁ ପ୍ରସାଦ କରଙ୍କ ବେଦ ପାଠ ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଏବଂ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ଛତ୍ରପୁର ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଓ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଗାନ୍ଧିଜୀଙ୍କ ଆଦର୍ଶ ଓ ନୀତି ଯୁଗେ ଯୁଗେ ସ୍ମରଣୀୟ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଶେଷରେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଗାନ୍ଧୀ ଭଜନ ଗାନ କରିଥିବା ବେଳେ ବରିଷ୍ଠ ସଭ୍ୟା ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଗୀତିକାର ଲକ୍ଷ୍ମୀଧର ମହାରଣା, ଯୋଗୀନାଥ ମହାପାତ୍ର, କୈଳାସ ନାଥ ପଟ୍ଟନାୟକ, ଶ୍ରୀବତ୍ସ ପାଣିଗ୍ରାହୀ, ମାନସୀ ଦାସ, ମୈଉଦ୍ଦିନ ଅହମ୍ମଦ, ଶରତ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ଚମ୍ପତି, ବୀଣାପାଣି କର, ଅଶ୍ୱିନୀ ପଟ୍ଟନାୟକ, ବିଜୟ ମହାନ୍ତି, ମାନସ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଚକ୍ଷୁଦାନ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୫।୯
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ କନ୍ଦଖାଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ମିଳିତ ଆନୁକୂଲ୍ୟରେ ଚକ୍ଷୁଦାନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ବରିଷ୍ଠ ଇଂଲିଶ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମକୁ କନ୍ଦଖାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରାଧ୍ୟାପକ ଡ.ପ୍ରଭାତ କୁମାର ଆଚାର୍ଯ୍ୟ, ଅଧ୍ୟାପକ ମଧୁସୂଦନ ସାହୁ, ଗୋପାଳ କୃଷ୍ଣ ଚଟୋପାଧ୍ୟାୟ, କ୍ରୀଡ଼ା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପିକା ସ୍ମିତା ମହାରଣା, ଚନ୍ଦନା ନାୟକ, ମୁଖ୍ୟ କିରାଣି ଦିଲୀପ ଦଳେଇ, ସୁକାନ୍ତ ଜେନା ପ୍ରମୁଖ ଯୋଗଦେଇ ଚକ୍ଷୁଦାନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ଚକ୍ଷୁଦାନ ମହାପୁଣ୍ୟର ନାରା ଦେଇ ଆଖପାଖ ଅଞ୍ଚଳ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଶେଷରେ ଚକ୍ଷୁଦାନ ନିମନ୍ତେ ଶପଥ ପାଠ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ପୀରବାବାଙ୍କ ପୀଠରେ ଉର୍ସ ଉତ୍ସବ



ଉର୍ସ ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ ଏବଂ ଅନ୍ୟମାନେ।

ବୋଲଗଡ,୫।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ଗୋଛାବରୀ ପଡିଆଠାରେ ସ୍ଥାପିତ ଶାହାତିମ ଶାହା (ପୀର ବାବା)ଙ୍କ ସମାଧି ପୀଠରେ ୨୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମାଣିକଗୋଡାର ସୁନ୍ନି ସମ୍ପ୍ରଦାୟର ମସଜିଦ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଖାଦିମ ବା ପୂଜକ ଏକ୍ରାମ ଖାଁ ଓ ନାସିର ଖାଁ ମୁଖ୍ୟ ପୁରୋଧା ଭାବେ ଭୋର ୪ଟାରୁ ବାବାଙ୍କ ସମାଧି ବା ମଜାରରେ ଅତର ସ୍ନାନ, ଚଦର ଚଢା ଓ ଜର୍ଦ୍ଦା (ମିଠା)କାନିକା ପ୍ରସାଦ ଅର୍ପଣ ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଖୋଲାଯାଇଥିଲା। ଏହି ଉତ୍ସବରେ ଖୋର୍ଦ୍ଧା, ନୟାଗଡ଼ ଏବଂ ବିଭିନ୍ନ ଜିଲା ପଶ୍ଚିମ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିଲେ। ଅତିଥିଭାବେ ଯୁବନେତା ବ୍ରଜବନ୍ଧୁ ସୁବୁଦ୍ଧିଙ୍କ ସମେତ ଆମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ। ଉର୍ସ କମିଟି ପକ୍ଷରୁ ସଭ୍ୟ ମୀର ହିଦାୟତଲ୍ଲା, ଗୁଲଜାର ଖାଁ, ମିର ମନସୁର ଅଲ୍ଲୀଙ୍କ ସମେତ ସମସ୍ତ କମିଟି ସଦସ୍ୟ ଏବଂ ମାଣିକଗୋଡା ଗ୍ରାମର ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ସହଯୋଗ କରିଥିଲେ।

# ବିନା ମୋବାଇଲ ଲିଙ୍କ୍‌ରେ କରିହେବ ଆବେଦନ

**ସୁଭଦ୍ରା ଯୋଜନା**

ଖୋର୍ଦ୍ଧା,୫।୯(ପ୍ରଭାତ ପାଣିଗ୍ରାହୀ)

ସୁଭଦ୍ରା ଯୋଜନା ଫର୍ମ ଦାଖଲ ପୂର୍ବରୁ ନିଜ ଆଧାର ସଂଶୋଧନ କରିବାକୁ ଡାକଘର ଏବଂ ଜନସେବା କେନ୍ଦ୍ରରେ ହିତାଧିକାରୀଙ୍କ ଲମ୍ବାଧାଡ଼ି ଲାଗିଛି। କିଏ ମୋବାଇଲ ନମ୍ବର ତ' ଆଉ କିଏ ଠିକଣା ଅପଡେଟ ପାଇଁ ଭିଡ ଲଗାଇଛନ୍ତି। ସୁଭଦ୍ରା ଯୋଜନା ଅର୍ନ୍ତଭୁକ୍ତ ପାଇଁ ଆଧାର ସଂଯୋଗ ବାଧ୍ୟତାମୂଳକ ରହିଛି। ଫଳରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଆଧାର ସଂଯୋଗ ପାଇଁ ବିଭିନ୍ନ ଡାକଘର ନାହିଁ ନ ଥିବା ଭିଡ ଲାଗିଥିବା ନେଇ ଖବର ପ୍ରଚାରିତ ହେବା ପରେ ଜିଲାପାଳ ଚଞ୍ଚଳ ରାଣା ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ରଖିଛନ୍ତି। ଏକ ପ୍ରେସ ବିଜ୍ଞପ୍ତିରେ ଜିଲାପାଳ କହିଛନ୍ତି, ଜନସେବା କେନ୍ଦ୍ର(ସିଏସସି) ଏବଂ ମୋ ସେବା କେନ୍ଦ୍ରରେ ସୁଭଦ୍ରା ଫର୍ମ ଦାଖଲ ପାଇଁ ଆଧାର ସହ ମୋବାଇଲ ନମ୍ବର ଲିଙ୍କ ହୋଇ ନ ଥିଲେ ମଧ ମୁହଁ କିମ୍ବା ଫିଙ୍ଗରପ୍ରିଣ୍ଟ ସ୍କାନିଂ ମାଧ୍ୟମରେ ଆଧାର ପ୍ରମାଣିକରଣ କରାଯାଇପାରିବ। ତେଣୁ ସୁଭଦ୍ରା ଫର୍ମ ଦାଖଲ ପାଇଁ ମୋବାଇଲ ନମ୍ବର ଆଧାର ଲିଙ୍କ ପାଇଁ ଗହଳି ନ କରି ବିନା ମୋବାଇଲ ନମ୍ବର ଲିଙ୍କରେ ମଧ୍ୟ ଆବେଦନପତ୍ର ପୂରଣ କରି ଦାଖଲ କରିପାରିବେ ବୋଲି ଜିଲାପାଳ କହିଛନ୍ତି। ଆଧାର ସଂଶୋଧନ ପାଇଁ ଜିଲାର ସମସ୍ତ ବ୍ଲକ ସ୍ତରରେ ରହିଥିବା ଡାକଘର ସମ୍ପର୍କରେ ଜିଲା ପ୍ରଶାସନ ଫେସବୁକ ଆକାଉଣ୍ଟ (ସୋସିଆଲ ମିଡିଆ)ରେ ଉଲ୍ଲେଖ କରାଯାଇଛି। ଆବଶ୍ୟକ ଆଧାର ସଂଶୋଧନ ପାଇଁ ନିକଟସ୍ଥ ଡାକଘରକୁ ଯାଇ ସଂଶୋଧନ କରିପାରିବେ ବୋଲି କହିଛନ୍ତି।

# ଘରକୁ ଘର ବୁଲି ସଦସ୍ୟତା ଗ୍ରହଣ କରିବେ କର୍ମୀ

**ଭାଜପାର ଜିଲାସ୍ତରୀୟ ସଦସ୍ୟତା ଅଭିଯାନ ଆରମ୍ଭ**

ଖୋର୍ଦ୍ଧା,୫।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ବୁଧବାରଠାରୁ ଭାଜପାର ସଦସ୍ୟତା ଅଭିଯାନ ଶୁଭାରମ୍ଭ କରାଯାଇଥିବା ନେଇ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସେ କହିଥିଲେ, ଅନଲାଇନ: ମିସ କଲ (୮୮୦୦୦୦ ୨୦୨୪), ନମୋ ଆପ୍, କ୍ୟୁଆର କୋଡ୍ ଏବଂ ଅଫଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ। ଏହି ଅଭିଯାନରେ ସମାଜର ସବୁବର୍ଗର ଓ ସବୁସ୍ତରର ଲୋକ ସାମିଲ ହୋଇପାରିବେ। ସହଜ ଏବଂ ସୁବିଧାରେ କିପରି ସଦସ୍ୟତା ଗ୍ରହଣ କରାଯାଇପାରିବ ସେ ନେଇ ବ୍ୟବସ୍ଥା କରାଯାଇଛି। ଏହି ଅଭିଯାନ ପାଇଁ ଏକ ରାଜ୍ୟଠାରୁ ଆରମ୍ଭ କରି ପ୍ରତ୍ୟେକ ଜିଲା, ମଣ୍ଡଳ ଓ ବୁଥ୍ ସ୍ତରରେ ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଘରକୁ ଘର ଯାଇ ସଦସ୍ୟତା ଅଭିଯାନକୁ ସଫଳ କରିବାକୁ ଏମ୍‌ପି ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ନଗର ସଭାପତି ଦେବବ୍ରତ ଆଚାର୍ଯ୍ୟ, ଅଜୟ ମିଶ୍ର, ଦୁଷ୍ମନ୍ତ ହରିଚନ୍ଦନ, ବିଶ୍ୱରଞ୍ଜନ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ନିକଟରେ ଟାଉନ୍ ହଲ୍‌ଠାରେ ହୋଇଥିବା ସଦସ୍ୟତା ଅଭିଯାନ ବୈଠକରେ ଦଳରୁ ନିଲମ୍ବିତ ନେତା ଏବଂ କର୍ମୀ ଯୋଗଦେଇଥିବା ପ୍ରଶ୍ନରେ ଏମ୍‌ପି ଷଡ଼ଙ୍ଗୀ କୌଣସି ଉତ୍ତର ଦେଇ ନ ଥିଲେ। ସେହିପରି ଜିଲା ସଭାପତି ମହାପାତ୍ର ମଧ ଏ ସମ୍ପର୍କରେ ମୁହଁ ଖୋଲିବାକୁ ନାରାଜ।

# ସରକାରୀ ଜାଗା ଜବରଦଖଲ ମୁକ୍ତ ଦାବି

ଖୋର୍ଦ୍ଧା,୫।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ନିକଟ ମାର୍କେଟ କମ୍ପ୍ଲେକ୍ସ ନିକଟ ସରକାରୀ ଜାଗା ଜବରଦଖଲ ମୁକ୍ତ ଦାବିରେ ଗୁରୁବାର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଖୋର୍ଦ୍ଧା ସହରରେ ଜନସଂଖ୍ୟା ବଢ଼ିଚାଲିଛି। ସହର ଅଧିକାଂଶ ଅଞ୍ଚଳ ଜବରଦଖଲରେ ରହିଛି। ଏହା କ୍ୟାବିନ ସହର ପରିଚିତ। ଟ୍ରାଫିକ ଓ ପାର୍କିଂ ସମସ୍ୟା ମଧ୍ୟ ଉପୁଜୁଛି। ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସକୁ ଲାଗି ଏକ ସରକାରୀ ଜାଗା ମୌଜା– ଜଜାରସିଂରେ ଥିବା ୧.୨୪୫ଡିସିମିଲ ସରକାରୀ ଜାଗାକୁ ଜଣେ ବ୍ୟକ୍ତି ଦୀର୍ଘଦିନ ଧରି କବ୍‌ଜା କରି ରଖିଛନ୍ତି। ଉକ୍ତ ଜାଗାକୁ ମୁକ୍ତ କରି ଗାଡି ପାର୍କିଂ ପାଇଁ ଚିହ୍ନଟ କରାଗଲେ, ପାର୍କିଂ ବ୍ୟବସ୍ଥାରେ ସୁଧାର ଆସିପାରିବ। ଏଥିସହ ସହରବାସୀ ବିଶେଷ ଉପକୃତ ହୋଇପାରିବେ ବୋଲି ଛାତ୍ର କଂଗ୍ରେସ ଦାବି କରିଛି। ଏହି ଦାବିପତ୍ର ପ୍ରଦାନ ବେଳେ ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳ, ଖୋର୍ଦ୍ଧା ସହର ଛାତ୍ର କଂଗ୍ରେସ ସଭାପତି ସ୍ୱୟଂ ସ୍ୱାଇଁ , ପବିତ୍ର ପାଟଶାଣୀ, ଅଭିଜିତ୍ ଦଳବେହେରା, ସତ୍ୟବ୍ରତ ମହାପାତ୍ର, ଶୁଭେନ୍ଦୁ ସାମନ୍ତରାୟ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଜିଲା ଛାତ୍ର କଂଗ୍ରେସର କର୍ମକର୍ତ୍ତା।

# ଚିଲିକାରେ ରାଜଦଳ, ଡଙ୍ଗାଚାଳକ ହଇରାଣ

ବାଲୁଗାଁ,୫।୯(ସଂଗ୍ରାମ ପାଇକରାୟ)



ଚିଲିକା ତଟବର୍ତ୍ତୀ ଅଞ୍ଚଳ ସମେତ ବାଲୁଗାଁ ଚିଲିକା କୂଳ ଜେଟିର ବିଭିନ୍ନ ସ୍ଥାନରେ ଅଧକିଲୋମିଟର ବ୍ୟାପି ରାଜଦଳ ଜମି ରହିଛି। ଫଳରେ ଡଙ୍ଗା ଚଳାଚଳରେ ସମସ୍ୟା ସୃଷ୍ଟି ହେବା ସହିତ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ରାଜଦଳ ଜମିରହିଥିବା ସ୍ଥାନ ଏକ କୁଦର ଭ୍ରମ ସୃଷ୍ଟି କରୁଛି। ବୁଧବାର ରାତିରେ ଡଙ୍ଗାଗୁଡ଼ିକ ବାଲୁଗାଁସ୍ଥିତ ଚିଲିକା କୂଳ ଜେଟିରେ ବନ୍ଧାଯାଇଥିବାବେଳେ ଗୁରୁବାର ଭୋର ସମୟରେ ଜେଟିର ପ୍ରାୟ ଅଧକିଲୋମିଟର ବ୍ୟାପୀ ଚିଲିକାରେ ରାଜଦଳ ସମସ୍ତ ଡଙ୍ଗାକୁ ଘେରି ଜମିରହିଥିବା ଦେଖିବାକୁ ମିଳିଥିଲା। ପରିବାର ପ୍ରତିପୋଷଣ ନିମନ୍ତେ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀମାନେ ଗୁରୁବାର ଭୋର ସମୟରେ ଡଙ୍ଗା ନେଇ ଫେରୁଥିବା ବେଳେ ଏହି ରାଜଦଳ ଦେଖି ବାଟବଣା ହୋଇ କିଛି ସମୟ ପରେ ସକାଳ ହେବାରେ ବହୁ କଷ୍ଟରେ ଉକ୍ତ ରାଜଦଳ ଘେରକୁ ଅତିକ୍ରମ କରି ଜେଟିରେ ଆଣି ଡଙ୍ଗା ଲଗାଇ ମାଛ ଖାଲି କରିଥିଲେ। ସମସ୍ତ ଯାତ୍ରୀବାହୀ ଡଙ୍ଗା ଏବଂ ଅନ୍ତର୍ଜାତୀୟ ଜଳପଥ ପରିବହନ ବିଭାଗ ପକ୍ଷରୁ ଚିଲିକାରେ ଚାଲୁଥିବା ସମସ୍ତ ଲଞ୍ଚ ଉକ୍ତ ରାଜଦଳ ଘେରରେ ବନ୍ଦୀ ହୋଇ ରହିଥିବାରୁ ଯାତାୟାତରେ ବ୍ୟାହତ ସୃଷ୍ଟି ହେଉଛି। ତେବେ ଏ ସମ୍ପର୍କରେ କେତେଜଣ ଡଙ୍ଗା ଚାଳକଙ୍କୁ ପଚାରିବାରେ ରାତିରେ ଅଚାନକ ପବନରେ ମଲାଗୁଣି ନଦୀକୁ ସଂଯୋଗ କରୁଥିବା ସ୍ଥଳରୁ ଏତେ ପରିମାଣର ରାଜଦଳ ଆସି ସମଗ୍ର ଚିଲିକା କୂଳ ଜେଟିରେ ଲାଗିଗଲା। ଫଳରେ ସମସ୍ତ ଡଙ୍ଗା ବର୍ତ୍ତମାନ ରାଜଦଳ ଘେରରେ ବନ୍ଦୀ ଅବସ୍ଥାରେ ରହି ଯାତାୟତରେ ହଇରାଣ ହେଉଛୁ ବୋଲି ସେମାନେ କହିଥିଲେ। ତେବେ ଏଥିପ୍ରତି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହି ସମସ୍ୟାର ସମାଧାନ କରିବା ପାଇଁ ଡଙ୍ଗାଚାଳକମାନେ ଦାବି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୯।୨୦୨୪

| | |
|---|---|
| ୪,୦୮,୭୫୫ ଟଙ୍କା | |
| ସୁନା | ୩୦ ମିଲିଗ୍ରାମ୍ |
| ରୁପା | ୫.୨୫୦ ଗ୍ରାମ୍ |

# ମୃତକଙ୍କ ନାମରେ ଉଠୁଛି ପିଡିଏସ୍ ଚାଉଳ


ବୈଠକରେ ଗୋପ ବ୍ଲକ୍ ଅଧକ୍ଷା ଝୁନୁ ମଲ୍ଲିକ, ଉପଜିଲାପାଳ ଗୋପୀନାଥ କୁଅଁର ଏବଂ ଅନ୍ୟମାନେ ।

**ଗୋପ,୫।୯(ଭାରତୀ ଭୂଷଣ ଉପାଧ୍ୟାୟ)**

- ଜନଶୁଣାଣିରେ ଅଭିଯୋଗ
- ଲକ୍ଷାଧିକ ଟଙ୍କା ଆତ୍ମସାତ୍
- ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ: ଉପଜିଲାପାଳ

ଗୋପ ବ୍ଲକ ବୈଠକ ଗୃହରେ ଗୁରୁବାର ଅନୁଷ୍ଠିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ କେତେକ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଭଳି ଅଭିଯୋଗ ହୋଇଛି। ଏପରି କି ବ୍ଲକ ଯୋଗାଣ ବିଭାଗ ଅଧୀନ ୩୧ ପଞ୍ଚାୟତ ମଧ୍ୟରୁ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ପ୍ରତ୍ୟେକ ମାସରେ ମୃତକଙ୍କ ନାମରେ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଉଠାଇ ନିଆଯାଉଛି। ଏଥିସହ ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ସହିତ ମଧ୍ୟାହ୍ନଭୋଜନରେ ଅବ୍ୟବସ୍ଥା ହେଉଥିବା ଭଳି ଅଭିଯୋଗ ହୋଇଛି। ଆଉ ମଧ୍ୟ ଏହିସବୁ ଯୋଜନାଗୁଡ଼ିକର ଫାଇଲ ପତ୍ର ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବଦଳି ହୋଇଥିବା ପଞ୍ଚାୟତସ୍ତରୀୟ ଅଧିକାରୀଙ୍କ ନିକଟରେ ରହିଥିବା ଜଣାପଡ଼ିଛି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କାର କାଜୁ ଗଛ ନ ଥିବା, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଶତ ପ୍ରତିଶତ ନଡ଼ିଆ ଗଛ ଲଗାଯାଇଥିଲେ ମଧ୍ୟ ଗଛଗୁଡ଼ିକର ରକ୍ଷଣାବେକ୍ଷଣା ପାଇଁ ଦାବି ହୋଇଥିଲା। ମଧ୍ୟାହ୍ନଭୋଜନ ଯୋଜନାରେ ଶିକ୍ଷା ବିଭାଗ ଦାୟିତ୍ୱକୁ ଠିକ୍ ଭାବେ ଦେଖୁନାହିଁ। ଛାତ୍ରୀଛାତ୍ରଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ ହୋଇ ଖାଇବାକୁ ଦିଆଯିବା ସହ ହାତ ଧୌତ ପାଇଁ ସାବୁନ ମିଳୁ ନ ଥିବା ଅଭିଯୋଗ ଆସିଥିଲା। ଏପରିକି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟରତ ଗ୍ରାମ୍ୟ ରୋଜଗାର ସେବକଙ୍କୁ ସମୀକ୍ଷା ସମୟରେ ଧମକ ଦିଆଯାଉଥିବା ଭଳି ଅଭିଯୋଗ ହୋଇଥିଲା। ବିଶେଷ କରି ମୃତକଙ୍କ ନାମରେ ଗୋପ ବ୍ଲକର ଶିମିଳି, ତରକୋର ପଞ୍ଚାୟତରେ ଶତାଧିକ ରାଶନ କାର୍ଡରେ ଏହି ଚାଉଳ ହଡ଼ପ ହେଉଥିବାବେଳେ ଗଣେଶ୍ୱରପୁର, ଗଡ଼ଭିଙ୍ଗୁରା, ସୁତନ, ବଡ଼ତରା ସହିତ ଆଉ କେତେକ ପଞ୍ଚାୟତରେ ଏହି ଚାଉଳ ହଡ଼ପ କରାଯାଉଛି। କେତେକ ଯୋଜନାର କାଗଜପତ୍ର ବଦଳି ହୋଇଥିବା ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଥିବାବେଳେ ସରକାରୀ ଯୋଜନାରେ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ମଧ୍ୟ ଶିବିରରୁ ଜଣାପଡ଼ିଛି। ଶିବିରରେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ବିଡିଓ ଦୀପକ ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ପୃଷ୍ଟି, ବ୍ଲକ ପ୍ରୋଗ୍ରାମ ଅଧିକାରିଣୀ ମୋନାଲିସା ଶତପଥୀ, ଜିଲା ସାମାଜିକ ସମୀକ୍ଷକ ରାଜକିଶୋର ପରିଡ଼ା, ଶିଶୁ ବିକାଶ ଅଧିକାରିଣୀ ମୀନାକ୍ଷୀ ସାହୁ, ଗୋପ ବ୍ଲକ ସାମାଜିକ ସମୀକ୍ଷକ ଜନ୍ମେଜୟ ଦକ୍ଷିଣରାୟ ପ୍ରମୁଖ ଯୋଗଦେଇଥିଲେ। ଏକ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ କୁଅଁର କହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଭିଆର୍‌ପି ଗୌରୀପ୍ରିୟା ପ୍ରଧାନ, ଉଷାରାଣୀ ରାଉତ, ସନ୍ତୋଷିନୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଖବରଦାତାଙ୍କୁ ଆକ୍ରମଣ

**ନୟାହାଟ,୫।୯(ମହମ୍ମଦ ସମସୁଲ ଅର୍ଫନ)**

**ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଗିରଫ ଘଟଣା**

୧୦କୋଟି ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱର କ୍ରାଇମ୍‌ବ୍ରାଞ୍ଚ ପୋଲିସ ନୟାହାଟରୁ ଅଭୟ ପାତ୍ରଙ୍କ ଘରେ ଭଡ଼ାରେ ରହୁଥିବା ଅଭିଯୁକ୍ତ ଫିରୋଜ୍ ଖାନ୍‌ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ଖବର ପ୍ରସାରଣ ପରେ ଧରିତ୍ରୀ ପ୍ରତିନିଧି ରଶ୍ମିରଞ୍ଜନ ସାହୁଙ୍କୁ ଅଭୟ ପାତ୍ର ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ରଶ୍ମିରଞ୍ଜନଙ୍କ ଡାହାଣ ହାତରେ ଆଘାତ ଲାଗିଥିବାରୁ ତାଙ୍କୁ ଚାରିଛକ ମେଡିକାଲ୍‌ରେ ଚିକିତ୍ସା କରାଯାଇଛି। ଏନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଥିଲେ, ଦୋଷୀଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଭିଯୁକ୍ତ ଜଣକ ପୁରୀ ଜିଲା କୋଣାର୍କ ଥାନା ଅନ୍ତର୍ଗତ ଅନସରା ଗ୍ରାମର ବୋଲି ଜଣାପଡ଼ିଛି।

## ସମ୍ପର୍କୀୟ ଭାଇ, ପୁତୁରାଙ୍କୁ ଭୁଜାଲିରେ ଆକ୍ରମଣ

**ବ୍ରହ୍ମଗିରି,୫।୯(ସ୍ୱାଧୀନ ଚମ୍ପତିରାୟ)**

ପୁରୀ ଜିଲା ସାତପଡ଼ା ଫାଣ୍ଡି ଅଧୀନ ରାୟପୁର ଗାଁରେ ବୁଧବାର ରାତିରେ ପାରିବାରିକ କଳହକୁ ନେଇ ୨ ଜଣ ବ୍ୟକ୍ତି ତାଙ୍କ ସମ୍ପର୍କୀୟ ଭାଇ ଓ ପୁତୁରାଙ୍କୁ ଭୁଜାଲିରେ ଆକ୍ରମଣ କରିଛନ୍ତି। ଚିକିତ୍ସା ପାଇଁ ଉଭୟ ବାପା, ପୁଅଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବ୍ରହ୍ମଗିରି ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଅଭିଯୋଗ ପାଇ ଘଟଣାର ତଦନ୍ତ କରିଥିବା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ସୁରେଶ ଜେନା ଓ ତାଙ୍କ ପୁଅ ସୌମ୍ୟରଞ୍ଜନ ଜେନାଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ଘରେ ପାଟିତୁଣ୍ଡ ଲାଗିଥିଲେ। ସେହି ସମୟରେ ସମ୍ପର୍କୀୟ ଭାଇ କର୍ଣ୍ଣ ଜେନା ଓ ପ୍ରସନ୍ନ ଜେନା ଘର ଭିତରକୁ ପଶି ଆସି ସୁରେଶଙ୍କୁ ମାଡ଼ି ମାରିବା ସହ ପେଟକୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ସୌମ୍ୟ ଅଟକାଇବାରୁ ତାଙ୍କ ଦୁଇ ହାତରେ ଗଭୀର ଆଘାତ ଲାଗିଥିଲା। ପରିବାର କଳହକୁ ନେଇ କର୍ଣ୍ଣ ଓ ପ୍ରସନ୍ନ ବାପା, ପୁଅଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ କରିଛନ୍ତି।

## ପାଲାକାର କେଳୁଚରଣ ବେହେରାଙ୍କ ସ୍ମୃତିସଭା

**ଡେଲାଙ୍ଗ,୫।୯(ରଶ୍ମୀରଞ୍ଜନ ପ୍ରଦାନ)**

ପାଲାକାର କେଳୁଚରଣ ବେହେରାଙ୍କ ଏକାଦଶାହ ଅବସରରେ ନାଗଣସ୍ଥିତ ନିଜସ୍ୱ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗୌରୀମଣ୍ଡଳର ବରିଷ୍ଠ ପାଲାଗାୟକ ହରିହର ସାମନ୍ତରାୟଙ୍କ ସଭାପତିତ୍ୱରେ ଶରତ ଚନ୍ଦ୍ର ଦାସ, ସରୋଜ ପ୍ରଧାନ, ଅନନ୍ତ ଗୋପାଳ ଗୁରୁ ଦାଶ ପାଲା ସମିତି ସଦସ୍ୟ ସମ୍ପାଦକ ପ୍ରମୋଦ କୁମାର ଜେନା, କୈଳାସ ଚନ୍ଦ୍ର ପାଣି, ବସନ୍ତ କୁମାର ମହାରଣା, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନେକ ଶିଷ୍ୟଙ୍କୁ ତିଆରି କରିବାରେ କେଳୁଚରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ସମ୍ପନ୍ନ

**ପୁରୀ,୫।୯(ଅଜିତ କୁମାର ମହାନ୍ତି)**

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ନୀତି ଚାଲିଛି। ଏହି କ୍ରମ ଅନୁଯାୟୀ ଭାଦ୍ରବ ମାସ ଶୁକ୍ଳ ଦ୍ୱିତୀୟା ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ବଢ଼ିବା ପରେ ଶ୍ରୀମଦନମୋହନ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟମନ୍ଦିର ଖଟଶେଜ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ହେବା ପରେ ହରଚଣ୍ଡୀ ସାହିର ଆଖଡ଼ା ପକ୍ଷରୁ ନିକୁଞ୍ଜ ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ଦ୍ୱାପର ଯୁଗର ଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ।

### ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମାସକର ଦରମା ଦାନ କଲେ ସୁଜାତା ପ୍ରିୟମ୍ବଦା

**ପୁରୀ,୫।୯(ଅଜିତ କୁମାର ମହାନ୍ତି)**

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରାଜ୍ୟ କୃଷି ବିଭାଗର ପରିସଂଖ୍ୟାନ ଉପନିର୍ଦ୍ଦେଶିକା ଡ. ସୁଜାତା ପ୍ରିୟମ୍ବଦା ପରିଡ଼ା ନିଜର ଗୋଟିଏ ମାସର ଦରମା ପ୍ରଦାନ କରିଛନ୍ତି। ଗତ ମାସର ଦରମା ବାବଦକୁ ମିଳିଥିବା ୧ ଲକ୍ଷ ୦୨ ହଜାର ୩୩୪ ଟଙ୍କା ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କୁ ଭେଟି ଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଦାନ ବାବଦ ଚେକ୍ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ପ୍ରାୟ ୭ ବର୍ଷ ହେଲାଣି ଡ. ପରିଡ଼ା ତାଙ୍କର ଗୋଟିଏ ମାସର ଦରମା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରି ଆସୁଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢୀ ଡ. ପରିଡ଼ାଙ୍କୁ ସାଧୁବାଦ ଜଣାଇବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ସବୁବେଳେ ରହିଥାଉ ବୋଲି କାମନା କରିଛନ୍ତି।

### ନାଗପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ଗୋପ,୫।୯(ଭାରତୀ ଭୂଷଣ ଉପାଧ୍ୟାୟ)**

ନାଗପୁର ପଞ୍ଚାୟତ କାର୍ଯ୍ୟାଳୟରୁ ବଡ଼ ଟିଭି, କମ୍ପ୍ୟୁଟର ସହିତ ଅନ୍ୟାନ୍ୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସରପଞ୍ଚ ପଦ୍ମପର୍ଣ୍ଣା ଦଳାଇ ଗୁରୁବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୨୫୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏତଲା ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହ ତଦନ୍ତ ଆରମ୍ଭ କରିଛି। ହେଲେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଫଳରେ ସାଧାରଣ ଲୋକଙ୍କ ଭରସା ପୋଲିସ ଉପରୁ ଆସ୍ଥା ତୁଟିବା ଭଳି ଅଭିଯୋଗ ହୋଇଛି।

### ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ନିମାପଡ଼ା,୫।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବୁଧବାର କେହି ଅପହରଣ କରିନେଇଥିବା ଅପହୃତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୨୬୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସବୁଦିନ ପରି ଛାତ୍ରୀ ବୁଧବାର ନିମାପଡ଼ା ଅଞ୍ଚଳର ଏକ କଲେଜକୁ ପାଠ ପଢ଼ିବାକୁ ଯାଇ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଝିଅଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଝିଅ କଲେଜ ଫେରିବା ବାଟରୁ କେହି ଦୁର୍ବୃତ୍ତ ଉଠାଇ ନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ତୁରନ୍ତ ଅପହୃତାଙ୍କୁ ଉଦ୍ଧାର କରାଯିବା ସହ ଅପହରଣକାରୀଙ୍କୁ ଗିରଫ କରାଯିବାକୁ ତାଙ୍କ ବାପା ପୋଲିସ ନିକଟରେ ନିବେଦନ କରିଛନ୍ତି।

# ‘ଗୁରୁ ହିଁ ସମାଜର ମାର୍ଗଦର୍ଶକ’


ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିବୃନ୍ଦ।

**ପୁରୀ, ୫।୯(ଅଜିତ କୁମାର ମହାନ୍ତି)**

**ଜିଲାସ୍ତରୀୟ ଗୁରୁଦିବସ, ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ**

ଗୁରୁମାନେ ସମାଜର ମାର୍ଗଦର୍ଶକ। ସେମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ସହ ସମାଜକୁ ଶୃଙ୍ଖଳା ଓ ସଂସ୍କାର ପଥରେ ଆଗେଇ ନିଅନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ପବିତ୍ର ଗୁରୁ ଦିବସ ଅବସରରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ପୁରୀ ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ଗୁରୁ ଦିବସ ଅବସରରେ ସମସ୍ତ ଗୁରୁଙ୍କୁ ପ୍ରଣାମ ଓ ଶୁଭେଚ୍ଛା ଜଣାଇଥିଲେ। ପରିଡ଼ା କହିଥିଲେ ଯେ, ପିଲାମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଚିହ୍ନି ଯିଏ ସେମାନଙ୍କ ସ୍ୱପ୍ନକୁ ସାକାର କରାନ୍ତି ସେ ହିଁ ଗୁରୁ। ହୁଏତ ମାତାପିତା ନିଜ ପିଲାର ପ୍ରତିଭାକୁ ଜାଣିପାରନ୍ତି ନାହିଁ, କିନ୍ତୁ ଗୁରୁ ତାହାକୁ ଚିହ୍ନନ୍ତି ଓ ତାକୁ ଆଗକୁ ନିଅନ୍ତି। ଗୁରୁ-ଶିଷ୍ୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଏକ ସୁନ୍ଦର ସମାଜ ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କହିଥିଲେ, ଗୁରୁମାନେ ସୁସ୍ଥ ସମାଜର ମୂଳଦୁଆ ସଦୃଶ। ସେମାନଙ୍କର ତ୍ୟାଗ, ପରିଶ୍ରମ ଓ ଉପଯୁକ୍ତ ମାର୍ଗଦର୍ଶନ ଦ୍ୱାରା ସମୃଦ୍ଧ ସମାଜ ଗଠନ ହୋଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗୁରୁ ସମସ୍ତଙ୍କ ପାଇଁ ସମାନ ବୋଲି ଅତିଥିମାନେ କହିବା ସହ ସମସ୍ତ ସଫଳ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିବା ସହ ଗୁରୁମାନେ ଆମ ପାଇଁ ଚିର ନମସ୍ୟ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକର ୧୨୫୨ରୁ ଉର୍ଦ୍ଧ୍ୱ ସଫଳ ବିଦ୍ୟାର୍ଥୀ ଓ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଉତ୍କଳ ବନ୍ଦନା ପରିବେଷଣ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଅଳକାନନ୍ଦା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅସ୍ତରଙ୍ଗ ବ୍ଲକ୍‌ର ୧୦୪ ମେଧାବୀ ପୁରସ୍କୃତ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଅସ୍ତରଙ୍ଗ,୫।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଗୁରୁଦିବସ ଅବସରରେ ମାଟ୍ରିକ୍‌ର ମେଧାବୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗୁରୁବାର ପ୍ରଦାନ କରାଯାଇଛି। ପୁରୀ ଜିଲା ତାଳବଣିଆ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ୍‌ର ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୧୦୪ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସେଥିମଧ୍ୟରେ ବେଳାଭୂମି ଉଚ୍ଚ ବିଦ୍ୟାଳୟର ୧୯ଜଣ, ମଧୁସୂଦନ ବିଦ୍ୟାପୀଠର ୭ଜଣ, ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ୧୮ଜଣ, ଝାଡ଼ଲିଙ୍ଗ ବିଦ୍ୟାଳୟର ୩ଜଣ, ଜନତା ହାଇସ୍କୁଲ୍‌ର ୫ଜଣ, ବିନାୟକ ଦେବ ବିଦ୍ୟାପୀଠର ୧୧ଜଣ, ସୁରେନ୍ଦ୍ରନାଥ ବିଦ୍ୟାପୀଠର ୪ଜଣ, ମହାବୀର ବିଦ୍ୟାପୀଠର ୨ଜଣ, ଲବଣ ସତ୍ୟାଗ୍ରହ ବିଦ୍ୟାପୀଠ କୁହୁଡ଼ିର ୩ଜଣ, ମା' ବାସୁଳେଇ ବିଦ୍ୟାପୀଠର ୪ଜଣ, ପାଟଳଦା ବିଦ୍ୟାପୀଠର ୩ଜଣ, ସିଦ୍ଧେଶ୍ୱର ବିଦ୍ୟାପୀଠର ୫ଜଣ, ନାରାୟଣ ବିଦ୍ୟାପୀଠର ୩ଜଣ, ପଞ୍ଚାୟତ ହାଇସ୍କୁଲ କଣ୍ଟାପଡ଼ାର ୩ଜଣ, ନାରାୟଣୀ ବିଦ୍ୟାପୀଠ ସିରେଇର ୪ଜଣ, ଐଶାନେଶ୍ୱର ବିଦ୍ୟାପୀଠର ୧୦ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବ୍ଲକ୍‌ସ୍ତରରେ ଭଲ ପ୍ରଦର୍ଶନ କରିଥିବା ମେଧାବୀ ଛାତ୍ରୀଛାତ୍ର ଜଣକ ପିଛା ୫ହଜାର ଟଙ୍କା ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି, ଯାହାକି ଛାତ୍ରୀଛାତ୍ରଙ୍କ ନୂଆ ପରିଚୟ ସୃଷ୍ଟି ସହ ପରବର୍ତ୍ତୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ।

## ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

**ଚାରିଛକ,୫।୯(ଶିଶିର ସ୍ୱାଇଁ)**

ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ଗୁରୁ ପୂଜନ ଓ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ସମ୍ମାନ ୨୦୨୪ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଶିଶିର ସ୍ୱାଇଁ ଓ ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ ଏହାର ନେତୃତ୍ୱ ନେଇଥିଲେ। ଗୁରୁ ପୂଜନ କାର୍ଯ୍ୟକ୍ରମ ପୂର୍ବରୁ ଗୁରୁ ମହର୍ଷି ମାୟାଧର ଦାସଙ୍କୁ ପୁଷ୍ପମାଲ୍ୟ ବସ୍ତ୍ର ଦେଇ ଓ ପୂଜା କରି ସମ୍ମାନର ସହ ପାଛୋଟି ଆଣି ପାଦ ଧୋଇ ପୁଷ୍ପ, ଚନ୍ଦନ ଦେଇ ଗୁରୁ ପୂଜା କରିଥିଲେ। ସଭାରେ ଗୁରୁ ଓ ଗୁରୁମା'ଙ୍କୁ ପୁଷ୍ପମାଲ୍ୟ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଗୁରୁ ବଳରାମ ମଲ୍ଲିକ, ମୁଖ୍ୟବକ୍ତା ଗୁରୁ ପ୍ରଫେସର ଅରୁଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗୁରୁ କୈଳାସଚନ୍ଦ୍ର ସ୍ୱାଇଁ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ତ୍ରିଲୋଚନ ମହାପାତ୍ର, ଗୁରୁମା ଡେଜି ରାୟ, କ୍ଲବ ଉପଦେଷ୍ଟା ଆଇ. ଆର୍. ଏସ୍. ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ଏକାନ୍ତ ଆଶ୍ରମର ବାବା ନନ୍ଦ ପ୍ରଧାନ ଓ ଯୁବ ସାମାଜିକ କର୍ମୀ କବି ନାୟକ ଯୋଗଦେଇଥିଲେ। ସଭାରେ ଖବରଦାତା ରଶ୍ମି ସାହୁ, ବସନ୍ତ ମଲ୍ଲ, ସନ୍ତୋଷ ଦାସ, ଶଶିକାନ୍ତ ତ୍ରିପାଠୀ, ରଞ୍ଜିତ କାଣ୍ଡି, ବିନୋଦ ପ୍ରଧାନ, କୈଳାସ ଚନ୍ଦ୍ର ପାତ୍ର, ସରିତାଞ୍ଜଳି ନାୟକ, ଉମାକାନ୍ତ ଭୋଇଙ୍କ ସମେତ ବରିଷ୍ଠ ନାଗରିକ ପ୍ରିୟନାଥ ଭୋଳ, କରୁଣାକର ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳନ

# ମହମ ଭଳି ଜଳି ଅନ୍ୟକୁ ଆଲୁଅ ଦିଅନ୍ତି ଗୁରୁ

**ଡେଲାଙ୍ଗ/ଅସ୍ତରଙ୍ଗ/ସାକ୍ଷୀଗୋପାଳ/ନିମାପଡ଼ା/ ପିପିଲି/ କୋଣାର୍କ,୫।୯ (ରଶ୍ମିରଞ୍ଜନ ପ୍ରଧାନ/ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ/ ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ବିଚିତ୍ରାନନ୍ଦ ସାହୁ/ ଦୁର୍ଗାମାଧବ ମିଶ୍ର/ଜ୍ୟୋତିରାଜ ମହାନ୍ତି)**

ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଗୁରୁବନ୍ଦନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାନ୍ତ ବେହେରା, ଶକ୍ତିମୟୀ ପରିଡ଼ା, ଗୀତାଞ୍ଜଳୀ ପରିଡ଼ା, ଶିକ୍ଷକ ଟିକେଇ ଦଳେଇ, ସୋମନାଥ ବେହେରା, ସତ୍ୟଭାମା ବେହେରା, ପପ୍‌ଲିନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ମହନୀୟ ଜୀବନାଦର୍ଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଗୁରୁଙ୍କ କଥା ମାନିଲେ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ଅତିଥିମାନେ କହିଥିଲେ।

ସେହିପରି ଲିପ୍ସା ଏଜୁକେଶନାଲ ଟ୍ରଷ୍ଟ, ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନ ଓ ନେହେରୁ ଯୁବ କେନ୍ଦ୍ର ପୁରୀ ସହାୟତାରେ ଗୁରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ ଜାପାନୀ ମିତ୍ର, ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ଟ୍ରଷ୍ଟର ସଭାପତି ପୂର୍ଣ୍ଣେନ୍ଦୁ ପ୍ରଧାନ, ସହସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ରୋଜାଲିନ୍ ସ୍ୱାଇଁ ପ୍ରମୁଖ ଗୁରୁ ଦିବସର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଶିକ୍ଷକ ସୁରେନ୍ଦ୍ର ନାୟକ ଓ ଅଙ୍ଗନୱାଡ଼ି କର୍ମୀ ରଶ୍ମିତା କୁମାରୀ ଜେନାଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଅସ୍ତରଙ୍ଗ,କାକଟପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁପୂଜନ ଉତ୍ସବ ପାଳିତ ହୋଇଯାଇଛି। ରାମକୃଷ୍ଣ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶକୁନ୍ତଳା ଦାଶ, ପ୍ରଭାତ କୁମାର ଦୀକ୍ଷିତ ଓ ସମସ୍ତ ଗୁରୁମାଗୁରୁଜୀ ଯୋଗଦେଇଥିଲେ। ମହମ ଭଳିଜଳିଅନ୍ୟଙ୍କୁ ଆଲୁଅ ଦିଅନ୍ତି ଗୁରୁ ବୋଲି ଅତିଥିମାନେ କହିଥିଲେ। କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଗୁରୁପୂଜନ କରି ଆଶୀର୍ବାଦ ନେଇଥିଲେ। ଏହି ଉତ୍ସବରେ ଶିଶୁ ବିଦ୍ୟା ମନ୍ଦିରର ସଭାପତି ତଥା ଶିକ୍ଷାବିତ୍ ପ୍ରମୋଦ କିଶୋର ପୃଷ୍ଟି, ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ଗୁରୁଜୀ ପ୍ରଦୀପ ପ୍ରଧାନ, ଅନ୍ନଦା କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସତ୍ୟବାଦୀରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳନ ହୋଇଯାଇଛି। ମହମାୟା ସାହି ନିକଟସ୍ଥ ଆର୍‌ଏନ୍ ଟ୍ୟୁଟୋରିଆଲରେ ଗୁରୁ ଦିବସ ପାଳନ କରାଯାଇଛି। ଶିକ୍ଷକ ରବି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ପ୍ରବଚକ ଡ. ଅଭିମନ୍ୟୁ ବରାଳ, ଅନ୍ୟତମ ଅତିଥି ଶିକ୍ଷାବିତ୍ ରାଜ କିଶୋର ପତି, ଅଜୟ କୁମାର ଷଡ଼ଙ୍ଗୀ, ଟିଟୁ ଷଡ଼ଙ୍ଗୀ, ଶ୍ରୀନିବାସ ମିଶ୍ର, ରାଧା କିଶନ ସିଂ, ମୋହନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ଅନ୍ୟ ସମସ୍ତ ଶିକ୍ଷା ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଇଛି।

ନିମାପଡ଼ା ବ୍ଲକ ଅଧୀନ ଗୋପାଳପୁର ଗ୍ରାମଠାରେ ଥିବା ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନଠାରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେଶନ ମୁଖ୍ୟ ପୁରୋଧା ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ସୌଦାମିନୀ ସ୍ୱାଇଁ ଓ ଜାତୀୟ ପୁରସ୍କାରପ୍ରାପ୍ତ ତାଳପତ୍ର ଖୋଦେଇ ଶିଳ୍ପୀ ଶରତ ପ୍ରଧାନ ପ୍ରମୁଖ ଗୁରୁମାନଙ୍କୁ ଛାତ୍ରୀଛାତ୍ରମାନେ ପୂଜନ କରିଥିଲେ।

ଗୋବିନ୍ଦପୁର କ୍ଲଷ୍ଟର ଅଧୀନ ଆରୁହା ୟୁଜିୟୁପି, ଶିଉଳା କେନ୍ଦ୍ର ପ୍ରାଥମିକ, କୁଞ୍ଜର ପ୍ରାଥମିକ, କଣ୍ଟାପଡ଼ା ପ୍ରାଥମିକ, ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ, ତଳଉ ପ୍ରାଥମିକ, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠ, ଗୋବିନ୍ଦପୁର ହାଇସ୍କୁଲ, ବାଲୁଙ୍କେଶ୍ୱର ୟୁପି, ହରିଅନ୍ତା ପିୟୁପି, ଅଡଙ୍ଗପଡ଼ା ପ୍ରକଳ୍ପ ପ୍ରାଥମିକ, ନୀଳକଣ୍ଠ ନୋଡାଲ ୟୁପି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋବିନ୍ଦପୁର ଆଦି ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଗୋବିନ୍ଦପୁର ନୋଡାଲ ସ୍କୁଲ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ସିଆର୍‌ସିସି ଚିନ୍ତାମଣି ଓଝା, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ମଧୁଛନ୍ଦା ମିଶ୍ର, ସସ୍ମିତା ମିଶ୍ର, ସଞ୍ଜୀବ ରଥ, ବେବିରାଣୀ ବେହେରା, ମିନତି ଦାସ, ବାସନ୍ତୀ ତ୍ରିପାଠୀ, ସୁନାମଣି ଦେଇ, ପିଙ୍କି ମିଶ୍ର, ମୋନାଲିସା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରେ ‘ମାଆ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗୁରୁପୂଜନ ଉତ୍ସବ ଓ ‘ମାଆ ପାଇଁ ଗଛଟିଏ’ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବାହିନୀପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥି ଶିକ୍ଷକ ବାଲୁଙ୍କେଶ୍ୱର ବାରିକ୍, ସୁରେନ୍ଦ୍ରନାଥ ଗ୍ରହାଚାର୍ଯ୍ୟ, ପଣ୍ଡିତ ରବୀନ୍ଦ୍ର ଦ୍ୱିବେଦୀ, ଶିକ୍ଷକ ଦିଲୀପ ନାୟକ, ସୁଶାନ୍ତ ବେହେରା, ମାନସ ମୁଦୁଲି, ଚିତ୍ରାଞ୍ଜଳି ନାୟକ ଓ ନୀହାରିକା ମହାନ୍ତି ଉପସ୍ଥିତ ଥିଲେ। ସେହିପରି ଆମିଳିଗାଁ ୟୁଜିୟୁପିଏସ୍, ସିମିଳି ପିୟୁପିଏସ୍, ଶିରିପୁର ପିୟୁପିଏସ୍, ରୁଦ୍ରାୟଣୀ ଏନୟୁପିଏସ୍, ମାଟିଆପଡ଼ା ଏନୟୁପିଏସ୍, ପାଇକେରାପୁର ପିଏସ୍, ନାଖଣ୍ଡି ପିଏସ, ଖରାଗାଁ ପିଏସ୍, ବାହାରଣା ପିଏସ୍ ଓ ବନାଖଣ୍ଡି ପ୍ରାଥମିକ ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ ସହିତ ‘ମାଆ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।


କୋଣାର୍କଠାରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

## ସଂକ୍ଷେପରେ

### ଆଜି ଟାଉନ୍‌ଭେଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର, ୫।୯(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ଶୁକ୍ରବାର ଟାଉନ୍ ଭେଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହେବ। ପ୍ରତି ୫ବର୍ଷରେ ଥରେ ଏହି ବୈଠକ ଅନୁଷ୍ଠିତ ହେବା କଥା, ମାତ୍ର ଦୀର୍ଘବର୍ଷ ଧରି ଏହା ହୋଇପାରି ନାହିଁ। ତେଣୁ ଏଥର ବୈଠକରେ ସହରର ଉଠା ଦୋକାନୀଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ ବୋଲି ବିଏମ୍‌ସି ବିଭାଗୀୟ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ଉଠାଦୋକାନୀଙ୍କୁ ବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଭେଣ୍ଡିଂଜୋନ୍ ନିର୍ମାଣ ହୋଇଥିଲା। ମାତ୍ର ଏଠାରେ ନିର୍ମାଣାଧୀନ ଏକାଧିକ ଭେଣ୍ଡିଂଜୋନ୍ ଖାଲି ପଡ଼ିଛି। ସେହିପରି ଅନେକ ଭେଣ୍ଡିଂଜୋନ୍‌କୁ ଆବଣ୍ଟନ କରିବା ପରେ ମଧ୍ୟ ବର୍ଷବର୍ଷ ଧରି ସେଗୁଡ଼ିକ ବନ୍ଦ ହୋଇ ରହିଛି। ତେଣୁ ଏହି ଭେଣ୍ଡିଂଜୋନ୍‌ର ସମୀକ୍ଷା କରିବା ସହ ରାସ୍ତାକଡ଼ ଉଠାଦୋକାନୀଙ୍କ ପାଇଁ ସୁବ୍ୟବସ୍ଥା ଉପରେ ଆଲୋଚନା କରାଯିବ। ଆବଶ୍ୟକ ପଡ଼ିଲେ ନୂଆ ଆଲଟ୍‌ମେଣ୍ଟ କରାଯିବ ବୋଲି ସୂଚନା ମିଳିଛି।

### ପରିଚୟ ଆଦିବାସୀ କାର୍ନିଭାଲ ଉଦ୍‌ଘାଟିତ

କଟକ, ୫।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଉପର ବାଲିଯାତ୍ରା ପଡ଼ିଆରେ ପରିଚୟ ଜାତୀୟ ଆଦିବାସୀ କାର୍ନିଭାଲ-୨୦୨୪ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସି/ଏସ୍‌ଟି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଛନ୍ତି, ଆଦିବାସୀଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ରହିଛି। ସେମାନେ ଯେଭଳି କୌଣସି ସୁବିଧାରୁ ବଞ୍ଚିତ ନ ହେବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଏହି ମେଳାରେ ଆଦିବାସୀ ଲୋକଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ଖାଦ୍ୟ, କୋଟପାଡ଼ ଅଞ୍ଚଳର କପଡ଼ା ଭଳି ବିଭିନ୍ନ ଜିନିଷ ଲୋକମାନେ ପାଇପାରିବେ। ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଭାଜପାର ପୂର୍ବତନ ସଭାନେତ୍ରୀ ସମ୍ପୂର୍ତ୍ତି ପଟ୍ଟନାୟକ, ଶ୍ରମିକ କଲ୍ୟାଣ ବୋର୍ଡ ଉପଦେଷ୍ଟା ରାଜୀବ ମହାନ୍ତି, ଭାଜପା ବରିଷ୍ଠ ନେତା ନୟନ ମହାନ୍ତି, ଭାରତ ମସଲା ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇଥିଲେ। ଏହି ଅବସରରେ ଆଦିବାସୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ମେଳାରେ ୧୩୦ ଷ୍ଟଲ ଖୋଲାଯାଇଛି। ଏଥିରେ ଜଙ୍ଗଲଜାତ ସାମଗ୍ରୀ, ମସଲା, ପୋଷାକ, ହସ୍ତତନ୍ତର ସାମଗ୍ରୀ ବିକ୍ରି କରାଯାଉଛି। ଏହି ମେଳା ୧୧ ଦିନ ଧରି ଚାଲିବ।

# ଗୁରୁଙ୍କ ପ୍ରତିଟି କଥା ଆଗକୁ ବଢ଼ିବାକୁ ମାର୍ଗଦର୍ଶନ କରେ

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)




ଖୋର୍ଦ୍ଧା ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥି।

- ୨୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'
- ୧୫୩୭ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ

ସଂସାରରେ ଗୁରୁଙ୍କ ସମକକ୍ଷ କେହି ନାହାନ୍ତି। ଆମେ ଯାହାବି କିଛି ଜାଣିଛୁ, ଯାହା କିଛି ଜ୍ଞାନ ଆହରଣ କରିଛୁ, ତାହା କେବଳ ଗୁରୁଙ୍କ ପାଇଁ ସମ୍ଭବପର ହୋଇପାରିଛି। ଗୁରୁ ପରମ୍ପରା ସବୁବେଳେ ପୂଜନୀୟ। ଗୁରୁଙ୍କ ଆଶୀର୍ବାଦ ବିନା ଜୀବନରେ ଆଗକୁ ବଢ଼ିବା ଅସମ୍ଭବ। ଶିକ୍ଷକଙ୍କ ପ୍ରତିଟି କଥା ଜୀବନରେ ଆଗକୁ ବଢ଼ିବାକୁ ମାର୍ଗଦର୍ଶନ କରେ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଖୋର୍ଦ୍ଧା ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ଉପସ୍ଥିତ ଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକ୍‌ର ୨୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪' ପ୍ରଦାନ କରାଯାଇଥିଲା। ଏଥି ସହ ଜିଲାର ୨୭ଜଣ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ଭାବେ ୫୦ହଜାର ଟଙ୍କା ଲେଖାଏ ଅର୍ଥରାଶି, ନିମ୍ନ ଆୟକାରୀ ବର୍ଗରେ ରାଜ୍ୟସ୍ତରୀୟ ମେଧାବୃତ୍ତି ପୁରସ୍କାର ଭାବେ ୧୨୩ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ, ଜିଲାସ୍ତରୀୟ ମେଧାବୀ ବୃତ୍ତି ପୁରସ୍କାର ଭାବେ ୧୦୧ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ, ଖୋର୍ଦ୍ଧା ଜିଲାର ୧୦୩୩ଜଣ ବିଦ୍ୟାର୍ଥୀଙ୍କୁ ବ୍ଲକସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ସ୍ୱରୂପ ୫ ହଜାର ଟଙ୍କା ଲେଖାଏ ଏବଂ ଜିଲାର ୨୫୦ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷାବୃତ୍ତି ଭାବେ ୭ହଜାର ୫୦୦ ଟଙ୍କା ଲେଖାଏ ଅର୍ଥରାଶି ସହ ମୋଟ ୧୫୩୭ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ଦେଇଥିଲେ।

## ଗୁରୁଦିବସରେ ୧୨ ଦଫା ଦାବି ରଖିଲା ୟୁଟିଆ

ଭୁବନେଶ୍ୱର,୫।୯(ଅନୁରାଧା ମହାରଣା)

ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ୟୁଟିଆ) ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଯଥା ଶିକ୍ଷକ ନିଯୁକ୍ତି, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସରକାରୀକରଣ, ସରକାରୀ ନିୟମ ମୁତାବକ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସମାନ ପେନସନ ବ୍ୟବସ୍ଥା, ଅନୁଦାନପ୍ରାପ୍ତ ଶିକ୍ଷକଙ୍କ ୭ମ ବେତନ ଅନୁସାରେ ବକେୟା ୨୧ ମାସର ଦରମା ପ୍ରଦାନ ଆଦି ୧୨ ଦଫା ଦାବି ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ୟୁଟିଆ ସଭାପତି ଡ. ଉପେନ୍ଦ୍ର ସାହୁ, ସମ୍ପାଦକ ଜାକିର ହୁସେନ୍, ଯୁଗ୍ମ ସମ୍ପାଦକ ଅଞ୍ଜନ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ଡ. ଅର୍ଜୁନ କୁମାର ବିଶ୍ୱାଳ, ଉପସଭାପତି ଲକ୍ଷ୍ମଣ କୁମାର ମହାନ୍ତି, ସଂଗଠନ ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମହାନ୍ତି, ମୁଖ୍ୟ ସଂଯୋଜକ ଶରତ ପାଇକରାୟ, କୋଷାଧ୍ୟକ୍ଷ ଗଙ୍ଗାଧର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ୪୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ୟୁଟିଆ ପକ୍ଷରୁ ଗୁରୁଦିବସ ପାଳନ ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# 'ଓଡ଼ିଶା କ୍ରାଫ୍ଟ ଓଡେଶୀ' ଉଦ୍‌ଘାଟିତ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଏମଜିଏମ୍ ଫାଉଣ୍ଡେଶନ, ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟସ୍ ଓ ବିଦ୍ରୁ ପକ୍ଷରୁ 'ଓଡ଼ିଶା କ୍ରାଫ୍ଟ ଓଡେଶୀ' ପ୍ରଦର୍ଶନୀ ଗୁରୁବାର କେନ୍ଦ୍ରୀୟ ଲଳିତ କଳା ଏକାଡେମୀଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆସ୍କା ଏମ୍‌ପି ଅନୀତା ଶୁଭଦର୍ଶିନୀ, ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସାଂସ୍କୃତିକ ପରମ୍ପରାକୁ ଏକ ନୂଆ ଦୃଷ୍ଟିକୋଣ ଦେଇଥିବା ପ୍ରେମଜିଶ ଆଚାରୀଙ୍କ ଦ୍ୱାରା ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏହି ଅବସରରେ ସେ କହିଛନ୍ତି, ଏହା କେବଳ ଶିଳ୍ପ ଉପରେ ଏକ ପାରମ୍ପରିକ ପ୍ରଦର୍ଶନୀ ନୁହେଁ। ଅନୁସନ୍ଧାନ ମାଧ୍ୟମରେ ଆମେ କୁଶଳୀ ନିର୍ମାତାଙ୍କ ଦ୍ୱାରା ନିୟୋଜିତ ଅଭିନବ ବିକାଶ ମଧ୍ୟରେ ଲୁକ୍କାୟିତ କାହାଣୀ ଓ ସଂଘର୍ଷକୁ ଉନ୍ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ବିଶେଷ କରି କଂସା ହସ୍ତଶିଳ୍ପ, କାରିଗର ଓ ସେମାନଙ୍କ ଗୋଷ୍ଠୀ ମଧ୍ୟରେ ଏକ ସଂଯୋଗ ବୃଦ୍ଧି କରିବାକୁ ଚେଷ୍ଟା କରିଛୁ। ବିଦ୍ରୁର ମାର୍ଗଦର୍ଶକ ଜଗନ୍ନାଥ ପଣ୍ଡା କହିଛନ୍ତି, ଆମର ଜୀବନ ଓଡ଼ିଶାର କାଳଜୟୀ ପରମ୍ପରାରେ ରହିଛି, ଯେଉଁଠାରେ ପ୍ରତ୍ୟେକ ଶିଳ୍ପ, ଲୋକ ଏବଂ ତାଙ୍କ ସ୍ଥାନର କାହାଣୀ ବର୍ଣ୍ଣନା କରିଥାଏ। ଆମେ ସୃଜଶୀଳତା ଓ ନୂତନତ୍ୱକୁ ସ୍ୱଦେଶୀ କଳା ରୂପରେ ବୁଣିବା ପାଇଁ ଇଚ୍ଛା ପ୍ରକାଶ କରୁ। ତାହା ସହ ଐତିହାସିକ କୀର୍ତି ପରମ୍ପରାକୁ ଏକ ନୂତନ ଜୀବନ ଦେବାକୁ ଏହି ପ୍ରଦର୍ଶନୀରେ ଦେଖାଇଛୁ। ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।




ବୁଦ୍ଧ ମନ୍ଦିରରେ ଅଲ୍ ଇଣ୍ଡିଆ ଏଜୁକେଶନ ସୋସାଇଟି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ଔଷଧ ଦୋକାନରୁ ଚୋରି

ବାରଙ୍ଗ,୫।୯(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ମେଣ୍ଢାଶାଳ ମେଡିକାଲ ଛକରେ ଥିବା ଏକ ଔଷଧ ଦୋକାନରୁ ବୁଧବାର ବିଳମ୍ବିତ ରାତ୍ରରେ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ମେଣ୍ଢାଶାଳ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଔଷଧ ଦୋକାନର କବାଟରେ ପଡ଼ିଥିବା ୬ଟିତାଲା ଭାଙ୍ଗିଚୋରି କରିଥିଲେ। ଗୁରୁବାର ସକାଳେ ଦୋକାନ ଖୋଲିବାବେଳେ କ୍ୟାଶ ବାକ୍ସରୁ କିଛି ଟଙ୍କା ଓ କିଛି ଦାମୀ ଔଷଧ ଚୋରି ହୋଇଥିବା ଦୋକାନ ମାଲିକ ଜାଣିବାକୁ ପାଇଥିଲେ।

### ଗୋରୁ ବୋଝେଇ ଗାଡ଼ି ଜବତ

ବାରଙ୍ଗ,୫।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ପାଟପୁର ଗ୍ରାମ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ୍‌କୁ ବାରଙ୍ଗ ପୋଲିସ ଜବତ କରିଛି। ଗାଡ଼ି(ଓଆର ୦୫- ଏଟି -୧୯୪୪) ବାଙ୍କୀ-ତ୍ରିଶୂଳିଆ ମୁଖ୍ୟ ରାସ୍ତାରେ ଯାଉଥିବାବେଳେ କେହି ଦୁର୍ବୃତ୍ତ ତାକୁ ଅଟକାଇ ଥିବାର ଅନୁମାନ କରାଯାଉଛି। ଗାଡ଼ିର ସମ୍ମୁଖ କାଚ ଭାଙ୍ଗିବା ସହିତ ଗାଡ଼ି ଡ୍ରାଇଭର ସିଟ୍‌ରେ ରକ୍ତ ଲାଗିଥିବା ଦେଖିବାକୁ ମିଳିଛି। ଗୁରୁବାର ସକାଳୁ ଘଟଣାସ୍ଥଳରେ କେହି ନ ଥିବା ଦେଖି ସ୍ଥାନୀୟ ଲୋକମାନେ ବାରଙ୍ଗ ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ସୂଚନା ଦେଇଥିଲେ। ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରୁ ଅତି ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ୪ ଷଣ୍ଢ ଓ ୬ ଗାଈ ବାଛୁରୀଙ୍କୁ ଉଦ୍ଧାର କରିଥିଲେ। ପରେ ୬ ଗାଈଙ୍କୁ ପାଳିବାକୁ ସ୍ଥାନୀୟ ଲୋକଙ୍କୁ ଦେଇଥିଲେ। ବାରଙ୍ଗ ପୋଲିସ ଉକ୍ତ ଗାଡ଼ିକୁ ଜବତ କରିଛି।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୁରୁପୂଜନ

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ରମାନେ ଗୁରୁଦିବସ ପାଳନ କରିଛନ୍ତି। ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ଏହି ଛାତ୍ରୀଛାତ୍ର ପାରମ୍ପରିକ ଢଙ୍ଗରେ ଅଧ୍ୟାପିକାଅଧ୍ୟାପକଙ୍କୁ ପୂଜା କରିଥିଲେ। ଗୁରୁଙ୍କୁ ବନ୍ଦନା କରି ସିନ୍ଦୂର, ଚନ୍ଦନ ଲଗାଇ ଚରଣ ସ୍ପର୍ଶ କରି ଆଶୀର୍ବାଦ ନେଇଥିଲେ। ଏଥିସହ ଚାରା ପ୍ରଦାନ କରି ଗୁରୁ ପୂଜନ କରିଥିଲେ। ପ୍ରାଚୀନ କାଳରୁ ହିଁ ଗୁରୁ ସମାଜ ତଥା ଶିଷ୍ୟଙ୍କ ମଙ୍ଗଳ କାମନା କରିଥାନ୍ତି। ସୁସ୍ଥ ସମାଜ ହେଉ ବା ଭଲ ମଣିଷ ଟିଏ ଗଢିବାରେ ଗୁରୁ ହିଁ ପ୍ରମୁଖ ଭୂମିକା ନେଇଥାନ୍ତି। ତେବେ ଗୁରୁଙ୍କ ବାର୍ତ୍ତାକୁ ଗ୍ରହଣ କରି ସମାଜ କଲ୍ୟାଣରେ ନିଜକୁ ସାମିଲ କରିବା ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ବୋଲି କୁହାଯାଇଛି।

## ଗୁରୁ ହିଁ ପରମ ଈଶ୍ୱର



ସମ୍ବର୍ଦ୍ଧିତ ଗୁରୁଙ୍କ ସହ ଅତିଥିମାନେ।

ବାଲକାଟୀ,୫।୯(ମନୋଜ ମଣ୍ଡଳ)

ଗୁରୁ ଦିବସ ଉପଲକ୍ଷେ ବାଲକାଟୀସ୍ଥିତ ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ଓ କାଞ୍ଚନ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁଙ୍କୁ ସର୍ବଦା ସମ୍ମାନ ଦେବା ସହ ସେମାନଙ୍କଠାରୁ ଉତ୍ତମ ଶିକ୍ଷାଗ୍ରହଣ କରିବା ଛାତ୍ରୀଛାତ୍ରଙ୍କ ମୁଖ୍ୟ କର୍ତ୍ତବ୍ୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କାଞ୍ଚନ ଫାଉଣ୍ଡେଶନ ଟ୍ରଷ୍ଟ ସଭାପତି ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସୁଲେଖିକା ତଥା ଅଙ୍କୁର ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ଚିନ୍ମୟୀ ପଣ୍ଡା ଯୋଗଦେଇ ଗୁରୁ ବିନା ସମଗ୍ର ମାନବ ସମାଜର ଅଭିବୃଦ୍ଧି ଅବଶ୍ୟମ୍ଭାବୀ। ଗୁରୁ ହିଁ ପରମ ଈଶ୍ୱର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ନିର୍ମାଣ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି, ସାମାଜିକ କର୍ମୀ ଅଜୟ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ୪ ଜଣ ଆଦର୍ଶ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ ଜଣ ଛାତ୍ରୀଙ୍କୁ ଟେଷ୍ଟ ପେପର ପ୍ରଦାନ କରାଯାଇଥିଲା। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ ଶେଷରେ ଧନ୍ୟବାଦ ଦେଇଥିଲେ। ଖବରଦାତା ପ୍ରଳୟ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ।

## ମିଶନ ଶକ୍ତି ଜିଲା, ବ୍ଲକ୍‌ସ୍ତରର ଅଧିକାରୀଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ

ଭୁବନେଶ୍ୱର, ୫।୯(ବନ୍ଦନା ସେଠୀ)

ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଶନ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ତାଲିମ ଆରମ୍ଭ ହୋଇଛି। ମିଶନଶକ୍ତି ଭବନଠାରେ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଜିଲା ଓ ବ୍ଲକସ୍ତରର କ୍ଷେତ୍ରୀୟ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ତାଲିମ ପାଇବା ପରେ ଏହି ଅଧିକାରୀମାନେ ସ୍ୱୟଂସହାୟକ ଗୋଷ୍ଠୀ ତଥା ବ୍ଲକସ୍ତରୀୟ ମହାସଂଘରୁ ମନୋନୀତ ସଦସ୍ୟାଙ୍କୁ ତାଲିମ ଦେବେ। ପ୍ରଥମ ପର୍ଯ୍ୟାୟରେ ଏହି ତାଲିମ କାର୍ଯ୍ୟକ୍ରମକୁ ଓଡ଼ିଶାର ୧୪ଟି ବାତ୍ୟା ପ୍ରଭାବିତ ଜିଲାରେ କାର୍ଯ୍ୟକ୍ଷମ କରାଯିବ। କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ୱାର୍ଡସ୍ତରରେ ୧.୮୧ ଲକ୍ଷ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଅନ୍ତର୍ଭୁକ୍ତ କରାଯିବ। ପ୍ରଥମେ ୭୧୬ଜଣ ଏସ୍‌ଏଚ୍‌ଜି, ପଞ୍ଚାୟତସ୍ତରୀୟ ମହାସଂଘ ଏବଂ ବ୍ଲକସ୍ତରୀୟ ମହାସଂଘ ସଦସ୍ୟାମାନଙ୍କୁ ରାଜ୍ୟସ୍ତରରେ ପ୍ରଶିକ୍ଷକ ଭାବେ ତାଲିମ ଦିଆଯିବ। ଏହି ପ୍ରଶିକ୍ଷକମାନେ ସ୍ଥାନୀୟ ସ୍ତରରେ ମନୋନୀତ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ଦେବେ। ତାଲିମକୁ ପ୍ରଶିକ୍ଷଣ ପରୀକ୍ଷକ ଭାବେ ୩୧୫୮ଜଣ ବ୍ଲକସ୍ତରୀୟ ଲିଡର ପରିଚାଳନା କରିବେ। ବିଭିନ୍ନ ଜିଲାରୁ ମିଶନ ଶକ୍ତି ଜିଲା ପ୍ରକଳ୍ପ ପ୍ରଶାସକ (ଡିପିସି), ଜିଲା ପ୍ରକଳ୍ପ ପ୍ରବନ୍ଧକ (ଡିପିଏମ୍), ବ୍ଲକ ପ୍ରକଳ୍ପ ପ୍ରଶାସକ (ବିପିସି) ଏବଂ ବ୍ଲକ ପ୍ରକଳ୍ପ ପ୍ରବନ୍ଧକ (ବିପିଏମ୍) ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।




ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରିଛି ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ। ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବିରେ ଗୁରୁବାର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ଅଧିକାର ଯାତ୍ରା। (ଫଟୋ- ମନୋରଞ୍ଜନ ମିଶ୍ର)

# ଭାରତକୁ କର୍ମଭୂମି ବାଛିଥିଲେ ମଦର ଟେରେସା

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭୁବନେଶ୍ୱର କ୍ୟାଥୋଲିକ ଚର୍ଚ୍ଚ ପକ୍ଷରୁ ସେବା ଓ କରୁଣାର ପ୍ରତୀକ ଭାରତରତ୍ନ ମଦର ଟେରେସାଙ୍କ ୨୪ତମ ସ୍ୱର୍ଗାରୋହଣ ଦିବସ ଗୁରୁବାର ଚର୍ଚ୍ଚ ସନ୍ନିକଟ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଫାଦର ଲାମେଶ୍ୱର କହଁର, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ପୁଷ୍ପା ଅନୁପମା ଲାକ୍ରା, ସିଷ୍ଟର ଗୋରତୀ ନାୟକ, ଦକ୍ଷିଣ ଆଫ୍ରିକାର ଇଂଲିଶ ଭାଷା ସାହିତ୍ୟର ଛାତ୍ରୀ ମିସ୍ କ୍ୟାଟିଙ୍ଗ ସହ ଖ୍ରୀଷ୍ଟଧର୍ମାବଲମ୍ବୀ ଭଉଣୀଭାଇ ଓ ସିଷ୍ଟରମାନେ ଯୋଗଦେଇଥିଲେ। ସମୂହ ପ୍ରାର୍ଥନା ଗାନ ପୂର୍ବକ ମଦର ଟେରେସାଙ୍କୁ ଭକ୍ତିଭାବ ପ୍ରଦର୍ଶନ କରାଯାଇଥିଲା। ଯୁଗୋସ୍ଲୋଭିଆର ଏକ ଆଲବେନିୟ ଆଦର୍ଶ ପରିବାରରେ ଜନ୍ମିତ ମଦର




ଭୁବନେଶ୍ୱର କ୍ୟାଥୋଲିକ ଚର୍ଚ୍ଚ ନିକଟରେ ଥିବା ମଦର ଟେରେସାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ତାଙ୍କ ସ୍ମୃତି ଚାରଣ କରାଯାଉଛି।

### ୨୪ତମ ସ୍ୱର୍ଗାରୋହଣ ଦିବସ

ଟେରେସା ପ୍ରାଥମିକ ଜୀବନରେ ପାଠପଢ଼ା ସମୟରୁ ଜଣେ ନର୍ସ ଭାବେ ମିଶନାରି ସଂସ୍ଥାରେ କାମ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ସନ୍ନ୍ୟାସିନୀ ଜୀବନ ବାଛି ନେଇଥିଲେ। ପରବର୍ତ୍ତୀ ସମୟରେ ଭାରତକୁ ଆସି ଏହାକୁ ନିଜର କର୍ମଭୂମି ଭାବେ ଗ୍ରହଣ କରିଥିଲେ। ଏଠାରେ ପ୍ରଥମେ ଶିକ୍ଷକତା ଓ ତା'ପରେ ଦୁଃଖୀ ଦରିଦ୍ରଙ୍କ ଶୋଚନୀୟ ଅବସ୍ଥାକୁ ଅନୁଭବ କରି ଗରିବ ଲୋକ, ରୋଗୀ, ଭୋକିଲା ମଣିଷ ଓ କୁଷ୍ଠରୋଗୀଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ଭୁବନେଶ୍ୱର ଉପକଣ୍ଠ ଯାଆଁଳାଠାରେ ଏକ କୁଷ୍ଠ କଲୋନୀ ଓ ଚିକିତ୍ସାଳୟ ପ୍ରତିଷ୍ଠା କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଶ୍ୱର ବହୁ ଅନୁଷ୍ଠାନ ତାଙ୍କୁ ସମ୍ମାନିତ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ, ଭାରତରତ୍ନ ଉପାଧିରେ ଭୂଷିତ କରିଥିଲେ। ଏଥିସହ ମଦର ଟେରେସା ବିଶ୍ୱର ଶ୍ରେଷ୍ଠ ସମ୍ମାନ ନୋବେଲ୍ ପୁରସ୍କାରରେ ସମ୍ମାନିତ ହୋଇଥିଲେ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ।

## ସଂକ୍ଷେପରେ

## ମାସକରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

### ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମ୍ପର୍କିତ ସମୀକ୍ଷା ବୈଠକ

କଟକ,୫।୯(ଶିଳ୍ପା ପ୍ରିୟଦର୍ଶିନୀ)

ଆମ ହସ୍ପିଟାଲ ଯୋଜନାରେ ସାମିଲ ଥିବା କଟକ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ବିଗିଡ଼ିବାରେ ଲାଗିଛି। ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ଉଦ୍‌ଘାଟନ ସରିଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀ ସମସ୍ୟା ବୃଦ୍ଧି ପାଉଥିବାବେଳେ ଉନ୍ନତୀକରଣ କାର୍ଯ୍ୟରେ ବିଳମ୍ବ ହେଉଛି। ମାହାଙ୍ଗା, ବାଙ୍କୀ, ଆଠଗଡ଼, ଅଡଶପୁର ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇନାହିଁ। ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ କାର୍ଯ୍ୟରେ ସର୍ବାଧିକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଉଦ୍‌ବେଗ ପ୍ରକାଶ କରିବା ସହିତ ୧ ମାସ ମଧ୍ୟରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବାକୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମ ହସ୍ପିଟାଲ ଯୋଜନାରେ ସାମିଲ ଥିବା କଟକ ଜିଲାର ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାକୁ ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା, ଦାୟିତ୍ୱରେ ଥିବା ସିଟି ହସ୍ପିଟାଲ ଅଧୀକ୍ଷକ ଅରୁଣ କୁମାର ସାହୁ, ଯନ୍ତ୍ରୀ ବିଭାଗ ଅଧିକାରୀ, ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ଆର୍‌ଆଣ୍ଡବି ଆସିଷ୍ଟାଣ୍ଟ ଇଞ୍ଜିନିୟର ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଉଠାଇ ନେଲା କେନ୍ଦ୍ରାପଡ଼ା ପୋଲିସ

### କଟକରେ ଚାଲିଥିଲା ବେଆଇନ ଗର୍ଭପାତ

କଟକ,୫।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ପାଟରା ସାହିର ଏକ ଘରେ କେନ୍ଦ୍ରାପଡା ଅଞ୍ଚଳର ଜଣେ ଯୁବତୀଙ୍କର ବେଆଇନ ଭାବେ ଗର୍ଭପାତ କରାଯାଇଛି। ଏନେଇ କେନ୍ଦ୍ରାପଡା ଥାନାରେ ଅଭିଯୋଗ ହୋଇଥିଲା। ଫଳରେ କେନ୍ଦ୍ରାପଡା ପୋଲିସ କଟକ ମାଲଗୋଦାମ ପୋଲିସ ସହାୟତାରେ ଉକ୍ତ ଘରେ ଚଢାଉ କରି ୩ ଜଣଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁଯାୟୀ, ପାଟରା ସାହିର ଉକ୍ତ ଘରେ ୨ଜଣ ମହିଳା ଓ ଜଣେ ପୁରୁଷ ମେଶିନ ରଖି ବେଆଇନ ଭାବେ ଲିଙ୍ଗ ନିରୂପଣ ଓ ଗର୍ଭପାତ କରାଉଥିଲେ। କେନ୍ଦ୍ରାପଡା ଅଞ୍ଚଳର ସମ୍ପୃକ୍ତା ଯୁବତୀଙ୍କର ମଧ୍ୟ ସେଠାରେ ଗର୍ଭପାତ କରାଯାଇଛି। ଏହିଭଳି ଭାବେ ବେଆଇନ କାର୍ଯ୍ୟ ସହରର ବିଭିନ୍ନ ସ୍ଥାନରେ ଚାଲିଛି। ଏନେଇ ସିଡିଏମ୍‌ଓ ମକରନ୍ଦ ବେଉରା କହିଛନ୍ତି, ଏଭଳି ଘଟଣା ସମ୍ପର୍କରେ ସୂଚନା ମିଳିଛି। ହେଲେ ପୋଲିସ ପକ୍ଷରୁ ଏନେଇ ବିଧିବଦ୍ଧ ଖବର ଦିଆଯାଇନାହିଁ। ପୂର୍ବରୁ ବାଦାମବାଡି ଅଞ୍ଚଳରେ ଘଟିଥିବା ଏଭଳି ବେଆଇନ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ହାତ ଥିବା ସନ୍ଦେହ କରାଯାଉଛି। ତେବେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସିଟି ହସ୍ପିଟାଲରେ ଲାଗିବ କିଓସ୍କ ମେଶିନ

### ରୋଗୀ କଲ୍ୟାଣ ସମିତି ବୈଠକ

କଟକ,୫।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲରେ କିଓସ୍କ ମେଶିନ ଲାଗିବ। ଫଳରେ ମେଡିକାଲରେ ବହିର୍ବିଭାଗ ଟିକେଟ ପାଇଁ ରୋଗୀଙ୍କୁ ଆଉ ଅପେକ୍ଷା କରିବାକୁ ପଡ଼ିବନି। ସହଜ ଏବଂ ସରଳ ଉପାୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଟିକେଟ୍ ପାଇପାରିବେ। ମେଶିନରେ ନିଜର ସମସ୍ତ ତଥ୍ୟ ଦେବା ପରେ ସେଥିରୁ ଟିକେଟ ମିଳିପାରିବ। ଏହି ଟିକେଟ୍ ନେଇ ରୋଗୀ ଡାକ୍ତର ଦେଖାଇ ପାରିବେ। ଟିକେଟ କାଉଣ୍ଟରରେ ରୋଗୀଙ୍କ ଭିଡ଼ କମାଇବା ପାଇଁ ଏହି ମେଶିନ ସ୍ଥାପନ କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ରହିଛି। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ ମେଶିନ କିଣିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ସ୍ୱାସ୍ଥ୍ୟ ସମିତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା, ସିଟି ହସ୍ପିଟାଲ ଅଧୀକ୍ଷକ ଦାୟିତ୍ୱରେ ଥିବା ଅରୁଣ କୁମାର ସାହୁ, ଯନ୍ତ୍ରୀ ବିଭାଗ ଅଧିକାରୀ, ହସ୍ପିଟାଲ ମ୍ୟାନେଜର ଯୋଗଦେଇଥିଲେ। ସିଟି ହସ୍ପିଟାଲରେ ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ରୋଗୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ସୁବିଧା ଯୋଗାଇ ଦିଆଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ୟୁଜର୍ସ ଫି' ବାବଦ ଆଦାୟ ହେଉଥିବା ଅର୍ଥ ବିନିଯୋଗ ଉପରେ ଆଲୋଚନା ହେବା ସହ ନୂତନ ଲାପାରାସ୍କୋପି ମେଶିନ ଆଣିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଏଠାରେ ସାଧାରଣ ଉପାୟରେ ଅସ୍ତ୍ରୋପଚାର କରାଯାଉଥିବାବେଳେ ଏହାକୁ ନଜରରେ ରଖି ନୂତନ ମେଶିନ ଆଣିବା ପାଇଁ ସ୍ଥିର ହୋଇଛି। ୱାଟର ପ୍ୟୁରିଫାୟର, ନୂତନ ସିସିଟିଭି କ୍ୟାମେରା, ସାନିଟାରୀ ପ୍ୟାଡ୍ ପୋଡ଼ିବା ପାଇଁ ମେଶିନ ସ୍ଥାପନ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ନୂତନ ଏମ୍‌ସିଏଚ୍ କୋଠା ନିର୍ମାଣରେ ବିଳମ୍ବ ନେଇ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହ ପୁରୁଣା କୋଠା ଭାଙ୍ଗି ନୂତନ କୋଠା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଡାକ୍ତରଖାନାରେ ନିର୍ମାଣାଧୀନ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦର ସଭାପତି ଡକ୍ଟର ଇଂ. ପ୍ରଭାକର ସ୍ୱାଇଁଙ୍କ ରଚିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଶୃଙ୍ଖଳିତ ସମାଜ ଗଠନରେ ସାହିତ୍ୟିକ ଲେଖନୀ ଚାଳନା କରନ୍ତୁ

### ଇଂ. ପ୍ରଭାକର ସ୍ୱାଇଁଙ୍କ ପୁସ୍ତକ ଉନ୍ମୋଚିତ

କଟକ,୫।୯ (କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ପୁସ୍ତକ ସାରଳା ସାହିତ୍ୟ: ବିବିଧ ପ୍ରସଙ୍ଗ ଏବଂ ହିନ୍ଦୀରୁ ଓଡ଼ିଆକୁ ଅନୁଦିତ ଗଳ୍ପ ସଂକଳନ ସିଷ୍ଟର ୟୁ ଆର୍ ଗ୍ରେଟ୍ ଗ୍ରନ୍ଥ କଟକ ସାରଳା ଭବନରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆନ୍ଧ୍ର ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଡ. ବିଶ୍ୱଭୂଷଣ ହରିଚନ୍ଦନ ପୁସ୍ତକଦ୍ୱୟକୁ ଉନ୍ମୋଚନ କରି ସାହିତ୍ୟିକମାନେ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଲେଖନୀ ଚାଳନା କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଫେସର ଡକ୍ଟର ନିରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜ୍ଞାନପୀଠ ବିଜୟିନୀ ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ ଯୋଗଦେଇ କହିଥିଲେ, ଇଂ. ପ୍ରଭାକର ସ୍ୱାଇଁ ୧୫ ଖଣ୍ଡ ପୁସ୍ତକର ସ୍ରଷ୍ଟା। ଜାତୀୟ ସ୍ତରରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଡ. ସ୍ୱାଇଁଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଏଥିରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ସତ୍ୟନାରାୟଣ ପଣ୍ଡା, ଶିକ୍ଷାବିତ୍ ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଅନୁବାଦକ ଡକ୍ଟର ସଂଗ୍ରାମ ଜେନା ଯୋଗଦେଇଥିଲେ। ସଭାପତି ଡା. ତ୍ରିପାଠୀ କହିଥିଲେ, ପ୍ରଭାକର ବାବୁ ଜଣେ ପ୍ରଥିତଯଶା ସାରସ୍ୱତ ସାଧକ ଓ ଅନନ୍ୟ ସଂଗଠକ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ, ଡ. ସ୍ୱାଇଁ ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସଞ୍ଜିତ୍ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ନିର୍ମଳ ପହୀ, ଇଂ. ସୁଶାନ୍ତ ସେଠୀ, ସୁଜାତା ନାୟକ, ଛବିରାଣୀ ପତି, ବ୍ରଜକିଶୋର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକ ବାଲିଯାତ୍ରା ସ୍ମରଣିକା କମିଟି ବୈଠକ

କଟକ,୫।୯ (କାର୍ତ୍ତିକ ସାହୁ)

ଐତିହାସିକ କଟକ ବାଲିଯାତ୍ରା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ବାଲିଯାତ୍ରା କଟକ ଉତ୍ସବ ସ୍ମରଣିକା ପ୍ରକାଶ ପାଇବ। ଏନେଇ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା, ଲୋକକଥା ସହିତ ବାଲିଯାତ୍ରାର ବିଭିନ୍ନ ବିଭବକୁ ନେଇ ସମୃଦ୍ଧ ଆଲେଖ୍ୟଗୁଡ଼ିକ ଏଥିରେ ସ୍ଥାନ ପାଇବା ପାଇଁ ବୈଠକରେ ଆଲୋଚନା ହୋଇଛି। ବାଲିଯାତ୍ରା ସ୍ମରଣିକା କମିଟି ସମ୍ପାଦକ ପ୍ରଫେସର ସହଦେବ ପାତ୍ର, କିସ୍ ଗୋପବନ୍ଧୁ ଚେୟାର ପ୍ରଫେସର ଡ. ବିଜୟାନନ୍ଦ ସିଂହ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁନାମଣି ରାଉତ, ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବିଶ୍ୱେଶ୍ୱର ମହାନ୍ତି, ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ସୁରେନ୍ଦ୍ରନାଥ ସାମନ୍ତରାୟ, ମିଳିତ ଜାତିସଂଘର ଓଡ଼ିଶା ପ୍ରତିନିଧି ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ, ସ୍ମରଣିକା କମିଟି ଆବାହକ ତଥା ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ସ୍ମରଣିକା ପାଇଁ ମୌଳିକ ଲେଖାଗୁଡ଼ିକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଆସନ୍ତା ୩୦ ତାରିଖ ସୁଦ୍ଧା ଦେବାକୁ ଅନୁରୋଧ କରାଯାଇଛି।

## କାଗଜପତ୍ର ହସ୍ତାନ୍ତର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### ସହକାରୀ ଜିଲାପାଳ ସୁସ୍ମିତା ମିଞ୍ଜ ମୃତ୍ୟୁ ଘଟଣା

କଟକ,୫।୯ (କାର୍ତ୍ତିକ ସାହୁ)

ସୁନ୍ଦରଗଡ଼ ଜିଲା ସହକାରୀ ଜିଲାପାଳ ସୁସ୍ମିତା ମିଞ୍ଜଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ଶୁଣାଣି ହାଇକୋର୍ଟରେ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଉଭୟ ପକ୍ଷର ଓକିଲଙ୍କୁ ଆବଶ୍ୟକ କାଗଜାତ ପରସ୍ପରକୁ ହସ୍ତାନ୍ତର କରିବାକୁ ଆଦେଶ ଦେଇଛନ୍ତି। ଏହାଦ୍ୱାରା ଶୁଣାଣି ସହଜରେ ହୋଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଆସନ୍ତା ଅକ୍ଟୋବର ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀ ତଥା ମୃତକଙ୍କ ଭାଇ ସନ୍ଦୀପ ମିଞ୍ଜ ପୋଲିସ ହତ୍ୟା ମାମଲା ରୁଜୁ କରୁ ନ ଥିବା ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ସୂଚନା ଅନୁସାରେ, ୨୦୨୩ ସେପ୍ଟେମ୍ବର ୧୬ରେ ସୁନ୍ଦରଗଡ଼ ସହକାରୀ ଜିଲାପାଳ ସୁସ୍ମିତା ମିଞ୍ଜ ଘରୁ ନିଖୋଜ ହୋଇଥିବା ସଂକ୍ରାନ୍ତରେ ରାଉରକେଲା ଉଦିତ୍‌ନଗର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ନିଖୋଜ ମାମଲା ରୁଜୁ କରିଥିଲା। ମାତ୍ର ସେହି ମାସ ୨୦ ତାରିଖରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଆର୍‌ଜିଏଚ ପ୍ଲାଣ୍ଟ ପାର୍ଶ୍ୱରୁ ସୁସ୍ମିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସୁସ୍ମିତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପରିବାର ଲୋକେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ହତ୍ୟା ମାମଲା ରୁଜୁ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଏନେଇ ନିମ୍ନ ଅଦାଲତ ମଧ୍ୟ ପୋଲିସକୁ ହତ୍ୟା ମାମଲା ରୁଜୁ କରି ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ବର୍ଷେ ବିତିବାକୁ ବସିଥିବାବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ସନ୍ଦୀପ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## 'ଛାତ୍ରୀଛାତ୍ର ଭଲ ମଣିଷ ହୁଅନ୍ତୁ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ମଙ୍ଗୁଳି–ଜଗତପୁର,୫।୯ (ମାନସ ସାମଲ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁର ପଞ୍ଚାୟତସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୁରୁଦିବସ ପାଳନ କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଯୋଗଦେଇ କହିଛନ୍ତି, ଗୁରୁଙ୍କ ଆଶୀର୍ବାଦରେ ଛାତ୍ରୀଛାତ୍ର ଭଲ ମଣିଷ ହୁଅନ୍ତୁ। ଏଥିରେ ମୁଖ୍ୟବକ୍ତା ଭାବେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ସମ୍ପାଦକ ଦାମୋଦର ରାଉତ ଓ ସମ୍ମାନିତ ଅତିଥି ଭାବେ ଇଡ୍‌କୋ ନିର୍ଦ୍ଦେଶକ ସୁଭାଷ ଚନ୍ଦ୍ର ନାଥଶର୍ମା, ଅନ୍ୟ ଅତିଥି ଭାବେ ବିଚିତ୍ରାନନ୍ଦ ରାଉତ ଯୋଗଦେଇଥିଲେ। ଅଧ୍ୟାପକ ସୁନିଲ କୁମାର ରାଉତ ସଭା ପରିଚାଳନା, ଅଜୟ କୁମାର ପତି ସ୍ୱାଗତ ଭାଷଣ ଓ ବ୍ରହ୍ମାନନ୍ଦ ମହାରଣା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅନିଲ କୁମାର ମହାନ୍ତି, ସୁନିଲ କୁମାର ବରାଳ, ଉତ୍ତମ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଗୁରୁଦିବସ ପାଳନ ଅବସରରେ କଟକ ବାରବାଟୀ ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଏଥରର ଆକର୍ଷଣ ୧୦୮ ଆଳତି



କଟକ,୫।୯(ଶିଳ୍ପା ପ୍ରିୟଦର୍ଶିନୀ)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ଏଥିପାଇଁ ବିଭିନ୍ନ କ୍ଲବ୍ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି କଟକ ଉପର ତେଲେଙ୍ଗା ବଜାରର ବିଘ୍ନେଶ୍ୱରାୟ କ୍ଲବ। ୧୪ ବର୍ଷ ହେବ ଏହି କ୍ଲବ୍ ପକ୍ଷରୁ ପୂଜା କରାଯାଇଆସୁଛି। ଚଳିତବର୍ଷ ମଧ୍ୟ ଜାକଜମକରେ ପୂଜା ପାଳନ କରିବା ପାଇଁ କର୍ମକର୍ତ୍ତାମାନେ ଉତ୍ସାହିତ ଅଛନ୍ତି। ଏହି କ୍ଲବ୍‌ରେ ୪୦ ଜଣ ସଦସ୍ୟ ଅଛନ୍ତି। କ୍ଲବ୍ ସମ୍ପାଦକ ଗୌରାଙ୍ଗ ବେହେରା କହିଛନ୍ତି, ଚଳିତବର୍ଷ ପୂଜା ପାଇଁ ୨ଲକ୍ଷ ଟଙ୍କା ବଜେଟ ରହିଛି। ୭ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତି ପୂଜା କରାଯିବ। ସମଗ୍ର ଅଞ୍ଚଳକୁ ଆଲୋକମାଳା ସଜ୍ଜିତ କରାଯିବା ସହ ଅଞ୍ଚଳବାସୀଙ୍କୁ ଲଡୁ ବଣ୍ଟନ କରାଯିବ। ପୂଜାରେ ଗଣେଶଙ୍କ ୧୦୮ ଆଳତି ମୁଖ୍ୟ ଆକର୍ଷଣ ପାଲଟିବ। ଭସାଣିରେ ଢେଙ୍କାନାଳ ମାଦଳ ସିଂଘ ବାଜା, କେନ୍ଦ୍ରାପଡ଼ାର ଘଣ୍ଟ ବାଦ୍ୟ ସାମିଲ ହେବ।

## ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ମନ୍ଥରତା

### ୯ରେ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ

ଚୌଦ୍ୱାର/ମଙ୍ଗୁଳି–ଜଗତପୁର,୫।୯ (ଆଶୁତୋଷ ଦାସ/ମାନସ ସାମଲ)

୫୫ ନମ୍ବର ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ୬କିମି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଜାରି ରହିଛି। ଏହି କାମ କେବେ ଶେଷ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାମ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ମଙ୍ଗୁଳିଠାରୁ କୁସୁପଙ୍ଗୀ ପର୍ଯ୍ୟନ୍ତ ସର୍ଭିସ ରୋଡ୍ ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ଓ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥାକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏହାର ପ୍ରତିବାଦରେ ଚୌଦ୍ୱାର ଜାଗରଣ ମଞ୍ଚ, ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ, ବିଭିନ୍ନ ସାମାଜିକ ସଙ୍ଗଠନ ଓ ଚୌଦ୍ୱାର ସହରବାସୀଙ୍କ ପକ୍ଷରୁ କିଛିଦିନ ତଳେ ଗଣଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରେ ଜାଗରଣ ମଞ୍ଚର ସଦସ୍ୟମାନେ ଢେଙ୍କାନାଳସ୍ଥିତ ପ୍ରକଳ୍ପ ଅଫିସକୁ ଯାଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ତୁରନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ ଦାବିପତ୍ର ଦେଇଥିଲେ। ସେହିପରି ଜାଗରଣ ମଞ୍ଚ ପକ୍ଷରୁ ଚୌଦ୍ୱାର ଥାନାରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ଏତଲା ଦିଆଯାଇଥିଲା। ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ରାଜପଥ କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁ ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଆସନ୍ତା ୯ରେ ଢେଙ୍କାନାଳସ୍ଥିତ ରାଜପଥ ପ୍ରକଳ୍ପ ଅଫିସ ଘେରାଉ କରାଯିବ। ଏହାପରେ ଯଦି ରାଜପଥ କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରନ୍ତି ତେବେ ଆସନ୍ତା ୧୫ଦିନ ମଧ୍ୟରେ ଚୌଦ୍ୱାରସ୍ଥିତ ଗାନ୍ଧୀଛକଠାରେ ରାସ୍ତାରୋକୋ କରାଯିବ ବୋଲି ଗୁରୁବାର ଚୌଦ୍ୱାର ରୂପଯାତ୍ରା କମିଟି ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜାଗରଣ ମଞ୍ଚ ସଭାପତି ଶ୍ରୀକାନ୍ତ ପାକଳ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଗାନ୍ଧୀଛକ ବଣିକ ସଂଘ ସଭାପତି ପ୍ରଦୀପ ନାୟକ, ରବି ନାରାୟଣ ସାହୁ, ଖୋଲଖ ଚନ୍ଦ୍ର ନାୟକ, ଲକ୍ଷ୍ମୀଧର ଖୁଣ୍ଟିଆ, ଜୟ ସିଂ, ପ୍ରଭାନନ୍ଦ ସାହୁ, ଭୀମସେନ ବିଶ୍ୱାଳ, ହରିହର ବେଉରା, ପ୍ରତାପ ଜେନା, ରମେଶ ନାୟକ, ସୁରେଶ ରାଉତରାୟ, ବୁଲ୍‌ବୁଲ୍ ସାହୁ, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ ସମ୍ପର୍କରେ ସୂଚନା ଦିଆଯାଉଛି।

## 'ମେଳା ମାଧ୍ୟମରେ ଆଦିବାସୀ କଳା, ସଂସ୍କୃତି ଉଜ୍ଜୀବିତ ରହିବ'



ଉପର ବାଲିଯାତ୍ରା ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

### ପରିଚୟ ଆଦିବାସୀ କାର୍ନିଭାଲ ଉଦ୍‌ଘାଟିତ

କଟକ, ୫।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଉପର ବାଲିଯାତ୍ରା ପଡିଆରେ ପରିଚୟ ଜାତୀୟ ଆଦିବାସୀ କାର୍ନିଭାଲ–୨୦୨୪ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସି/ଏସ୍‌ଟି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଛନ୍ତି, ଆଦିବାସୀଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ରହିଛି। ସେମାନେ ଯେଭଳି କୌଣସି ସୁବିଧାରୁ ବଞ୍ଚିତ ନ ହେବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଆଦିବାସୀ କଳା, ସଂସ୍କୃତି ଓ ଲୋକନୃତ୍ୟକୁ ଉଜ୍ଜୀବିତ ରଖିବା ପାଇଁ ଏହି ମେଳା ହେଉଛି ଏକ ମାଧ୍ୟମ। ଏହି ମେଳାରେ ଆଦିବାସୀ ଲୋକଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ଖାଦ୍ୟ, କୋଟପାଡ ଅଞ୍ଚଳର କପଡା ଭଳି ବିଭିନ୍ନ ଜିନିଷ ଲୋକମାନେ ପାଇପାରିବେ। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଭାଜପାର ପୂର୍ବତନ ସଭାନେତ୍ରୀ ସମ୍ପୂର୍ତ୍ତି ପଟ୍ଟନାୟକ, ଶ୍ରମିକ କଲ୍ୟାଣ ବୋର୍ଡ ଉପଦେଷ୍ଟା ରାଜୀବ ମହାନ୍ତି, ଭାଜପା ବରିଷ୍ଠ ନେତା ନୟନ ମହାନ୍ତି, ଭାରତ ମସଲା ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇଥିଲେ। ଏହି ଅବସରରେ ଆଦିବାସୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସା ପରିଚୟ ଫାଉଣ୍ଡେଶନ୍‌ର ମ୍ୟାନେଜିଂ ଟ୍ରଷ୍ଟି ଶୁଭାଶିଷ ଦାସ, ଅମିତ୍ ସ୍ୱରୂପ ମହାପାତ୍ର, ମୁଖ୍ୟ ଅପରେଟିଂ ଅଫିସର ଅମିୟ ମହାନ୍ତି, ଟ୍ରଷ୍ଟି ଚନ୍ଦ୍ରଶେଖର ଦାସ ଓ ଦେବେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମେଳାରେ ୧୩୦ ଷ୍ଟଲ ଖୋଲାଯାଇଛି। ଏଥିରେ ଜଙ୍ଗଲଜାତ ସାମଗ୍ରୀ, ମସଲା, ପୋଷାକ, ହସ୍ତତନ୍ତ ସାମଗ୍ରୀ ବିକ୍ରି କରାଯାଉଛି। ଏହି ମେଳା ୧୧ ଦିନ ଧରି ଚାଲିବ।

# ଦିବ୍ୟାଙ୍ଗ ଏକ ଶାରୀରିକ ଅଭାବ ନୁହେଁ, ମାନସିକ ସ୍ଥିତି

## ନିନାଦ’ରେ ଗୁଞ୍ଜରିତ ହେଲା ଦିବ୍ୟାଙ୍ଗଙ୍କ ସ୍ୱର

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଦିବ୍ୟାଙ୍ଗମାନେ ଆମଠାରୁ ଅଧିକ କରି ଦେଖାଉଛନ୍ତି। ଦିବ୍ୟାଙ୍ଗ ଏକ ଶାରୀରିକ ଅଭାବ ନୁହେଁ, ବରଂ ଏହାଏକ ମାନସିକ ସ୍ଥିତି। ସେମାନଙ୍କ ଉପରେ ଭଗବାନଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଦିବ୍ୟାଙ୍ଗ କଳାକାରଙ୍କ ସଙ୍ଗୀତ ସନ୍ଧ୍ୟା ‘ନିନାଦ’କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଲେ, ଆଜିର ଦିବ୍ୟାଙ୍ଗମାନେ ଯେଉଁ ଭଳି ସଫଳତା ହାସଲ କରୁଛନ୍ତି, ସେଥିରେ ସମସ୍ତେ ଆଶ୍ଚର୍ଯ୍ୟ। ପ୍ୟାରିସରେ ଅନୁଷ୍ଠିତ ହେଉଥିବା ପାରା ଅଲମ୍ପିକ୍ସରେ ଭାରତୀୟ ଦିବ୍ୟାଙ୍ଗ ଖେଳାଳିଙ୍କ ସାମର୍ଥ୍ୟ ଓ କୃତୀ ସମସ୍ତଙ୍କୁ ଗୌରବାନ୍ୱିତ କରିଛି। ଏମାନେ ହେଉଛନ୍ତି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ରାଜ୍ୟରେ ଦିବ୍ୟାଙ୍ଗଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ।



‘ନିନାଦ’କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

ସେମାନଙ୍କ ସୁରକ୍ଷା ଓ ଯତ୍ନ ସହିତ ସାମାଜିକ ଜୀବନରେ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଉଦ୍ୟମ ଜାରି ରହିଛି। ଏଥିମଧ୍ୟରେ ଏକ ଅନନ୍ୟ ପଦକ୍ଷେପ ହେଉଛି ଆଜିର ଏହି ମ୍ୟୁଜିକାଲ ବ୍ୟାଣ୍ଡ୍ ପରିକଳ୍ପନା। ଏହି ମ୍ୟୁଜିକାଲ ବ୍ୟାଣ୍ଡ୍ ପ୍ରତିଷ୍ଠା ଦିଗରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ସମାଜରେ ଅବହେଳିତ ଓ ନିଷ୍ପେସିତଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ଆମକୁ ଗୁରୁତ୍ୱ ଦେବାକୁ ପଡିବ। ସମସ୍ତଙ୍କ ସହଯୋଗରେ ସେମାନେ ନିଶ୍ଚୟ ଆଗାମୀ ଦିନରେ ଉଦାହରଣ ପାଲଟିବେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇ କହିଲେ, ଦିବ୍ୟାଙ୍ଗ ପ୍ରତିଭାମାନଙ୍କୁ କଳା ଜଗତରେ ପ୍ରତିଷ୍ଠିତ କରିବା ପାଇଁ ଏହା ହେଉଛି ରାଜ୍ୟ ସରକାରଙ୍କ ଅନନ୍ୟ ପ୍ରୟାସ। ବିଭାଗୀୟ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦିବ୍ୟାଙ୍ଗଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ଭିନ୍ନ ବାର୍ତ୍ତା ପ୍ରଦାନ କରିଥିଲା। ନିନାଦରେ ଗୁଞ୍ଜରିତ ହୋଇଥିଲା ଭିନ୍ନକ୍ଷମଙ୍କ ସ୍ୱର। ଆଲିଶା ଚୌଧୁରୀ, ଆଶାବାହଦୂର ଗୁରପମ, ବିନ୍ଦୁ ସାଗର ମହାପାତ୍ର, ରମେଶ ମହନ୍ତ, ଲକ୍ଷ୍ମଣ ସବର, ଶ୍ରୁତିବାଳା ମଲ୍ଲିକ, ଶିବାନୀ ଚାନ୍ଦ, ଚୈତନ୍ୟ ପ୍ରଧାନ, ଲଛମନ୍ ବେହେରା, ଭୀଷ୍ମ କୁମାର ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।


ମ୍ୟୁଜିକାଲ ବ୍ୟାଣ୍ଡ୍‌ରେ ଦିବ୍ୟାଙ୍ଗ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ମଦ୍ୟପାନ କରିଥିଲେ ଗାଡ଼ି ଷ୍ଟାର୍ଟ ହେବନି

କଟକ,୫।୯ (କାର୍ତ୍ତିକ ସାହୁ)

ଓଡ଼ିଶାକୁ ପ୍ରଥମଥର ଆସିଛି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଭଲ୍‌ଭୋ ବସ୍। ଏହାର ଦାମ୍ ୨ କୋଟି ଟଙ୍କା ରହିଛି। ଏଥିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଲେ ବସ୍ ତଳଭାଗରେ ଥିବା ପାଣି ଟାଙ୍କି ଓ ନିଆଁଲିଭା ଗ୍ୟାସ୍ ଟାଙ୍କିରୁ ଆପେଆପେ ପାଣି ଓ ଗ୍ୟାସ୍ ନିର୍ଗତ ହୋଇ ନିଆଁକୁ ଲିଭାଇବ। ଗାଡ଼ି ଚାଲିବା ସମୟରେ କୌଣସି ଯାତ୍ରୀଙ୍କ ପ୍ରତି କେହି ଦୁର୍ବ୍ୟବହାର ପ୍ରଦର୍ଶନ ବା ବିଶୃଙ୍ଖଳିତ ଆଚରଣ କଲେ ବସ୍‌ରେ ଥିବା ସୁଇଚ୍ ଦବାଇଲେ ପୋଲିସ ହେଡ୍‌କ୍ୱାର୍ଟରକୁ ସିଧା ସୂଚନା ଚାଲିଯିବ। ଗାଡ଼ିର ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଇବାକୁ ଚେଷ୍ଟା କଲେ ତାହା ଷ୍ଟାର୍ଟ ହେବ ନାହିଁ। ଏହି ବସ୍ ବାଙ୍ଗାଲୋରରୁ ଆସି କଟକରେ ପହଞ୍ଚି ସାରିଛି। ଅପେକ୍ଷା କେବଳ ଯାତ୍ରୀ ସେବା ଆରମ୍ଭକୁ। ଯାତ୍ରୀଙ୍କୁ ଆରାମଦାୟକ ତଥା ସୁଖଦ ଅନୁଭୂତି ଦେବା ପାଇଁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ଏହି ବସ୍‌ରେ ରହିଛି। ବସ୍‌ରେ ୫୦ ଜଣ ଯାତ୍ରୀ ଯାତ୍ରା କରିପାରିବେ। ବସ୍‌ଟି ପ୍ରତ୍ୟହ କଟକରୁ ସନ୍ଧ୍ୟା ୫ଟାରେ ଯାତ୍ରାରମ୍ଭ କରି ଦୀର୍ଘ ୬୫୦ କିଲୋମିଟର ଅତିକ୍ରମ କରି ଜୟପୁରରେ ପରଦିନ ସକାଳ ସାଢ଼େ ୫ଟାରେ ପହଞ୍ଚିବ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସୁପର ଡିଲକ୍ସ ବସ୍ ସେବା ପାଇଁ କିଲୋମିଟର ପ୍ରତି ୨.୪୪ ଟଙ୍କା ହିସାବରେ ଭଡ଼ା ଆଦାୟ କରାଯିବ ବୋଲି ବସ୍‌ର ସ୍ୱତ୍ୱାଧିକାରୀ ଶରତ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଓଡ଼ିଶାରେ ପ୍ରଥମ ଅତ୍ୟାଧୁନିକ ଭଲ୍‌ଭୋ ବସ୍




# ପୁରୀର ପିଜୁଳି ଚାଷୀ ଭୀମସେନ ସମ୍ମାନିତ

## ଆଇଆଇଏଚ୍‌ଆର୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୫।୯
ଅନୁରାଧା ମହାରଣା)

ବେଙ୍ଗାଲୁରୁସ୍ଥିତ ଭାରତୀୟ ଉଦ୍ୟାନ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଆଇଏଚ୍‌ଆର୍)ର ପ୍ରତିଷ୍ଠା ଦିବସ ଅବସରରେ ପୁରୀଜିଲା ବ୍ରହ୍ମଗିରି ବ୍ଲକର ଭୀମସେନ ପାତ୍ରଙ୍କୁ ଉନ୍ନତ କିସମ ପିଜୁଳି (ଆର୍କାକିରଣ) ଓ ଫ୍ରେଞ୍ଚବିନ୍ସ (ଆର୍କାଅର୍ଜୁନ) ଚାଷ ପାଇଁ ସମ୍ମାନିତ କରାଯାଇଛି। ଭୀମସେନ ନିଜ ଜମିରେ ବୈଜ୍ଞାନିକ ପଦ୍ଧତି ଉପଯୋଗ କରି ନୂତନ କିସମ ଚାଷ କରିବାକୁ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଭୁବନେଶ୍ୱରର ସିଏଚଇଏସ୍‌ର ପ୍ରମୁଖ ବୈଜ୍ଞାନିକ ଡ. ପି. ଶ୍ରୀନିବାସଙ୍କ ତତ୍ତ୍ୱାବଧାନରେ ଆଇଆଇଏଚଆର ଆର୍କାର ଉନ୍ନତ କିସମ ପିଜୁଳି ଓ ଫ୍ରେଞ୍ଚବିନ୍ସ ଚାଷ କରିଥିଲେ। ଏହି ପିଜୁଳି ଅତ୍ୟନ୍ତ ସ୍ୱାଦଯୁକ୍ତ ଓ ଭିତର ପାର୍ଶ୍ୱ ଗୋଲାପୀ ରଙ୍ଗର ହୋଇଥିବାରୁ ଗ୍ରାହକଙ୍କୁ ଅଧିକ ଆକର୍ଷିତ କରିଥାଏ। ଏହି ନିର୍ଦ୍ଦିଷ୍ଟ କିସମକୁ ଠିକ୍ ଢଙ୍ଗରେ ଚାଷକରି ବାର୍ଷିକ ୨.୬୪ ମେଟ୍ରିକ ଟନ୍ ପିଜୁଳି ଅମଳ କରିପାରୁଛନ୍ତି । ଖର୍ଚ୍ଚକୁ ବାଦ୍‌ଦେଇ ବାର୍ଷିକ ପିଜୁଳିରୁ ୧,୨୫,୦୦୦ ଟଙ୍କା ରୋଜଗାର କରୁଛନ୍ତି। ଏହାସହିତ ୧ ଏକର ଜମିରୁ ଫ୍ରେଞ୍ଚବିନ୍ସ ୧.୬ ମେଟ୍ରିକ ଟନ ଅମଳ କରିପାରୁଛନ୍ତି। ଏଥିରୁ ମଧ ଖର୍ଚ୍ଚକୁ ବାଦ ଦେଇ ବାର୍ଷିକ ୫୫୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି। ଭୀମସେନଙ୍କୁ ଏହି ସଫଳତା ପାଇବାରେ ଆଇଆଇଏଚ୍‌ଆର୍ ବେଙ୍ଗାଲୁରୁର ବୈଜ୍ଞାନିକ ଡ. ପି. ଶ୍ରୀନିବାସଙ୍କ ସହ ଅନ୍ୟ ବୈଜ୍ଞାନିକମାନେ ସହଯୋଗ କରିଥିଲେ।


ଭୀମସେନ ପାତ୍ର

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା,୫।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗୁରୁବାର ସ୍ଥାନୀୟ ବିଡିଏ କଲୋନୀ ସ୍ଥିତ ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ସଞ୍ଜୁକ୍ତା ହାତୀ(୩୫)। ତାଙ୍କ ବାପା ସୁଦର୍ଶନ ହାତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, କୁମାରବସ୍ତ ଅଞ୍ଚଳର ସୁଦର୍ଶନଙ୍କ ଝିଅ ସଞ୍ଜୁକ୍ତା କଟକ ଜିଲା ଆଠଗଡ଼ ଥାନା ଗୋବିନ୍ଦପୁର ବ୍ରିଟକଲୋନୀର ସମୀର ରାଉତରାୟଙ୍କୁ ବିବାହ କରିଥିଲେ। ତେବେ ଗତ ୨ବର୍ଷ ହେବ ସଞ୍ଜୁକ୍ତା ଖୋର୍ଦ୍ଧାର ବିଡିଏ କଲୋନୀରେ ଏକ ଭଡ଼ାଘରେ ରହୁଥିଲେ। ଗୁରୁବାର ସଞ୍ଜୁକ୍ତା ବାପଘର କୁମାରବସ୍ତକୁ ଯାଇ ସେଠାରେ ଝିଅକୁ ଛାଡ଼ି ଉକ୍ତ ଭଡ଼ା ଘରକୁ ପାଳାଇ ଆସିଥିଲେ। ସନ୍ଧ୍ୟାରେ ଭାଇ ବାପିଙ୍କ ସହ ମୋବାଇଲରେ କଥା ହେବାର କିଛି ସମୟ ପରେ କାନ୍ଦିଥିଲେ। ଏହା ପରେ ବାପି ବିଡିଏ କଲୋନୀ ପହଞ୍ଚିବା ପରେ ଭଉଣୀ ସଞ୍ଜୁକ୍ତା ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ ବୋଲି ଅଭିଯୋଗ ହୋଇଛି।

ଧରିତ୍ରୀ
ସେଲ୍‌ଫି କର୍ଣ୍ଣର
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱରଞ୍ଜନ


@ ପ୍ରଦୀପ


@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଭେନ୍‌ଶା ନାମ ପରିବର୍ତ୍ତନ ମନ୍ତବ୍ୟକୁ ନେଇ ଏସ୍‌ଏଫ୍‌ଆଇର ଅସନ୍ତୋଷ

ଭୁବନେଶ୍ୱର, ୫।୯(ବନ୍ଦନା ସେଠୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ଛାତ୍ର ସଙ୍ଗଠନ ଏସ୍‌ଏଫ୍‌ଆଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଏଥିସହ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ନେଇ ମଧ ଅଭିଯୋଗ ଆଣିଛି। ଏନେଇ ଗୁରୁବାର ଶ୍ରମିକ ଭବନରେ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏସ୍‌ଏଫ୍‌ଆଇର ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ଆବାହକ ଶୁଭ୍ରାଂଶୁ ଶେଖର ଉଦ୍‌ଗାତା, ରାଜେନ୍ଦ୍ର ପାତ୍ର, ସ୍ମୃତିସୁରଞ୍ଜିକ ଜେନା ପ୍ରମୁଖ କହିଲେ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହେଉଛି ଓଡ଼ିଶାର ଗର୍ବ ଓ ଗୌରବ। ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିକାଶ ତଥା ସାମଗ୍ରିକ କ୍ଷେତ୍ରରେ ବ୍ରିଟିଶ ପ୍ରଶାସକ ରେଭେନ୍‌ଶାଙ୍କର ସ୍ୱତନ୍ତ୍ର ଅବଦାନ ରହିଛି। ଏହାକୁ ଅନୁଭବ କରି ଓଡ଼ିଶାର ବରପୁତ୍ରମାନେ କଟକ କଲେଜର ନାମ ପରିବର୍ତ୍ତନ କରି ରେଭେନ୍‌ଶା କଲେଜ କରିଥିଲେ, ଯାହା ଏବେ ବିଶ୍ୱବିଦ୍ୟାଳୟ ଭାବେ ଠିଆ ହୋଇଛି। ଏହା ଦେଶର ସ୍ୱାଧୀନତା ଆନ୍ଦୋଳନ, ଓଡ଼ିଶାର ସଂସ୍କୃତି ଓ ରାଜନୈତିକ ଇତିହାସ, ଉନ୍ନତ ଶିକ୍ଷା ଓ ଗବେଷଣାର ଜାତୀୟ ଖ୍ୟାତି ଓ କୀର୍ତ୍ତିର ପ୍ରତୀକ। ନାମ ପରିବର୍ତ୍ତନ ପ୍ରସ୍ତାବ ପଛରେ ସାମ୍ପ୍ରଦାୟିକ ଓ ସଂଖ୍ୟାଲଘୁ ବିରୋଧୀ ମନୋଭାବ ପ୍ରତିଫଳିତ ହେଉଛି। ରେଭେନ୍‌ଶା ନାମକୁ ବଦଳାଇବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ଫେରାଇ ନେବାସହ ରାଜ୍ୟବାସୀଙ୍କ ନିକଟରେ କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଛି। ସେହିପରି ସମସ୍ତ ସାମ୍ବିଧାନିକ ବିଧି ବ୍ୟବସ୍ଥା, ସଂସଦୀୟ ପଦ୍ଧତିକୁ ଉଲ୍ଲଂଘନ କରି କେନ୍ଦ୍ର ସରକାର ନୂଆ ଅପରାଧ ଆଇନ ପ୍ରଣୟନ କରିଛନ୍ତି। ଆଇନ ପ୍ରଣୟନ ସମୟରେ ଆଇନ ବ୍ୟବସ୍ଥାର କାର୍ଯ୍ୟକାରିତା ସହ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ମତାମତ ନିଆଯାଇ ନାହିଁ। ତରବରିଆ ଭାବେ କାର୍ଯ୍ୟକାରୀ ହୋଇଥିବା ଏହି ଆଇନ ଉପଯୁକ୍ତ ତାଲିମ୍ ଓ ନୂତନ ଢାଞ୍ଚାଗତ ସୁବିଧା ଅଭାବରୁ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅଧିକ ବିଳମ୍ବିତ କରିବ ବୋଲି ଏସ୍‌ଏଫ୍‌ଆଇ ଅଭିଯୋଗ ଉଠାଇଛି।

# ପୁରୀ ସମୁଦ୍ରରେ ଅଜଣା କଣ୍ଟେନର

ପୁରୀ,୫।୯(ଅଜିତ୍ କୁମାର ମହାନ୍ତି)

- ୨୦ କୁଇଣ୍ଟାଲ ଜିନିଷ ରହିଥିବା ଅନୁମାନ
- ଲୋକେ ଛାନିଆ, ପୋଲିସର ଅନୁସନ୍ଧାନ

ପୁରୀ ସମୁଦ୍ରରେ ଏକ ଅଜଣା କଣ୍ଟେନର ଦେଖିବାକୁ ମିଳିଛି। ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ଗଙ୍ଗାଦେବୀ ମନ୍ଦିର ପାଖ ବେଳାଭୂମିଠାରୁ ପ୍ରାୟ ୨୦୦ ମିଟର ଦୂର ସମୁଦ୍ରରେ କଣ୍ଟେନରଟି ଭାସୁଛି। କଣ୍ଟେନରଟି ଓଜନିଆ ଥିବାରୁ ତାହାକୁ କୂଳକୁ ଆଣିବା ପାଇଁ ପୋଲିସ, ଅଗ୍ନିଶମ ବାହିନୀ ଓ ମତ୍ସ୍ୟଜୀବୀମାନେ ଉଦ୍ୟମ କରିଥିଲେ। ତେବେ ସମ୍ପୂର୍ଣ୍ଣ ସଫଳ ହୋଇପାରି ନ ଥିଲେ। ଉକ୍ତ ଅଜଣା କଣ୍ଟେନରକୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଥିବାବେଳେ ପୋଲିସ ପହଞ୍ଚି ଅନୁସନ୍ଧାନ କରୁଛି। ଏହି କଣ୍ଟେନର ଭିତରେ କ’ଣ ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଏସ୍‌ପି ପିନାକ ମିଶ୍ର କହିଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ସକାଳୁ ପେଣ୍ଠକଟା ଅଞ୍ଚଳର ମତ୍ସ୍ୟଜୀବୀମାନେ ମାଛ ମାରିବା ପାଇଁ ସମୁଦ୍ର ଭିତରକୁ ଯାଇଥିଲେ। ସେମାନେ ସମୁଦ୍ରରେ ଜାଲ ପକାଇବା ବେଳେ ଗୋଟିଏ କଣ୍ଟେନର ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ପ୍ରଥମେ ମତ୍ସ୍ୟଜୀବୀ ସଂଘକୁ ଜଣାଇବା ପରେ ମେରାଇନ୍ ଓ ସମୁଦ୍ରକୂଳ ଥାନାକୁ ଖବର ଦେଇଥିଲେ। ପରେ ଉକ୍ତ କଣ୍ଟେନରକୁ କୂଳକୁ ଆଣିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ମତ୍ସ୍ୟଜୀବୀମାନେ କଣ୍ଟେନରକୁ ଡଙ୍ଗାରେ ବାନ୍ଧି କୂଳକୁ ଆଣିବାକୁ ଚେଷ୍ଟା କରିଥିଲେ। ପରେ ପୋଲିସ ବାହିନୀ, ଅଗ୍ନିଶମ ବାହିନୀ, ମତ୍ସ୍ୟଜୀବୀ ଏବଂ ସ୍ଥାନୀୟ ବାସିନ୍ଦା ମିଳିତ ଭାବେ ଦଉଡ଼ିରେ ବାନ୍ଧି କଣ୍ଟେନରଟିକୁ କୂଳକୁ ଆଣିବା ନିମନ୍ତେ ଉଦ୍ୟମ କରିଥିଲେ। ତେବେ କଣ୍ଟେନରଟି ବହୁତ ଓଜନିଆ ହୋଇଥିବାରୁ ସମ୍ପୂର୍ଣ୍ଣ ଭାବେ କୂଳକୁ ଅଣାଯାଇପାରି ନ ଥିଲେ ମଧ କୂଳ ପାଖାପାଖି ଅଣାଯାଇଛି। ପୋଲିସ କଣ୍ଟେନରକୁ ଜଗିରହିବା ସହ ସହ ନଜର ରଖିଛି। କଣ୍ଟେନରଟି ନୀଳ ରଙ୍ଗର ହୋଇଥିବା ବେଳେ ଏହା ଭିତରେ କ’ଣ ରହିଛି ଏବଂ କେଉଁଠୁ ଭାସିଆସିଛି ତା’କୁ ନେଇ ଏବେ ସମସ୍ତଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି। ଏ ନେଇ ଏସ୍‌ପି ମିଶ୍ର କହିଛନ୍ତି, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରୁ ଜାଣିବାକୁ ମିଳିଛି ଯେ, ସମୁଦ୍ରରେ ଏକ ଅଜଣା କଣ୍ଟେନର ଭାସୁଛି। ଖବର ପାଇବା ପରେ ତାହା ଉପରେ ନଜର ରଖିବାକୁ ପେଣ୍ଠକଟା ମେରାଇନ ଥାନା ଓ ସମୁଦ୍ରକୂଳ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କଣ୍ଟେନରଟି କେଉଁଠାରୁ ଆସିଛି ସେନେଇ ବର୍ତ୍ତମାନ କିଛି କହିହେବ ନାହିଁ। ତଦନ୍ତ କରାଯାଉଛି। ଏନେଇ କୋଷ୍ଟଗାର୍ଡ ସହ ଯୋଗାଯୋଗ କରାଯିବା ସହିତ ସହାୟତା ନିଆଯିବ। ଅନ୍ୟପକ୍ଷରେ ମତ୍ସ୍ୟଜୀବୀ ତଥା ସ୍ଥାନୀୟ ବାସିନ୍ଦା କେ. ସୁକାନ୍ତ ରାଓ କହିଛନ୍ତି, ମନରେ କିଛି ଭୟ ରହିଛି। ତଥାପି କଣ୍ଟେନରକୁ ଦେଖିବା ପାଇଁ ଆଗ୍ରହ ଅଛି। ପ୍ରଥମ ଥର ଏପରି ଘଟଣା ନଜରକୁ ଆସିଛି। ବୁଧବାର କେତେଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ କଣ୍ଟେନର ଭାସୁଥିବା ଦେଖିବାକୁ ପାଇଥିଲେ। ସେମାନେ ଗୁରୁବାର ସକାଳେ କୂଳରେ ପହଞ୍ଚି ଏ ନେଇ ସୂଚନା ଦେଇଥିଲେ। ପରେ କେତେଜଣ ମତ୍ସ୍ୟଜୀବୀ ଡଙ୍ଗାରେ ଯାଇ କଣ୍ଟେନରକୁ ଦେଖିବା ସହ ଭିଡିଓ କରି ପଠାଇଥିଲେ। ଉକ୍ତ କଣ୍ଟେନରକୁ ଆଣିବା ନିମନ୍ତେ ବ୍ୟବସ୍ଥା କରାଯାଉଛି। ତା’ ମଧ୍ୟରେ କ’ଣ ଅଛି କିଛି ଜଣାପଡ଼ିନାହିଁ। କାରଣ କଣ୍ଟେନର ସିଲ ରହିଛି। ପ୍ରାୟ ୧୫ରୁ ୨୦ କୁଇଣ୍ଟାଲ ଜିନିଷ ରହିଥିବା ଅନୁମାନ କରାଯାଉଛି। କଣ୍ଟେନରଟି କୌଣସି ଜାହାଜରେ ଯାଉଥିବା ବେଳେ ସମୁଦ୍ରରେ ଖସିପଡ଼ିଥିବ ବୋଲି ଅନୁମାନ କରାଯାଉଛି। ସେହିପରି ସ୍ଥାନୀୟ ବାସିନ୍ଦା ତଥା ସାମାଜିକ କର୍ମୀ ବିସ୍ମୟ ମିଶ୍ର କହିଛନ୍ତି, ସମୁଦ୍ର କୂଳଠାରୁ ୨୦୦ ମିଟର ଦୂରରେ କଣ୍ଟେନର ରହିଛି। କିଛିଦିନ ହେବ ବାଂଲାଦେଶରେ ଅସ୍ଥିରତା ଲାଗିରହିଛି। ତେଣୁ କିଛି ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ମନରେ କିଛି ଭୟ ଆସୁଛି। ଭଗବାନ କରନ୍ତୁ, ଯେପରି କିଛି ସେପରି ଜିନିଷ କଣ୍ଟେନର ଭିତରେ ନ ଥାଉ। ତେବେ କଣ୍ଟେନର ସମ୍ପର୍କରେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସୁ ବୋଲି ମିଶ୍ର ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ କେନ୍ଦ୍ରାପଡ଼ା ସମୁଦ୍ରରେ ମଧ ଏଭିଳି ଏକ କଣ୍ଟେନର ଦେଖିବାକୁ ମିଳିଥିଲା।


ପୁରୀ ସମୁଦ୍ରରେ ଭାସୁଥିବା କଣ୍ଟେନର।

# ଜିଲ୍ଲାର ଅଧା ଡେଙ୍ଗୁ ରୋଗୀ ଭୁବନେଶ୍ୱରରେ

## ୧୪୬୩ ସଂକ୍ରମିତଙ୍କ ମଧ୍ୟରୁ ବିଏମ୍‌ସି ଅଞ୍ଚଳରୁ ୭୩୮

ଭୁବନେଶ୍ୱର, ୫।୯ (ବନ୍ଦନା ସେଠୀ)

ଚଳିତ ବର୍ଷ ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ୩ହଜାର ପାର୍ କରିଥିବାବେଳେ ପାଖାପାଖି ଅଧା ଆକ୍ରାନ୍ତ ଖୋର୍ଦ୍ଧା ଜିଲାରେ ରହିଛନ୍ତି। ସେହିପରି ଏହି ଜିଲାରୁ ଚିହ୍ନଟ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ କେବଳ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ଅଧାରୁ ଅଧିକ ରହିଛନ୍ତି। ରାଜଧାନୀରେ କ୍ରମାଗତ ଭାବେ ବଢୁଥିବା ଡେଙ୍ଗୁ ସଂକ୍ରମଣ ସହରବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ବ୍ୟାପକ ପଦକ୍ଷେପ ସତ୍ତ୍ୱେ ଡେଙ୍ଗୁ ଦମନ ହେବା ପରିବର୍ତ୍ତେ ବ୍ୟାପୁଥିବାରୁ ପ୍ରଶାସନର ଚିନ୍ତା ବଢିଛି। ତେବେ ଡେଙ୍ଗୁ ସଂକ୍ରମଣ ପାଇଁ ସହରବାସୀ ସ୍ଥାନୀୟ ପ୍ରଶାସନ ଓ ବିଏମ୍‌ସିକୁ ଦାୟୀ କରୁଥିବାବେଳେ ଲୋକମାନେ ସଚେତନ ହେଉ ନ ଥିବାରୁ ସ୍ଥିତି ନିୟନ୍ତ୍ରଣକୁ ଆସୁ ନ ଥିବା ପାଲଟା ଅଭିଯୋଗ ହେଉଛି।

ଖୋର୍ଦ୍ଧା ଜିଲାରେ ଜାନୁଆରୀରୁ ସେପ୍ଟେମ୍ବର ୪ ସୁଦ୍ଧା ଡେଙ୍ଗୁ ସଂକ୍ରମଣ ୧୪୬୩ରେ ପହଞ୍ଚିଛି। ସେଥିମଧ୍ୟରୁ ବିଏମ୍‌ସି ଅଞ୍ଚଳରୁ ୭୩୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାଜିଲା ଗ୍ରାମାଞ୍ଚଳରୁ ୨୭୬ ଓ ଅନ୍ୟ ଜିଲାରୁ ୬୨ଜଣ ସଂକ୍ରମିତ ରହିଛନ୍ତି। ତେବେ ଅବଶିଷ୍ଟ ୩୮୭ଜଣ ସଂକ୍ରମିତଙ୍କ ଠିକଣା ନେଇ ବିଭାଗ ପାଖରେ କୌଣସି ତଥ୍ୟ ନ ଥିବାରୁ ଏମାନେ ସଂକ୍ରମଣର ଅନ୍ୟତମ ବାହକ ସାଜି ପାରନ୍ତି ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଭୁବନେଶ୍ୱରର ପଟିଆ ଏବେ ହଟ୍‌ସ୍ପଟ୍ ପାଲଟିଛି। ଦୈନିକ ଏଠାରୁ ୩/୪ରୁ ଜଣ ରୋଗୀ ଚିହ୍ନଟ ହେଉଥିବାବେଳେ କେବଳ ଏହି ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ୬୬ରେ ପହଞ୍ଚିଛି। ଏହାପଛକୁ ଶହୀଦନଗରରୁ ୪୨ଜଣ, ସାଲିଆସାହିରୁ ୪୨ଜଣ, ଚନ୍ଦ୍ରଶେଖରପୁରରୁ ୪୧ଜଣ, ନୟାପଲ୍ଲୀରୁ ୪୦ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ସହରର ଅନ୍ୟାନ୍ୟ ଅଞ୍ଚଳରୁ ଏକାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ଏହି ସମୟ ମଧ୍ୟରେ ଖୋର୍ଦ୍ଧା ଜିଲାରେ ମୋଟ୍ ୨୫ହଜାର ୯୮୫ ଟେଷ୍ଟ ହୋଇଥିବାବେଳେ ସେଥିମଧ୍ୟରୁ ବିଏମ୍‌ସି ଅଞ୍ଚଳରେ ୧୮ହଜାର ୯୫୭ ଏବଂ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୭ହଜାର ୨୮ ଟେଷ୍ଟ ହୋଇଛି। ତେବେ ଜିଲାରେ ଟେଷ୍ଟ ପଜିଟିଭ୍ ରେଟ୍ (ଟିଆର୍‌ପି) ୫.୬% ରହିଥିବାବେଳେ ଭୁବନେଶ୍ୱରରେ ୬.୨% ରହିଥିବା ଏଡିୟୁପିଏଚ୍‌ଓ ଡା. ନୀଳମଣି ସେନାପତି ସୂଚନା ଦେଇଛନ୍ତି। ତେବେ ଭୁବନେଶ୍ୱରରେ ଅନେକ ଲୋକ ଘରୋଇ ହସ୍ପିଟାଲରେ ଟେଷ୍ଟ କରିବା ସହ ଚିକିତ୍ସିତ ହେଉଥିବାରୁ ଏହି ସଂଖ୍ୟା ୧ହଜାର ପାର୍ କରିବା ନେଇ ଆଶଙ୍କା କରାଯାଉଛି। ୨୦୨୩ ସେପ୍ଟେମ୍ବର ୫ ବେଳକୁ ରାଜଧାନୀରେ ଡେଙ୍ଗୁ ସଂକ୍ରମଣ ୧୬ଶହ ପାର୍ କରିଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଚଳିତ ବର୍ଷ ସହରର ସ୍ଥିତି ଭଲ ଅଛି। ମାତ୍ର ଲୋକଙ୍କ ସହଯୋଗରେ ସଂକ୍ରମଣ ହାରକୁ ଆହୁରି କମାଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି।



| ୨୦୨୩ ଡେଙ୍ଗୁ ସଂକ୍ରମିତ | ୨୦୨୪ |
|---|---|
| ମେ ସୁଦ୍ଧା – ୮ ଜଣ | ମେ ସୁଦ୍ଧା –୧୧ ଜଣ |
| ଜୁନ୍– ୬୯ ଜଣ | ଜୁନ୍ – ୨୫ ଜଣ |
| ଜୁଲାଇ– ୫୦୯ ଜଣ | ଜୁଲାଇ– ୨୦୨ ଜଣ |
| ଅଗଷ୍ଟ – ୧୧୪୦ ଜଣ | ଅଗଷ୍ଟ – ୪୧୫ ଜଣ |

### ସଚେତନ କରିବାକୁ ମିଳୁ ନାହାନ୍ତି ସ୍ୱେଚ୍ଛାସେବୀ

ସହରରେ ଡେଙ୍ଗୁକୁ ନିୟନ୍ତ୍ରଣ କରିବାକୁ ହେଲେ ସଚେତନତା ହେଉଛି ବଡ଼ ପଦକ୍ଷେପ। ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ ଅନେକ ଲୋକ ଏଥିରେ ସହଯୋଗ କରୁନାହାନ୍ତି। କିଏ ସେମାନଙ୍କୁ ଦେଖି କବାଟ ବନ୍ଦ କରୁଛନ୍ତି, ତ ଆଉକେହି ଖରାପ କଥା କହୁଥିବା ଅଭିଯୋଗ ହେଉଛି। ସେହିପରି ସଚେତନ କରିବା ପାଇଁ ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍‌ଦେଇ ମୋଟ୍ ୩୦ଜଣ ସ୍ୱେଚ୍ଛାସେବୀଙ୍କୁ ୩ଟି ଟିମ୍ କରି ନିଯୁକ୍ତ କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ, ଏମାନଙ୍କୁ ଦିନକୁ ୨୮୦ଟଙ୍କା ଲେଖାଏ ବେତନ ପ୍ରଦାନ କରାଯିବା ସହ ଜଣକା ଦିନକୁ ୫୦ଟି ଘର ବୁଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପଟିଆ ଏବେ ହଟ୍‌ସ୍ପଟ୍ ପାଲଟିଥିବାବେଳେ ଏଠାରେ ଏକ ସ୍ୱତନ୍ତ୍ର ଟିମ୍ ମୁତୟନ କରିବାକୁ ଯୋଜନା କରାଯାଉଛି। ମାତ୍ର ଲୋକଙ୍କ ବ୍ୟବହାର ଏବଂ ୨୮୦ ଟଙ୍କାରେ ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କୁ ସଚେତନ କରିବାକୁ କୌଣସି ଟିମ୍ ରାଜି ହେଉ ନ ଥିବା ଜଣାପଡିଛି। ସେହିପରି ଆଉ ୪୦ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରିବାକୁ ଯୋଜନା ରହିଛି। ସରକାରଙ୍କ ପକ୍ଷରୁ ଆବଶ୍ୟକ ଫଣ୍ଡ୍ ଯୋଗାଇ ଦିଆଯାଇଥିବାବେଳେ ତଦାରଖ ପାଇଁ ବିଏମ୍‌ସି ପକ୍ଷରୁ ୨ଟି ଗାଡ଼ି ମଧ୍ୟ ପ୍ରଦାନ କରାଯାଇଛି। ମାତ୍ର ଏତେ ପରେ ବି ସ୍ୱେଚ୍ଛାସେବୀ ମିଳୁ ନ ଥିବା ନେଇ ଏଡିପିଏଚ୍‌ଓ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ପଟିଆ ହଟ୍‌ସ୍ପଟ୍

### ୩୦ ସ୍ୱେଚ୍ଛାସେବୀଙ୍କୁ ତଦାରଖ କରିବାକୁ ୩ ସ୍ୱାସ୍ଥ୍ୟକର୍ମୀ

ସ୍ୱେଚ୍ଛାସେବୀଙ୍କୁ ମନିଟର୍ କରିବାକୁ ଆବଶ୍ୟକ ସଂଖ୍ୟକ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ୬୦ରୁ ଅଧିକ ମହିଳା ସ୍ୱାସ୍ଥ୍ୟକର୍ମୀ ଥିବାବେଳେ ମାତ୍ର ୩ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ଏମାନେ ମଧ୍ୟ ଅନ୍ୟ କାର୍ଯ୍ୟକ୍ରମ ବା ଯୋଜନାରେ ନିୟୋଜିତ ଅଛନ୍ତି। ତେଣୁ ଡେଙ୍ଗୁ ସଚେତନତା ଠିକ୍ ଭାବେ ହୋଇପାରୁ ନ ଥିବା କୁହାଯାଉଛି।

# କୋଚିଂ ସେଣ୍ଟର ବିରୋଧରେ ଅଭିଯୋଗ ଆଣିଲେ ମୃତ ଛାତ୍ରଙ୍କ ପରିବାର

ଭୁବନେଶ୍ୱର,୫।୯
(ସୂର୍ଯ୍ୟକାନ୍ତ ବେହେରା)

### ହଷ୍ଟେଲରୁ ମୃତଦେହ ମିଳିବା ଘଟଣା

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ମେଡିକାଲ କୋଚିଂ ନେଉଥିବା ଝାଡ଼ଖଣ୍ଡ ଧାନବାଦର ଛାତ୍ର ଅର୍ଣ୍ଣବ କ୍ରିଷ୍ଣାଙ୍କ ଝୁଲନ୍ତା ମୃତଦେହ ଏକ ଘରୋଇ ହଷ୍ଟେଲରୁ ମିଳିବା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଛାତ୍ରଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ କହୁଥିବାବେଳେ ଏହାକୁ ଅର୍ଣ୍ଣବଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଘଟଣାର ୫ ଦିନ ପରେ ମୃତ ଛାତ୍ର ଅର୍ଣ୍ଣବଙ୍କ ପରିବାର ଲୋକେ ଏକ ଭିଡିଓ ଜାରି କରି କୋଚିଂ ସେଣ୍ଟର ବିରୋଧରେ ଅଭିଯୋଗ ଆଣିଛନ୍ତି। ହତ୍ୟା କରିବାପରେ ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହ ଏହି ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ କୌଣସି ଅପ୍‌ଡେଟ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁର ଥାନା ଆଇଆଇସି ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି ହଷ୍ଟେଲ ସିସିଟିଭି ଫୁଟେଜର ସମସ୍ତ ଭିଡିଓ ରହିଛି। ଛାତ୍ରଙ୍କ ଜଣଙ୍କ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଆତ୍ମହତ୍ୟା ପଛର କାରଣ ଜାଣିବାକୁ ଉଦ୍ୟମ ଜାରି ରହିଛି। ଯଦି ହଷ୍ଟେଲ କିମ୍ବା କୋଚିଂ ସେଣ୍ଟରେ କୌଣସି ନିର୍ଯାତନା କିମ୍ବା ରାଗିଂର ପ୍ରମାଣ ମିଳେ ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି ।

# ପାଚେରି ଭୁଶୁଡ଼ି ଦୁଇ ଶ୍ରମିକ ଗୁରୁତର

ଭୁବନେଶ୍ୱର,୫।୯(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳରେ ଗୁରୁବାର ଏକ ଅଘଟଣ ଘଟିଛି। ଡ୍ରେନ୍ କାମ ଚାଲିଥିବାବେଳେ ଏକ ପାଚେରି ଭୁଶୁଡ଼ି ପଡ଼ିବାରୁ ଦୁଇ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ଆହତଙ୍କ ପରିଚୟ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକଙ୍କ କହିବା କଥା ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ବହୁ ପୁରୁଣା। ଏହାସହ ପାଚେରିକୁ ଲାଗି ଏହି ଡ୍ରେନ ନିର୍ମାଣ ହେଉଥିଲା। ପାଚେରିରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଇଛି। ଗୁରୁବାର ଡୁମୁଡୁମା ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରିକୁ ଲାଗି ବିଏମ୍‌ସିର ଏକ ଡ୍ରେନ କାମ ଚାଲିଥିଲା। ଏହି ଡ୍ରେନ କାମରେ ଏକାଧିକ ଶ୍ରମିକ ନିୟୋଜିତ ଥିଲେ। ଡ୍ରେନ ଖୋଳା ଚାଲିଥିବା ସମୟରେ ଉକ୍ତ ପାଚେରି ଭୁଶୁଡି ପଡ଼ିବାରୁ ତଳେ ବସିଥିବା ଶ୍ରମିକମାନଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଦୁଇଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମୁଣ୍ଡ,ଛାତି, ଗୋଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଅନ୍ୟ ଶ୍ରମିକମାନେ ଉଦ୍ଧାର କରି ଠିକାଦାରଙ୍କୁ ଖବର ଦେଇଥିଲେ। ଖବର ପାଇ ଠିକାଦାର ଓ ଖଣ୍ଡଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। ସେମାନଙ୍କ ଅବସ୍ଥା ଏବେ ସ୍ଥିର ଥିବା ଜଣାପଡ଼ିଛି।

# ଆତ୍ମଜୀବନୀ ପୁସ୍ତକ 'ଦୁଇ ଦୁନିଆ ମଝିରେ– ପ୍ରାଚ୍ୟ ଓ ପାଶ୍ଚାତ୍ୟ' ଉନ୍ମୋଚିତ

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ପବିତ୍ର ଗୁରୁଦିବସ ଅବସରରେ ଗୁରୁବାର ଲୋହିଆ ଏକାଡେମୀଠାରେ ବିଶିଷ୍ଟ ଦାର୍ଶନିକ ଜିତେନ୍ଦ୍ରନାଥ ମହାନ୍ତିଙ୍କ ଆତ୍ମଜୀବନୀର ଓଡ଼ିଆ ଅନୁବାଦ ପୁସ୍ତକ 'ଦୁଇ ଦୁନିଆ ମଝିରେ– ପ୍ରାଚ୍ୟ ଓ ପାଶ୍ଚାତ୍ୟ'ର ଉନ୍ମୋଚନ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର ଉଦ୍‌ବୋଧନ ଦେଇ କହିଲେ, କେବଳ ଜଣେ ବିଶିଷ୍ଟ ବିଦ୍ୱାନ ଭାବରେ ନୁହେଁ, ଜଣେ ଦର୍ଶନଶାସ୍ତ୍ର ପ୍ରଣେତା ଭାବରେ ଜିତେନ୍ଦ୍ରନାଥ ମହାନ୍ତିଙ୍କ ପ୍ରସିଦ୍ଧି ରହିଛି। ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଫେସର ଜ୍ଞାନଦେବ ମହାରଣା କହିଲେ, ଦର୍ଶନଶାସ୍ତ୍ର ବ୍ୟତୀତ ସଂସ୍କୃତ, ଗଣିତବିଦ୍ୟା ଏବଂ ପଦାର୍ଥ ବିଜ୍ଞାନରେ ତାଙ୍କର ସମାନ ପ୍ରବେଶ ଥିଲା। ତେଣୁ ତାଙ୍କ ଚିନ୍ତାଧାରା ଉଭୟ କଳା, ଦର୍ଶନ ଓ ବିଜ୍ଞାନର ଏକ ଅପୂର୍ବ ସମନ୍ୱୟ ଥିଲା। ଅନ୍ୟତମ ବକ୍ତା ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହ୍ଲାଦ ସିଂହ ଜିତେନ୍ଦ୍ରନାଥଙ୍କ ଗାନ୍ଧିବାଦୀ ଚିନ୍ତାଧାରା ଓ ନିରାଡ଼ମ୍ବର ଜୀବନଶୈଳୀକୁ ଅତି ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରିଥିଲେ। ଜିତେନ୍ଦ୍ରନାଥ ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଦର୍ଶନ ମଧ୍ୟରେ ଏକ ସେତୁ ଭଳି ସମ୍ପର୍କ ଓ ସମନ୍ୱୟ ସ୍ଥାପନ କରିବାକୁ ସକ୍ଷମ ହୋଇଥିଲେ। ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ପରେ ସେ ପାଶ୍ଚାତ୍ୟ ଜଗତରେ ଭାରତୀୟ ଦର୍ଶନକୁ ପ୍ରଚାର, ପ୍ରସାର କରିବାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଥିଲେ ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ।




ଅତିଥିମାନେ ପୁସ୍ତକ 'ଦୁଇ ଦୁନିଆ ମଝିରେ– ପ୍ରାଚ୍ୟ ଓ ପାଶ୍ଚାତ୍ୟ'ଉନ୍ମୋଚନ କରୁଛନ୍ତି।


**PANCHAYAT SAMITI OFFICE, PARJANG, DIST- DHENKANAL**
E-mail ID: ori-parajang@nic.in, Tel.No.:-06768-261121
No.4943, Date:03.09.24
No.i-117
**TENDER CALL NOTICE NO. 02 OF 2024-25**
DTCN No.02 Date:03.09.2024
**1. Name of the Project:-** Construction of Additional Class Room Building at Kankadasoda Govt. Nodal High School & Construction of Additional Class Room Building at Govt. U.P. School, Kulei. 2. Total No. of Project: 02 Nos. 3. Class of Contractor : "D" Class. 4. Period of Completion : 6 Calendar Months. 5. Other details: As per DTCN.

| Sl. No. | Procurement Officer | Tender Documents will be sold for bidding | | Last date of receipt of Bids | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Parjang | 06.09.2024 | 21.09.2024 | 21.09.2024, 5.30 PM | 24.09.2024, 11.00 AM |

7. Cost of Tender Paper: The Tender specifications can be obtained from Panchayat Samiti Office, Parjang on payment towards cost of tender papers Rs.6000/- (Rupees Six Thousand) only Non-refundable in shape of Bank Draft in favour of Block Development Officer, Parjang. 8. Further details can be seen from the in website portal "https://www.dhenkanal.nic.in. 9. Any other changes/ Corrigendum/ Addendum may be seen only in website portal https://www.dhenkanal.nic.in.
OIPR-19416/11/0001/2425 **Sd./- Block Development Officer, Parjang**

**OFFICE OF THE DIVISIONAL FOREST OFFICER**
**MANGROVE FOREST DIVISION**
**(WILDLIFE) RAJNAGAR, AT/PO-RAJNAGAR, DIST: KENDRAPARA,**
**PIN NO-754225, TELEPHONE NO:06729-242463**
E-mail Id: dfo.rajnagarwl@Odisha.gov.in.
**SHORT TENDER CALL NOTICE**
**No.MM-141:**Sealed tenders in prescribed format in 02 bid systems i.e. Technical bid & Financial bid are invited from Registered Firms/ Suppliers/ Manufacturers having experience in the field for supply of G.I. Chain Link Mesh as per IS-2721-2003 standards to this division at various locations. Details of terms & conditions with Tender Papers are available in this office from 10.00 AM to 05.30 PM on working days till 18.09.2024 (5 PM) and also available in website: wildlife.odisha.gov.in. and www.odishaforest.in. Tender Papers is to reach by Dated 17.09.2024 & will be opened on 19.09.2024 (11 AM) in this office. The undersigned reserves right to accept or reject any or all tenders without assigning any reason thereof.
**Sd./- Divisional Forest Officer**
**Mangrove Forest Division (Wildlife)**
OIPR-08053/11/0011/2425 **Rajnagar**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KALAHANDI**
**'e' Procurement Notice**
**Bid Reference No. SE MID BPT - 01/2024-25**
**E-mail: eemikldpbt@gmail.com**
No. A-275: Bid documents consisting name of Works, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1 | Name of the works | : | Civil Construction Work |
| 2 | No. of Work | : | 08 (Eight) Nos. |
| 3 | Estimated Cost | : | Varies from Rs.5.62 to 39.96 lakhs (Approximately) |
| 4 | Period of Completion | : | 3 (Three) to 8 (Eight) Calendar Months |
| 5 | Date and Time of availability of bid documents in the portal | : | From 11.09.2024 (11.00 A.M.) to 25.09.2024 (5.00 P.M.) |
| 6 | Last date/time of receipt of bids in the portal | : | Dt.25.09.2024 upto 5.00 P.M. |
| 7 | Date of opening of Bid | : | Dt.26.09.2024 at 11.00 A.M. onwards |
| 8 | Date of Transparent Lottery (If required) | : | Dt.23.10.2024 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

**Further details can be seen from the e-Procurement market place **http://tendersodisha.gov.in**.
**Sd./- Er. Jagannath Mallik**
**Superintending Engineer**
OIPR-32531/11/0001/2425 **M.I. Division, Kalahandi, Bhawanipatna**

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ
ଢେଙ୍କାନାଳ ବନଖଣ୍ଡ
**OFFICE OF THE DIVISIONAL FOREST OFFICER**
**DHENKANAL FOREST DIVISION**
**Tele Fax No-06762226717, e-mail id:dfo.dhenkanal@odisha.gov.in**
**Bid Identification No.05/2024-25** **Date:**
**No.MM-140:**The Divisional Forest Officer, Dhenkanal Forest Division on behalf of Governor of Odisha invites Percentage Rate bids in double cover system in offline mode for Barbed Wire fencing at Urban Plantation 2024-25, 5000 Nos. plants inside Bhuban NAC (IGC Scheme) of Bhuban Range under Dhenkanal Forest Division from the class C & D contractors registered with the State Governments and Contractors of equivalent Grade/ Class Registered with Central Government for execution of Civil Works. The tender paper with details of terms and conditions can be available in the website https://dhenkanal.odisha.gov.in. and office of the Divisional Forest Officer, Dhenkanal Division, Dhenkanal in any working day from 05.09.2024 to 12.09.2024 within official hour (10 AM to 5.30 PM) after payment of requisite fee of Rs.1,000/- (One Thousand) only in cash or Account payee Bank Draft in favour of Divisional Forest Officer, Dhenkanal Division with all requisite documents. The bid alongwith relevant documents should reach in the O/o. the Divisional Forest Officer, Dhenkanal Forest Division, At/Po/Ps/Dist-Dhenkanal- 759001 on or before 12.09.2024 upto 5.30 P.M. through Registered / Speed Post/ Courier Service or by hand only. The tender will be opened in the office of the undersigned on 13th Sept. 2024 at 11.00 AM hrs.
**Sd./- Divisional Forest Officer**
OIPR-08037/11/0004/2425 **Dhenkanal Division**

**STATE INSTITUTE FOR DEVELOPMENT OF ARTS & CRAFTS (SIDAC)**
SIDAC Handlooms, Textiles & Handicrafts Department, Government of Odisha
**EXPRESSION OF INTEREST**
No. PP-20:- Expression of Interest (EOI) in sealed cover are invited from interested **Architect/Architectural firms** having required eligibility and expertise in revelent field to provide end to end service for organizing **19th Toshali National Crafts Mela** to be held from **1st to 12th December 2024** at Janata Maidan, Bhubaneswar. The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar- 751030, Ph: 06742350318 is **upto 5.00 PM on 20.09.2024**. For details of EOI documents plz visit the following websites:
**www.sidacodisha.org.in,**
**www.odisha.gov.in/textiles**
**www.crafts.odisha.gov.in.**
**Sd./-**
**Member Secretary**
OIPR-31036/11/0008/2425

**GOVERNMENT OF ODISHA** **No.i-125**
**OFFICE OF BLOCK DEVELOPMENT OFFICER**
**MURIBAHAL, BOLANGIR**
**'E' PROCUREMENT NOTICE No.**
**Tender ONLINE/01/2024-25/MURIBAHAL BLOCK**
1. Name of Work : Building Works
2. Total No. of Works : 04 No. of Works
3. Estimated Cost (Approx) : Rs.1272728 / TO Rs.1395327/-
4. Period of Completion : 180 days
5. Class of Contractors : C & D

Other details as follows :
a) Procurement Officer : Block Development Officer Muribahal, Bolangir
b) Availability of tender online submission of bid : 12.09.2024 at 11.00 AM to 22.09.2024 upto 5.30 PM &
c) Last date & time of seeking of tender clarification : 20.09.2024 upto 5.30 PM
d) Opening of Tender : 25.09.2024 at 11.00 A.M.

Further details can be seen from the Govt. website www.tendersodisha.gov.in.
**Sd./-**
**Block Development Officer**
OIPR-19348/11/0001/2425 **Muribahal**

**Government of Odisha** **No.O-251**
**"e" Procurement Notice**
**Bid Identification No.: Online-AGL-03 of 2024-25**
1. Name of the Work : Building Works
2. Estimated Cost : Rs.36.16 to 39.02 Lakhs
3. Period of Completion : 06 (Six) Calendar Months
4. Date & Time of availability of bid document in the portal : From 11.09.2024 to 17.09.2024 upto 5.00 P.M.
5. Last Date/ Time for receipt of bids in the Portal : 17.09.2024 upto 5.00 P.M.
6. Name & Address of the OIT : Executive Engineer Rural Works Division Angul

Further details can be seen from the Govt. website **www.tendersorissa.gov.in.**
**Sd./- Executive Engineer**
OIPR-25096/11/0004/2425 **R.W.Division, Angul**

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ **No.O-257**
ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ, ସୋନପୁର
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, SONEPUR**
**Pin-767017, Ph:06654-220259 (Off), Email:eerwssdivsnpr@gmail.com**
The following change is hereby made to Bid Identification No.01/2024-25 of RWS&S Division, Sonepur whereas all other terms & conditions remain unaltered.

| Sl.No. | As per Original TCN | As per Corrigendum |
|---|---|---|
| (i) | Availability of Tender online for bidding from Dt.03.09.2024 to 17.09.2024, Last date of seeking clarification dt.06.09.2024 & Technical Bid Opening date 19.09.2024 at 11.30 hours. | Availability of Tender online for bidding from Dt.12.09.2024 to 24.09.2024, Last date of Seeking clarification dt.17.09.2024 & Technical Bid opening date 26.09.2024 at 11.30 hours. |

**N.B:** 1. If the Office happens to be closed on the date of opening of Tenders, Tenders will be opened on the next working day in the same time. 2. Authority reserves the right to cancel or reject any/all of the tenders without assigning any reason thereof. 3. Further details can be seen in the bidding documents which is available in the e-procurement portal https://www.tendersodisha.gov.in.
**Sd./- (Er. Tapan Kumar Padhan)**
**Superintending Engineer**
**OIPR-25037/11/0002/2425** **RWS&S Division, Sonepur**

See Career Appointment on every Wednesday & Saturday

**REGULATED MARKET COMMITTEE, PADAMPUR**
**No.357/ Date: 03.09.2024**
**INVITATION OF BIDS THROUGH e-Procurement**
**Bid Identification No.01 of 2024-25**
**No.H-16: (Ref-TCN No.354/ dated 03.09.2024)**

| Sr. No. | Item | Details |
|---|---|---|
| 1 | The Sub-Collector-cum-Chairman, RMC, Padampur, invites percentage rate bids in Double Cover System in ONLINE MODE only for work as detailed below: | |
| 2 | Nature of the Work | Construction of building type works |
| 3 | No. of Work | 02 Nos. |
| 4 | Bid Cost | Rs.10000.00 online transfer. |
| 5 | Value of Tender | Rs.413.16 lakhs & Rs.346.71 lakhs |
| 6 | Class of Contractor | "A" Class |
| 7 | Availability of BID documents in the website | Dt.06.09.2024 to 20.09.2024 |
| 8 | Last date/time of Receipt of bids in the portal | Dt.20.09.2024 upto 5.00 P.M. |
| 9 | Date of Opening of Bid | Dt.21.09.2024 at 11.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/ Cancellation of the Tender etc can also be seen in the website: https://tendersorissa.gov.in. | |

**Sd./- Sub-Collector-Padampur-cum-Chairman**
**RMC, Padampur**
OIPR-07044/11/0002/2425

## ବିଜେଡିରୁ ଇସ୍ତଫା ଦେଲେ ଯାଜପୁର ଜିଲା ଉପସଭାପତି

କାଳିଆପାଣି,(ଅସିତ ମହାନ୍ତ): ଯାଜପୁର ଜିଲା ବିଜୁ ଜନତା ଦଳ(ବିଜେଡି)ର ଉପସଭାପତି ବିଦ୍ୟାଧର ପାତ୍ର ଦଳର ଅନ୍ୟ ପଦ ସହ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରକୁ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଥିବା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। କାଳିଆପାଣି ଖଣି ଅଞ୍ଚଳରେ ଦଳକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ହେଲେ ଦଳରେ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୁରୁବାର ଦଳର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଭେଟି ସଦସ୍ୟତା ସାର୍ଟିଫିକେଟ୍ ଦେଉଛନ୍ତି।

## ଆଡଭାନୀଙ୍କୁ ଭାଜପା ସଦସ୍ୟତା ସାର୍ଟିଫିକେଟ ଦେଲେ ନଡ୍ଡା

ନୂଆଦିଲ୍ଲୀ,୫।୯

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୁରୁବାର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କ ବାସଭବନକୁ ଯାଇ ତାଙ୍କ ଦଳୀୟ ସଦସ୍ୟତାକୁ ନବୀକରଣ କରାଇବା ସହ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ନଡ୍ଡାଙ୍କ ସହ ଭାଜପା ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ଗୌତମ ମଧ୍ୟ ଆଡଭାନୀଙ୍କ ବାସଭବନକୁ ଯାଇଥିଲେ। ସେପ୍ଟେମ୍ବର ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ କରିବା ସହ ନିଜ ସଦସ୍ୟତାକୁ ନବୀକରଣ କରାଇଥିଲେ। ଦଳର ଏହି ସଦସ୍ୟତା ଅଭିଯାନ କେବଳ ଏକ ରୀତି ନୁହେଁ, ପରିବାରର ସମ୍ପ୍ରସାରଣ ଏବଂ ଆଦର୍ଶଗତ ଆନ୍ଦୋଳନ ବୋଲି ମୋଦି କହିଥିଲେ। ସେହିପରି ଗୁରୁବାର ବର୍ଷୀୟାନ ନେତା ମୁରଲୀ ମନୋହର ଜୋଷୀଙ୍କୁ ମଧ୍ୟ ଭାଜପା ସଦସ୍ୟତା ସାର୍ଟିଫିକେଟ ପ୍ରଦାନ କରାଯାଇଛି।

## ନିର୍ବାଚନ ପୂର୍ବରୁ ହରିୟାଣା ଭାଜପାରେ ବିଦ୍ରୋହ

ଚଣ୍ଡିଗଡ଼,୫।୯

ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଦଳ ଭାଜପାରେ ବିଦ୍ରୋହ ଦେଖାଦେଇଛି। ଅକ୍ଟୋବର ୫ରେ ହରିୟାଣାରେ ଭୋଟ ହେବାକୁ ଥିବାବେଳେ ଭାଜପା ବୁଧବାର ପ୍ରଥମ ପ୍ରାର୍ଥୀ ତାଲିକାରେ ୬୭ ଜଣଙ୍କ ନାଁ ଘୋଷଣା କରିଥିଲା। ଟିକେଟ ପାଇ ନ ଥିବାରୁ ମନ୍ତ୍ରୀ ରଞ୍ଜିତ ସିଂ ଚୌତାଲା ଏବଂ ବିଧାୟକ ଲକ୍ଷ୍ମଣ ଦାସ ନାପା ଦଳ ଛାଡ଼ିଛନ୍ତି। ସେହିପରି ଦଳୀୟ ଟିକେଟରୁ ବଞ୍ଚିତ ପୂର୍ବତନ ମନ୍ତ୍ରୀ କରନଦେବ କାମ୍ବୋଜ୍ ରାଜ୍ୟ ଭାଜପାର ଓବିସି ମୋର୍ଚ୍ଚା ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

ଶକ୍ତି ଓ ଜେଲ ବିଭାଗ ମନ୍ତ୍ରୀ ଥିବା ୭୯ ବର୍ଷୀୟ ରଞ୍ଜିତ ହେଉଛନ୍ତି ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀଲାଲ୍‌ଙ୍କ ପୁଅ। ଏବେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ବିଧାୟକ ଲକ୍ଷ୍ମଣ ଦଳ ଛାଡ଼ିବା ପରେ ନୂଆଦିଲ୍ଲୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡାଙ୍କୁ ଭେଟିଥିଲେ। ସେ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରଞ୍ଜିତ ରାନିଆ ଆସନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଥିବାବେଳେ ଭାଜପା ସେଠାରୁ ଶିଷପାଲ କମ୍ବୋଜଙ୍କୁ ପ୍ରାର୍ଥୀ କରିଥିଲା। ଲୋକ ସଭା ନିର୍ବାଚନ ପୂର୍ବରୁ ସ୍ୱାଧୀନ ବିଧାୟକ ଥିବା ରଞ୍ଜିତ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ସେ ହିସାବରୁ ଲୋକ ସଭା ନିର୍ବାଚନ ଲଢ଼ିଥିଲେ ମଧ୍ୟ ହାରିଯାଇଥିଲେ। ଲକ୍ଷ୍ମଣ ଫତେହାବାଦ ଜିଲା ରାଟିଆ ସଂରକ୍ଷିତ ଆସନରୁ ବିଧାୟକ ଥିବାବେଳେ ବହୁ ବିକାଶମୂଳକ କାର୍ଯ୍ୟ କରିଥିଲେ। ଦଳ ପୁନର୍ବାର ଟିକେଟ ନ ଦେବାର କାରଣ କ'ଣ ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି।

## ଦୌଲତପୁର ସରପଞ୍ଚଙ୍କ ସମେତ ୫ ଗିରଫ

ତିହିଡ଼ି, ୫।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପିରହାଟ ଥାନା ପିରହାଟ ବଜାରରେ ବିଜେଡି ନେତା ଓ କର୍ମୀମାନେ ବୁଧବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ କଳାପତାକା ପ୍ରଦର୍ଶନ କରିବା ସହ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିଲେ। ଏହି ଘଟଣାରେ ପୋଲିସ ଦୌଲତପୁର ସରପଞ୍ଚ ପ୍ରଭାତ କୁମାର ମିଶ୍ରଙ୍କ ସମେତ ୫ ଜଣଙ୍କୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଚାନ୍ଦବାଲି ବ୍ଲକ୍ ମତୋ ଯୁକ୍ତ ୩ ସ୍ନାତକ କଲେଜର ପ୍ରତିଷ୍ଠା ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଅତିଥି କରାଯାଇ ନ ଥିବାରୁ ବିଜେଡି କର୍ମୀମାନେ କଳାପତାକା ପ୍ରଦର୍ଶନ କରିଥିଲେ।

# ବିଧାନସଭାରେ ରେଭେନ୍‌ଶା ତାତି

**ଶାସକ-ବିରୋଧୀ ମୁହାଁମୁହିଁ**

ଭୁବନେଶ୍ୱର,୫।୯(ଅନିଲଦାସ)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାଁର ପରିବର୍ତ୍ତନ ନେଇ ବ୍ୟକ୍ତିଗତ ମନ୍ତବ୍ୟ ରଖିବା ପରେ ରାଜନୈତିକ ବୟାନବାଜି ତେଜିଛି। ରେଭେନ୍‌ଶା ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ଉଭୟ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ବ୍ୟୋମକେଶ ରାୟ କହିଥିଲେ, ରେଭେନ୍‌ଶା ନାମ ପରିବର୍ତ୍ତନ ନେଇ କେନ୍ଦ୍ରମନ୍ତ୍ରୀ ବ୍ୟକ୍ତିଗତ ମତ ଦେଇଥିଲେ। ଏହାପରେ ଛାତ୍ର ଆନ୍ଦୋଳନ ତୀବ୍ର ହେଉଛି। ବିରାଟ ଆନ୍ଦୋଳନ ଦାନା ବାନ୍ଧୁଛି। ୧୫୬ ବର୍ଷ ଧରି ରେଭେନ୍‌ଶାରୁ ବହୁ ଛାତ୍ର ରାଜ୍ୟ, ଦେଶ ତଥା ବିଦେଶର ବହୁ ବଡ଼ ପଦପଦବୀରେ ରହିଛନ୍ତି। ସେମାନଙ୍କୁ ଏହା ଆଘାତ ଦେଇଛି। ନାମ ପରିବର୍ତ୍ତନ କରିବା ପରିବର୍ତ୍ତେ ଶିକ୍ଷାର ଗୁଣାତ୍ମକମାନ ଦିଗରେ କାର୍ଯ୍ୟ କରିବା ଦରକାର। ଏ ନେଇ ଗୃହରେ ମୁଖ୍ୟମନ୍ତ୍ରୀ ବିବୃତି ଦିଅନ୍ତୁ ବୋଲି ବ୍ୟୋମକେଶ ଦାବି କରିଥିଲେ। ବିଜେଡିକୁ କାଉଣ୍ଟର କରିଥିଲେ ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ। ସେ କହିଥିଲେ, କେନ୍ଦ୍ରମନ୍ତ୍ରୀଙ୍କ ମତ ବ୍ୟକ୍ତିଗତ। ଓଡ଼ିଶାବାସୀ ଗ୍ରହଣ କରିଛନ୍ତି। ଯେଉଁମାନେ ରିମୋର୍ଟରେ ପରିଚାଳିତ ହେଉଛନ୍ତି ସେମାନେ ବିରୋଧ କରୁଛନ୍ତି। ଏହି ଅନୁଷ୍ଠାନକୁ ଓଡ଼ିଶାର ବରପୁତ୍ରଙ୍କ ନାମରେ ନାମିତ କରାଯିବାରେ କୌଣସି ଅସୁବିଧା ନାହିଁ। ଏବେ ବି ବିଦେଶୀ ମାନସିକତା ଯାଇ ନାହିଁ। ଏ ବିଷୟରେ ବିତର୍କ ହେଉ। ରାଜ୍ୟର ବୁଦ୍ଧିଜୀବୀ ମଧ୍ୟ ନାମ ପରିବର୍ତ୍ତନକୁ ସ୍ୱାଗତ କରୁଛନ୍ତି। କଂଗ୍ରେସ ବିଧାୟିକା ସୋଫିଆ ଫର୍ଦ୍ଦୋସ କହିଥିଲେ, ଆପଣ ମାନୁଛନ୍ତି କି ରେଭେନ୍‌ଶା ନାଁ ପରିବର୍ତ୍ତନ ଅଫିସିଆଲ୍ ଷ୍ଟେଟ୍‌ମେଣ୍ଟ। କଟକବାସୀଙ୍କ ଭାବନା ସହ ଖେଳନ୍ତୁ ନାହିଁ। ଓଡ଼ିଆ ଅସ୍ମିତା କଥା କହୁଥିବା ଦଳ ଗୁଜରାଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମ ପରିବର୍ତ୍ତନ କରି ନରେନ୍ଦ୍ର ମୋଦି ଷ୍ଟାଡିୟମ କରିଦେଲେ। ନାମ ନ ବଦଳାଇ ରେଭେନ୍‌ଶାକୁ ସେଣ୍ଟ୍ରାଲ ୟୁନିଭର୍ସିଟି କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ।

ସେହିପରି ରେଭେନ୍‌ଶା ପ୍ରସଙ୍ଗରେ ବିଜେଡି ବିଧାୟକ ସାରଦା ଜେନା କହିଥିଲେ, ଶିକ୍ଷାନୁଷ୍ଠାନ ନାଁ ପରିବର୍ତ୍ତନ ବଦଳରେ ଶିକ୍ଷାର ମାନ ଉନ୍ନତିକୁ ଗୁରୁତ୍ୱ ଦିଆଯାଉ। ଭାଜପା ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଥିଲେ, ନାଁ ପରିବର୍ତ୍ତନ ନେଇ ତର୍ଜମା ପାଇଁ କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହାର ତର୍ଜମା ହେଉ।

## ୱାକଫ୍ ବିଲ୍‌କୁ ବିଜେଡି ବିରୋଧ କରିବ: ନବୀନ


ବିଜେଡି ସଂଖ୍ୟାଲଘୁ କର୍ମକର୍ତ୍ତାମାନେ ଶଙ୍ଖ ଭବନରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର,୫।୯(ଅନିଲ ଦାସ)

ଏ ଦେଶ ଆମର, ଏ ମାଟି ଆମର। ଏହି ଭାବନା ନେଇ ଭାରତ ତଥା ପ୍ରିୟ ଓଡ଼ିଶାର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂଖ୍ୟାଲଘୁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଗୁରୁବାର ଶଙ୍ଖ ଭବନଠାରେ ବିଜେଡି ସଂଖ୍ୟାଲଘୁ କର୍ମକର୍ତ୍ତାମାନଙ୍କୁ ସମ୍ବୋଧନ କରି ସେ କହିଛନ୍ତି, ଶାନ୍ତି ଓ ସଦ୍‌ଭାବନା ହିଁ ପ୍ରଗତିର ଭିତ୍ତି। ଏଥିଯୋଗୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ପ୍ରଗତି ହାସଲ କରିପାରିଛି। ସେ କହିଛନ୍ତି, ରାଜ୍ୟର ବିଭିନ୍ନ ଅଞ୍ଚଳର ସଂଖ୍ୟାଲଘୁ ଭଉଣୀ ଓ ଭାଇମାନେ ତାଙ୍କୁ ପ୍ରତିଦିନ ଭେଟୁଛନ୍ତି। ସେମାନଙ୍କ ମନରେ ଅସୁରକ୍ଷା ଭାବନା ରହୁଥିବା ବିଷୟରେ ସେମାନେ ଜଣାଉଛନ୍ତି। ବିଜେଡି ୱାକଫ୍ ବିଲ୍‌କୁ ବିରୋଧ କରିବ ବୋଲି ନବୀନ ସ୍ପଷ୍ଟ କରିଛନ୍ତି। ଦେଶର ପ୍ରଗତିରେ ସଂଖ୍ୟାଲଘୁଙ୍କ ଅବଦାନକୁ ସ୍ମରଣ କରି ନବୀନ କହିଛନ୍ତି, ସମସ୍ତଙ୍କ ସହଯୋଗ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଜରୁରୀ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ବୌଦ୍ଧ, ଶିଖ୍, ମୁସଲିମ ଓ ଖ୍ରୀଷ୍ଟିଆନ ଧର୍ମର ପ୍ରତିନିଧି ନବୀନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସଭା ସଦସ୍ୟ ମୁନା ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଭେନ୍‌ଶାଙ୍କ ପରେ ଫକୀରମୋହନଙ୍କ ପାଳି କି: ବିଜେଡି

ଭୁବନେଶ୍ୱର,୫।୯(ଅନିଲଦାସ)


ଲୁମ୍ବନାଥ ପଣ୍ଡା ଓ ଲେନିନ୍ ମହାନ୍ତି

ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତି ଭାଜପା ଯୁବମୋର୍ଚ୍ଚାର ସଭାପତି ଯେଉଁଭଳି କଟୁ ଓ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି ତାହାକୁ ବିଜେଡି ଦୃଢ଼ ନିନ୍ଦା କରିଛି। ଶଙ୍ଖଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଓ ଲୁମ୍ବନାଥ ପଣ୍ଡା କହିଛନ୍ତି ଯେ, ଓଡ଼ିଆ ଅସ୍ମିତାର ନାରାଦେଇ ଓଡ଼ିଆଙ୍କ ଭାବ ପ୍ରବଣତା ସହ ଖେଳିଥିବା ଭାରତୀୟ ଜନତା ପାର୍ଟିର ଅସଲ ସ୍ୱରୂପ ଏବେ ପଦାରେ ପଡ଼ିଛି। ଓଡ଼ିଆ ଅସ୍ମିତାର ପ୍ରତୀକ ତଥା ଓଡ଼ିଆ ସାହିତ୍ୟର ପ୍ରାଣବିନ୍ଦୁ ବ୍ୟାସକବି ଫକୀରମୋହନ ସେନାପତି, ବ୍ରିଟିଶଙ୍କୁ ତେଲ ମାଲିସ କରୁଥିଲେ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଦେଇଥିବା ମନ୍ତବ୍ୟ ରାଜ୍ୟବାସୀଙ୍କ ମନରେ ଗଭୀର ଆଘାତ ଦେଇଛି। ଏଥିସହିତ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବା ପାଇଁ 'ଉତ୍କଳ ସମ୍ମିଳନୀର ପୁରୋଧାମାନେ ବ୍ରିଟିଶ ସହିତ ସାଲିସ କରୁଥିଲେ' ବୋଲି ଭାଜପା ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଭାଷାଭିତ୍ତିକ ରାଜ୍ୟ ଗଠନ ହେବାର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିଲା ବେଳେ ଆମେ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛେ। କିନ୍ତୁ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେବାରେ ଅଗ୍ରପୂଜ୍ୟ ଫକୀରମୋହନ ସେନାପତି ଓ ଉତ୍କଳ ସମ୍ମିଳନୀର ଅନ୍ୟମାନଙ୍କ ସ୍ତୁତିଚାରଣ କରିବା ବଦଳରେ ତାଙ୍କୁ ବ୍ରିଟିଶଙ୍କ ଏଜେଣ୍ଟ ଭାବେ ଅଭିହିତ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବିଜେଡି ମୁଖପାତ୍ର ଦ୍ୱୟ କହିଛନ୍ତି। ରେଭେନ୍‌ଶା ବିବାଦ ସୃଷ୍ଟି କଲା ପରେ ବ୍ୟାସକବି ଫକୀରମୋହନ ସେନାପତି ଓ ଉତ୍କଳ ସମ୍ମିଳନୀକୁ ନେଇ ଭାଜପା ଯେଉଁ ବିବାଦ ସୃଷ୍ଟିକରିବା ପାଇଁ ଉଦ୍ୟମ ଆରମ୍ଭ କରିଛି, ତାହା ଓଡିଶା ମାଟିରେ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀ ଏ ବାବଦରେ ରାଜ୍ୟବାସୀଙ୍କ ସାମ୍ନାରେ ଉତ୍ତର ରଖନ୍ତୁ ବୋଲି ବିଜେଡି ଦାବି କରିଛି।

## ୧୨ରେ ଆସ୍ଥା ଭୋଟର ସମ୍ମୁଖୀନ ହେବେ ପୁରୁଷୋତ୍ତମପୁର ଏନ୍ଏସି ଅଧ୍ୟକ୍ଷା

ପୁରୁଷୋତ୍ତମପୁର,୫।୯(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡଙ୍କ ବିରୋଧରେ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ୯ ଜଣ କାଉନସିଲର ସୋମବାର ଜିଲାପାଳଠାରେ ଫେରାଦ ହୋଇ ଅନାସ୍ଥା ପ୍ରସ୍ତାବ ଲାଗି ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୨ ତାରିଖରେ ଆସ୍ଥା ଭୋଟ ଲାଗି ଅଧ୍ୟକ୍ଷା ଓ ୧୩ ଜଣ କାଉନ୍‌ସିଲରଙ୍କୁ ଜିଲାପାଳ ଗୁରବାର ନୋଟିସ ଜାରି କରିଛନ୍ତି। ଆସ୍ଥା ଭୋଟ ପରିଚାଳନା ଲାଗି ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତଙ୍କୁ ପ୍ରିଜାଇଡିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୧ଟାରେ ଆସ୍ଥା ଭୋଟ ପାଇଁ ସମୟ ଧାର୍ଯ୍ୟ ହୋଇଥିବା ନେଇ ଏନଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା କହିଛନ୍ତି।

### ହାଇକୋର୍ଟରେ ୩ ବିଧାନସଭା ନିର୍ବାଚନୀ ମାମଲା

## ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ନୋଟିସ

କଟକ,୫।୯ (କାର୍ତ୍ତିକ ସାହୁ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନରେ ନିର୍ବାଚନ ଅନିୟମିତତା ନେଇ ରୁଜୁ ମାମଲାରେ ହାଇକୋର୍ଟ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଗୁରୁବାର ନୋଟିସ କରିଛନ୍ତି। ବିଧାୟକ ମଲ୍ଲିକ ସତ୍ୟପାଠ ଠିକ୍ ଭାବେ ପୂରଣ ନ କରିବା, ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଅଭିଯୋଗ ଆଣି ସ୍ଥାନୀୟ ଭୋଟର ଜଗବନ୍ଧୁ ଦାସ ହାଇକୋର୍ଟରେ ମାମଲା ଦାୟର କରିଛନ୍ତି। ଆବେଦନକାରୀ ଅଦାଲତଙ୍କୁ ଦର୍ଶାଇଛନ୍ତି, ବିଧାୟକ ମଲ୍ଲିକଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ସଂକ୍ରାନ୍ତରେ ନିୟମ ମୁତାବକ ୩ ଥର ଇଂଲିଶ ଖବରକାଗଜରେ ପ୍ରକାଶ କରିନାହାନ୍ତି। ସତ୍ୟପାଠରେ ତ୍ରୁଟି ରହିଥିବାବେଳେ ପ୍ରଦାନ କରିଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ଠିକ୍ ନାହିଁ। ଏହି ଆବେଦନକୁ ହାଇକୋର୍ଟ ଗ୍ରହଣ କରି ତାଙ୍କ ବିଧାୟକ ପଦ ରଦ୍ଦ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନାରୀ ପ୍ରାର୍ଥନା କରିଛନ୍ତି।

## ଓକିଲଙ୍କ ଜରିଆରେ ହାଜର ହେଲେ ରାଜେନ୍ଦ୍ର ଢୋଲକିଆ

ନୂଆପଡ଼ା ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ବିଧାୟକ ରାଜେନ୍ଦ୍ର ଢୋଲକିଆ ତାଙ୍କ ଓକିଲଙ୍କ ଜରିଆରେ ଅଦାଲତରେ ହାଜର ହୋଇଛନ୍ତି। ତେବେ ଜବାବ ଦାଖଲ ନିମନ୍ତେ ସେ ସମୟ ଦେବାକୁ ଆବେଦନ କରିଥିଲେ। ଅଦାଲତ ଏହାକୁ ଗ୍ରହଣ କରି ୧ ମାସ ସମୟ ଦେଇଛନ୍ତି। ନୂଆପଡ଼ା ବିଧାନସଭା ଆସନରେ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ସତ୍ୟପାଠରେ ତ୍ରୁଟି ରହିଥିବା ଦର୍ଶାଇ ପରାଜିତ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମନୋରମା ମହାନ୍ତିଙ୍କୁ ସାନି ନୋଟିସ

ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନିୟମିତତା ନେଇ ରୁଜୁ ମାମଲାରେ ହାଇକୋର୍ଟ ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କୁ ଜବାବ ଦାଖଲ କରିବାକୁ ଗୁରୁବାର ସାନି ନୋଟିସ୍ କରିଛନ୍ତି। ଆବେଦନକାରୀ କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସଙ୍କ ପକ୍ଷରୁ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି।

୨୦୨୪ ନିର୍ବାଚନରେ ନର୍ଲା ବିଧାନସଭା ଆସନରୁ ବିଜେଡି ବିଧାୟିକା ପ୍ରାର୍ଥୀ ମନୋରମା ମହାନ୍ତି ୬୭,୫୩୨ ଖଣ୍ଡ ଭୋଟ ପାଇ କଂଗ୍ରେସର ଭକ୍ତ ଚରଣ ଦାସଙ୍କୁ ୫୨୦୫ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ବିଧାୟିକା ତାଙ୍କ ସତ୍ୟପାଠରେ ଭୁଲ୍ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଦାସ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଏହି ମାମଲାରେ ବିଧାୟିକା ମହାନ୍ତିଙ୍କୁ ଗତ ଜୁଲାଇ ୨୫ରେ ନୋଟିସ୍ ଜାରି କରି ଜବାବ ଦାଖଲ କରିବାକୁ ଆଦେଶ ଦେଇଥିଲେ। ହେଲେ ବିଧାୟିକା ଜବାବ ରଖି ନ ଥିଲେ। ଫଳରେ ଆବେଦନକାରୀ ଦାସ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦାସ ବାଟସ୍ୱତିଙ୍କ ଜରିଆରେ ମନୋରମା ମହାନ୍ତିଙ୍କୁ ନୋଟିସ୍ ଜାରି କରିବାକୁ ଅଦାଲତଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## କ୍ଷତିପୂରଣ ଆନ୍ଦୋଳନ ବେଳେ ବିଜେଡି-ଭାଜପା ଗଣ୍ଡଗୋଳ

**ଦୁର୍ଘଟଣାରେ ଛାତ୍ର ମୃତ୍ୟୁ ଘଟଣା**

ପାରାଦୀପ,୫।୯(ଶରତ ରାଉତ)



ଜଗତ୍‌ସିଂପୁର ଜିଲା ପାରାଦୀପର ଅଠରବାଙ୍କୀ ନେହେରୁବଙ୍ଗଳା ରାସ୍ତାରେ ବୁଧବାର ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ୨ ଜାଗାରେ ବୁଧବାର ଅପରାହ୍ନ ୨ଟାଠାରୁ ରାତି ୧୨ ଟା ପର୍ଯ୍ୟନ୍ତ ରାସ୍ତା ବନ୍ଦ କରି ଆନ୍ଦୋଳନ ହୋଇଥିଲା। ଭାଜପା-ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଆନ୍ଦୋଳନ ଭଣ୍ଡୁର ହୋଇଥିଲା। ଫଳରେ ଗାଡ଼ି ଚଳାଚଳ ସ୍ୱାଭାବିକ ହେବା ସହ ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନେହେରୁବଙ୍ଗଳା ମେରାଇନ ଥାନାରେ ମାମଲା ରୁଜୁ ହୋଇଛି।

ବୁଧବାର ୩ ଜଣ ସାଙ୍ଗ ମଧୁବନ ବୃନ୍ଦାବନ କଲୋନୀରୁ ସ୍କୁଟି ଯୋଗେ ନେହେରୁବଙ୍ଗଳା ବୁଲିବାକୁ ଯାଇ ଘରକୁ ଫେରିବା ବେଳେ ଅଠରବାଙ୍କୀ ନେହେରୁବଙ୍ଗଳା ରାସ୍ତାର କନ୍‌ଭେୟର ବେଲ୍ଟଲାଇନ ପାଖରେ ଏକ ଟ୍ରକ ଧକ୍କା ଦେଇଥିଲା। ଦୁର୍ଘଟଣାରେ ରାକେଶ କୁମାର ଭୋଳ(୨୦)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ସାଙ୍ଗ ଆନି ଓ ଆକାଶ ଗୁରୁତର ହୋଇଥିଲେ। କ୍ଷତିପୂରଣ ଦାବିରେ ନେହେରୁବଙ୍ଗଳା ମାଛଧରା ବନ୍ଦର ଲୋକେ ଓ ମୃତକଙ୍କ କଲୋନୀର ଲୋକେ ଦୁର୍ଘଟଣା ସ୍ଥଳ ଏବଂ ଅଠରବାଙ୍କୀ ଗୋଲେଇ ଛକରେ ଆନ୍ଦୋଳନ କରିଥିଲେ। ଫଳରେ ଅପରାହ୍ନ ୨ଟାରୁ ପାରାଦୀପକୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନରେ ଭାଜପା, ବିଜେଡି, କଂଗ୍ରେସ ଦଳ କର୍ମୀ ଓ ଅନ୍ୟମାନେ ସାମିଲ ହୋଇଥିଲେ। ରାତି ୧୨ଟା ସୁଦ୍ଧା ପ୍ରଶାସନିକ ସହଯୋଗ ନ ମିଳିବାରୁ ଜଣେ ବିଜେଡି କର୍ମୀ ଭାଜପା ସରକାର ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସମ୍ପର୍କରେ ନକରାତ୍ମକ ଟିପ୍ପଣୀ ଦେଇଥିଲେ। ଏନେଇ ଅଠରବାଙ୍କୀ ଆନ୍ଦୋଳନ ସ୍ଥଳରେ ଉଭୟ କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପୋଲିସ ଉଭୟ ପକ୍ଷଙ୍କୁ ଅଲଗା କରିବା ମଧ୍ୟରେ ଅପେକ୍ଷାରେ ଥିବା ଗାଡ଼ି ଚଳାଚଳ କରିଥିଲେ। ଗାଡ଼ି ଚଳାଚଳ ସ୍ୱାଭାବିକ ହେବା ପରେ ପୋଲିସ ମୃତଦେହ ଉଠେଇ ବ୍ୟବଚ୍ଛେଦ ପାଇଁ ନେଇଯାଇଥିଲେ। ଗୁରୁବାର ଦୁର୍ଘଟଣା ଘଟାଇଥିବା ଗାଡ଼ିର ମାଲିକ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମେରାଇନ ଆଇଆଇସି ସୁଜାତା ବେହେରାଙ୍କୁ ପଚାରିବାରେ, ରେଡ୍‌କ୍ରସ ପକ୍ଷରୁ ୩୦ ହଜାର ଟଙ୍କା ଦିଆଯାଇଛି।

## ଗତ ସରକାରରେ ସମବାୟ ବ୍ୟବସ୍ଥା ଧ୍ୱଂସ ହୋଇଯାଇଛି: ମନମୋହନ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ସମବାୟ ପ୍ରକୋଷ୍ଠ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ନେତୃବୃନ୍ଦ।

ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)

ଓଡ଼ିଶାରେ ସମବାୟ ବ୍ୟବସ୍ଥାର ସ୍ଥିତି ଅତି ଦୟନୀୟ। ଗତ ସରକାର ସମୟରେ ଏହାର ସ୍ଥିତି ଧ୍ୱଂସସ୍ତୂପରେ ପରିଣତ ହୋଇଛି। ସମବାୟ ଅର୍ଥକୁ କଦର୍ଥ କରି ସେତେବେଳେ ବିଜେଡି ସମବାୟକୁ ଏକ ଥଇଥାନର କେନ୍ଦ୍ର ରୂପରେ ପରିଣତ କରିଥିଲା। ଏଠାରେ ଭ୍ରଷ୍ଟାଚାରର ସବୁ ସୀମା ଟପିଯାଇଥିଲା। ଏହାର ଢାଞ୍ଚା ପରିବର୍ତ୍ତନ କରାଯିବା ସହ ଓଡ଼ିଶାରେ ସମବାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କ୍ରିୟାଶୀଳ କରିବା ପାଇଁ ଭାଜପା ବଦ୍ଧପରିକର। ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ଏକାକୀ ସରକାର ଗଠନ କରିଛି। ଭାଜପାକୁ ଆହୁରି ଅଧିକ ଶକ୍ତିଶାଳୀ କରିବାକୁ ହେଲେ ଦଳର ସାଙ୍ଗଠନିକ ଶକ୍ତିକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ ଏବଂ ସମବାୟବିତ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଏଥିପାଇଁ ଭାଜପା ସମବାୟ ପ୍ରକୋଷ୍ଠ ବୈଠକରେ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିବାକୁ ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ସମବାୟ ପ୍ରକୋଷ୍ଠ ବୈଠକରେ ଯୋଗଦେଇ ମନମୋହନ କହିଛନ୍ତି, କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ବର୍ତ୍ତମାନ ସମଗ୍ର ଦେଶରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ସମବାୟକୁ ଗ୍ରାମାଞ୍ଚଳରେ ବିଜ୍‌ନେସ୍ ହବ୍ ଭାବେ ପରିଣତ କରାଯିବ। ସମବାୟ ସଂସ୍ଥା ଜରିଆରେ କୃଷି ଋଣ ସମେତ ଔଷଧ, ପେଟ୍ରୋଲ, ଡିଜେଲ, କୀଟନାଶକ ଓ ସାର ଆଦି ଉପଲବ୍ଧ କରାଯିବା ସହ ସୌରଚାଳିତ ଶୀତଳଭଣ୍ଡାର, ଗୋଦାମ ଗୃହ, ଜନସେବା କେନ୍ଦ୍ର, ବ୍ୟାଙ୍କ ଓ ଏଟିଏମ୍, କିଷାନ ସମୃଦ୍ଧି କେନ୍ଦ୍ର ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦିଆଯିବ। ଏହାଦ୍ୱାରା ଗ୍ରାମ୍ୟ ଅର୍ଥନୀତି ସମୃଦ୍ଧ ହୋଇପାରିବ। ରାଷ୍ଟ୍ରବାଦ ବିଚାରଧାରାର ଅଧିକରୁ ଅଧିକ ସଦସ୍ୟ ସମବାୟ ସହ ଯୋଡ଼ିହୋଇ ସମବାୟ ସଂସ୍ଥାଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ବର୍ତ୍ତମାନ ଭାଜପା ସଦସ୍ୟତା ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅଭିଯାନରେ ରାଜ୍ୟର ସମବାୟ ବ୍ୟବସ୍ଥା ସହ ସଂଶ୍ଳିଷ୍ଟ ପ୍ରାୟ ଲକ୍ଷେ ସଦସ୍ୟଙ୍କୁ ସଦସ୍ୟତାରେ ସାମିଲ କରାଯିବ। ସମସ୍ତ ପ୍ରାଥମିକ ସମବାୟ ସମିତିର ନେତା ଓ ସମବାୟବିତ୍‌ମାନଙ୍କୁ ଦଳରେ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ରଞ୍ଜନ ମଙ୍ଗରାଜ କହିଛନ୍ତି।

# ଏସ୍‌ବିଆଇରୁ ୧୬.୭୧ କୋଟି ଋଣ ଠକେଇ

## ଦମ୍ପତିଙ୍କ ସମେତ ୬ ଜଣଙ୍କୁ ଗିରଫକଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୫।୯(ସତ୍ୟଜିତ୍ ରାଉତ)



ନକଲି କାଗଜାଦି ଜରିଆରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ରୁ ୧୬.୭୧ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଓଡବ୍ଲ୍ୟୁ ଏହି ମାମଲାରେ ଦମ୍ପତିଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ହେଲେ ଭୁବନେଶ୍ୱରର ଅନିର୍ବାଣ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଅନୁପମା ଦାଶ। ଅନ୍ୟ ୪ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ାର ତୋଫାନ ରାଉତ, ସତ୍ୟବାନ ରାଉତ, କଟକ ଜିଲା ବଡ଼ମ୍ବାର ଟୁକୁନା ମଲ୍ଲିକ ଓ ପୁରୀ ଜିଲା କାକଟପୁରର ଫିରୋଜ ଖାନ୍। ଅଭିଯୁକ୍ତମାନଙ୍କୁ ବୁଧବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଏସ୍‌ବିଆଇ ରିଜିଓନାଲ ମ୍ୟାନେଜର ଶିବ ସୁନ୍ଦର ସାହୁ ଠକେଇ ନେଇ ଏତଲା ଦେବା ପରେ ଇଓଡବ୍ଲ୍ୟୁ ଗତ ଅଗଷ୍ଟ ୧୨ରେ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୯/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାଷ୍ଟରମାଇଣ୍ଡ ଦମ୍ପତି ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ। ଅଭିଯୁକ୍ତମାନେ ଫୋନ୍ ପେ'ର କର୍ମଚାରୀ ପରିଚୟ ଦେବା ସହ ଫେକ୍ ବା ନକଲି କାଗଜପତ୍ର ଦେଇ ଏସ୍‌ବିଆଇରୁ ୧୬.୭୧ କୋଟି ଟଙ୍କାର ୧୬୧ଟି ଏକ୍ସପ୍ରେସ୍ କ୍ରେଡିଟ୍ ଲୋନ (ପର୍ସନାଲ୍ ଲୋନ୍) ନେଇଯାଇଥିଲେ। ଏସବୁ ମଧ୍ୟରୁ ଜୟଦେବ ବିହାର ବ୍ରାଞ୍ଚରୁ ୧୩୯, ପଟିଆ ବ୍ରାଞ୍ଚରୁ ୫, ରଘୁନାଥପୁର ବ୍ରାଞ୍ଚରୁ ୧୧ ଓ ଖାରପଡ଼ା ବ୍ରାଞ୍ଚରୁ ୬ଟି ଋଣ ନିଆଯାଇଥିଲା। ୨୦୨୨ ନଭେମ୍ବରରୁ ୨୦୨୩ ଅକ୍ଟୋବର ଯାଏ ଅଭିଯୁକ୍ତମାନେ ଏହି ଠକେଇ କରିଥିଲେ। ଅଭିଯୁକ୍ତ ଅନିର୍ବାଣ ଭୁବନେଶ୍ୱର ପଟିଆସ୍ଥିତ ଡିଏଲ୍‌ଏଫ୍‌ରେ 'ପୁର୍ଭୀ ଭେଞ୍ଚର୍ ପ୍ରାଇଭେଟ୍ ଲିଃ' କମ୍ପାନୀ ଚଳାଇବାକୁ କୋଠାକୁ ଭଡ଼ାରେ ନେଇଥିଲେ। ହେଲେ ବଡ଼ ପରିମାଣରେ ଠକେଇ କରିବାକୁ ଉକ୍ତ କମ୍ପାନୀ ଅଫିସକୁ ସେ ଫୋନ ପେ' ରିଜିଓନାଲ୍ ଅଫିସ ଭାବେ ବ୍ୟବହାର କରୁଥିଲେ। ସାଇନବୋର୍ଡ ଓ ଷ୍ଟିକର୍ ଆଦି ଲଗାଇ ସତସତିକା ଫୋନ ପେ' ଅଫିସ କରିଦେଇଥିଲେ। ଅଭିଯୁକ୍ତ ଦମ୍ପତି ସହଯୋଗୀମାନଙ୍କୁ ଫୋନ ପେ'ର ଫେକ୍ ସାଲାରି ସ୍ଲିପ୍, ଏମ୍ପ୍ଲୋୟମେଣ୍ଟ ସାର୍ଟିଫିକେଟ୍ ଆଦି ଦେଇଥିଲେ। ଅଭିଯୁକ୍ତମାନେ ନିଜକୁ ଫୋନ ପେ' କର୍ମଚାରୀ କହି ଋଣ ନେଇଯାଇଥିଲେ। ଅଭିଯୁକ୍ତ ଦମ୍ପତି ଋଣ ଗ୍ରହିତାମାନଙ୍କଠୁ ଋଣ ଟଙ୍କାରୁ ୩୫ ପ୍ରତିଶତ ଟଙ୍କା ନେଉଥିଲେ। ତେବେ ଏହି ଲୋନ୍ ନେବା ପରେ କିସ୍ତି ଭରା ନ ଯିବାରୁ ବ୍ୟାଙ୍କ ପକ୍ଷରୁ ଅଡିଟ୍ କରାଯିବାବେଳେ ଏହି ଠକେଇ ନେଇ ଜଣାପଡ଼ିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ତୋଫାନ, ଫିରୋଜ, ଅନୁପମା ଋଣ ଆଣିଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଅନ୍ୟ ଋଣ ଗ୍ରହିତାମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ କରୁଛି। ତେବେ ଏତେ ବଡ଼ ଠକେଇରେ ବ୍ୟାଙ୍କର କିଛି ଅଧିକାରୀ ମଧ୍ୟ ସମ୍ପୃକ୍ତ ଥିବା ଇଓଡବ୍ଲ୍ୟୁ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଭାଇରାଲ ଅଡିଓକୁ ନେଇ ଅଡୁଆରେ ପୋଲିସ

ନିଶ୍ଚିନ୍ତକୋଇଲି, ୫।୯
(ଅଶୋକ କୁମାର ମହାପାତ୍ର)

ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ଭଦ୍ରେଶ୍ୱର ଥାନାର ଜଣେ ପୋଲିସବାବୁଙ୍କ ସହ ଆଉ ଜଣେ ମହିଳାଙ୍କ ପ୍ରେମ ଗପର ଅଡିଓ ଏବଂ ଫଟୋ ଭାଇରାଲ ହେଉଛି। ଏଥିରେ ଉଭୟେ ଅତ୍ୟନ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ବାର୍ତ୍ତାଳାପ କରୁଛନ୍ତି। ବିଳମ୍ବିତ ରାତିରେ ଏଭଳି ଅଶ୍ଳୀଳ ବାର୍ତ୍ତାଳାପର ଅଡିଓ ଭାଇରାଲ ହେବା ପରେ ଏବେ ହରଡ଼ଘଣାରେ ପଡ଼ିଛନ୍ତି ସମ୍ପୃକ୍ତ ପୋଲିସବାବୁ। ଘଟଣାକୁ ଚପାଇ ଦେବାକୁ ଭରପୂର ପ୍ରୟାସ କରୁଛନ୍ତି। ଏହି ଘଟଣା ସମଗ୍ର ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଭାଇରାଲ୍ ଅଡିଓ ସମ୍ପର୍କରେ ସମ୍ପୃକ୍ତ ପୋଲିସ ବାବୁଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିବାରୁ ସେ ଏହାକୁ ଅସ୍ୱୀକାର କରିବା ସହ ପ୍ରସଙ୍ଗ ଏଡ଼ାଇ ଦେବାକୁ ଚେଷ୍ଟା କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଭଦ୍ରେଶ୍ୱର ଅଞ୍ଚଳର ଜଣେ ବିବାହିତା ମହିଳା ନିଜର ବିବାଦୀୟ ଘଟଣାର ସମାଧାନ ନିମନ୍ତେ ଭଦ୍ରେଶ୍ୱର ଥାନାକୁ ଯାଇଥିଲେ। ମହିଳାଙ୍କ ସମସ୍ୟାର ସମାଧାନ ଓ ତାଙ୍କ ସରଳତାର ସୁଯୋଗ ନେଇ ପୋଲିସବାବୁ ଜଣଙ୍କ ମହିଳାଙ୍କୁ ନିଜର ପ୍ରେମ ଫାଶରେ ପକାଇବାକୁ ସକ୍ଷମ ହୋଇଥିଲେ। ଧୀରେ ଧୀରେ ପୋଲିସ ବାବୁ ଓ ମହିଳାଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ଅତି ନିବିଡ ଓ ମଧୁର ହୋଇଯାଇଥିଲା। ଫଳରେ ସମ୍ପୃକ୍ତ ମହିଳା ଜଣକ ଥାନାକୁ ବାରମ୍ବାର ଯିବା ଆସିବା କରୁଥିଲେ। ବିଳମ୍ବିତ ରାତ୍ରି ଯାଏ ମୋବାଇଲରେ ପୋଲିସବାବୁ ମହିଳାଙ୍କ ସହ ଅଶ୍ଳୀଳ ବାର୍ତ୍ତାଳାପ କରୁଥିବା ଭାଇରାଲ ଅଡ଼ିଓରୁ ଜଣାପଡୁଛି। ଏପରି କି ବାର୍ତ୍ତାଳାପର ଅଡିଓ ସହ ଏକ ସେଲ୍‌ଫି ଫଟୋ ସ୍ଥାନୀୟ ଅଞ୍ଚଳରେ ଭାଇରାଲ ହେବାରେ ଲାଗିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ରେମାଳାପ ଅଡିଓଟି ଅଶ୍ଳୀଳ ଭାଷାର ସବୁ ସୀମା ଟପିଯାଇଛି। ଏଭଳି ଭାଷା ଜଣେ ବିବାହିତା ମହିଳାଙ୍କ ସହ ଜଣେ କର୍ତ୍ତବ୍ୟରତ, ଦାୟିତ୍ୱ ସମ୍ପନ୍ନ ପୋଲିସବାବୁ କଥା ହୋଇପାରନ୍ତି ତାହା କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେବେ ପୋଲିସବାବୁ ଓ ମହିଳାଙ୍କ ମଧ୍ୟରେ ଏପରି ଗୁପ୍ତ ପ୍ରଣୟର ବାର୍ତ୍ତାଳାପକୁ କିଏ କେଉଁ ଉଦ୍ଦେଶ୍ୟରଖି ଭାଇରାଲ କଲା ସେନେଇ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଥାନାବାବୁ ଜଣେ ବିବାହିତା ମହିଳାଙ୍କୁ ପ୍ରେମ ଜାଲରେ ଫସାଇବାକୁ ଯାଇ ନିଜେ ଫସିଯାଇଛନ୍ତି। ତେବେ ଘଟଣା ସମ୍ପର୍କରେ ଥାନାବାବୁଙ୍କୁ ପଚାରିବାରେ ଭାଇରାଲ ହେଉଥିବା ଅଡିଓଟି ତାଙ୍କର ନୁହଁ ବୋଲି କହିଛନ୍ତି। ଅପରପକ୍ଷେ ଘଟଣାକୁ ନେଇ ମାହାଙ୍ଗା ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯିବା ସହ ଭାଇରାଲ ଅଡିଓର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏହି ବାର୍ତ୍ତାଳାପର ସ୍ୱର ଫୋରେନସିକ୍ ଲାବୋରେଟୋରି ଦ୍ୱାରା ଯାଞ୍ଚ କରାଇଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି କୁହାଯାଇଛି। ଏହି ଅଭିଯୋଗକୁ ଭଦ୍ରେଶ୍ୱର ଥାନା ଅଧିକାରୀ କାବୁଲି ବାରିକ ଅସ୍ୱୀକାର କରିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ପୁତୁରା କହି ଠକୁଥିବା ଯୁବକ ଗିରଫ

ଭୁବନେଶ୍ୱର,୫।୯
(ସୂର୍ଯ୍ୟକାନ୍ତ ବେହେରା)

ନେତା ଓ ମନ୍ତ୍ରୀଙ୍କ ସହ ପରିଚିତ ଥିବା କହି ଏକାଧିକ ଲୋକଙ୍କୁ ଠକିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନେ ମାଷ୍ଟରକ୍ୟାଣ୍ଟିନସ୍ଥିତ ଏକ ହୋଟେଲରୁ ଉକ୍ତ ଯୁବକଙ୍କୁ କାବୁ କରି କ୍ୟାପିଟାଲ ଥାନା ପୋଲିସ ଜିମା ଦେଇଛନ୍ତି। ଏନେଇ ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଠକିଥିବା ଯୁବକଙ୍କ ନାଁ ରାହୁଲ ସାହୁ। ପୋଲିସ ରାହୁଲଙ୍କ ଫୋନ୍ ଜବତ କରିବା ସହ ତାଙ୍କ ନିକଟରୁ ବହୁ ଜାଲ୍ ନିଯୁକ୍ତିପତ୍ର, ବଦଳି ଆଦେଶ ଜବତ କରିଥିବା ସୂଚନା ମିଳିଛି। ଧରାପଡ଼ିଥିବା ଯୁବକ ଜଣଙ୍କ ନିଜ ପ୍ରକୃତ ନାମକୁ ଗୋପନ ରଖି ଲୋକଙ୍କୁ କୃଷ୍ଣ ବୋଲି ପରିଚୟ ଦେଉଥିଲେ। ଏପରିକି କେତେବେଳେ ତାଙ୍କ ଘର ତାଳଚେରରେ ତ' ପୁଣି କେତେବେଳେ ଅନୁଗୋଳ ଏବଂ ଆଉ କେତେବେଳେ ପାଲଲହଡ଼ାରେ ବୋଲି କହୁଥିଲେ। ଏପରି କି ସେ ନିଜକୁ କେନ୍ଦ୍ରମନ୍ତ୍ରୀଙ୍କ ପୁତୁରା ବୋଲି ପରିଚୟ ଦେବା ସହ ତାଙ୍କର ଅନେକ ମନ୍ତ୍ରୀ ଏବଂ ବିଧାୟକଙ୍କ ସହ ଭଲ ସମ୍ପର୍କ ଥିବା କହୁଥିଲେ। ଏହା ଦ୍ୱାରା ସେ କାହାର ଚାକିରି କରାଇଦେବା, କାହାର ଟ୍ରାନ୍ସଫର ଏପରି କି କାହାର ପେଟ୍ରୋଲ୍ ପମ୍ପ କରାଇ ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଅଭିଯୁକ୍ତ ରାହୁଲଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୋଗ ଅନୁସାରେ ରାହୁଲ ନିଜ ସୋଲିଆଲ ମିଡିଆରେ ନେତାମନ୍ତ୍ରୀଙ୍କ ପାଖରେ ଛିଡ଼ା ହୋଇଥିବା ଫଟୋ ପୋଷ୍ଟ କରିଥିଲେ। ଆଉ ଯେଉଁବ୍ୟକ୍ତିମାନେ ତାଙ୍କ ସହ ଯୋଗାଯୋଗ କରୁଥିଲେ, ସେମାନଙ୍କୁ ରାହୁଲ ନିଜକୁ ମନ୍ତ୍ରୀ ଓ ନେତାଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା କହି ବିଭିନ୍ନ କାମ କରାଇ ଦେବା ଆଳରେ ଠକେଇ କରୁଥିଲେ। ପରେ ଆଉ ଧରାଛୁଆଁ ଦେଉ ନ ଥିଲେ। ରାହୁଲ ନିଜକୁ କେନ୍ଦ୍ରମନ୍ତ୍ରୀଙ୍କ ପୁତୁରା କହି ଲୋକଙ୍କୁ ଠକୁଥିବାବେଳେ ଏହା ଦଳୀୟ କର୍ମୀ ଜାଣିପାରି ବୁଧବାର ରାତିରେ ମାଷ୍ଟର କ୍ୟାଣ୍ଟିନସ୍ଥିତ ଏକ ଲଜ୍‌ରେ ପଶି ସେମାନେ ରାହୁଲଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ଭୁବନେଶ୍ୱରରେ ଏସ୍‌ଆଇଙ୍କ ଘରୁ ଚୋରି

ଭୁବନେଶ୍ୱର,୫।୯
(ସତ୍ୟଜିତ୍ ରାଉତ)



ଚୋରି ପରେ ଆସବାବପତ୍ର ଏଣେତେଣେ ପଡ଼ିଛି।

ଭୁବନେଶ୍ୱରରେ କମିଶନରେଟ୍ ପୋଲିସକୁ ଚୋରମାନେ ଖୋଲା ଚ୍ୟାଲେଞ୍ଜ ଦେଇ ଗୁରୁବାର ସ୍ପଷ୍ଟ ଦିବାଲୋକରେ ଚୋରି କରିଛନ୍ତି। ଏହି ଚୋରି ଜଣେ ସାଧାରଣ ଲୋକଙ୍କ ଘରୁ ନୁହେଁ। ବରଂ ଚୋରି ହୋଇଛି, ଜନସାଧାରଣଙ୍କୁ ସୁରକ୍ଷା ଯୋଗାଉଥିବା ଜଣେ ପୋଲିସ ଏସ୍‌ଆଇଙ୍କ ଘରୁ। ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ଆର୍‌ବିଆଇ ଅଫିସ ପଛପାର୍ଶ୍ୱ ଏସ୍‌ଆଇ ରମାକାନ୍ତ ପ୍ରଧାନଙ୍କ କ୍ୱାର୍ଟର୍ସ (ନଂ.୨୯/୪ ,ଟାଇପ୍-୨)କୁ ଚୋରମାନେ ଟାର୍ଗେଟ୍ କରି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ଟଙ୍କା ଆଦି ଚୋରି କରି ନେଇଯାଇଛନ୍ତି। କ୍ୱାର୍ଟର୍ସ ପଛପାର୍ଶ୍ୱ ବାଡ଼ିପଟରୁ ଗୋଟିଏ ପରେ ଗୋଟିଏ ୬ଟି ତାଲା ଭାଙ୍ଗି ଚୋରିମାନେ ଏହି କାଣ୍ଡ ଘଟାଇଛନ୍ତି। ତେବେ ବଡ଼କଥା ହେଲା ରମାକାନ୍ତଙ୍କ କ୍ୱାର୍ଟର୍ସ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଓ ଟ୍ରେଜେରି ଅଫିସ ରହିଛି। ରାଜଧାନୀରେ ହାଇପ୍ରୋଫାଇଲ୍ ଅଞ୍ଚଳ କୁହାଯାଉଥିବା ଏଭଳି ସ୍ଥାନରୁ ଦିନଦ୍ୱିପ୍ରହରେ ଚୋରି ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଚୋରି ସଂକ୍ରାନ୍ତରେ ରମାକାନ୍ତଙ୍କ ବଡ଼ପୁଅ ରାକେଶ ପ୍ରଧାନ ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା (ନଂ.୩୯୭/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

ରମାକାନ୍ତ ଏଏସ୍‌ଆଇରୁ ଏସ୍‌ଆଇ ହୋଇ ଏବେ ଯାଜପୁର ଜିଲା ବରୀସ୍ଥିତ ପୋଲିସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ପ୍ରଶିକ୍ଷଣ ନେଉଛନ୍ତି। ଚୋରି ହୋଇଥିବା କ୍ୱାର୍ଟର୍ସରେ ତାଙ୍କ ଦୁଇ ପୁଅ ଓ ବୋହୂ ରହୁଛନ୍ତି। ଗୁରୁବାର ଦିନବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ଭିତରେ ପଶି ଗଡରେଜ୍ ତାଲା ଭାଙ୍ଗିଥିଲେ। ସେଥିରେ ଥିବା ଗୋଟିଏ ସୁନା ଚେନ୍, ୬ଟି ମୁଦି, ୨ଟି କାନଫୁଲ ଆଦି ଅଳଙ୍କାର, ୧୦ରୁ ୧୨ହଜାର ନଗଦ ଟଙ୍କା, ୪ଟି ହାର୍ଡ ଡିସ୍କ, କାନ୍ଥ ଘଣ୍ଟା, କିଛି ଦାମୀ ଘଣ୍ଟା, ପୁରୁଣା କଏନ୍ ଆଦି ନେଇଯାଇଛନ୍ତି।

କ୍ୱାର୍ଟର୍ସ ନିକଟ ସରକାରୀ ଜାଗାରେ ବସ୍ତି କରି ରହୁଥିବା ଲୋକମାନଙ୍କୁ ରାକେଶ ସନ୍ଦେହ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, କ୍ୱାର୍ଟର୍ସ ପଛପାର୍ଶ୍ୱରେ ଥିବା ଡ୍ରେନେଜ୍ ଅଞ୍ଚଳକୁ ବାହାରୁ ଲୋକମାନେ ଆସି ଅସ୍ଥାୟୀ ବସ୍ତି କରିସାରିଲେଣି। ଏନେଇ ବାରମ୍ବାର ଅଭିଯୋଗ ଦିଆଯାଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ରାକେଶ କହିଛନ୍ତି।

# ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ସୌମ୍ୟକାନ୍ତ

ଭୁବନେଶ୍ୱର,୫।୯
(ସତ୍ୟଜିତ୍ ରାଉତ)

**ଖାରପଡ଼ା ଜେଲରେ କଏଦୀଙ୍କୁ ହାଇଦରଙ୍କ ପୁଅଙ୍କ ଆକ୍ରମଣ ଘଟଣା**

ଖାରପଡ଼ା ଜେଲର ଗୁମର କଥା ସାମ୍ନାକୁ ଆଣିବାରୁ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରି ଲହୁଲୁହାଣ କରିବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ହେଉଥିବା ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ସୌମ୍ୟକାନ୍ତ। ଏନେଇ ଗୁରୁବାର ଜେଲରୁ ସୌମ୍ୟକାନ୍ତ ଏକ ଅଡିଓ ଜାରି କରି ଅଭିଯୋଗ କରିବା ସହ ତଦନ୍ତକୁ ନେଇ ସେ ସନ୍ତୁଷ୍ଟ ନ ଥିବା କହିଛନ୍ତି। ଜେଲ ଡିଆଇଜିଙ୍କ ତଦନ୍ତ ଠିକ୍ ଓ ନିରପେକ୍ଷ ହେଉ ନ ଥିବା ଅଭିଯୋଗ କରି ଘଟଣାର ବିଚାର ବିଭାଗୀୟ କିମ୍ବା ପୋଲିସସ୍ତରୀୟ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

ସୌମ୍ୟକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ଜେଲରେ ଆକ୍ରମଣ କରାଯିବା ଘଟଣାରେ ହେଉଥିବା ତଦନ୍ତ ବିଷୟରେ ତାଙ୍କୁ କିଛି ଜଣାଯାଉନାହିଁ। ଜେଲର ଏକ ସେଲ୍ ଭିତରେ ତାଙ୍କୁ ୨୪ ଘଣ୍ଟା ବନ୍ଦ କରି ରଖାଯାଉଛି। ହେଲେ ଯେଉଁ ୧୫ଜଣ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ, ସେମାନେ ଖୋଲାଖୋଲି ଜେଲ ପରିସରରେ ବୁଲୁଛନ୍ତି। ଏଥିସହ ଅଭିଯୁକ୍ତମାନେ ତାଙ୍କୁ ହାତ ଦେଖାଇ ଗାଳିଗୁଲଜ କରିବା ସହ ଧମକ ମଧ୍ୟ ଦେଉଛନ୍ତି। ଏପରି କି ଜେଲ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଏହି ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଛନ୍ତି। ପୋଲିସ ଏହି ଘଟଣାରେ ଆସି ତାଙ୍କୁ ପଚରାଉଚରା କଲାନାହିଁ। ଡିଆଇଜିଙ୍କ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସାଙ୍ଗ ହୋଇଥିବାରୁ ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଛି। ତେଣୁ ଏନ୍‌ଏଚ୍‌ଆର୍‌ସି ଓ ପୋଲିସସ୍ତରୀୟ ତଦନ୍ତ କରିବାକୁ ସୌମ୍ୟକାନ୍ତ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଜେଲ ଏଡିଜିଙ୍କ ନିକଟରେ ଡିଆଇଜି ତାଙ୍କ ତଦନ୍ତ ରିପୋର୍ଟ ଦାଖଲ କରିଥିବା ଜଣାପଡିଛି। ହେଲେ ଏହି ରିପୋର୍ଟରେ ଜେଲର କିମ୍ବା ସୁପରିଣ୍ଟେଣ୍ଡେଣ୍ଟଙ୍କ କୌଣସି ଭୁଲ ନ ଥିବା ଦର୍ଶାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ସୌମ୍ୟକାନ୍ତ ଜେଲରେ ଚାଲୁଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରି ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ଚିଠି ଲେଖିଥିଲେ। ଡିଏଲ୍‌ଏସ୍‌ଏ ଟିମ୍ ଶନିବାର ଜେଲରେ ଚଢ଼ାଉ କରି ଜଣେ ବଳାତ୍କାର ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଥିଲା। ଏହାକୁ ନେଇ ରବିବାର ମୁନା ଓ ସହଯୋଗୀମାନେ ସୌମ୍ୟକାନ୍ତଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ।

# ସିନ୍ଧିଚୋର ଦିଲୀପଙ୍କୁ ୫ ବର୍ଷ ଜେଲ

ଭୁବନେଶ୍ୱର,୫।୯(ସୂର୍ଯ୍ୟକାନ୍ତ ବେହେରା)

ଶହୀଦନଗର ଥାନା ଅଞ୍ଚଳରେ ଘଟିଥିବା ସିନ୍ଧି ଚୋରି ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ସାଇ ସ୍ୱରୁପା ତ୍ରିପାଠୀ ମାମଲାର ବିଚାର କରି ସିନ୍ଧି ଚୋର ଦିଲୀପ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ ମାସ ଜେଲ ଭୋଗିବେ ବୋଲି ରାୟରେ ଶୁଣାଇଛନ୍ତି। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ବଚନ ନାୟକ ଫେରାର ଥିବାରୁ ତାଙ୍କ ନାମରେ ଜାମିନ ବିହିନ ଗିରଫ ପରୱାନା କୋର୍ଟ ଜାରି କରିଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ଚିରସ୍ମିତା ସାସ୍ମଲ ପରିଚାଳନା କରିଥିଲେ।

# ଦିନକରେ ୨୮୨ ଅବକାରୀ ମାମଲା ରୁଜୁ, ୧୭୩ ଗିରଫ

ଭୁବନେଶ୍ୱର,୫।୯
(ସତ୍ୟଜିତ୍ ରାଉତ)

ଚୋରା ମଦ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ତେବେ ଗୁରୁବାର ରାଜ୍ୟବ୍ୟାପୀ ୨୮୨ ଅବକାରୀ ମାମଲା ରୁଜୁ କରାଯିବା ସହ ୧୭୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ୧୧ ହଜାର ୩୮୫ ଲିଟର ଦେଶୀ ରନ୍ଧା ଚୋରା ମଦ ଓ ୧ ଲକ୍ଷ ୨୪ ହଜାର ୩୧୮ କେଜି ପୋଚ ଜବତ କରାଯାଇଛି। ଏଥିସହ ୮୯ଟି ଦେଶୀ ରନ୍ଧା ମଦ ତିଆରି କରାଯାଉଥିବା ସ୍ଥାନକୁ ମଧ୍ୟ ନଷ୍ଟ କରାଯାଇଛି। ଏହି ସମ୍ବନ୍ଧୀୟ ବେଆଇନ ଚୋରା ମଦ ପରିବହନରେ ବ୍ୟବହୃତ ହୋଇଥିବା ୮ଟି ଗାଡ଼ି ଜବତ କରାଯାଇଛି। ଏଥିସହ ଗାଡ଼ିଗୁଡ଼ିକ ମଧ୍ୟରୁ ୨ଜଣ ମାଲିକ ମଧ୍ୟ ଗିରଫ ହୋଇଛନ୍ତି। ତେବେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଚୋରା ମଦ କାରବାର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବେପାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

# ୨ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ସୁବାସ

## ଥାନା ଅଧିକାରୀ କହି ମହିଳାଙ୍କଠାରୁ ୧୦ ଲକ୍ଷ ଠକେଇ ଘଟଣା

ଭୁବନେଶ୍ୱର,୫।୯
(ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ପୋଲିସ ଇନ୍ସପେକ୍ଟର ପରିଚୟ ଦେଇ ୩ ଜଣଙ୍କୁ ବିବାହ କରିଥିବା ଅଭିଯୁକ୍ତ ସୁବାସ କହଁରଙ୍କୁ ଗିରଫ ଘଟଣାରେ ଖଣ୍ଡଗିରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ-୫ ଅଭିଯୁକ୍ତଙ୍କୁ ୨ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେବା ପରେ ଝାରପଡ଼ା ଜେଲରୁ ଗୁରୁବାରଠାରୁ ରିମାଣ୍ଡରେ ଆଣି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ରିମାଣ୍ଡ ପୂର୍ବରୁ ସୁବାସଙ୍କ ନାମରେ ବୁଧବାର ଆଉ ଜଣେ ମହିଳା ଲକ୍ଷ୍ମୀସାଗର ଏବଂ ଜଣେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ଅଭିଯୁକ୍ତ ରହୁଥିବା ରାଉରକେଲାସ୍ଥିତ ଘରକୁ ଗୋଟିଏ ଟିମ୍ ଯାଇ ଅଧିକ ଛାନ୍‌ଭିନ୍ କରିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ଏହାସହ ଜବତ ମୋବାଇଲରୁ ପୋଲିସ ଅଧିକ ଖୋଳତାଡ଼ କରୁଥିବାବେଳେ ସେଥିରେ କିଛି ଆପତ୍ତିଜନକ ଭିଡିଓ ରହିଥିବା ପୋଲିସ ଜାଣିବାକୁ ପାଇଛି। ସେହିପରି ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିବ। ଏହାସହ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଉପରେ ମଧ୍ୟ ଯାଞ୍ଚ କରାଯାଉଥିବା ଡିସିପି କହିଛନ୍ତି। ଅନ୍ୟପଟେ ଅଭିଯୁକ୍ତ ବିବାହ କରିଥିବା ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀ ଏପର୍ଯ୍ୟନ୍ତ ଅଭିଯୋଗ କରି ନ ଥିବା ପୋଲିସ କହିଛି।

ଅଭିଯୋଗାନୁସାରେ ଡୁମୁଡୁମା ଅଞ୍ଚଳର ପୁଷ୍ପାଞ୍ଜଳି ପୃଷ୍ଟି ନାମୀ ଜଣେ ମହିଳା ୨୦୨୧ରେ ଟ୍ରେନରେ ବ୍ରହ୍ମପୁର ଯାଉଥିବାବେଳେ ଟ୍ରେନ୍ ଭିତରେ ସୁବାସଙ୍କ ସହ ପରିଚିତ ହୋଇଥିଲେ। କିଛି ସମୟର ବାର୍ତ୍ତାଳାପ ପରେ ସୁବାସ ନିଜକୁ ପୋଲିସ ପରିଚୟ ଦେଇ ଉକ୍ତ ମହିଳାଙ୍କ ସହ ବନ୍ଧୁତା କରିଥିଲେ। ଏହାପରେ ସୁବାସ ମହିଳାଙ୍କ ଫୋନ ନମ୍ବର ଆଣି ନିଜକୁ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାର ଇନ୍ସପେକ୍ଟର ଥିବା କହିଥିଲେ। ସମୟକ୍ରମେ ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ସୁବାସ ମହିଳାଙ୍କଠାରୁ କ୍ୟାଶ୍ ଆକାରରେ ୧୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏପରିକି ଟଙ୍କା ଫେରସ୍ତ କରିବା ବଦଳରେ ମହିଳାଙ୍କୁ ବାହା ହେବାର ପ୍ରତିଶ୍ରୁତି ଦେଇଥିଲେ। ମହିଳାଙ୍କ ଯେମିତି ସନ୍ଦେହ ନ ହେବ ସେନେଇ ସୁବାସ ମହିଳାଙ୍କ ଭଡ଼ାଘରକୁ ଯାଉଥିଲେ। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ମହିଳା ଜଣଙ୍କ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟ ଜଣେ ମହିଳା ଅଭିଯୁକ୍ତଙ୍କ ଜାଲରେ ପଡ଼ି ଠକାମିର ଶିକାର ହୋଇଥିଲେ। ମହିଳାଙ୍କ ଅଭିଯୋଗାନୁସାରେ ଅଭିଯୁକ୍ତ ୪ ମାସ ସମ୍ପର୍କରେ ରହିବା ପରେ ୨ଲକ୍ଷ ଟଙ୍କା ଠକି ନେଇଥିବା ନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି।

### ଶ୍ରମିକରୁ ଠକେଇ ରାକେଟ

ଅଭିଯୁକ୍ତ ରାୟଗଡ଼ାରେ ପ୍ରଥମେ ବିଭିନ୍ନ ଘରୋଇ କମ୍ପାନୀରେ କଣ୍ଟ୍ରାକ୍ଟୁଆଲ ଭାବେ ଶ୍ରମିକ କାମ କରୁଥିଲେ। ଯାହା ରୋଜଗାର କରୁଥିଲେ ସେତିକି ତାଙ୍କୁ ପାଉ ନ ଥିଲା। ଫଳରେ ୨୦୧୦ ଠାରୁ ପରିବାର ଲୋକଙ୍କଠାରୁ ଅଲଗା ହୋଇ ରାଉରକେଲା ଚାଲିଯାଇଥିଲେ। ସେଠାରେ ମଧ୍ୟ ସେଇ ଶ୍ରମିକ ଭାବେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ବାହା ହୋଇ ମହିଳାଙ୍କୁ ଠକିବା ପାଇଁ ଯୋଜନା କରି ଜଣକ ପରେ ଜଣେ ମହିଳାଙ୍କୁ ଟାର୍ଗେଟ କରି ଠକିଥିଲେ। କାହାକୁ ଘର କିଣିଥିବା କହି ତ' ପୁଣି ଆଉ କାହାକୁ କନ୍‌ଷ୍ଟ୍ରକ୍ସନ କାମରେ ଦରକାର ଭଳି ବିଭିନ୍ନ ବାହାନା କରି ଚତୁରତାର ସହ ଟଙ୍କା ଆଣୁଥିଲେ।

# ସିନ୍ ରିକ୍ରିଏଶନ କଲା ପୋଲିସ

## ନାକଟୀଦେଉଳ ଯୁବତୀ ବଳାତ୍କାର, ହତ୍ୟା ଘଟଣା

ନାକଟୀଦେଉଳ, ୫।୯(ବୈକୁଣ୍ଠନାଥ ସାହୁ)



ପୋଲିସ ସିନ୍ ରିକ୍ରିଏଶନ କରିବାକୁ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି।

ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଅନ୍ତର୍ଗତ ସାହେବୀ ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ହରି ବେହେରା(୩୦)ଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ଗୁରୁବାର ପୋଲିସ ସିନ୍‌ରିକ୍ରିଏଶନ କରିଛି। ଅଭିଯୁକ୍ତ କେଉଁଠାରେ ଓ କିପରି ଯୁବତୀଙ୍କୁ ହତ୍ୟା କଲେ ଏବଂ ହତ୍ୟା ପରେ ମୃତଦେହକୁ କେଉଁ ରାସ୍ତା ଦେଇ କାଉଁଶୀଖୁଜ ଜଙ୍ଗଲକୁ ନେଇ ଫିଙ୍ଗିଲେ ତାହା ଗୋଟି ଗୋଟି କରି ସିନ ରିକ୍ରିଏଶନ ମାଧ୍ୟମରେ ଦେଖାଇଥିଲେ। ଯୁବତୀଙ୍କ ମୃତ୍ୟୁ ପରେ ଅଭିଯୁକ୍ତ ନାଳ ପାଖରେ ଥିବା ଚେକ୍‌ଡ୍ୟାମରେ ମୃତଦେହକୁ ଲୁଚାଇ ରଖି ଘରକୁ ଚାଲି ଆସିଥିଲେ। ଗହଳିଚହଳି କମିଯିବା ପରେ ସେହିଦିନ ରାତି ପ୍ରାୟ ୭ଟାରେ ସେଠାରୁ ମୃତଦେହ ବାହାରକୁ ଆଣି କାନ୍ଧରେ ବୋହି ସେଠାରୁ ପ୍ରାୟ ଅଧକି.ମି. ଦୂର ଜଙ୍ଗଲରେ କିପରି ଫୋପାଡ଼ି ଦେଇଥିଲେ ପୋଲିସ ଆଗରେ ଅଭିଯୁକ୍ତ ତାହାର ଘଟଣାକ୍ରମ ଦେଖାଇଥିଲେ। ହତ୍ୟା ପରେ ନାଳ ଭିତରେ ଅଭିଯୁକ୍ତ ଲୁଚାଇ ରଖିଥିବା ଯୁବତୀଙ୍କ କଳାରଙ୍ଗର ସାୟାକୁ ପୋଲିସ ଜବତ କରିଛି। ଅପରପକ୍ଷରେ ହତ୍ୟା ପରେ ଅଭିଯୁକ୍ତ ହରି ନିଜ ଘରକୁ ଆସି ରଖିଥିବା ନିଜର ପୋଷାକ ସମେତ ଆଉ କିଛି ସାମଗ୍ରୀ ଜବତ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ଆଲବିନୁସ୍ କେରକେଟା ସିନ ରିକ୍ରିଏଶନ ପରେ ଗଣମାଧ୍ୟମକୁ କହିଛନ୍ତି। ସିନ ରିକ୍ରିଏଶନ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ନାକଟୀଦେଉଳ ତହସିଲଦାର ଅମର ଡୁଙ୍ଗଡୁଙ୍ଗ, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ତଦନ୍ତକାରୀ ଅଧିକାରୀ ରେଢ଼ାଖୋଲ ଥାନା ଆଇଆଇସି ସବିତାବାଳା ସେଠୀ, ନାକଟୀଦେଉଳ ଥାନା ଅଧିକାରୀ ଝସକେତନ ଭୋଇଙ୍କ ସମେତ ୫ଟି ଥାନାର ଅଧିକାରୀ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ସାହେବୀ ଗ୍ରାମର ଜଣେ ଯୁବତୀ ଅଗଷ୍ଟ ୩୦ ତାରିଖ ସୁଆଗିଝରଣ ନାଳକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ସେପ୍ଟେମ୍ବର ୧ ତାରିଖ ସକାଳେ ଝାରବେଡା ପାଣ୍ଡୁରିପସୀ ସାହି ନିକଟ କାଉଁଶୀଖୁଜ ଜଙ୍ଗଲରେ ତାଙ୍କ ଉଲଗ୍ନ ଗଳିତ ମୃତଦେହ ଠାବ କରାଯାଇଥିଲା । ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ମୃତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣା ସାହେବୀ ଗ୍ରାମର ହରି ବେହେରାଙ୍କ ସମ୍ପୃକ୍ତି ଥିବା ସେମାନେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଦ୍ରିତ୍ କୁମାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଅଢ଼େଇ ବର୍ଷୀୟ ରାଜ୍

ନୟାଗଡ଼/ରଣପୁର,୫।୯
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଅଢେଇ ବର୍ଷ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ନୟାଗଡ଼ ଜିଲ୍ଲା ରଣପୁର ଏନ୍ଏସି ସାଇ ବିହାରର ରାଜ ବଦ୍ରିନାଥ ପାଇକରାୟ। ବୟସ ସିନା କମ କିନ୍ତୁ ବୁଦ୍ଧି ବିଚକ୍ଷଣ। ଯେଉଁ ବୟସରେ ହସି ଖେଳି ବୁଲିବା କଥା ସେହି ବୟସରେ ସୋମନାଥ ପାଇକରାୟଙ୍କ ପୁଅ ରାଜ ବଦ୍ରିନାଥ ବିରଳ ରେକର୍ଡର ଅଧିକାରୀ ହୋଇ ପାରିଛନ୍ତି। ଠିକ୍‌ରେ କଥା କହି ପାରୁ ନ ଥିବା ରାଜ ବଦ୍ରିନାଥ ଇଂଲିଶରେ ୭ଟି ରଙ୍ଗ,୧୫ ଫୁଲ, ୧୦ ବନ୍ୟଜନ୍ତୁ, ୧୩ ଜାତୀୟ ଚିହ୍ନ, ୪ ବେଦର ନାମ, ୬ ଋତୁ, ଦେଶର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନାମ କହିବା ସହ ଇଂଲିଶରେ ରାଇମ୍ସ ଏବଂ ୧ରୁ ୩୦ ପର୍ଯ୍ୟନ୍ତ ଇଂଲିଶ ସଂଖ୍ୟା ନିର୍ଭୁଲ ଭାବେ କହିପାରୁଛନ୍ତି। ଏଥିପାଇଁ ମା'ସୌଭାଗିନୀ ଭଞ୍ଜଙ୍କୁ ବେଶ ପରିଶ୍ରମ କରିବାକୁ ପଡିଥିଲା। କମ୍ ବୟସରେ ପୁଅର ଏଭଳି ସଫଳତା ଦେଖି ପରିବାରରେ ଖୁସି ଲହରୀ ଖେଳିଯାଇଛି।


ମା'ବାପାଙ୍କ ସହ ରାଜ ବଦ୍ରିନାଥ

STAR MANAGEMENT COLLEGE




Courses Offered
B.Sc
(Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009

# ରଙ୍ଗ ବଦଳାଉଛି ରହସ୍ୟମୟ ହ୍ରଦ

**ନୈନିତାଲ:** ଭାରତରେ ଏପରି ଅନେକ ସ୍ଥାନ ରହିଛି, ଯାହାର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେହିପରି ଦେଶରେ କିଛି ଏପରି ପର୍ଯ୍ୟଟନ ସ୍ଥଳୀ ରହିଛି, ଯାହା ରହସ୍ୟରେ ପରିପୂର୍ଣ୍ଣ। ତେବେ ଉକ୍ତ ପର୍ଯ୍ୟଟନ ସ୍ଥଳଗୁଡ଼ିକ ସମ୍ପର୍କରେ ବହୁତ କମ୍ ଲୋକ ସଚେତନ ଥାଆନ୍ତି।

ଉତ୍ତରାଖଣ୍ଡରେ ଏପରି ଏକ ହ୍ରଦ ରହିଛି, ଯାହାର ରହସ୍ୟ ସମ୍ପର୍କରେ ଅଧିକାଂଶ ଲୋକ ଜାଣିନାହାନ୍ତି। ନୈନିତାଲଠାରୁ ୧୧ କିଲୋମିଟର ଦୂରରେ ଅବସ୍ଥିତ 'ଖୁର୍‌ପା ତାଲ' ନାମକ ଏକ ହ୍ରଦ କେବଳ ନିଜର ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ନିଜ ରହସ୍ୟ ଯୋଗୁ ପ୍ରସିଦ୍ଧ। ଏହି ହ୍ରଦଟି ଦୂରରୁ ଘୋଡ଼ାର ପାଦ ଭଳି ଦେଖାଯାଏ। ଘୋଡାର ପାଦକୁ ହିନ୍ଦୀରେ ଖୁର କୁହାଯାଏ। ତେଣୁ ହ୍ରଦର ନାମ ଖୁରପା ତାଲ ରହିଛି। ସମୁଦ୍ର ପତ୍ତନଠାରୁ ଖୁରପା ତାଲ ହ୍ରଦର ଉଚ୍ଚତା ୧,୬୩୫ ମିଟର ରହିଛି।

ଖୁରପା ତାଲ ହ୍ରଦ ନିଜର ରହସ୍ୟ ଯୋଗୁ ପ୍ରସିଦ୍ଧ। ଏହି ହ୍ରଦରେ ଥିବା ଜଳର ରଙ୍ଗ ସ୍ୱୟଂଚାଳିତ ଭାବରେ ବଦଳିଥାଏ। ବେଳେବେଳେ ଏହା ଲାଲ ହୋଇଯାଇଥିବା ବେଳେ କେତେକ ସମୟରେ ଏହାର ରଙ୍ଗ କଳା ମଧ୍ୟ ହୋଇଯାଏ। ସେହିପରି ଅନେକ ସମୟରେ ଏହାର ରଙ୍ଗ ଗାଢ଼ ସବୁଜକୁ ମଧ୍ୟ ବଦଳିଯାଏ। ବୈଜ୍ଞାନିକଙ୍କ ମତରେ ହ୍ରଦରେ ଉପସ୍ଥିତ ଥିବା ଶୈବାଳ କାରଣରୁ ଏହି ଜଳର ରଙ୍ଗ ବଦଳିଥାଏ। ଯେତେବେଳେ ଶୈବାଳଗୁଡିକ ମଞ୍ଜି ଛାଡ଼ିଥାନ୍ତି, ସେମାନଙ୍କ ଉପରେ ପଡୁଥିବା ସୂର୍ଯ୍ୟ କିରଣ ଯୋଗୁ ଏହାର ରଙ୍ଗ ଆପେ ଆପେ ପରିବର୍ତ୍ତନ ଘଟିଥାଏ। ଏଥିରେ କୌଣସି ଚମତ୍କାର ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ବିଜ୍ଞାନ ଏବଂ ପ୍ରକୃତିର ଖେଳ ଏହି ହ୍ରଦରେ ଲୁଚି ରହିଥିବାବେଳେ ପ୍ରତି ବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ରଙ୍ଗ ବଦଳାଉଥିବା ରହସ୍ୟମୟୀ ହ୍ରଦକୁ ଦେଖିବାକୁ ଆସିଥାନ୍ତି।



# ଶିଙ୍ଗ ଥିବା ବ୍ୟକ୍ତି

**ଭୋପାଳ:** ମଧ୍ୟପ୍ରଦେଶର ଶାଗର ଜିଲାସ୍ଥିତ ଶ୍ୟାମ ଲାଲ ଯାଦବ ନାମକ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୁଣ୍ଡରେ ଶିଙ୍ଗ ଉଠିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ ମୁଣ୍ଡରେ ବନ୍ୟପ୍ରାଣୀଙ୍କ ପରି ଶିଙ୍ଗ ଉଠିଥିବା ନେଇ ଅନେକ ଫଟୋ ଭାଇରାଲ ମଧ୍ୟ ହୋଇଛି। ଏନେଇ ଶ୍ୟାମଲାଲ କହିଛନ୍ତି, ୨୦୧୪ରେ ଏକ ଦୁର୍ଘଟଣା ପରେ ତାଙ୍କ ମୁଣ୍ଡରେ ଶିଙ୍ଗ ଉଠିବାକୁ ଲାଗିଥିଲା। ପ୍ରଥମେ କିଛି ଦିନ ସେ ଏହାକୁ ହେୟଜ୍ଞାନ କରିଥିଲେ। କିନ୍ତୁ ଶିଙ୍ଗଟି ତାଙ୍କ କପାଳରେ ବଢ଼ିବାକୁ ଲାଗିଥିଲା। ବହୁ ବର୍ଷ ଧରି ସେ ଉକ୍ତ ଶିଙ୍ଗକୁ କଇଁଚି ସାହାଯ୍ୟରେ କାଟିବାକୁ ପ୍ରୟାସ କରିଥିଲେ। ଏହାପରେ ମଧ୍ୟ ଶିଙ୍ଗଟି ତାଙ୍କ ମୁଣ୍ଡରେ ଦ୍ରୁତ ଗତିରେ ବଢ଼ିବାକୁ ଲାଗିଥିଲା। ତେଣୁ ସେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଉକ୍ତ ଶିଙ୍ଗ ପରୀକ୍ଷା କରିବା ପରେ ଏହା ଏକ ଡେଭିଲ ହର୍ନ ବା ଆନିମଲ ହର୍ନ ହୋଇଥିବା ଡାକ୍ତର କହିଛନ୍ତି। ଏହା ଏକ ରେୟାର ଡିସ୍‌ଅର୍ଡର ହୋଇଥିବାବେଳେ ଏଥିରେ ଶିଙ୍ଗ ପରି ଜିନିଷ ମୁଣ୍ଡରେ ବଢ଼ିବାକୁ ଲାଗିଥାଏ। ସେହିପରି ଅନେକ ଥର ଏହି ଡିସ୍‌ଅର୍ଡର କର୍କଟ ପରି ଭୟଙ୍କର ରୋଗର ମଧ୍ୟ ରୂପ ନେଇଥାଏ ବୋଲି ଜଣାପଡ଼ିଛି। ସାଧାରଣତଃ ୬୦ରୁ ୭୦ ବର୍ଷ ବୟସ୍କ ବୃଦ୍ଧମାନଙ୍କଠାରେ ଏପରି ଡିସ୍‌ଅର୍ଡର ଦେଖାଦେବାର ସମ୍ଭାବନା ଥାଏ। ଉକ୍ତ ଶିଙ୍ଗ କେରୋଟିନରେ ତିଆରି ହୋଇଥିବାବେଳେ ଏକ ମାଇନର ଅପରେଶନ୍ କରାଯାଇ ଏହାକୁ ବାହାର କରାଯାଇପାରିବ ବୋଲି ଡାକ୍ତର କହିଛନ୍ତି। ଗୁରୁବାର ଶ୍ୟାମଲାଲଙ୍କର ଅସ୍ତ୍ରୋପଚାର କରାଯାଇ ତାଙ୍କ ମୁଣ୍ଡରେ ଉଠିଥିବା ଶିଙ୍ଗକୁ ସଫଳତାର ସହ କଢ଼ାଯାଇଛି।



# ୨ ଥର ଜନ୍ମଦିନ ପାଳନ୍ତି ପଙ୍କଜ

**ମୁମ୍ବାଇ:** ବଲିଉଡ୍‌ର ଦକ୍ଷ ଅଭିନେତାମାନଙ୍କ ମଧ୍ୟରୁ ପଙ୍କଜ ତ୍ରିପାଠୀ ଅନ୍ୟତମ। ସେ ବିଭିନ୍ନ ଫିଲ୍ମରେ ଅଭିନୟ କରୁଥିବା ଚରିତ୍ରରେ ସମ୍ପୂର୍ଣ୍ଣ ରୂପେ ମଗ୍ନ ହୋଇଯାଆନ୍ତି। ଗୁରୁବାର ପଙ୍କଜ ତାଙ୍କର ୪୮ତମ ଜନ୍ମଦିନ ପାଳନ କରୁଛନ୍ତି। ଏହି ଅବସରରେ ସେ ଏକ ସାକ୍ଷାତ୍‌କାର ଦେଇ ତାଙ୍କୁ ନେଇ ରହିଥିବା ଏକ ମଜାଦାର ଘଟଣା ସମ୍ପର୍କରେ କହିଛନ୍ତି। ପଙ୍କଜ ବର୍ଷକୁ ୨ ଥର ଜନ୍ମଦିନ ପାଳନ କରନ୍ତି ବୋଲି ସାକ୍ଷାତ୍‌କାରରେ କହିଛନ୍ତି। ପଙ୍କଜ କହିଛନ୍ତି, ଏହା ପଛରେ ଏକ ମଜାଦାର କାରଣ ରହିଛି। ପିଲାଦିନେ ସ୍କୁଲରେ ନାମଲେଖା ସମୟରେ ତାଙ୍କ ଜନ୍ମଦିନ ତାରିଖକୁ ବଡ଼ ଭାଇ ଭୁଲିଯାଇଥିବା କଥା ପଙ୍କଜ କହିଛନ୍ତି। ବଡ଼ଭାଇ ତାଙ୍କର ଜନ୍ମ ମାସ ସେପ୍ଟେମ୍ବର ହୋଇଥିବା ନେଇ ମନେ ରଖିଥିବାବେଳେ ଜନ୍ମ ତାରିଖକୁ ଭୁଲି ଯାଇଥିଲେ। ତେଣୁ ନାମଲେଖା ଫର୍ମରେ କେଉଁ ତାରିଖ ପକାଇବେ ବୋଲି ପଙ୍କଜଙ୍କ ବଡ଼ଭାଇ ଅସୁବିଧାରେ ପଡ଼ିଥିଲେ। ତେବେ ସେଠାରେ ଥିବା ଶିକ୍ଷକ ଜନ୍ମ ତାରିଖକୁ ସେପ୍ଟେମ୍ବର ୫ ଲେଖିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ସେପ୍ଟେମ୍ବର ୫ ଗୁରୁ ଦିବସ ହୋଇଥିବାରୁ ଏହା ଏକ ଭଲ ଦିନ। ପିଲାଟି ବଡ଼ ମଣିଷ ହେବ। ତେବେ ତାଙ୍କର ପ୍ରକୃତ ଜନ୍ମଦିନ ତାରିଖ ସେପ୍ଟେମ୍ବର ୨୮ ହୋଇଥିବା ପଙ୍କଜ କହିଛନ୍ତି। ପ୍ରତିବର୍ଷ ଉଭୟ ସେପ୍ଟେମ୍ବର ୫ ଓ ୨୮ରେ ସେ ନିଜ ଜନ୍ମଦିନ ପାଳନ କରନ୍ତି ବୋଲି ଏହି ସାକ୍ଷାତ୍‌କାରରେ ସେ କହିଛନ୍ତି। ତାଙ୍କୁ ଶେଷ ଥର ପାଇଁ 'ସ୍ତ୍ରୀ ୨' ଫିଲ୍ମରେ ଦେଖିବାକୁ ମିଳିଥିଲା।



Classified Everyday
0674-2580101, 2549949



REAL ESTATE

SALE

Gharabari boundary plot Nakhara East Engineering College backside, close to SNH- 8018471169. D-75985

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-1259

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1258

BUSINESS

ଉଈ ପ୍ରତିକାର- ଉଈ, ଅସରପା, ମଶା, ମୂଷା, ଝିଟିପିଟି ନିୟନ୍ତ୍ରଣ। Mob- 6370293332, 9937802555. D-1181




Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA special offer @ 799 Bapujinagar. 8018429809. D-76149

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

Kerala body Massage therapy Unisex any person Bhubaneswar. kajal- 9337672475. D-1214

Newly open health benefits SPA by expert therapist. Contact- 6371861658. D-76150

AFFIDAVIT

I, Baman Kishor Sahoo, Son of Late Banshidhar Sahu, resident of N3/453, IRC Village, Bhubaneswar, Dist.- Khordha, PIN- 751015, Odisha declare by this affidavit No.- 679, dated 14th August 2024 that now onwards I shall be known as Baman Kishore Sahu for all future purposes. D-1260

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Kalyani Sahoo, Daughter of Late Nityananda Sahu, resident of N3/453, IRC Village, Bhubaneswar, Dist.- Khordha, PIN- 751015, Odisha declare by this affidavit No.- 678, dated 14th August 2024 that now onwards I shall be known as Kalyani Sahu for all future purposes. D-1261

By virtue of an affidavit sworn before the Notary Public, Sri Aswini Kumar Pradhan, REDG-No-ON 92/2009. I, Sukruti Mohanty, At Present Plot No.- 622, Janpath, Saheed Nagar, Bhubaneswar, Pin- 751007, Dist.- Khordha, State- Odisha do hereby that I have changed my name from Sukruti Mohanty to Alice Sukruti Mohanty. Henceforth I shall be known as Alice Sukruti Mohanty for all future purposes. This affidavit is being sworn by myself for use as required before appropriate Government and Judicial Authorities as and when necessary. D-1253

By virtue of an affidavit sworn before the Notary Public, Bhadrak, Odisha, dated 28.08.2024. I Subrat Dash, S/o- Subash Chandra Dash, permanent resident of Village- Chhatisbedapur (Muhanapada), P.O.- Khadipada, P.S.- Dhamnagar, Dist.- Bhadrak, PIN- 756117, Odisha having Disability Certificate Number- OD 0910820010019574, have changed my name from Satyabrata Dash (Which has been mentioned in my Aadhaar Card and other document and papers) to Subrat Dash. Henceforth I shall be known as Subrat Dash for all purposes. D-1252

LEGAL NOTICE

ଦେୱାନୀ କାର୍ଯ୍ୟବିଧି ଆଇନ୍‌ର ଆଦେଶ-୫, ନିୟମ-୨୦ ମତେ
ଶ୍ରୀଯୁକ୍ତ ପୁରୀ ମୁକାମ ପରିବାର ଅଦାଲତ, ପୁରୀ
ସି.ପି. ନଂ୧୪୨ମର ସନ ୨୦୨୩
ମସିହା

ସ୍ମୃତିରଞ୍ଜନ ସିହ୍ନା, ବ୪୬ର୍ଷ, ପିତା- ୰ପ୍ରସନ୍ନ କୁମାର ସିହ୍ନା, ସାକିନ- ଭବାନୀପୁର, ଥାନା- ପିପିଲି, ଜିଲ୍ଲା- ପୁରୀ .....ବାଦୀ

ବନାମ

ସ୍ୱପ୍ନାରାଣୀ ଦାସ, ବ୩୩ର୍ଷ, ସ୍ୱାମୀ- ସ୍ମୃତିରଞ୍ଜନ ସିହ୍ନା, ସାକିନ- ଭବାନୀପୁର, ଥାନା- ପିପିଲି, ଜିଲ୍ଲା- ପୁରୀ। ହାଲ ସାକିନ- ମାର୍ଫତ- ମନୋଜ ବେହେରା, ସାକିନ- ବିରିବନ୍ଧ, ପୋଷ୍ଟ- କୁହା, ସୁନ୍ଦରପଦା, ଥାନା- ଏୟାରଫିଲ୍ଡ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୨।
....ପ୍ରତିବାଦୀ

ଏତଦ୍ୱାରା ଆପଣଙ୍କ ବିରୁଦ୍ଧରେ ବାଦୀ ଦାଏର କରିଥିବା ହିନ୍ଦୁ ବିବାହ ଆଇନ୍ ଧା ୧୩ (i) (ii) (iii)ରା ମତେ ସି.ପି. ନଂ୧୪୨/୨୦୨୩ମରରେ ବାରମ୍ବାର ସମନ ଫେରୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଆପଣ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା ୦୪।୧୦।୨୦୨୪ରିଖ ଦିବା ୧୦.୩୦ ମିନିଟ୍ ସମୟରେ କୋର୍ଟରେ ହାଜର ହୋଇ ଆପଣଙ୍କ ପକ୍ଷ ରଖିବେ। ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଦ୍ୟ ତା ୦୨।୦୯।୨୦୨୪ରିଖ।

ସ୍ୱା.- ଜଜ୍, ପରିବାର ଅଦାଲତ, ପୁରୀ
ଧ-୧୨୩୦

ନୋଟିସ୍
IN THE COURT OF THE C.J.J.D. KHORDHA
C.S.-125/2014

ବୈକୁଣ୍ଠ ନାଥ ସାହୁ ଓଗେର ....ବାଦୀ

ବନାମ

ଓଡ଼ିଶା ସରକାର ଓଗେର ....ପ୍ରତିବାଦୀ

ଦେୱାନୀ କାର୍ଯ୍ୟବିଧି ଆଇନର ୫ ଅର୍ଡର ୨୦ ରୁଲ୍‌ମତେ ନୋଟିସ୍

ବାଳକୃଷ୍ଣ ସାହୁ, ବୟସ-୭୫ବର୍ଷ, ପି- ୰ ଲୋକନାଥ ସାହୁ, ସା/ପୋ/ଥା- ବୋଲଗଡ଼, ଜି- ଖୋର୍ଦ୍ଧା, ପିନ୍ ନଂ.-୭୫୨୦୬୬

ସହପ୍ରତିବାଦୀ ନଂ୪ମ୍ବରଙ୍କୁ ଜଣାଇ ଦିଆଯାଉଅଛି କି, ଉପରୋକ୍ତ ନମ୍ବର ମୋକଦ୍ଦମାରେ ଆମ୍ଭେ ବାଦୀ, ଆପଣ ଓଗେରମାନଙ୍କ ବିରୁଦ୍ଧରେ ବଣ୍ଟୁଆରା ମୋକଦ୍ଦମା ଆଗତ କରିଅଛୁ। ଆପଣଙ୍କ ନାମରେ ବାରମ୍ବାର ସମନ ଗଲେ ମଧ ଆପଣ ନିଜ ନାମର ସମନକୁ ଆଭଏଡ୍ କରି କେଉଁଆଡ଼େ ରହୁଛନ୍ତି, ଯାହାଫଳରେ ଠିକ୍ ଭାବେ ସମନ ଜାରି ହୋଇପାରୁ ନାହିଁ। ତେଣୁ ଅତ୍ର ମୋକଦ୍ଦମା ଆସନ୍ତା ତା ୨୩।୦୯।୨୪ରିଖକୁ ଧାର୍ଯ୍ୟ ଅଛି। ଆପଣ ଉପରୋକ୍ତ ଧାର୍ଯ୍ୟ ତାରିଖରେ ଦିବା ଘ ୧୦.୩୦ ମିନିଟ୍ ସମୟରେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲ ବାବୁଙ୍କ ଜରିଆରେ ହାଜର ହୋଇ ଜବାବ ଦାଖଲ କରିବେ, ନଚେତ୍ ଆଇନ ଅନୁସାରେ ଆପଣଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା ୦୪।୦୯।୨୪ରିଖ ଆମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହର କ୍ରମେ ଦିଆଗଲା।

ସ୍ୱା./- ସିଭିଲ୍ ଜଜ୍ (ଜୁନିୟର ଡିଭିଜନ), ଖୋର୍ଦ୍ଧା
ଧ-୬୦୯୮୩

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ: ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଦଶବର୍ଷ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଏବେ ବି ଆମମାନଙ୍କ ଆଖିରେ ଲୁହ ଭରି ଦେଉଛି। ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର ଏବଂ ବନ୍ଧୁବର୍ଗ ।
ଧ-୭୬୦୨୨

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ସପ୍ତବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୫୫୬୪

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ପୋଲାର୍ପୁ ଗୋଦାବରୀଶ ଆଚାରୀ
ଆବିର୍ଭାବ: ୦୨।୧୦।୧୯୩୦
ତିରୋଧାନ: ୨୬।୦୮।୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମିତ୍ତ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ଶ୍ରୀଚରଣରେ ଅନନ୍ତ କୋଟି ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗିନୀ ସ୍ତ୍ରୀ: ନିଳିମା, ନାତି ତଥା ପୋଷ୍ୟ ପୁତ୍ର ଡ. ବିଭୂଦତ୍ତ ଆଚାରୀ, କନ୍ୟା: ସାବିତ୍ରୀ, ଜାମାତା: ରାମ ନାରାୟଣ, ନାତି: ପ୍ରଭୁଦତ୍ତ, ଦେବଦତ୍ତ, ପ୍ରିୟବ୍ରତ, ପ୍ରିୟଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୧୨୬୨

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରଭାତ କୁମାର ରାଉତରାୟ
ଆବିର୍ଭାବ-୨୫।୦୩।୧୯୭୫
ତିରୋଧାନ- ୨୭।୦୮।୨୦୨୪
ଆପଣଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ନିମନ୍ତେ ଆପଣ ସମସ୍ତଙ୍କ ନିକଟରେ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏତିକି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ ।
ଶୋକସନ୍ତପ୍ତ: ବାପା, ଦାଦା, ଖୁଡ଼ୀ, ଲଳାଟ, ପ୍ରଦୀପ, ପିଟର ଓ ଭାଇମାନେ, ରେଖା, ଲଡୁ, ମାମି, ଭାଉଜମାନେ, ମମିଅପା, ଅନିଅପା, ସମିତା, ସଙ୍ଗୀତା, ବବୁଲି, ବାର୍ବି, ପ୍ରାଚୀ, ସାନି, ସାଗରିକା, ପ୍ରିଶୁ, କାହ୍ନା, ଅଂଶ, ରାଜ୍, ଲିପ୍‌ସା, ଶ୍ରାବଣୀ ।
ଧ-୭୫୩୪୭

# ୬ ମାସରେ ଚା’ ଉତ୍ପାଦନ ୧୩ % ହ୍ରାସ

ନୂଆଦିଲ୍ଲୀ,୫।୯(ଅନୁରାଧା ମହାରଣା)



ଭାରତର ଲୋକମାନେ ଚା’ ପିଇବାକୁ ଭଲ ପାଆନ୍ତି। ତେବେ ଆସାମ ଏବଂ ପଶ୍ଚିମବଙ୍ଗ ହେଉଛି ଦେଶର ସର୍ବାଧିକ ଚା’ ଉତ୍ପାଦନକାରୀ ରାଜ୍ୟ। ଉଭୟ ରାଜ୍ୟରେ ଚା ଉତ୍ପାଦନରେ ହ୍ରାସ ଘଟିଛି, ଯାହାର ପ୍ରଭାବ ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଚା’ ଉତ୍ପାଦନରେ ଦେଖାଯାଇଛି। ଗତ ୬ ମାସ ମଧ୍ୟରେ ଦେଶରେ ମୋଟ ଚା’ ଉତ୍ପାଦନ ୧୩ ପ୍ରତିଶତ ହ୍ରାସ ପାଇ ୫.୫୩ ଟନ୍‌ରେ ପହଞ୍ଚିଛି। ଚା ’ମୂଲ୍ୟରେ ଏହାର ପ୍ରଭାବ ବର୍ତ୍ତମାନ ଦେଖିବାକୁ ମିଳୁଛି। ଭାରତୀୟ ଚା’ ଆସୋସିଏଶନର ତଥ୍ୟ ଅନୁଯାୟୀ ଉତ୍ତର ପ୍ରଦେଶରେ ଚା’ର ନିଲାମ ମୂଲ୍ୟରେ ୨୧ ପ୍ରତିଶତ ଏବଂ ଦକ୍ଷିଣ ରାଜ୍ୟରେ ୧୨ ପ୍ରତିଶତ ବୃଦ୍ଧି ଘଟିଛି। ଚା’ର ମୂଲ୍ୟ ଉତ୍ତର ଭାରତରେ ୨୫୫ ଟଙ୍କା ଏବଂ ଦକ୍ଷିଣରେ ୧୧୮ ଟଙ୍କାରେ ପହଞ୍ଚିଛି। ଏହି କାରଣରୁ କମ୍ପାନୀଗୁଡିକ କିଣାଯାଇଥିବା ଚା’ର ପରିମାଣକୁ ହ୍ରାସ କରିଛନ୍ତି। ଚା’ କିଣିବା ପାଇଁ ଟାଟା ଗ୍ରାହକ ଉତ୍ପାଦଗୁଡ଼ିକ ବର୍ତ୍ତମାନ ୨୩ ପ୍ରତିଶତ ଅଧିକ ଟଙ୍କା ଏବଂ ଏଚ୍‌ୟୁଏଲ୍ ୪୫ ପ୍ରତିଶତ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଉଭୟ କମ୍ପାନୀ ଚା’ର ମୂଲ୍ୟ ବୃଦ୍ଧି କରିପାରିବେ ଏବଂ ସେମାନଙ୍କର ଲାଭ ମାର୍ଜିନ ବଜାୟ ରଖିବେ। ବିଶେଷଜ୍ଞଙ୍କ ଅନୁଯାୟୀ, ୧ରୁ ୩ ପ୍ରତିଶତ ବୃଦ୍ଧି ଗ୍ରାହକଙ୍କୁ ଅଧିକ ପ୍ରଭାବିତ କରିବ ନାହିଁ ମାତ୍ର ତା’ଠାରୁ ଅଧିକ ବୃଦ୍ଧି ଚା’ର ଚାହିଦା ଉପରେ ପ୍ରଭାବ ପକାଇପାରେ। ସୂଚନା ଥାଉକି, ଦେଶରେ ପ୍ୟାକେଜ ଚା’ ବିକ୍ରି କରୁଥିବା ଦୁଇଟି ବଡ କମ୍ପାନୀ ଯଥା ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍ (ଏଚ୍‌ୟୁଏଲ୍) ଏବଂ ଟାଟା କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଟିସିପିଏଲ୍) ଶୀଘ୍ର ଚା ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚା’ର ଷ୍ଟକ୍ ହ୍ରାସ ଏବଂ ମୂଲ୍ୟ ବୃଦ୍ଧି ଏହାର ମୂଲ୍ୟ ଉପରେ ପ୍ରଭାବ ପକାଇପାରେ ଏବଂ ଶୀଘ୍ର ବଡ କମ୍ପାନୀଗୁଡିକ ଏହାର ମୂଲ୍ୟ ବୃଦ୍ଧି କରିପାରନ୍ତି। ଦୋକାନ ବଜାରରେ ଉପଲବ୍ଧ ଚା ମୂଲ୍ୟ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ଏବଂ ଗ୍ରାହକଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

## ଖସିଲା ଶେୟାର ବଜାର

ମୁମ୍ବାଇ,୫।୯ (ଅଭୟ ଦାଶ)

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୧ (୧୫୧.୪୮) ପଏଣ୍ଟ କମି ୮୨,୨୦୧(୮୨,୨୦୧.୧୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୪ (୫୩.୬୦) ପଏଣ୍ଟ ହ୍ରାସ ଘଟି ୨୫,୧୪୫ (୨୫,୧୪୫.୧୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ବୃଦ୍ଧି ହୋଇଛି।

## ରିଲାଏନ୍ସ ଜିଓର ୮ମ ପୂର୍ତ୍ତି ଉତ୍ସବ

ମୁମ୍ବାଇ,୫।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ରିଲାଏନ୍ସ ଜିଓର ୮ମ ପୂର୍ତ୍ତି ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବ୍ୟବସାୟିକ ଭାବେ ରିଲାଏନ୍ସ ଜିଓ ଭାରତରେ ସେବା ଆରମ୍ଭ କରିବାର ୮ବର୍ଷ ପୂରଣ କରିଛି। ଜିଓ ତା’ର ପ୍ରିପେଡ୍ ମୋବାଇଲ ଗ୍ରାହକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ଷିକୀ ଅଫର ସମ୍ପର୍କରେ ଘୋଷଣା କରିଛି। ଜିଓ ମୋବାଇଲ୍ ଉପଭୋକ୍ତାମାନେ ତିନୋଟି ନିର୍ଦ୍ଦିଷ୍ଟ ରିଚାର୍ଜ ପ୍ଲାନ୍ ସହ ସୀମିତ ଅବଧି ମଧ୍ୟରେ ଏହି ବିଶେଷ ଅଫରର ଲାଭ ନେଇପାରିବେ। ୨୦୨୪ ସେପ୍ଟେମ୍ବର ୫ରୁ ୧୦ ମଧ୍ୟରେ ୮୯୯ଟଙ୍କା ଓ ୯୯୯ଟଙ୍କା ମୂଲ୍ୟର ୩ମାସର ଅବଧି ବିଶିଷ୍ଟ ରିଚାର୍ଜ ପ୍ଲାନ୍ ଏବଂ ୩୫୯୯ଟଙ୍କା ମୂଲ୍ୟର ବାର୍ଷିକ ରିଚାର୍ଜ ପ୍ଲାନ୍ ସହ ରିଚାର୍ଜ କରୁଥିବା ଜିଓ ପ୍ରିପେଡ୍ ମୋବାଇଲ ଉପଭୋକ୍ତାମାନେ ୭୦୦ଟଙ୍କା ମୂଲ୍ୟର ଅତିରିକ୍ତ ଲାଭ ପାଇପାରିବେ। ଉଭୟ ୮୯୯ ଟଙ୍କା ଓ ୯୯୯ ଟଙ୍କା ମୂଲ୍ୟର ୩ମାସିଆ ରିଚାର୍ଜ ପ୍ଲାନ୍‌ରେ ଦୈନିକ ୨ ଜିବି ହାଇସ୍ପିଡ୍ ଡାଟା ମିଳୁଥିବା ବେଳେ ବୈଧତା ଅବଧି ଯଥାକ୍ରମେ ୯୦ଦିନ ଓ ୯୮ ଦିନ ରହିଛି। ୩୫୯୯ଟଙ୍କା ମୂଲ୍ୟର ବାର୍ଷିକ ରିଚାର୍ଜ ପ୍ଲାନ୍‌ର ବୈଧତା ୩୬୫ ଦିନ ରହିଥିବା ବେଳେ ଏଥିରେ ଦୈନିକ ୨.୫ଜିବି ହାଇସ୍ପିଡ୍ ଡାଟା ଉପଲବ୍ଧ ହେଉଛି। ପୂର୍ତ୍ତି ଉତ୍ସବ ଅଫରର ଲାଭ ନେଉଥିବା ଜିଓ ଗ୍ରାହକଙ୍କୁ ୧୭୫ଟଙ୍କା ମୂଲ୍ୟର ୧୦ଟି ଓଟିଟି ଆପ୍ସର ସଦସ୍ୟତା ଓ ୧୦ଜିବିର ଅତିରିକ୍ତ ଡାଟା ପ୍ୟାକ୍ ମିଳିବ,ଯାହାର ବୈଧତା ୨୮ଦିନ ରହିବ।

## ମାସକରେ ୨୭ ହଜାର କର୍ମଚାରୀ ଛଟେଇ

ଭୁବନେଶ୍ୱର,୫।୯ (ଅନୁରାଧା ମହାରଣା)

ବୈଷୟିକ କ୍ଷେତ୍ର(ଟେକ୍ ସେକ୍ଟର)ରେ ଛଟେଇ ପ୍ରକ୍ରିୟା କମୁନାହିଁ। ଏହି କ୍ଷେତ୍ର ସହ ଜଡ଼ିତ ବଡ କମ୍ପାନୀଗୁଡିକରେ ବଡ଼ ଧରଣର ଛଟେଇ ଦେଖାଯାଉଛି। ଇଣ୍ଟେଲ, ସିସ୍କୋ, ଆଇବିଏମ୍ ଭଳି କ୍ଷୁଦ୍ର ବୈଷୟିକ ଷ୍ଟାର୍ଟଅପ୍ କମ୍ପାନୀଗୁଡିକ ଅଗଷ୍ଟ ମାସରେ ପ୍ରାୟ ୨୭,୦୦୦ କର୍ମଚାରୀଙ୍କ ଛଟେଇ କରିଛନ୍ତି। ୨୦୨୪ ବର୍ତ୍ତମାନ ସୁଦ୍ଧାରେ ୪୨୨ କମ୍ପାନୀ ପ୍ରାୟ ୧ଲକ୍ଷ ୩୬ ହଜାର କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ଇଣ୍ଟେଲ ୧୫,୦୦୦ ନିଯୁକ୍ତି ହ୍ରାସ କରିବାକୁ ଯାଉଛି, ଯାହା ଏହାର ମୋଟ କର୍ମଚାରୀଙ୍କ ପ୍ରାୟ ୧୫ ପ୍ରତିଶତ । ୨୦୨୫ ସୁଦ୍ଧା କମ୍ପାନୀ ୧୦ ବିଲିୟନ ଡଲାରରେ ଖର୍ଚ୍ଚ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟ ଏକ ଅଗ୍ରଣୀ ଟେକ୍ କମ୍ପାନୀ ସିସ୍କୋ ମଧ୍ୟ ଏହାର ବିଶ୍ୱସ୍ତରୀୟ ଶ୍ରମିକମାନଙ୍କୁ ୭ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏହା ପ୍ରାୟ ୬୦୦୦ କର୍ମଚାରୀଙ୍କ ରୋଜଗାର ଉପରେ ପ୍ରଭାବ ପକାଇପାରେ। ୨୦୨୪ ରେ ଏହା ଦ୍ୱିତୀୟ ଥର ପାଇଁ ସିସ୍କୋ ଏତେ ସଂଖ୍ୟକ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଆଇବିଏମ୍ ୧୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଥିବାବେଳେ ନିକଟରେ ଆପଲ ଏହାର ସେବା ବିଭାଗରୁ ପ୍ରାୟ ୧୦୦ କର୍ମଚାରୀଙ୍କୁ ଛଟେଇ କରିଛି। ଆକ୍ସନ କ୍ୟାମେରା ନିର୍ମାତା ଗୋପ୍ରୋ କର୍ମକ୍ଷେତ୍ରକୁ ୧୫ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ୨୦୨୪ ଶେଷ ସୁଦ୍ଧା ୧୪୦ ଜଣଙ୍କୁ ଛଟେଇ କରାଯିବାର ସମ୍ଭାବନା ରହିଛି। ଆପଲ ସ୍ପେଶାଲ ପ୍ରୋଜେକ୍ଟ ଗ୍ରୁପ୍‌ର ୬୦୦ କର୍ମଚାରୀଙ୍କୁ ରୋଜଗାର ହରାଇବାକୁ ପଡ଼ିଛି। ୨୦୨୪ ଜାନୁଆରୀରେ କମ୍ପାନୀ ୧୨୧ ସଦସ୍ୟ ବିଶିଷ୍ଟ ଏଆଇ ଟିମ୍‌କୁ ବାହାର କରିଛି। ଡେଲ୍ ଟେକ୍ନୋଲୋଜି ମଧ୍ୟ ଏହାର ବିଶ୍ୱସ୍ତରୀୟ କର୍ମଚାରୀଙ୍କ ପ୍ରାୟ ୧୦ ପ୍ରତିଶତ ଅର୍ଥାତ୍ ୧୨,୫୦୦ କର୍ମଚାରୀଙ୍କୁ ଛଟେଇ କରିଛି। ୨୦୨୩ ମସିହାରେ ଆଇଟି କମ୍ପାନୀଗୁଡିକରେ ୧୫ ପ୍ରତିଶତ ଛଟେଇ ହୋଇଥିଲେ। ଏହି ଧାରା ୨୦୨୪ ରେ ମଧ୍ୟ ଜାରି ରହିଛି।

## ପୂର୍ବତଟ ରେଳପଥ ସହ ଏସ୍‌ବିଆଇର ବୁଝାମଣା



ଭୁବନେଶ୍ୱର,୫।୯ (ଅଭୟ ଦାଶ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ) ଏବଂ ପୂର୍ବତଟ ରେଳପଥ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ରେଳ କର୍ମଚାରୀଙ୍କ ଦରମା ସହ ଅନ୍ୟାନ୍ୟ ସୁବିଧା ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ଜରିଆରେ ଯୋଗାଇ ଦିଆଯିବ ବୋଲି ଉଭୟ ସଂସ୍ଥା ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଏପରିକି ଏ ନେଇ ଉଭୟ ସଂସ୍ଥା ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ‘ରେଳ ସଦନ’ ଠାରେ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ଏବଂ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲାଙ୍କ ସମେତ ଏସ୍‌ବିଆଇ ଓ ରେଲୱେର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ,ଏହି ବୁଝାମଣା ପରେ ରେଳ କର୍ମଚାରୀମାନେ ଷ୍ଟେଟ ବ୍ୟାଙ୍କ ଦରମା ପ୍ୟାକେଜ ଅନ୍ତର୍ଗତ ମାଗଣା ଜୀବନ ବୀମା, ଦୁର୍ଘଟଣା ବୀମା ଓ ସ୍ୱାସ୍ଥ୍ୟ ବୀମା ଆଦି ରିହାତି ଦରରେ ପାଇବେ। ସେହିଭଳି ବ୍ୟାଙ୍କର ଲକର ସୁବିଧା ସହିତ ରୂପେ ଡେବିଟ୍ କାର୍ଡ ଓ ଅନ୍ୟାନ୍ୟ ସୁବିଧାର ମଧ୍ୟ ଲାଭ ମଧ୍ୟ ଉଠାଇପାରିବେ।

## ଯାତ୍ରା ଅନୁଭୂତିକୁ ବ୍ୟାପକ କରିବ ଜେପିଓଡି

ନୂଆଦିଲ୍ଲୀ,୫।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜେପିଓଡି ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ‘ପଡ୍ ହୋଟେଲ’ ହାଇଦ୍ରାବାଦ ଆନ୍ତର୍ଜାତିକ ବିମାନବନ୍ଦରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଭାରତରେ ପ୍ରଥମ ପ୍ରକାରର ପଡ୍ ହୋଟେଲର ଶୁଭାରମ୍ଭ ହୋଇଯାଇଛି। ଜେପିଓଡିର ଶୁଭାରମ୍ଭ ଫଳରେ ବିମାନବନ୍ଦର ଯାତ୍ରୀମାନଙ୍କ ପାଇଁ ଯାତ୍ରାର ଅନୁଭୂତିକୁ ବ୍ୟାପକ କରିବ। ଏପରିକି ହାଇଦ୍ରାବାଦ ବିମାନବନ୍ଦରରୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ସୁବିଧା ଓ ଆରାମ ବ୍ୟବସ୍ଥା ସହିତ ଏହି ହୋଟେଲ ସୁସଜ୍ଜିତ ରହିଛି। ଜେପିଓଡି ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଜାଗ୍ରତ ଠାକୁର କହିଛନ୍ତି, ହାଇଦ୍ରାବାଦଠାରେ ଆମେ ଆମର ପଡ୍ ହୋଟେଲର ଶୁଭାରମ୍ଭ ସହ ଜିଏମ୍‌ଆର୍ ସହିତ ଆମେ ଏହି ସହଭାଗିତା ଜାରି ରଖିବାକୁ ଉତ୍ସାହିତ ଅଛୁ। ଅହମଦାବାଦଠାରେ ଆଦାନୀଙ୍କ ସହ ଆମର ସଫଳ ସହଯୋଗ ଓ ବିମାନବନ୍ଦର ରହଣି ସୁବିଧାର ଯଥେଷ୍ଟ ଉନ୍ନତ କରିଛି। ଡିଜାଇନ ଓ କାର୍ଯ୍ୟକାରିତା କ୍ଷେତ୍ରରେ ଜେପିଓଡି ବିଶ୍ୱସ୍ତରୀୟ ମାନଦଣ୍ଡ ଆମକୁ ଭାରତର ଅନ୍ୟାନ୍ୟ ବିମାନବନ୍ଦରଗୁଡ଼ିକରେ ପ୍ରଭାବଶାଳୀ ଆବାସ ସମାଧାନ ପ୍ରଦାନ କରିବ। ଜେପିଓଡି ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ହିରେନ ଗାନ୍ଧୀ କହିଛନ୍ତି, ବିମାନଯାତ୍ରୀଙ୍କ ଆବଶ୍ୟକତା ପୂରଣ ଲାଗି ଜେପିଓଡି ପ୍ରସ୍ତୁତ ରହିଛି। ୨୦୧୭ରେ ଆମେ ପ୍ରଥମେ ଭାରତରେ ଆଗଧାଡ଼ିର ପଡ୍ ହୋଟେଲ ଅର୍ବାନପଡ୍ ଆରମ୍ଭ କରିଥିଲୁ। ରେଳଯାତ୍ରୀଙ୍କ ସୁବିଧା ଲାଗି ମୁମ୍ବାଇ ସେଣ୍ଟ୍ରାଲ ଷ୍ଟେଶନରେ ପଡ୍ ଷ୍ଟାଇଲ ଆବାସର ଗ୍ରହଣୀୟତାକୁ ଆକଳନ କରିବାକୁ ଅନୁମତି ଦେଇଥିଲାବେଳେ ବିମାନବନ୍ଦରର ଯାତ୍ରୀମାନଙ୍କ ପାଇଁ ଆମର ଏହି ପଦକ୍ଷେପରେ ସଫଳତାର ସହ ଆମର ଅଫର ବିସ୍ତାର କରୁଛୁ।

## ଉତ୍ପାଦ ଉପରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୫।୯ (ଅଭୟ ଦାଶ)

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଗଣେଶ ଚତୁର୍ଥୀ ଷ୍ଟୋର ସହିତ ଉତ୍ସବ ପାଳନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାର ଉତ୍ପାଦ ଉପରେ ଆକର୍ଷଣୀୟ ରିହାତି ମଧ୍ୟ ପ୍ରଦାନ କରାଯାଉଛି। ଏପରିକି ସମଗ୍ର ଭାରତରେ ଗ୍ରାହକଙ୍କ ପାଇଁ ଉତ୍ସବ ପ୍ରସ୍ତୁତିକୁ ସହଜ ଏବଂ ଆନନ୍ଦଦାୟକ କରିଛି। ଏପରିକି ପାରମ୍ପରିକ ଜିନିଷଠାରୁ ଆରମ୍ଭକରି ଆଧୁନିକ ଉପକରଣ ପର୍ଯ୍ୟନ୍ତ ସମସ୍ତ ପର୍ବପର୍ବାଣି ଆବଶ୍ୟକତା ପୂରଣ କରୁଥିବା ଗଣେଶ ଚତୁର୍ଥୀ ଷ୍ଟୋର ୨୦୨୪ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଲାଇଭ୍ ରହିଛି। ସେହିଭଳି ଗଣେଶ ଚତୁର୍ଥୀ ଷ୍ଟୋରରେ ଆକର୍ଷଣୀୟ ଭାବେ ପ୍ରସ୍ତୁତ ଗଣେଶ ମୂର୍ତ୍ତି ଏବଂ ପୂଜା ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ପାରମ୍ପରିକ ମିଠା, ପର୍ବପର୍ବାଣି ପୋଷାକ, ଗୃହସଜ୍ଜା ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆଦିରେ ଅତ୍ୟାଧୁନିକ ଉତ୍ପାଦ ରେଞ୍ଜ ସାମିଲ ରହିଛି। ଆମାଜନ୍ ପ୍ରାଇମ ଗୋଟିଏ ସଦସ୍ୟତାରେ ସର୍ବୋତ୍ତମ ଶପିଂ, ସଞ୍ଚୟ ଏବଂ ମନୋରଞ୍ଜନ ପ୍ରଦାନ କରୁଛି। ଭାରତରେ ପ୍ରାଇମ ସଦସ୍ୟମାନଙ୍କୁ ୧୦ ଲକ୍ଷ ଉତ୍ପାଦ ଉପରେ ମାଗଣା ଅସୀମିତ ସମାନ ଦିବସ ଡେଲିଭରି ଏବଂ ଆମାଜନ୍.ଇନ୍ ୪୦ଲକ୍ଷ ପ୍ରଡକ୍ଟରେ ନେକ୍ସଟ ଡେ ଡେଲିଭରି, ସ୍ୱତନ୍ତ୍ର ରିହାତିର ସୁବିଧା, ଶପିଂ ଇଭେଣ୍ଟର ଶୀଘ୍ର ଆକ୍‌ସେସ୍, ପ୍ରାଇମ ଡେରେ ସ୍ୱତନ୍ତ୍ର ଆକ୍‌ସେସ୍ ଏବଂ ପ୍ରାଇମ ଭିଡିଓ ସହ ପୁରସ୍କାର ବିଜେତା ଚଳଚ୍ଚିତ୍ର ଏବଂ ଟିଭି ଶୋ’ର ଅସୀମିତ ଆକ୍‌ସେସ୍, ୨୦ରୁ ଅଧିକ ଭାଷାରେ ଲକ୍ଷ ଲକ୍ଷ ଗୀତକୁ ଅସୀମିତ ବିଜ୍ଞାପନ-ମୁକ୍ତ ଆକ୍‌ସେସ୍, ଆମାଜନ୍ ମ୍ୟୁଜିକ୍ ସହିତ ୧୫ନିୟୁତରୁ ଅଧିକ ପଡ୍‌କାଷ୍ଟ ଏପିସୋଡ୍, ପ୍ରାଇମ ରିଡିଂ ସହିତ ୩,୦୦୦ ରୁ ଅଧିକ ପୁସ୍ତକ, ପତ୍ରିକା ଏବଂ କମିକ୍ସର ମାଗଣା ଚୟନ, ପ୍ରାଇମ ଗେମିଂ ସହିତ ମାସିକ ମାଗଣା ଇନ୍-ଗେମ୍ ସୁବିଧାର ଆକ୍‌ସେସ୍ ସାମିଲ ରହିଛି। ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ଆମାଜନ୍.ଇନ୍‌ରେ ସମସ୍ତ କ୍ରୟ ଉପରେ ପ୍ରାଇମ ମେମ୍ବରମାନେ ଅସୀମିତ ୫% କ୍ୟାଶ୍‌ବ୍ୟାକ୍ ମଧ୍ୟ ପାଇପାରିବେ।

## ବେଦାନ୍ତ ଆଲୁମିନିୟମର ଆଡ୍‌ଭାନ୍ସ ଟ୍ରେନିଂ ସେଣ୍ଟର

ଭୁବନେଶ୍ୱର,୫।୯ (ଅଭୟ ଦାଶ)




ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଡ୍‌ଭାନ୍ସ ଟ୍ରେନିଂ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ବିଶେଷ କରି କମ୍ପାନୀର ଝାରସୁଗୁଡ଼ା ୟୁନିଟ୍‌ରେ କାର୍ଯ୍ୟରତ ଡ୍ରାଇଭରଙ୍କ ମଧ୍ୟରେ ସଚେତନତା ଆଣିବା ଓ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହ ଡ୍ରାଇଭରଙ୍କ ପାଇଁ ଉଭୟ ଭାରି ଯାନ ଓ ହାଲୁକା ଗାଡ଼ି ଚାଳନା ଦକ୍ଷତା ତାଲିମ କେନ୍ଦ୍ର ଆରମ୍ଭ ହୋଇଯାଇଛି। ଏହି ସୁବିଧା କାର୍ଯ୍ୟକାରୀ ନିରାପତ୍ତା, ଦକ୍ଷତା ବିକାଶ ଓ ପରିବହନ କ୍ଷେତ୍ରରେ ସର୍ବୋଚ୍ଚ ମାନ ବଜାୟ ରଖିବାରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଭଳି ଏହି ନୂଆ ତାଲିମ କେନ୍ଦ୍ର ଉଭୟ ହାଲୁକା ଓ ଭାରି ମୋଟରଯାନ ଚାଳନାକୁ ସୁଗମ କରିବା ସହିତ ଅତ୍ୟାବଶ୍ୟକ ଡ୍ରାଇଭିଂ ଦକ୍ଷତା ବିକାଶ ଓ ସଡ଼କ ନିରାପତ୍ତା ଉପରେ ସାମଗ୍ରିକ ଜ୍ଞାନ ପ୍ରଦାନ କରିବ। ଏପରିକି ଏକ ନିୟନ୍ତ୍ରିତ ପରିବେଶରେ ହ୍ୟାଣ୍ଡ ଅନ୍ ପ୍ରାକ୍ଟିସ ତାଲିମକୁ ସୁଗମକରି ଏହି କେନ୍ଦ୍ର ଉଭୟ ହାଲୁକା ଓ ଭାରି ମୋଟରଯାନ ଚାଳନା ଉପରେ ଉପଯୁକ୍ତ ତାଲିମ ଦେବା ଲାଗି ପରିକଳ୍ପନା କରାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, କମ୍ପାନୀରେ ଆମେ ଆମର ଶ୍ରମିକ ସୁରକ୍ଷାକୁ ପ୍ରାଥମିକତା ଦେଇଥାଉ। ଏହି ରଣନୀତିକ କାର୍ଯ୍ୟକ୍ରମ ନିରାପତ୍ତା ପ୍ରତି ଆମର ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏପରିକି କମ୍ପାନୀ ତା’ର ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛି।

## ଦୁର୍ଗମ ଅଞ୍ଚଳରେ ଟିପିସିଓଡିଏଲ୍‌ର ବିଦ୍ୟୁତ୍ ଯୋଗାଣ

ଭୁବନେଶ୍ୱର,୫।୯ (ଅଭୟ ଦାଶ)

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଏପରିକି ଟିପିସିଓଡିଏଲ୍ କାର୍ଯ୍ୟ ପରିସର ଅଞ୍ଚଳ ମଧ୍ୟରେ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସହ ଗ୍ରାହକଙ୍କ ନିକଟତର ହେବାକୁ ଟିପିସିଓଡିଏଲ୍ ଲକ୍ଷ୍ୟ ରଖିଛି। ଏପରିକି ଟିପିସିଓଡିଏଲ୍‌ର ଢେଙ୍କାନାଳ ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲା କାଳିଆପାଣି ସେକ୍ସନର କେନ୍ଦୁପଡ଼ା, ଟିକରପଡ଼ା, ଜାରିକ୍ ସାହି ଓ ମହୁକଣ୍ଟା ଭଳି ଆଦିବାସୀ ବହୁଳ ଗାଁର ପାଖାପାଖି ୧୦୦ ପରିବାରର ଲୋକ ପ୍ରଥମ ଥର ପାଇଁ ବିଦ୍ୟୁତ୍ ଆଲୋକ ଦେଖିବାକୁ ସୁଯୋଗ ପାଇଥିଲାବେଳେ ସେମାନଙ୍କର ଦୀର୍ଘ ବର୍ଷ ସ୍ୱପ୍ନ ସାକାର ହୋଇଛି ବୋଲି ସମ୍ପୃକ୍ତ ଅଞ୍ଚଳର ଉପଭୋକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଟିପିସିଓଡିଏଲ୍ ପକ୍ଷରୁ ଉପରୋକ୍ତ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ କରାଯାଇଛି। ବିଶେଷକରି କେନ୍ଦୁପଡ଼ାଠାରେ ୬୩ କେଭିଏ, ଟିକରପଡ଼ାଠାରେ ୬୩କେଭିଏ, ଜାରିକ୍ ସାହିଠାରେ ୨୫କେଭିଏ ଓ ମହୁକଣ୍ଟାଠାରେ ୨୫କେଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଏହା ବ୍ୟତୀତ ଡୁମୁଣି, ଗୋହିଆଶାଳ ଓ ନାତୁର ଏବଂ କାଳିଆପାଣି ଗାଁର ୪୦ ଆଦିବାସୀ ପରିବାରକୁ ଟିପିସିଓଡିଏଲ୍ ପକ୍ଷରୁ ସୋଲାର ପ୍ୟାନେଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଅପରପକ୍ଷରେ ବଣଜଙ୍ଗଲ ପାହାଡ଼ ଭରା ଉପରୋକ୍ତ ଅଞ୍ଚଳଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ଥିବାବେଳେ ଲୋକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି।

## ଓଡିଏମ୍ ପରିସରରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର,୫।୯ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଓଡିଏମ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଗୁରୁ ସମ୍ବର୍ଦ୍ଧନା ଉତ୍ସବ’ର ଆୟୋଜନ କରାଯାଇଥିଲା। ଭାରତୀୟ ସଂସ୍କୃତିରେ ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଗୁରୁବାର ପୂର୍ବତନ ରାଷ୍ଟ୍ରପତି,ଦାର୍ଶନିକ ତଥା ରାଷ୍ଟ୍ରଗୁରୁ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ ପାଳନ ହୋଇଥିଲା। ଏହି ଉପଲକ୍ଷେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ‘ଗୁରୁ ସମ୍ବର୍ଦ୍ଧନା ଉତ୍ସବ’ରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର (ଡ.) ପି.କେ.ଦାସ ଏବଂ ଡ. ଜ୍ୟୋତ୍ସ୍ନା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିଭଳି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ଡ.ମୀନକେତନ,ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଓଓ ସ୍ୱୟନ୍ ସତ୍ୟେନ୍ଦୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଗୁରୁପୂଜା ଓ ଗୁରୁବନ୍ଦନା କରିଥିଲେ। ଏପରିକି ପ୍ରାଚୀନ ଗୁରୁକୁଳ ରୀତିନୀତିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମୂଲ୍ୟବୋଧଭିତ୍ତିକ ସଙ୍ଗୀତ, ବକ୍ତୃତା, କବିତା ପଠନ, ଅଭିନୟ ଇତ୍ୟାଦି ପ୍ରଦର୍ଶନୀ କରାଯାଇଥିଲା। ଏହି ଅବସରରେ ଡ. ମୀନକେତନ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧକୁ ପ୍ରଶଂସା କରିଥିଲେ। ଗୁରୁଶିଷ୍ୟ ପରମ୍ପରାରେ ଆଜିର ଦିବସର ଅନେକ ମହତ୍ତ୍ୱ ରହିଛି ଏବଂ ଏହି ପରମ୍ପରା ସବୁଦିନ ପାଇଁ ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରୁଥିବ ବୋଲି ସେ ଉଦ୍‌ବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ‘ଗୁରୁଣାଂ ଗୁରୁ’ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରପକ୍ଷରେ ଡ. ମୀନକେତନ ବିଦ୍ୟାଳୟର ସମସ୍ତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଗୋଷ୍ଠୀ କୈନ୍ଦ୍ରିକ ଜଳବାୟୁ ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ

### ଆଇଡିଏଟ୍‌ର ୧୩ତମ ସଂସ୍କରଣ

ଭୁବନେଶ୍ୱର,୫।୯ (ଅଭୟ ଦାଶ)




ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ଭୁବନେଶ୍ୱର ଏକ ଘରୋଇ ହୋଟେଲରେ ‘ଆଇଡିଏଟ୍‌ର ୧୩ତମ ସଂସ୍କରଣ ଆୟୋଜିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଦସରା ସହଭାଗିତାରେ ବିଆଇପିଏଫ୍‌ର ବାର୍ଷିକ ସମ୍ମିଳନୀ (ଆଇଡିଏଟ୍-୨୦୨୪) ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ‘ଉତ୍କଳ ଉଦ୍ୟମ: ଜଳବାୟୁ ସ୍ଥାୟିତ୍ୱ ପାଇଁ ଗୋଷ୍ଠୀ କୈନ୍ଦ୍ରିକ ବିକାଶ’ ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଶେଷଜ୍ଞମାନେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆହ୍ୱାନଗୁଡ଼ିକର ସମାଧାନ ଓ ଜଳବାୟୁ ଅନୁକୂଳନ ଉପରେ ବିସ୍ତୃତ ଭାବେ ଗୁରୁତ୍ୱାରୋପ କରିଥିବାବେଳେ ତୃଣମୂଳସ୍ତରରେ ଲୋକମାନଙ୍କୁ ସଶକ୍ତ କରିବା ନିମନ୍ତେ ରୂପାନ୍ତରିତ ରଣନୀତିର ଅନ୍ୱେଷଣ ଏବଂ ବିଭିନ୍ନ କ୍ଷେତ୍ରରେ ଥିବା ନୀତି ପ୍ରସ୍ତୁତକର୍ତ୍ତା ଓ ନେତୃମଣ୍ଡଳୀକୁ ଏ ଦିଗରେ ବିଚାର କରିବାକୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିଛି।

ଏ ସମ୍ପର୍କରେ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ସିଇଓ ଶୈଫାଳିକା ପଣ୍ଡା ସ୍ୱାଗତ ଅଭିଭାଷଣ ସହ ଜଳବାୟୁ ସ୍ଥାୟିତ୍ୱ ପାଇଁ ଗୋଷ୍ଠୀ ଗଠନରେ ଅନ୍ତର୍ଭୁକ୍ତକାରୀ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ବୋଷ୍ଟନ୍ ୟୁନିଭର୍ସିଟି ଫର୍ ଗ୍ଲୋବାଲ ସଷ୍ଟେନେବିଲିଟିର ନିର୍ଦ୍ଦେଶକ ବେଞ୍ଜାମିନ ସୋଭାକୁଲ କହିଥିଲେ, ଏସିଆ ମହାଦେଶର ଲୋକମାନେ ପ୍ରକୃତି ଆଧାରିତ, ସଂସ୍ଥାଗତ ଓ ସୂଚନାତ୍ମକ ଜଳବାୟୁ ଅନୁକୂଳନର ନୂତନ ଓ ଅଭିନବ ସ୍ୱରୂପକୁ ସଞ୍ଚାଳିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ସେହିଭଳି ଏହି ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ରେନ୍‌ମେଟର ଫାଉଣ୍ଡେଶନର ସିଇଓ ସମୀର ସିସୋଡିଆ, ମାକଆର୍ଥର୍ ଫାଉଣ୍ଡେଶନ ଡେପୁଟି ଡାଇରେକ୍ଟର (ଭାରତ) ଜର୍ନେଲ ସିଂ, ସ୍କୋରାଟସ୍ ଫାଉଣ୍ଡେଶନର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦେବଜିତ୍ ମିତ୍ରା,ସମ୍ଭବର ସହ-ପ୍ରତିଷ୍ଠାତା ପଦ୍ମଶ୍ରୀ ସାବରମତି ଏବଂ ସମ୍ବାଦ ଗ୍ରୁପ୍‌ର ନିର୍ଦ୍ଦେଶିକା ତନ୍ମୟା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲାବେଳେ ଦସରା କ୍ଲାଇମେଟ୍ ରାଇଜ୍‌ର ନିର୍ଦ୍ଦେଶିକା ପର୍ନଶା ବାନାର୍ଜୀ ଏହି ଆଲୋଚନାଚକ୍ର ପରିଚାଳନା କରିଥିଲେ। ସେହିପରି ଏହି ଆଲୋଚନାଚକ୍ରର ୨ୟ ଅଧିବେଶନରେ ମହିଳା ହାଉସିଂ ଟ୍ରଷ୍ଟର ନିର୍ଦ୍ଦେଶିକା ବିଜଲ ବ୍ରହ୍ମଭଟ୍ଟ ଏବଂ ଜଳବାୟୁ ଚାମ୍ପିୟନ୍ ମଧୁସ୍ମିତା ପରିଡ଼ାଙ୍କ ମଧ୍ୟରେ ଜଳବାୟୁ ସ୍ଥାୟିତ୍ୱକୁ ନେଇ ଏକ ସରଗରମ ଆଲୋଚନା ହୋଇଥିଲାବେଳେ ୟୁଏନ୍‌ଡିପି ଇଣ୍ଡିଆ ଓଡ଼ିଶା କାର୍ଯ୍ୟାଳୟର ମୁଖ୍ୟ ଡ. ଆଭା ମିଶ୍ର ଉକ୍ତ ଆଲୋଚନାଚକ୍ର ପରିଚାଳନା କରିଥିଲେ।

# କପିଲ୍ ପରମାରଙ୍କୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ମ୍ୟାଚ୍‌ରେ ଭାରତର କପିଲ ପରମାର(ଧଳା ଜର୍ସି)।

## ଜୁଡୋରେ ଭାରତକୁ ପ୍ରଥମ ପାରାଲିମ୍ପିକ୍ସ ପଦକ

ପ୍ୟାରିସ୍,୫।୯(ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତୀୟ ପାରା ଜୁଡୋକା କପିଲ ପରମାର ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପ୍ଲେ ଅଫ୍ ଖେଳିବେ। ୬୦ କିଗ୍ରା ଓଜନ ବର୍ଗର ଜେ-୧ ଇଭେଣ୍ଟର ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ କପିଲ ୧୦- ବ୍ୟବଧାନରେ ବ୍ରାଜିଲର ଡି ଓଲିଭରେଙ୍କୁ ପରାସ୍ତ କରିଥିଲେ। ପ୍ରଥମ ଭାରତୀୟ ଜୁଡୋକା ଭାବରେ କପିଲ ଏକ ପାରାଲିମ୍ପିକ୍ସ ପଦକ ଜିତିବା ସହିତ ଇତିହାସ ରଚିଛନ୍ତି। ଭାରତୀୟ ଜୁଡୋକ ମାତ୍ର ୩୩ ସେକେଣ୍ଡର ସମୟ ନେଇ ସାମ୍ନା ଖେଳାଳିଙ୍କୁ ନକ୍‌ଆଉଟ କରିଥିଲେ। ପୂର୍ବରୁ କ୍ୱାର୍ଟର ଫାଇନାଲରେ କପିଲ ୧୦-୦ ବ୍ୟବଧାନରେ ଭେନେଜୁଲଏଲାର ଏମ୍‌ଡି ବ୍ଲାଙ୍କୋଙ୍କୁ ପରାସ୍ତ କରିଥିଲେ। ମାତ୍ର ସେମି ଫାଇନାଲରେ ଇରାନର ବନିଟାବା ଖୋରମ ଆବାଦି ସୟଦ ମେୟସାମଙ୍କ ଠାରୁ ୦-୧୦ରେ ପରାଜିତ ହେବା ସହିତ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଖେଳିଥିଲେ। ସେମି ଫାଇନାଲରେ କପିଲଙ୍କୁ ପରାସ୍ତ କରିଥିବା ଭେନେଜୁଲଏଲାର ଏମ୍‌ଡି ବ୍ଲାଙ୍କୋ ଫାଇନାଲରେ ଇଣ୍ଡୋନେସିଆର ଜୁନେଦିଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହାକୁ ମିଶାଇ ଚଳିତ ପାରାଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୫ ଛୁଇଁଛି। ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସହ ଭାରତ ମେଡାଲ ଟେବୁଲର ୧୪ ତମ ସ୍ଥାନରେ ରହିଛି।

# ୧୦୦ ମିଟରରେ ସିମରନ୍ ଚତୁର୍ଥ

ପ୍ୟାରିସ୍, ୫।୯ (ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସରେ ଗୁରୁବାର ମହିଳା ଟି୧୨ ବର୍ଗର ୧୦୦ ମିଟର ଇଭେଣ୍ଟ ଫାଇନାଲରେ ମାତ୍ର ୫ ସେକେଣ୍ଡ ପାଇଁ ପଦକ ହରାଇଛନ୍ତି ଭାରତର ସିମରନ୍। ସେ ଫାଇନାଲରେ ୧୨.୩୧ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ପୂର୍ବରୁ ସେମି ଫାଇନାଲରେ ୧୨.୩୩ ସେକେଣ୍ଡର ଟାଇମିଂ ହାସଲ କରିଥିଲେ ସିମରନ୍। ବିଶ୍ୱ ଚାମ୍ପିୟନ ରହି ସାରିଥିବା ୨୪ ବର୍ଷୀୟା ସିମରନ୍‌ଙ୍କ ଗାଇଡ୍ ଭାବରେ ଅଭୟ ସିଂ ଦୌଡିଥିଲେ। କ୍ୟୁବାର ଓମାରା ଏଲିଆସ ଡୁରାଣ୍ଡ୧୧.୮୧ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିଛନ୍ତି। ୟୁକ୍ରେନର ଓକସାନା ବୋଟରଚୁକ ୧୨.୧୭ ସେକେଣ୍ଡର ଟାଇମିଂ ସହ ରୌପ୍ୟ ଓ ଜର୍ମାନୀର କାଟରିନ୍ ରୋଟଗାର୍ଡ ମୁଲର ୧୨.୨୬ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓ ସେମି ଫାଇନାଲ -୨ରେ ହାସଲ କରିଥିଲେ। ବୁଧବାର ହିଟ୍ସରେ ସିମରନ୍ ଚଳିତ ସିଜନର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହିତ ୧୨.୧୭ ସେକେଣ୍ଡର ଟାଇମିଂ ହାସଲ କରିଥିଲେ।



ଗାଇଡ୍ ଅଭୟ ସିଂଙ୍କ ସହିତ ସିମରନ୍।

## ବ୍ରୋଞ୍ଜ ପ୍ଲେ ଅଫ ହାରିଲା ରିକର୍ଭ ଆର୍ଚେରୀ ଦଳ

ହରବିନ୍ଦର ସିଂ ଓ ପୂଜାଙ୍କୁ ନେଇ ଖେଳୁଥିବା ଭାରତୀୟ ମିକ୍ସଡ ରିକର୍ଭ ଆର୍ଚେରୀ ଦଳ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛି। ପ୍ଲେ ଅଫ୍‌ରେ ସ୍ଲୋଭେନିଆ ନିକଟରୁ ଶୁଟ୍ ଅଫ୍‌ରେ ହାରିବା ସହ ଭାରତ ପଦକରୁ ବଞ୍ଚିତ ରହିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୪-୪ରେ ରହିଥିଲା। ଶୁଟ୍‌ଅଫ୍‌ରେ ଭାରତ ୧୭ ପଏଣ୍ଟ ସ୍କୋର କରିଥିବା ବେଳେ ସ୍ଲୋଭେନିଆ ୧୯ ପଏଣ୍ଟ ସ୍କୋର କରିଥିଲା। ପୂର୍ବରୁ ସେମି ଫାଇନାଲରେ ଭାରତ ଇଟାଲୀ ନିକଟରୁ ୬-୨ରେ ପରାଜିତ ହୋଇଥିଲା। ଭାରତୀୟ ଦଳ ଶୁଟ୍ ଅଫ୍‌ରେ ୧୫-୫ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି କ୍ୱାର୍ଟରରେ ପହଞ୍ଚିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୪-୪ରେ ରହିଥିଲା। ପ୍ରଥମ ଭାରତୀୟ ଭାବରେ ଏକ ଆର୍ଚେରୀ ସ୍ୱର୍ଣ୍ଣ ଜିତିଥିବା ହରବିନ୍ଦର ଶୁଟ ଅଫ୍‌ରେ ଚମତ୍କାର ପ୍ରଦର୍ଶନ କରି ୯ ପଏଣ୍ଟ ସ୍କୋର କରିଥିଲେ। ପୂଜା ୬ ପଏଣ୍ଟ ସ୍କୋର କରିଥିବା ବେଳେ ଅଷ୍ଟ୍ରେଲିଆର ଖେଳାଳି ମାତ୍ର ୫ ପଏଣ୍ଟ ସ୍କୋର କରିଥିଲେ। ଗୋଟିଏ ଦିନ ପୂର୍ବରୁ ଇତିହାସ ସୃଷ୍ଟି କରିଥିବା ହରବିନ୍ଦର ଚମତ୍କାର ପ୍ରଦର୍ଶନ କରିବା ସହ ଭାରତକୁ ୪-୦ରେ ଆଗୁଆ କରିଥିଲେ। ପ୍ରଥମ ୨ ସେଟରେ ଭାରତ ଯଥାକ୍ରମେ ୩୧-୧୮ ଓ ୩୫-୨୪ରେ ବିଜୟୀ ହୋଇଥିଲା। ତେବେ ପରବର୍ତ୍ତୀ ୨ ରାଉଣ୍ଡରେ ଅଷ୍ଟ୍ରେଲିଆ ୨୭-୩୩ ଓ ୨୪-୩୩ରେ ବିଜୟୀ ହେବା ଫଳରେ ମ୍ୟାଚ୍ ଶୁଟ୍ ଅଫ୍‌କୁ ଯାଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ପୋଲାଣ୍ଡକୁ ଏକପାଖିଆ ଭାବରେ ୬-୦ରେ ହରାଇଥିଲା। ହରିୟାଣାର ଏକ କୃଷକ ପରିବାରରୁ ଆସୁଥିବା ହରବିନ୍ଦର ମାତ୍ର ଦେଢ଼ ବର୍ଷର ହୋଇଥିବା ବେଳେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ତେବେ ମେଡିସିନ୍‌ର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ତାଙ୍କ ଗୋଡ଼ରେ ସମସ୍ୟା ଦେଖାଦେଇଥିଲା। ଭାରତୀୟ ମହିଳା ଜୁଡୋକା କୋକିଳା ରିପିଚେଜ ରାଉଣ୍ଡରେ ହାରିବା ସହ ପଦକ ଦୌଡ଼ରୁ ବାଦ ପଡ଼ିଛନ୍ତି। କ୍ୱାର୍ଟର ଫାଇନାଲରେ କାଜାଖସ୍ତାନର ଆକମାରା ନୌଟାବେକଙ୍କଠାରୁ ୧୦-୦ରେ ହାରିଥିଲେ କୋକିଳା। ନୌଟାବେକ ଫାଇନାଲରେ ପହଞ୍ଚିବା ପରେ କୋକିଳାଙ୍କୁ ରିପିଚେଜ୍‌ରେ ସୁଯୋଗ ମିଳିଥିଲା। ମାତ୍ର ରିପିଚେଜ୍‌ର ପ୍ରଥମ ରାଉଣ୍ଡରେ ୟୁକ୍ରେନର ୟୁଲିଆ ଇଭାନିଟ୍‌ସକାଙ୍କଠାରୁ ୧୦-୦ରେ ହାରି ବିଦାୟ ନେଇଥିଲେ କୋକିଳା।

# ମାହିତଙ୍କୁ ସ୍ୱର୍ଣ୍ଣ, ଅଭିନବଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୫।୯ (ପି.ଟି.)

## ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍

ଜର୍ମାନୀର ହାନୋଭରଠାରେ ଚାଲିଥିବା ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍‌ର ୫ମ ଦିବସରେ ଭାରତୀୟ ପ୍ରତିଯୋଗୀ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଜିତିବାରେ ସଫଳ ହୋଇଛନ୍ତି। ମହିଳା ୫୦ ମିଟର ରାଇଫଲ ପ୍ରୋନ୍ ଇଭେଣ୍ଟରେ ମାହିତ ସାନ୍ଧୁ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ପୁରୁଷ ୨୫ମିଟର ପିସ୍ତଲରେ ଅଭିନବ ଦେଶୱାଲ ରୌପ୍ୟ ପାଇଛନ୍ତି। ଏହି ଦୁଇ ପଦକ ସହ ଚାମ୍ପିୟନଶିପ୍‌ରେ ଭାରତର ପଦକ ସଂଖ୍ୟା ୧୫ (୪ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ)କୁ ବୃଦ୍ଧି ପାଇଛି। ଚଳିତ ସଂସ୍କରଣରେ ସାନ୍ଧୁଙ୍କର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ହୋଇଥିବା ବେଳେ ମୋଟ ଉପରେ ତୃତୀୟ ପଦକ। ପୂର୍ବରୁ ଏହି ମହିଳା ଶୁଟର ମିକ୍ସଡ ୧୦ ମିଟର ଏୟାର ରାଇଫଲରେ ଧନୁଶ ଶ୍ରୀକାନ୍ତଙ୍କ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ଜିତିଥିଲେ। ଫାଇନାଲରେ ସେ ହଙ୍ଗେରୀର ମୀରା ବାଏତୋଭସ୍କିଙ୍କଠାରୁ ୨.୨ ଅଧିକ ୨୪୭.୪ ଶଟ୍ କରିଥିଲେ। କ୍ୱାଲିଫାଇଂରେ ଏହି ଭାରତୀୟ ଶୁଟର ୬୧୭.୮ ସ୍କୋର ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟ ଜଣେ ଭାରତୀୟ ଶୁଟର ନାତାଶ ଯୋଶି ଫାଇନାଲରେ ୭ମ ହୋଇଥିଲେ। ଅନ୍ୟପକ୍ଷରେ ଦେଶୱାଲ ଫାଇନାଲ ସିରିଜରେ ୟୁକ୍ରେନର ଓଲେକ୍‌ସାଣ୍ଡର କୋଲୋଡିଙ୍କଠାରୁ ମାତ୍ର ୧ ପଏଣ୍ଟ ବ୍ୟବଧାନରେ ପଛରେ ପଡ଼ି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଅନ୍ୟ ଭାରତୀୟ ଶୁଟରମାନଙ୍କ ମଧ୍ୟରେ ଶୁଭମ ଭଶିଟ୍ ଓ ଚେତନ ସାପ୍‌କାଲ ଯଥାକ୍ରମେ ୫ମ ଓ ୭ମରେ ରହିଥିଲେ। ଦେଶୱାଲ ପୂର୍ବରୁ ବ୍ୟକ୍ତିଗତ ୧୦ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ, ମିକ୍ସଡ ଓ ଟିମ୍ ଇଭେଣ୍ଟଗୁଡ଼ିକରେ ରୌପ୍ୟ ଜିତିଛନ୍ତି।



ସ୍ୱର୍ଣ୍ଣ ପଦକ ସହ ଭାରତର ମାହିତ ସାନ୍ଧୁ (ମଝି)।

# ଭାରତରେ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ

**ନୂଆଦିଲ୍ଲୀ, ୫।୯ (ପି.ଟି.):** ଆଫଗାନିସ୍ତାନ ବିପକ୍ଷରେ ଏକ ମାତ୍ର ଟେଷ୍ଟ ମ୍ୟାଚ ଖେଳିବା ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଗୁରୁବାର ଏଠାରେ ପହଞ୍ଚିଛି। ଏହି ମ୍ୟାଚ ସେପ୍ଟେମ୍ବର ୯ରେ ଗ୍ରେଟର ନଏଡାସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଖେଳାଯିବ। ଦୁଇ ଦେଶ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ମ୍ୟାଚ। ଆଫଗାନିସ୍ତାନ ବିପକ୍ଷରେ ଆଫଗାନିସ୍ତାନ ଏକ ଶକ୍ତିଶାଳୀ ଦଳ ମନୋନୀତ କରିଛି। ଭେଟେରାନ ପେସ୍ ବୋଲର ଟିମ୍ ସୌଦିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯାଇଥିବା କେନ୍ ୱିଲିୟମସନ ଦଳରେ ସ୍ଥାନ ପାଇଛନ୍ତି। ଟମ୍ ଲଥାମ ପୂର୍ବଭଳି ଉପ ଅଧିନାୟକ ରହିବେ। ଏହାଛଡ଼ା ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ ଓ ରାଚିନ ରବୀନ୍ଦ୍ର ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ମାଇକେଲ ବ୍ରେସ୍‌ୱେଲ, ମିଚେଲ ସାଣ୍ଟନର, ଏଜାଜ ପଟେଲ ଏବଂ ପାର୍ଟ ଟାଇମର ଫିଲିପ୍ସ ଓ ରବୀନ୍ଦ୍ରଙ୍କ ପରି ୫ ସ୍ପିନର ଏହି ଦଳରେ ଅଛନ୍ତି। ଭ୍ରମଣକାରୀ ଦଳ ଶୁକ୍ରବାର ଅଭ୍ୟାସ ଆରମ୍ଭ କରିବ। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଖେଳି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) କ୍ୟାଲେଣ୍ଡରର ଅଂଶବିଶେଷ ସ୍ୱରୂପ ଆଗକୁ ଶ୍ରୀଲଙ୍କା ବିପକ୍ଷରେ ଖେଳିବାକୁ ଥିବା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ ନିଜକୁ ପ୍ରସ୍ତୁତ କରିବ। ଶ୍ରୀଲଙ୍କା ଟୁର୍ ଶେଷ ପରେ ନ୍ୟୁଜିଲାଣ୍ଡ ଭାରତ ପ୍ରତ୍ୟାବର୍ତ୍ତନ କରି ରୋହିତ ଶର୍ମାଙ୍କ ଦଳ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହି ସିରିଜ ମଧ୍ୟ ଡବ୍ଲ୍ୟୁଟିସି କ୍ୟାଲେଣ୍ଡରର ଏକ ଅଂଶ ବିଶେଷ। ଏହି ତିନୋଟିଯାକ ମ୍ୟାଚ ଅକ୍ଟୋବର ଓ ନଭେମ୍ବରରେ ବେଙ୍ଗାଲୁରୁ, ପୁଣେ ଓ ମୁମ୍ବାଇରେ ଖେଳାଯିବ।



ପ୍ୟାରିସ୍ ପାରାଲିମ୍ପିକ୍ସର ମହିଳା ଏଚ୍-୫ ବର୍ଗର ରୋଡ୍ ରେସ୍ ଚାମ୍ପିୟନ ଆମେରିକାର ଓକ୍‌ସାନା ମାଷ୍ଟର୍ସ।

# ବିସିସିଆଇ ବାର୍ଷିକ ସାଧାରଣ ଅଧିବେଶନ ୨୯ରେ

ବେଙ୍ଗାଲୁରୁ, ୫।୯ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୩ତମ ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍) ଏଠାରେ ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ହେବ। ଏହି ହାଇ ପ୍ରୋଫାଇଲ ସମିଟ୍ ବୋର୍ଡର ନୂଆ ସମ୍ପାଦକ ନିର୍ବାଚନ ଅନୁଷ୍ଠିତ ହେବନାହିଁ। ତେବେ ବୋର୍ଡର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସହର ଉପକଣ୍ଠରେ ନୂଆ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଉଦ୍‌ଘାଟନୀ ହୋଇପାରେ। ବର୍ତ୍ତମାନ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏନ୍‌ସିଏ ଦୁଇ ଦଶନ୍ଧି ହେଲା କାର୍ଯ୍ୟକରି ଆସୁଛି। ଏଜିଏମ୍‌ରେ ବିସିସିଆଇର ନୂଆ ସମ୍ପାଦକ ନିର୍ବାଚିତ ହେବେ ନାହିଁ। ଏଥିପାଇଁ ସ୍ୱତନ୍ତ୍ର ସାଧାରଣ ବୈଠକ କେବେ ବସିବ ସେଥିପାଇଁ ଏଠାରେ ଦିନ ଧାର୍ଯ୍ୟ ହେବ। ଜୟ ଶାହା ସର୍ବସମ୍ମତି କ୍ରମେ ଆଇସିସି ଚେୟାରମ୍ୟାନ ନିର୍ବାଚିତ ହୋଇ ସାରିଥିବାରୁ ତାଙ୍କ ସ୍ଥାନରେ ନୂଆ ସମ୍ପାଦକ ନିର୍ବାଚିତ କରିବା ବାଧ୍ୟତାମୂଳକ। ଶାହା ଡିସେମ୍ବର ୧ରୁ ନୂଆ କାର୍ଯ୍ୟାଳୟରେ ଯୋଗଦେବାକୁ ଥିବାରୁ ସେ ପର୍ଯ୍ୟନ୍ତ ବିସିସିଆଇ ସମ୍ପାଦକ ଭାବେ କାର୍ଯ୍ୟ ସମ୍ପାଦନ କରିପାରିବେ। ବୈଠକରେ ୧୮ଟି ଏଜେଣ୍ଡା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏ ବିଷୟରେ ପୂର୍ବରୁ ରାଜ୍ୟ ଆସୋସିଏଶନଗୁଡ଼ିକୁ ଚିଠି କରାଯାଇଛି।

# ମୁଶିର ଖାନ୍‌ଙ୍କ ଶତକ




## ଦୁଲୀପ ଟ୍ରଫି

ବେଙ୍ଗାଲୁରୁ, ୫।୯ (ପି.ଟି.)

ଚାରି ଦିନିଆ ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଠାରେ ଭାରତ 'ଏ' ବିପକ୍ଷ ମ୍ୟାଚରେ ମୁଶିର ଖାନ୍‌ଙ୍କୁ ଅପରାଜିତ ଶତକ ସହାୟତାରେ ଭାରତ 'ବି' ୭ ଉଇକେଟ ବିନିମୟରେ ୨୦୨ ରନ କରିଛି। ରିଷଭ ପନ୍ତ ୧୦ଟି ବଲ୍ ଖେଳିପାରିଥିଲେ। ଭାରତ 'ବି' ଦଳ ଏକଦା ୯୪ ସ୍କୋରରେ ଏହାର ୭ ଉଇକେଟ ହରାଇ ସାରିଥିଲା। ମାତ୍ର ୮ମ ଉଇକେଟରେ ମୁଶିର (୧୦୫ ନଟଆଉଟ, ୨୨୭ ବଲ୍, ୧୦ ଚୌକା, ୨ ଛକା) ଓ ନବଦୀପ ସଇନୀ (୨୯ ନଟଆଉଟ) ୮ମ ଉଇକେଟରେ ଅପରାଜିତ ୧୦୮ ରନ ଯୋଗ କରି ସେମାନଙ୍କ ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ମେଘୁଆ ପାଗ ଯୋଗୁ 'ଏ' ଦଳର ଅଧିନାୟକ ଶୁବମନ ଗିଲ୍ ପ୍ରଥମେ ବୋଲିଂ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ମୁଶିରଙ୍କ ବୟସ ହେଉଛି ମାତ୍ର ୧୯ ବର୍ଷ। ସର୍ଫରାଜ ଖାନ୍(୯)ଙ୍କ ସେ ସାନ ଭାଇ। ୧୪ତମ ଓଭରରେ ଅଭିମନ୍ୟୁ ଈଶ୍ୱରନଙ୍କ ଉଇକେଟ ପତନ ପରେ ପରେ ୩ନମ୍ବର ସ୍ଥାନରେ ଏହି ଡାହାଣହାତୀ ବ୍ୟାଟର ବ୍ୟାଟିଂ କରିବାକୁ ଆସିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ବି': ୭୯ ଓଭରରେ ୨୦୨/୭ (ଯଶସ୍ୱୀ ଜୟସ୍ୱାଲ-୩୦, ମୁଶିର ଖାନ୍-୧୦୫*; ଖଲିଲ ଅହମ୍ମଦ-୨/୩୯, ଆକାଶଦୀପ-୨/୨୮, ଆଭେଶ ଖାନ୍-୨/୪୨)।

## ଅକ୍ଷର ପଟେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ

**ଅନନ୍ତପୁର, ୫।୯ (ପି.ଟି.):** ଭାରତ 'ସି' ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚରେ ଅକ୍ଷର ପଟେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଦେଖିବାକୁ ମିଳିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୁପ୍ 'ଡି' ଏକଦା ୪୮ ରନ ସ୍କୋରରେ ଏହାର ୬ ଉଇକେଟ ହରାଇ ବସିଥିଲା। ୭ନମ୍ବର ସ୍ଥାନରେ ଆସିଥିବା ଅକ୍ଷର ଆକ୍ରମଣାତ୍ମକ ଖେଳିବା ପୂର୍ବରୁ ପ୍ରଥମେ ସତର୍କତାର ସହିତ ବ୍ୟାଟିଂ ଆରମ୍ଭ କରିଥିଲେ। ସେ ୧୧୮ ବଲ୍‌ରୁ ୮୬ ରନ ସଂଗ୍ରହ କରିଥିଲେ। ଭାରତ 'ଡି' ୪୮. ୩ ଓଭରରେ ୧୬୪ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ 'ସି' ପ୍ରଥମ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ୪ ଉଇକେଟ ବିନିମୟରେ ୯୧ ରନ କରିଛି। ଟପ୍ ସ୍କୋରର ଅକ୍ଷର ବୋଲିଂରେ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ': ୪୮. ୩ ଓଭରରେ ୧୬୪/ଅଲଆଉଟ (ଅକ୍ଷର ପଟେଲ-୮୬; ବିଜୟ କୁମାର ବ୍ୟଶକ (୩/୧୯)। ଭାରତ 'ସି': ୩୩ ଓଭରରେ ୯୧/୪ (ଅଭିଷେକ ପୋରେଲ-୩୨*; ଅକ୍ଷର ପଟେଲ-୨/୧୬)।

# ଏମ୍‌ଜିଏମ୍ ଫାଓ ପ୍ରଥମ ଡିଭିଜନ ଲିଗ୍ ଉଦ୍‌ଯାପିତ

ଭୁବନେଶ୍ୱର, ୫।୯ (ବିଜୟ ରଣା)

କଟକରେ ଏମ୍‌ଜିଏମ୍ ଫାଓ (ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା) ପ୍ରଥମ ଡିଭିଜନ ଲିଗ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡାଇମଣ୍ଡ ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ, ଗୋଲ୍ଡ ଗ୍ରୁପ୍‌ର ଶ୍ରେଷ୍ଠ ୩ ଦଳ ଏବଂ ସିଲ୍‌ଭର ଦଳର ଚାମ୍ପିୟନ ଦଳ ସଫଳତାର ସହିତ ଏମ୍‌ଜିଏମ୍ ଫାଓ ସୁପର କପ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଦଳଗୁଡ଼ିକ ହେଲେ ଡାଇମଣ୍ଡ ଗ୍ରୁପ୍‌ରୁ ସନରାଇଜ କ୍ଲବ, ରୋଭର୍ସ କ୍ଲବ, ରାଧାରମଣ କ୍ଲବ ଓ ସ୍ପୋର୍ଟ୍ସ ଓଡ଼ିଶା, ଗୋଲ୍ଡରୁ କିଶୋର କ୍ଲବ, ମଙ୍ଗଳା କ୍ଲବ ଓ ଓଡ଼ିଶା ପୋଲିସ ଏବଂ ସିଲ୍‌ଭରରୁ ଜୁନିୟର ଗାଲାଣ୍ଟ କ୍ଲବ। ଏମ୍‌ଜିଏମ୍ ଫାଓ ସୁପର ସୁପର କପ୍ ୨୦୨୪ ଚଳିତ ମାସ ୧୩ ତାରିଖରୁ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଗୁରୁବାର ପ୍ରଥମ ମ୍ୟାଚ ସିଲ୍‌ଭର ଗ୍ରୁପ୍‌ର ରିଲିଗେଶନ ମ୍ୟାଚ ଆଜାଦ ହିନ୍ଦ କ୍ଲବ ଓ ଟାଉନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଉନ କ୍ଲବ ୭-୩ ଗୋଲ୍‌ରେ ବିଜୟ ଲାଭ କରିଥିବା ବେଳେ ପରାଜିତ ଆଜାଦ ହିନ୍ଦ କ୍ଲବ ଦ୍ୱିତୀୟ ଡିଭିଜନ ଲିଗ୍‌କୁ ଖସିଥିଲା। ପରେ ଖେଳାଯାଇଥିବା ସିଲ୍‌ଭର ଗ୍ରୁପ୍‌ର ଫାଇନାଲ ମ୍ୟାଚରେ ଜୁନିୟର ଗାଲାଣ୍ଟ କ୍ଲବ ୬-୧ ଗୋଲ୍‌ରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।



ଫାଓ ଲିଗ୍ ସିଲ୍‌ଭର ଚାମ୍ପିୟନ ଜୁନିୟର ଗାଲାଣ୍ଟ କ୍ଲବ୍।

# ଟାଇମ୍ ଟ୍ରାଏଲ୍ ସ୍ୱର୍ଣ୍ଣ ଉତ୍ସାହିତ କରିଛି: ସ୍ୱସ୍ତି

**ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବାରେ ଅର୍ଦ୍ଧଶତକ ପୂରଣ କରିଛନ୍ତି ଓଡ଼ିଶାର ତାରକା ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ଅମୃତସରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍‌ର ମହିଳା ୨୦କି.ମି. ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ଶ୍ରେଷ୍ଠ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ତାଙ୍କୁ ଖୁବ୍ ଆନନ୍ଦ ଦେଇଛି ବୋଲି ସେ ପ୍ରକାଶ କରିଛନ୍ତି।**

–ପ୍ରସ୍ତୁତି: ତପନ ସ୍ୱାଇଁ



ପଞ୍ଜାବ ଅମୃତସରର ଅଟାରିରେ ଅନୁଷ୍ଠିତ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ (ରୋଡ୍ ଇଭେଣ୍ଟ–ନର୍ଥଜୋନ୍)ରେ ଚମକ ଦେଖାଇଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। ୨ ଦିନବିଶିଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଛନ୍ତି। ତେବେ ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ଏଲିଟ୍ ମହିଳା ୨୦ କିଲୋମିଟର ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ସ୍ୱର୍ଣ୍ଣ ପଦକ ତାଙ୍କୁ ଖୁବ୍ ଆନନ୍ଦ ଦେଇଛି। କାରଣ ସେ ଏଥିରେ ବେଷ୍ଟ ଟାଇମ୍ ଦେବାରେ ସକ୍ଷମ ହୋଇଥିଲେ ବୋଲି ସମ୍ପ୍ରତି ପଞ୍ଜାବରେ ଟ୍ରେନିଂ ନେଉଥିବା ସ୍ୱସ୍ତି ପ୍ରକାଶ କରିଛନ୍ତି। ସେ ୨୭:୧୧.୧୯୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ୨୩ ବର୍ଷୀୟା ସ୍ୱସ୍ତିଙ୍କ ପାଇଁ ଚଳିତ ବର୍ଷ ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି ଏହି ଓଡ଼ିଶା ସାଇକ୍ଲିଷ୍ଟ। ୪୦ କିଲୋମିଟର ମାସ–ଷ୍ଟାର୍ଟ ଇଭେଣ୍ଟରେ ସେ ଯଦିଓ ସ୍ୱର୍ଣ୍ଣ ପଦକ ଜିତି ନାହାନ୍ତି ତେବେ କ୍ୟାରିୟରର ୫୦ (ଜାତୀୟ/ଅନ୍ତର୍ଜାତୀୟ) ପଦକ ପୂରଣ କରି ଏକ ବିରଳ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। କ୍ୟାରିୟରରେ ଏପର୍ଯ୍ୟନ୍ତ ୬ଟି ଅନ୍ତର୍ଜାତୀୟ ପଦକ ଜିତି ସାରିଥିବା ସ୍ୱସ୍ତି ୪୦ କିଲୋମିଟର ମାସ–ଷ୍ଟାର୍ଟ ଇଭେଣ୍ଟରେ ରୌପ୍ୟ ପଦକ ସହ ଜାତୀୟ ଚାମ୍ପିୟନଶିପ୍, ଜାତୀୟ କ୍ରୀଡ଼ା, ଖେଲୋ ଇଣ୍ଡିଆ ମହିଳା ଲିଗ୍ ଏବଂ ସର୍ବଭାରତୀୟ ପ୍ରତିଯୋଗିତାଗୁଡ଼ିକରେ ପଦକ ହାସଲରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ୨୦୧୫ରୁ ତାଙ୍କର ଆରମ୍ଭ ହୋଇଥିବା ଯାତ୍ରା ଏବେ ମଧ୍ୟ ଅବ୍ୟାହତ ରହିଛି। ଆହୁରି ବହୁ ଆଗକୁ ଯିବାକୁ ଲକ୍ଷ୍ୟ ରହିଛି। ବିଶେଷ କରି ଅନ୍ତର୍ଜାତୀୟ ପ୍ରତିଯୋଗିତା ଗୁଡ଼ିକରେ କିପରି ପ୍ରଦର୍ଶନ ଭଲ ହୋଇପାରିବ ତା' ଉପରେ ବିଶେଷ ଧ୍ୟାନ ଦେଉଛି ବୋଲି ସ୍ୱସ୍ତି କହିଛନ୍ତି।

ରାଉରକେଲା ସାଇକ୍ଲିଷ୍ଟ ସ୍ୱସ୍ତି ସମ୍ପ୍ରତି ପଟିଆଲାସ୍ଥିତ ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ନୂଆ କୋଚ୍ ଜୋଗିନ୍ଦର ସିଂଙ୍କ ନିକଟରୁ ଟ୍ରେନିଂ ନେଉଛନ୍ତି। ଏହା ପୂର୍ବରୁ ସେ ସିନୟର କୋଚ୍ ଭି.ଏନ. ସିଂଙ୍କ ନିକଟରୁ ଟ୍ରେନିଂ ନେଉଥିଲେ। ଓଡ଼ିଶାର ପ୍ରତିଷ୍ଠିତ କୋଚ୍ ସୁଶୀଲ ଦାସ ତାଙ୍କ ପ୍ରତିଭାକୁ ଠାବ ଏବଂ ବିକଶିତ କରାଇଥିଲେ। ତାଙ୍କ ଦିଗ୍‌ଦର୍ଶନରେ ସାଇକେଲ ଧରିଥିବା ସ୍ୱସ୍ତି ଏବେ ଜାତୀୟ ଓ ଅନ୍ତର୍ଜାତୀୟ ଦୃଶ୍ୟପଟରେ ଏକ ପରିଚିତ ନାମ ପାଲଟି ଯାଇଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ୱସ୍ତିଙ୍କ ମା' ହେଉଛନ୍ତି ଉମା ଦେବୀ ଓ ବାପା ଅମର ସିଂ। ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ସାଇକ୍ଲିଂ ଜୀବନ ୨୦୧୫ ନଭେମ୍ବରରେ ଆରମ୍ଭ ହୋଇଥିଲା। ସେହିବର୍ଷ କଟକର ଡ୍ରିମ୍ସରେ ଅନୁଷ୍ଠିତ ୩୮ତମ ଟ୍ରାକ୍ ସାଇକ୍ଲିଂ ରାଜ୍ୟ ମିଟ୍‌ରେ ଭାଗ ନେବାପାଇଁ ସେ ନିଜ ସ୍କୁଲ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି) ପକ୍ଷରୁ ମନୋନୀତ ହୋଇଥିଲେ। ରାଜ୍ୟ ମିଟ୍ ପାଇଁ ସ୍ୱସ୍ତି ଯୋଗ୍ୟତା ଅର୍ଜନ କଲେ ଏବଂ ସେଠାରେ ସେ ୪ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ମାତ୍ର କିଛି ସପ୍ତାହର ଅଭ୍ୟାସ ମଧ୍ୟରେ ଏପରି ସଫଳତା ସ୍ୱସ୍ତିଙ୍କୁ ସାହସ ଓ ପ୍ରେରଣା ଯୋଗାଇଥିଲା। ୨୦୧୬ରେ ଜାତୀୟ ସ୍ତରରେ ପାଦ ଦେଇଥିଲେ ହେଁ ସ୍ୱସ୍ତିଙ୍କ ପ୍ରଥମ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ଆସିଥିଲା ୨୦୧୮ରେ। ଏହି ବର୍ଷ ଜାନୁୟାରୀ ୨ରୁ ୬ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ସ୍ୱସ୍ତି। ୨୦୧୮ରେ ମଧ୍ୟ ସେ ପ୍ରଥମ ଅନ୍ତର୍ଜାତୀୟ ସଫଳତା ପାଇଥିଲେ। ନୂଆଦିଲ୍ଲୀରେ ଅନୁଷ୍ଠିତ ୫ମ ଏସିଆନ କପ୍ ଟ୍ରାକ୍ ସାଇକ୍ଲିଂର ଜୁନିୟର ମହିଳା ୨ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଇତିମଧ୍ୟରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ବେଷ୍ଟ ସ୍ପୋର୍ଟ୍ସପର୍ସନ ଓ ଏକଲବ୍ୟ ପୁରସ୍କାର ପାଇ ସାରିଥିବା ସ୍ୱସ୍ତି ଚଳିତ ବର୍ଷ ମେ'ରେ ଓଡ଼ିଶା ମାଇନିଂ କର୍ପୋରେଶନରେ ଆସିଷ୍ଟାଣ୍ଟ ମ୍ୟାନେଜରଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି।

**ସଂକ୍ଷେପରେ...**

ନାମ: ସ୍ୱସ୍ତି ସିଂ
ଜନ୍ମ: ୧୬ ମେ' ୨୦୦୧
ମା': ଉମା ଦେବୀ, ବାପା: ଅମର ସିଂ
ଘର: ରାଉରକେଲା, ସୁନ୍ଦରଗଡ଼
ବର୍ତ୍ତମାନର ଟ୍ରେନିଂ ସ୍ଥାନ: ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି, ପଟିଆଲା
କୋଚ୍: ସୁଶୀଲ କୁମାର ଦାସ, ଭି.ଏସ୍. ସିଂ, ଯୋଗିନ୍ଦର ସିଂ



# ଗମ୍ଭୀରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ



ନିର୍ମଳ କୁମାର ମିଶ୍ର

**ଜୁଲାଇ ୨୦୨୪ରୁ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ ରହିବେ ଗୌତମ ଗମ୍ଭୀର। ଏହାମଧ୍ୟରେ ଭାରତ ୪ଟି ଆଇସିସି ଟ୍ରଫି ଖେଳିବ। ଚାମ୍ପିୟନ୍ସ ଟ୍ରଫି, ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ, ୨୦୨୬ରେ ଟି୨୦ ବିଶ୍ୱକପ ଏବଂ ୨୦୨୭ରେ ଏକଦିବସୀୟ ବିଶ୍ୱକପ। ଏହା ବ୍ୟତୀତ ଏକାଧିକ ଦ୍ୱିପାକ୍ଷିକ ସିରିଜ ଓ ଏସିଆ କପ କ୍ରିକେଟରେ ଦଳର ଭଲ ପ୍ରଦର୍ଶନ ଗମ୍ଭୀରଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ।**

ଦୀର୍ଘ ୧୧ବର୍ଷ ପରେ କ୍ରିକେଟର ୩ଟି ଫର୍ମାଟ୍‌ରେ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟି୨୦ ବିଶ୍ୱକପ ଜିତିଲା ଭାରତୀୟ ଦଳ। ଦୀର୍ଘ ଦିନର ସ୍ୱପ୍ନ ସାର୍ଥକ ହେଲା। ଏଥି ମଧ୍ୟରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଭାରତୀୟ ଦଳର ପୂର୍ବତନ ଓପନର ଗୌତମ ଗମ୍ଭୀରଙ୍କ ଉପରେ ନ୍ୟସ୍ତ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ। ମୁଖ୍ୟ କୋଚ୍ ରେସ୍‌ରେ କେତେଜଣ ବିଦେଶୀ ଖେଳାଳି ରହିଥିଲେ ମଧ୍ୟ ସମସ୍ତଙ୍କୁ ପଛରେ ପକାଇ ଅନେକ ସର୍ତ୍ତ ସହ ଭାରତୀୟ ଦଳର ମଙ୍ଗ ଧରିଛନ୍ତି ଗମ୍ଭୀର। ମୁଖ୍ୟକୋଚ ରୂପେ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିବ। ଶ୍ରୀଲଙ୍କା ବିପକ୍ଷ ଟି୨୦ ଓ ଏକଦିବସୀୟ ସିରିଜର ସେ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଏହି ସିରିଜ ସେତେଟା ଭଲ ଅନୁଭୂତି ଦେଇନାହିଁ। ଯଦିଓ ଭାରତୀୟ ଯୁବ ଦଳ ଟି୨୦ ସିରିଜକୁ କ୍ଲିନ ସୁଇପ କରିଛି ମାତ୍ର ଦୀର୍ଘ ୨୭ ବର୍ଷ ପରେ ଖରାପ ଫର୍ମରେ ଥିବା ଶ୍ରୀଲଙ୍କା ଦଳ ଏକଦିବସୀୟ ସିରିଜକୁ ୨–୦ରେ ଜିତିଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳି ଏହି ସିରିଜ ଖେଳିଥିଲେ ମଧ୍ୟ ବୋଲିଂରେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମିଙ୍କ ପରି ଅଭିଜ୍ଞ ପେସ୍ ବୋଲରଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। ଆଗକୁ ଭାରତକୁ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଓ ଦ୍ୱିପାକ୍ଷିକ ସିରିଜ ଖେଳିବାକୁ ଅଛି। ଚାମ୍ପିୟନ୍ସ ଟ୍ରଫି, ବିଶ୍ୱଟେଷ୍ଟ ଚାମ୍ପିୟନଶିପ୍, ଏସିଆ କପ, ବାଂଲାଦେଶ ବିପକ୍ଷରେ ୨ ଟେଷ୍ଟ ଓ ୩ଟି ଟି୨୦, ଘରୋଇ ମାଟିରେ ଶକ୍ତିଶାଳୀ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ଟେଷ୍ଟ, ଦକ୍ଷିଣ ଆଫ୍ରିକା ସହିତ ୪ଟି ଟି୨୦ ଓ ବିଶ୍ୱଟେଷ୍ଟ ଚାମ୍ପିୟନ ଅଷ୍ଟ୍ରେଲିଆ ସହିତ ବର୍ଡର–ଗାଭାସ୍କର ଟ୍ରଫିରେ ୫ ଟେଷ୍ଟ ଖେଳିବ ଟିମ୍ ଇଣ୍ଡିଆ। ତା'ପରେ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ୫ ଟି୨୦ ଓ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବ।

ଗମ୍ଭୀରଙ୍କ ଟାର୍ଗେଟ୍‌ରେ ନିଶ୍ଚିତ ରୂପେ ଚାମ୍ପିୟନ ଟ୍ରଫି ଓ ବିଶ୍ୱଟେଷ୍ଟ ଚାମ୍ପିୟନ ଟ୍ରଫି ରହିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ହେଲେ ଟିମ୍ ଇଣ୍ଡିଆର ପ୍ରସ୍ତୁତିକୁ ନେଇ ବଡ଼ ପ୍ରଶ୍ନ ଦେଖାଦେଇଛି। ଯଦି ଟିମ୍‌ର ଆଗାମୀ ଲକ୍ଷ୍ୟ ୨୦୨୫ ଚାମ୍ପିୟନ ଟ୍ରଫି ତେବେ ଏହି ମେଗା ଇଭେଣ୍ଟ ପୂର୍ବରୁ କିପରି ଭାରତୀୟ ଦଳ ଏତେ କମ୍ ସଂଖ୍ୟକ ଏକଦିବସୀୟ ମ୍ୟାଚ ଖେଳିବ। ସମସ୍ତ ୮ଟି ଦଳ ଅତିକମ୍‌ରେ ୧୦ରୁ ୧୫ଟି ଏକଦିବସୀୟ ଖେଳିବାକୁ ଗୁରୁତ୍ୱ ଦେଇଥିବା ବେଳେ ଭାରତୀୟ ଦଳ ମାତ୍ର ଏହି ସମୟ ମଧ୍ୟରେ ୩ଟି ଏକଦିବସୀୟ ମ୍ୟାଚ ଆଗାମୀ ବର୍ଷ ଇଂଲଣ୍ଡ ବିପକ୍ଷରେ ଖେଳିବ। ସେଥି ମଧ୍ୟରୁ ଗୋଟିଏ ମ୍ୟାଚ କଟକ ବାରବାଟୀ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ସୂଚନାଯୋଗ୍ୟ ଯେ, ଭାରତୀୟ ଦଳ ଶେଷ ଥର ପାଇଁ ୨୦୧୩ରେ ଚାମ୍ପିୟନ ଟ୍ରଫି ଜିତିଥିଲା। ଇଂଲଣ୍ଡକୁ ହରାଇ ଥିଲା ଭାରତୀୟ ଦଳ। ୨୦୨୫ ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ପାକିସ୍ତାନରେ ଏହି ଆଇସିସି ଟ୍ରଫି ଅନୁଷ୍ଠିତ ହେବ। ଏଥିରେ ୧୫ଟି ମ୍ୟାଚ ନକ୍‌ଆଉଟ ମଡେଲରେ ଖେଳାଯିବ। ପାକିସ୍ତାନରେ ମ୍ୟାଚ ହେଉଥିବାରୁ ଭାରତୀୟ ଦଳ ଏହି ଗୁରୁତ୍ୱପୂର୍ଣ୍ଣ ଟ୍ରଫିରେ ଯୋଗ ଦେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହି ଟୁର୍ନାମେଣ୍ଟରେ ଥିବା ଭାରତର ମ୍ୟାଚଗୁଡ଼ିକ ଅନ୍ୟ କେଉଁ ସ୍ଥାନକୁ ସ୍ଥାନାନ୍ତର ହୋଇପାରେ।

ଆମ ପାଖରେ ଯୁବ ଖେଳାଳିଙ୍କ ଅଭାବ ନାହିଁ। ଆଇପିଏଲ୍ ପରେ ପରେ ପାଖାପାଖି ବୋଲିଂ ଓ ବ୍ୟାଟିଂରେ ୩୦ଜଣ ଯୁବ ଖେଳାଳି ଆମକୁ ମିଳିଛନ୍ତି। ଅନେକ ଯୁବ ବ୍ୟାଟର ଓ ବୋଲର ଅଭିଜ୍ଞ ଭେଟେରାନ ଖେଳାଳିଙ୍କ ସ୍ଥାନ ନେବାର ସମ୍ଭାବନା ରହିଛି। କାରଣ ଯୁବ ଖେଳାଳିଙ୍କୁ ଅଗ୍ରାଧିକାର ଲକ୍ଷ୍ୟରେ ରହିଛନ୍ତି ଗମ୍ଭୀର। ବ୍ୟାଟିଂରେ ଯଶସ୍ୱୀ ଜୟସ୍ୱାଲ, ତିଲକ ବର୍ମା, ଋତୁରାଜ ଗାଏକ୍ୱାର୍ଡ, ରିଙ୍କୁ ସିଂ, ମୟଙ୍କ ମାର୍କଣ୍ଡେ, ଶୁବମନ ଗିଲ, ଦେବଦତ୍ତ ପଡିକଲ, ଇଶାନ କିଶନ, ଶିବମ ଦୁବେ, ଅଭିଷେକ ଶର୍ମା ରହିଥିବା ବେଳେ ବୋଲିଂରେ ମୟଙ୍କ ଯାଦବ, ଉମ୍ରାନ ମଲିକ, ପ୍ରସିଦ୍ଧ କ୍ରିଷ୍ଣା, ମହସିନ୍ ଖାଁ, ଖଲିଲ ଅହମ୍ମଦ, ଆଭେଶ ଖାଁ, କମଲେଶ ନାଗରକୋଟୀ, ଶିଭମ ମାଭି, ଦୀପକ ଚହର, ରାହୁଲ ଚହର, ଅର୍ଶଦୀପ ସିଂ ରହିଛନ୍ତି। ଗମ୍ଭୀରଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ହେଲା ଲୋକେଶ ରାହୁଲ, ଶ୍ରେୟସ ଆୟାର, ରବୀନ୍ଦ୍ର ଡାଡେଜାଙ୍କ ପରି ଅଭିଜ୍ଞ ଖେଳାଳିମାନେ ଫର୍ମରେ ନାହାନ୍ତି। ଦୁଲିପ ଟ୍ରଫି ଆରମ୍ଭ ହେଉଥିବା ବେଳେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଟ୍ରଫିରେ ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଲୋକେଶ ରାହୁଲ, ମହମ୍ମଦ ସିରାଜ, ଇଶାନ କିଶନ, ସର୍ଫରାଜ ଖାଁ, ରିଆନ ପରାଗ, ଧ୍ରୁବ ଜୁରେଲ, ଶ୍ରେୟସ ଆୟର, ଋତୁରାଜ ଗାଏକ୍ୱାର୍ଡ, ଶିବମ ଦୁବେ, ଆଭେଶ ଖାଁ, ଯଶସ୍ୱୀ ଜୟସ୍ୱାଲ ଓ ମୁକେଶ କୁମାର ଖେଳିବାକୁ ଯାଉଛନ୍ତି। ମଧ୍ୟରେ ଗମ୍ଭୀରଙ୍କ ଅନୁରୋଧ କ୍ରମେ ବିସିସିଆଇ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ମର୍ନେ ମର୍କେଲଙ୍କୁ ନୂଆ ବୋଲିଂ କୋଚ ନିଯୁକ୍ତି ଦେଇଛି। ୧୪୦ କିମି ବେଗରେ ବୋଲିଂ କରୁଥିବା ଭାରତୀୟ ଯୁବ ଫାଷ୍ଟ ବୋଲରମାନଙ୍କ ପାଇଁ ସ୍ୱତନ୍ତ୍ର ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି ଏହି ନୂଆ ବୋଲିଂ କୋଚ୍। ଯଶପ୍ରୀତ ବୁମରା ଓ ମହମ୍ମଦ ସାମିଙ୍କ ଉପରେ ଅଧିକ ଚାପ ନ ଦେଇ ଯୁବ ଫାଷ୍ଟ ବୋଲରମାନଙ୍କୁ ନେଇ କିପରି ସନ୍ତୁଳିତ ପେସ୍ ଆଟାକ ସୃଷ୍ଟି କରାଯାଇ ପାରିବ ତା' ଉପରେ ଗମ୍ଭୀର ତାଙ୍କ ସହ ଆଲୋଚନା କରିଛନ୍ତି।

ଆଉ ଏକ ବଡ଼ ଚ୍ୟାଲେଞ୍ଜ ରହିବ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ। ଦୁଇ ଥର ଫାଇନାଲରେ ପ୍ରବେଶ କରି ମଧ୍ୟ ଭାରତକୁ ଶକ୍ତିଶାଳୀ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବାକୁ ପଡିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଭାରତ ମୋଟ ୧୯ଟି ଟେଷ୍ଟ ଖେଳିବ। ଇତି ମଧ୍ୟରେ ରୋହିତ ଶର୍ମାଙ୍କ ଦଳ ୯ଟି ମ୍ୟାଚ ଖେଳି ୬ ବିଜୟ, ୨ ପରାଜୟ ଓ ୧ ଡ୍ର ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଅଷ୍ଟ୍ରେଲିଆ ୨ୟ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡ ମଧ୍ୟ ଭଲ ପ୍ରଦର୍ଶନ କରୁଛି। ଭାରତ ଆଉ ୧୦ଟି ଟେଷ୍ଟ ଖେଳିବାର ଅଛି। ସେଥି ମଧ୍ୟରୁ ଘରୋଇ ମାଟିରେ ବାଂଲାଦେଶ ସହ ୨ଟି, ନ୍ୟୁଜିଲାଣ୍ଡ ସହ ୩ଟି ଓ ବିଦେଶ ମାଟିରେ ଚାମ୍ପିୟନ ଅଷ୍ଟ୍ରେଲିଆ ସହ ୫ଟି ମ୍ୟାଚ ଖେଳିବ। ଏହି ୧୦ ମ୍ୟାଚରୁ ୭ଟିରେ ବିଜୟୀ ହେଲେଯାଇ ଭାରତପାଇଁ ଫାଇନାଲରେ ପ୍ରବେଶ ସୁଯୋଗ ସୃଷ୍ଟି ହୋଇପାରିବ। ଏହା କୋଚ୍ ଗମ୍ଭୀରଙ୍କ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଦଳକୁ କିପରି ଏବେଠାରୁ ବିଜୟ ପଥରେ ରଖିହେବ ତାହା ମୁଖ୍ୟ ଲକ୍ଷ୍ୟ ରହିବ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ଭାରତ ୨ଥର ଯାକ ପରାସ୍ତ ହୋଇଛି। ୨୦୨୩ରୁ ୨୦୨୪ ମଧ୍ୟରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ସିରିଜ ବିଜୟୀ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ ୧–୧ରେ ଡ୍ର ରଖିଛି। ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଲେଖାଏ ଟେଷ୍ଟ ହାରିଛି। ଭାରତ ପାଇଁ ୧୦ରୁ ୭ଟି ଟେଷ୍ଟ ମ୍ୟାଚ ଜିତିବା କଷ୍ଟକର ହୋଇପାରେ। ଏ କ୍ଷେତ୍ରରେ ଫାଇନାଲରେ ପ୍ରବେଶ ପାଇଁ ଅନ୍ୟଦେଶର ଟେଷ୍ଟ ଫଳାଫଳ ଉପରେ ନିର୍ଭର କରିବାକୁ ପଡିପାରେ।

ଜୁଲାଇ ୨୦୨୪ରୁ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ମୁଖ୍ୟକୋଚ ରହିବେ ଗୌତମ ଗମ୍ଭୀର। ଏହାମଧ୍ୟରେ ୪ଟି ଆଇସିସି ଟ୍ରଫିର ସୁଯୋଗ ମିଳିବ। ଚାମ୍ପିୟନ୍ସ ଟ୍ରଫି, ବିଶ୍ୱଟେଷ୍ଟ ଚାମ୍ପିୟନଶିପ, ୨୦୨୬ରେ ଟି୨୦ ବିଶ୍ୱକପ ଏବଂ ୨୦୨୭ରେ ଏକଦିବସୀୟ ବିଶ୍ୱକପ। ଏହା ବ୍ୟତୀତ ଏକାଧିକ ଦ୍ୱିପାକ୍ଷିକ ସିରିଜ ଓ ଏସିଆକପ କ୍ରିକେଟ। ଏକଦିବସୀୟ ଓ ଟେଷ୍ଟରେ ସଫଳ ପ୍ରଦର୍ଶନ କରିଥିବା ଏବଂ କୋଲକାତା ନାଇଟ ରାଇଡର୍ସକୁ ଆଇପିଏଲରେ ୩ଥର ଚାମ୍ପିୟନ କରାଇଥିବା ଏହି ନୂଆ ହେଡ୍ କୋଚଙ୍କ ପାଇଁ ଆଗାମୀ ଗୁରୁତ୍ୱପୂର୍ଣ୍ଣ ସିରିଜ ଓ ଆଇସିସି ଟ୍ରଫି ଗୁଡିକ କିପରି ରହୁଛି ତାହା ଦେଖିବା କଥା।



ଅଧିନାୟକ ରୋହିତ ଶର୍ମାଙ୍କ ସହ ଗୌତମ ଗମ୍ଭୀର।

## ସକ୍ଷମ

ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍‌ରେ
ପ୍ରଞ୍ଜଳି ଧୁମଲ ଖଟି
ପଚିଶ ମିଟର ପିସ୍ତଲ ଇଭେଣ୍ଟରେ
ବ୍ରୋଞ୍ଜ ପାଇ ଥାର୍ଡ ପାର୍ଟି
ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ଏଠି
ତିନି ଛଅ ଚାରି ଯଥାକ୍ରମେ ପାଇ
ଧନ୍ୟ କଲେ ଦେଶମାଟି।



ପ୍ରଞ୍ଜଳି ଧୁମଲ

ପ୍ୟାରିସ ପାରାଲିମ୍ପିକ୍ସ ଚାଲିଅଛି
ପଦକ ତାଲିକା ଦେଖ
ଆଜିଯାଏ ମେଡାଲରେ ରହିଅଛି
ପାଞ୍ଚଟି ଗୋଲ୍ଡେନ ଦେଖ
ଏବୁଲ ବଡି ଏଠୁ ଶିଖ
ଶହେ ସତର ଜଣ ଛ' ପଦକରେ
ସ୍ୱର୍ଣ୍ଣ ନାହିଁ ଲାଗେ ଦୁଃଖ।

ହାତ ଗୋଡ଼ ଥାଇ ଅଳସୁଆ ହେଲେ
ଅଚଳ ହୁଅଇ ବଡି
ନ ଚାଲିଲେ କାର୍ଯ୍ୟକ୍ଷମ ହୁଏନାହିଁ
ହଉ ପଛେ ନୂଆ ଗାଡ଼ି
ପାରା ଆଥଲେଟ ରେଡି
ପ୍ୟାରିସରୁ ଆସ ଭାରତ ଖାତାରେ
ନୂଆ ଇତିହାସ ଯୋଡ଼ି।

–ସୁବାସ ଚନ୍ଦ୍ର ପ୍ରଧାନ

# ପ୍ରଥମ ଗ୍ରାଣ୍ଡସ୍ଲାମ ସେମିରେ ପେଗୁଲା



ରିଟର୍ନ ଶଟ୍ ଖେଳୁଛନ୍ତି ଜାନିକ୍ ସିନର।



ବିଜୟ ପରେ ଉଲ୍ଲସିତ ଜେସିକା ପେଗୁଲା।

**ନ୍ୟୁୟର୍କ,୫।୯(ପି.ଟି.)**

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସିଙ୍ଗଲ୍ସ ଖେଳାଳି ଇଗା ସ୍ୱିଟେକ୍ ବିଦାୟ ନେଇଛନ୍ତି। ଆମେରିକାର ଜେସିକା ପେଗୁଲାଙ୍କଠାରୁ ସ୍ୱିଟେକ୍ ୬-୨, ୬-୪ ସେଟରେ ପରାଜିତ ହୋଇଥିଲେ। ଏହା ସହିତ ନିଜ କ୍ୟାରିୟରରେ ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଜେସିକା ପେଗୁଲା। ସେହିପରି ପୁରୁଷ ବର୍ଗର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଏକ ନମ୍ବର ସିଡ୍ ଇଟାଲୀର ଜାନିକ ସିନର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ବର୍ଗର କ୍ୱାର୍ଟର ଫାଇନାଲରେ ୩୦ ବର୍ଷୀୟା ପେଗୁଲାଙ୍କ ଆଣ୍ଠୁରେ ଟେପିଂ ଥିବାର ନଜର ଆସିଥିଲା। ସେ ଆହତ ଥିବା ନେଇ ମଧ୍ୟ ଅନୁମାନ କରାଯାଉଥିଲା। ତଥାପି ସେ ଇଗା ସ୍ୱିଟେକଙ୍କୁ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ପ୍ରଥମ ଥର କୌଣସି ମେଜର ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଥିବା ବେଳେ କାରୋଲିନା ମୁଚୋଭାଙ୍କୁ ଭେଟିବେ। ଅଣସିଡେଡ ମୁଚୋଭା ୬-୧, ୬-୪ ସେଟରେ ବ୍ରାଜିଲର ବିଟ୍ରିଜ ହଦଦ ମାଇଆଙ୍କୁ ପରାସ୍ତ କରିଛନ୍ତି। ସେହିପରି ହାର୍ଡ କୋର୍ଟରେ ଜେସିକା ପେଗୁଲା ଖେଳିଥିବା ଅନ୍ତିମ ୧୫ରୁ ୧୪ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ସେମି ଫାଇନାଲ ପାଇଁ ତାଙ୍କୁ ଫେଭରିଟ୍ ବିବେଚନା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ମୁଚୋଭା ୨୦୨୩ରେ ଫ୍ରେଞ୍ଚ ଓପନରରେ ରନର ଅପ୍ ରହିଥିଲେ। ମହିଳା ସିଙ୍ଗଲ୍ସ ଅନ୍ୟ ସେମିଫାଇନାଲଟି

## ୟୁଏସ୍ ଓପନ

**■ ବିଦା ହେଲେ ଏକ ନମ୍ବର ସିଡ୍ ସ୍ୱିଟେକ୍**

ଏମ୍ମା ନାଭାରୋ ଓ ଆରିନା ସାବାଲେଙ୍କାଙ୍କ ମଧ୍ୟରେ ଖେଳାଯିବ।

ସେହିପରି ପୁରୁଷ ସିଙ୍ଗଲ୍ସର ଅନ୍ତିମ କ୍ୱାର୍ଟର ଫାଇନାଲରେ ଜାନିକ୍ ସିନର ୬-୨, ୧-୬, ୬-୧ ଓ ୬-୪ ସେଟରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ପରାସ୍ତ କରିଛନ୍ତି। ଫ୍ଲସିଂ ମିଡୋସ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସିନର ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ସେଟ୍‌ରୁ ହିଁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ସିନର। ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ୬-୪ରେ ପ୍ରଥମ ସେଟ୍‌କୁ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରି ୬-୧ରେ ଜିତିଥିଲେ ମେଡଭେଡେଭ। ମାତ୍ର ଅନ୍ତିମ ଦୁଇ ସେଟ୍‌କୁ ଜିତିବା ସହ ସିନର ସେମିରେ ପ୍ରବେଶ କରିଥିଲେ। ସେ ନିଜର ସେମିଫାଇନାଲ ମ୍ୟାଚ୍ ବିଶ୍ୱ ମାନ୍ୟତାର ୨୫ ତମ ସ୍ଥାନରେ ଥିବା ଜେକ୍ ଡ୍ରେପରଙ୍କ ବିପକ୍ଷରେ ଖେଳିବେ। ସେହିପରି ଅନ୍ୟତମ ଅଲ୍ ଆମେରିକାନ ସେମିରେ ପରସ୍ପରକୁ ଭେଟିବେ ଟେଲର ଫ୍ରିଜ୍ଜ ଓ ଫ୍ରାନ୍ସିସ୍ ଟିଆଫୋ।

# ଉଗାଣ୍ଡା ଅଲିମ୍ପିଆନଙ୍କ ମୃତ୍ୟୁ

**ନାଇରୋବି, ୫।୯(ପି.ଟି.)**

କେନିଆରେ ବାସ କରୁଥିବା ଉଗାଣ୍ଡାର ଅଲିମ୍ପିକ୍ସ ଆଥଲେଟ ରେବେକା ଚିପଟେଗୀ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ରବିବାର ୩୩ ବର୍ଷୀୟା ରେବେକାଙ୍କୁ ତାଙ୍କ ପ୍ରେମିକ ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀର ୮୦ ପ୍ରତିଶତ ଜଳି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ କାମ କରିବା ବନ୍ଦ କରିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ରେବେକା ଚିପଟେଗୀ ଜଣେ ଦୂରଗାମୀ ଧାବିକା। ପ୍ୟାରିସ୍ ଅଲିମ୍ପିକ୍ସରେ ଉଗାଣ୍ଡାର ପ୍ରତିନିଧିତ୍ୱ କରି ସେ ୪୪ତମ ସ୍ଥାନରେ ରହିଥିଲେ। ରେବେକାଙ୍କ ପିତା ଯୋଶେଫ୍ ଚିପଟେଗୀ ଏହି ମାମଲାରେ ନ୍ୟାୟ ଦାବି କରିଛନ୍ତି।

ଟ୍ରାନ୍ସ ନୋଜିଆ ପ୍ରଦେଶରେ ରେବେକା ରହୁଥିବା ବେଳେ ଯୁକ୍ତିତର୍କ କାରଣରୁ ପ୍ରେମିକ ଡିକସନ ଏଣ୍ଡିଏମାଙ୍କ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଡିକସନ୍ ଯୁକ୍ତିତର୍କ ପରେ ଏକ ପେଟ୍ରୋଲ ଭର୍ତ୍ତି କ୍ୟାନ୍ ଆଣିଥିଲେ। ରେବେକାଙ୍କ ଉପରେ ପେଟ୍ରୋଲ ଢାଳିବା ସହ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଉପରେ ରେବେକାଙ୍କ ପିତା ମାତା ଏକ ଜମି କିଣା ମାମଲା ଆଡକୁ ଇଙ୍ଗିତ କରିଛନ୍ତି। ରେବେକା ଆଥଲେଟିକ୍ ସେଣ୍ଟର ନିକଟରେ ଏକ ଜମି କିଣିଥିବା ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ



ରେବେକା ଚିପଟେଗୀ

## ଜାଳିଦେଲେ ପ୍ରେମିକ

ମତାନ୍ତର ରହିଥିଲା। ଅଗ୍ନିକାଣ୍ଡ ପୂର୍ବରୁ ଉକ୍ତ ଜମିକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିବା ପଡ଼ୋଶୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଉଗାଣ୍ଡା ଆଥଲେଟିକ୍ ଫେଡେରେଶନ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ୨୦୨୩ରେ ଉଗାଣ୍ଡାର ଅଲିମ୍ପିକ୍ସ ଆଥ୍‌ଲେଟ ଓ ଷ୍ଟିପଲ ଚେଜର ବେଞ୍ଜାମିନ କିପ୍ଲାଗାଟଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ୨୦୨୨ରେ ମଧ୍ୟ କେନିଆ ଜନ୍ମିତ ବାହାରିନ୍ ଆଥ୍‌ଲେଟ ଡାମାରିସ୍ ମୁଥିଙ୍କ ମୃତଦେହ ମିଳିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଗଳା ଦବାଇ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା।

## ଟାଉନସେଣ୍ଡ-ସିନିଆକୋଭାଙ୍କୁ ରୋକିଲେ କ୍ରିଷ୍ଟିନା-ଝାଙ୍ଗ

**ନ୍ୟୁୟର୍କ,୫।୯(ପି.ଟି.):** ୟୁଏସ୍ ଓପନ ମହିଳା ଡବଲ୍ସ ସେମିଫାଇନାଲରେ ଟେଲର ଟାଉନସେଣ୍ଡ-କାଟେରିନା ସିନିଆକୋଭାଙ୍କ ଯୋଡିକୁ ପରାସ୍ତ କରିଛନ୍ତି କ୍ରିଷ୍ଟିନା ମିଲାଡେନୋଭିଚ୍ ଓ ଝାଙ୍ଗ ଶୁଆଇଙ୍କ ଯୋଡି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ୭-୫, ୬-୪ ଓ ୬-୩ ସେଟ୍‌ରେ ବିଜୟୀ ହୋଇଥିଲେ କ୍ରିଷ୍ଟିନା-ଝାଙ୍ଗ। ସିନିଆକୋଭା ମହିଳା ଡବଲ୍ସରେ ସମସ୍ତ ଗ୍ରାଣ୍ଡସ୍ଲାମ ଫାଇନାଲରେ ବିଜୟୀ ହୋଇଥିବା ବେଳେ ପ୍ରଥମ ଥର ପରାଜିତ ହୋଇଛନ୍ତି। କୋକୋ ଗଫ୍‌ଙ୍କୁ ସାଥୀ କରି ସେ ଫ୍ରେଞ୍ଚ ଓପନ, ଟାଉନସେଣ୍ଡଙ୍କ ସହିତ ୱିମ୍ବେଲଡନ୍ ବିଜୟୀ ହୋଇଥିଲେ। ଅନ୍ୟ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଜେଲେନା ଅଷ୍ଟାପେଙ୍କୋ-ଲ୍ୟୁଡମିଲା କିଚେନୋକଙ୍କ ଯୋଡିକୁ ୬-୧, ୬-୨ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି ହେଶ୍ ସୁ ୱେ ଏବଂ ଏଲିସ୍ ମର୍ଟେନ୍ସଙ୍କ ଯୋଡି।

## ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନଶିପ୍

# ମାଷ୍ଟର୍ସ ବର୍ଗରେ ଶେଖରଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର,୫।୯ (ସରୋଜ ଜେନା)**

ଶ୍ରୀଲଙ୍କାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନଶିପର ମାଷ୍ଟର୍ସ(୬୦ ବର୍ଷରୁ ଅଧିକ) ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଆଇଏମ୍ ଶେଖର ଚନ୍ଦ୍ର ସାହୁ। ୯ ରାଉଣ୍ଡ ବିଶିଷ୍ଟ ମୁକାବିଲାରେ ଶେଖର ୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। କିଟ୍ ଓ କିସ୍‌ରେ ମୁଖ୍ୟ କୋଚ୍ ଭାବରେ କାର୍ଯ୍ୟ କରୁଥିବା ଶେଖର ଚନ୍ଦ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ବ୍ୟତୀତ ସର୍ବଭାରତୀୟ ଚେସ୍ ଫେଡେରେଶନ((ଏଆଇସିଏଫ୍)ର ସମସ୍ତ କର୍ମଚାର ଓ ଏଆଇସିଏଫ୍ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଖର ଚନ୍ଦ୍ର ସାହୁଙ୍କ ଚମତ୍କାର ପ୍ରଦର୍ଶନ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ